# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୧/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, July 21/2023 | Page 16 | ₹ 7.00

୪୯ଶ ଭାଗ ୨୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 236 | ମୂଲ୍ୟ ₹୭/-




### ଆଶ୍ରମରେ ଧ୍ୟାନରତ ସାମନ୍ଥା

ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଫିଲ୍ମ ଜଗତରୁ ବ୍ରେକ୍ ନେଇ ସ୍ୱାସ୍ଥ୍ୟର ଯତ୍ନ ପାଇଁ ଏକ ଆଶ୍ରମରେ ଧ୍ୟାନାବସ୍ଥାରେ ନଜରକୁ ଆସିଛନ୍ତି।

୧୨

୧୩

### ମୁକେଶ କୁମାରଙ୍କ ଟେଷ୍ଟ ପଦାର୍ପଣ

ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଛନ୍ତି ଭାରତର ବେଙ୍ଗଲ ପେସ୍ ବୋଲର ମୁକେଶ କୁମାର।






ମେ’ ୪ ଘଟଣା ପ୍ରତିବାଦରେ ମଣିପୁରର ଚୂଡ଼ାଚାନ୍ଦପୁରରେ ଗୁରୁବାର ଇଣ୍ଡିଜେନସ୍ ଟ୍ରାଇବାଲ୍ ଲିଡର୍ସ ଫୋରମ୍ (ଆଇଟିଏଲ୍ଏଫ୍) ପକ୍ଷରୁ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରାଯାଉଛି।

## ଆଜି କ୍ୟାବିନେଟ

ଭୁବନେଶ୍ୱର,୨୦।୭(ଅନିଲ ଦାସ)

ଲୋକସେବା ଭବନରେ ଶୁକ୍ରବାର ସନ୍ଧ୍ୟା ୬ଟା ୩୦ ମିନିଟରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ୧୨ଟି ପ୍ରସ୍ତାବରେ ମୋହର ଲାଗିବା ସମ୍ଭାବନା ରହିଛି । ତେବେ କ୍ୟାବିନେଟ ଏଜେଣ୍ଡାକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା କେତେକ ଯୋଜନା ସମେତ କ୍ୟାଡର ପୁନର୍ଗଠନ, ପାନୀୟ ଜଳ ପ୍ରକଳ୍ପ ଆଦିକୁ କ୍ୟାବିନେଟରେ ଅନୁମୋଦନ ମିଳିବ। ଏଥିସହିତ ମହିଳା ଓ ଶିଶୁ ବିକାଶ, ସାଧାରଣ ପ୍ରଶାସନ, ରାଜସ୍ୱ, ଗୃହ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଅନୁସୂଚିତ ଜାତି ଓ ଜନଜାତି ଓ ସ୍ୱାସ୍ଥ୍ୟ ବିଭାଗର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବା ସମ୍ଭାବନା ରହିଛି।

## ବନ୍ଦ ହେବ ଅଣ ବାସମତି ଧଳା ଚାଉଳର ରପ୍ତାନି

ନୂଆଦିଲ୍ଲୀ,୨୦।୭

ଭାରତୀୟ ବଜାରରେ ଅଣବାସମତି ଧଳା ଚାଉଳର ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବା ସହିତ ଘରୋଇ ବଜାରରେ ମୂଲ୍ୟ ବୃଦ୍ଧିକୁ ହ୍ରାସ କରିବା ପାଇଁ ଭାରତ ସରକାର ରପ୍ତାନି ନୀତିରେ ସଂଶୋଧନ ଆଣିଛନ୍ତି। ୨୦% ରପ୍ତାନି ଶୁଳ୍କ ସହ ଜାରି ରପ୍ତାନି ଅନୁମତି ଉପରେ ତୁରନ୍ତ ନିଷେଧାଦେଶ ଲଗାଇଛନ୍ତି। ବିଶେଷକରି ଘରୋଇ ବଜାରରେ ଚାଉଳର ମୂଲ୍ୟ ବୃଦ୍ଧି ଜାରି ରହିଛି। ଖୁଚୁରା ମୂଲ୍ୟ ଏକ ବର୍ଷ ମଧ୍ୟରେ ୧୧.୫% ଏବଂ ମାସକ ମଧ୍ୟରେ ୩% ବୃଦ୍ଧି ପାଇଛି। ସେହିଭଳି ଅଣ-ବାସମତି ଧଳା ଚାଉଳ ଦର ହ୍ରାସ ସହିତ ଘରୋଇ ବଜାରରେ ଉପଲବ୍ଧତା ପାଇଁ ୨୦୨୨ ସେପ୍ଟେମ୍ବର ୮ରେ ଏହା ଉପରେ ୨୦% ରପ୍ତାନି ଶୁଳ୍କ ମୂଲ୍ୟ ଲାଗୁ କରାଯାଇଥିଲା। ୨୦% ରପ୍ତାନି ଶୁଳ୍କ ଲାଗୁ ହେବା ପରେ ମଧ୍ୟ ଏହି କିସମର ଚାଉଳ ରପ୍ତାନି ୨୦୨୧-୨୨ ଆର୍ଥିକ ବର୍ଷର ସେପ୍ଟେମ୍ବରରୁ ମାର୍ଚ୍ଚ ମଧ୍ୟରେ ୩୩.୬୬ ଲକ୍ଷ ☞ ପୃଷ୍ଠା-୪

# ତୁମେ ନ ହେଲେ ଆମେ କରିବୁ

**ଭାଜପା ଶାସିତ ତଥା ହିଂସା ପ୍ରଭାବିତ ମଣିପୁରରେ କୁକି-ଜୁ ସମ୍ପ୍ରଦାୟର ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍ ପରେ ଗଣବଳାତ୍କାର କରିବା ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଅଢ଼େଇ ମାସ ତଳର ଏ ସମ୍ପର୍କିତ ୨୬ ସେକେଣ୍ଡର ଭିଡିଓ ଫୁଟେଜ୍‌କୁ ନେଇ ଗୁରୁବାର ସଡ଼କରୁ ନେଇ ସଂସଦ ପର୍ଯ୍ୟନ୍ତ ହଇଗୋଳ ଦେଖିବାକୁ ମିଳିଥିବାବେଳେ ସୁପ୍ରିମକୋର୍ଟ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ଏକ ସାମ୍ବିଧାନିକ ଗଣତନ୍ତ୍ରରେ ଏପରି ଘଟଣା ଆଦୌ ଗ୍ରହଣୀୟ ନୁହେଁ। କେନ୍ଦ୍ର ଓ ରାଜ୍ୟ ସରକାର ଅପରାଧୀମାନଙ୍କୁ ଧରିବା ଏବଂ ଏପରି ଅମାନୁଷିକ ଘଟଣାର ପୁନରାବୃତ୍ତି ଏଡ଼ାଇବା ପାଇଁ କି ପଦକ୍ଷେପ ନେଇଛନ୍ତି ଜଣାଇବାକୁ ସିଜେଆଇ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ରାଜ୍ୟ ଓ କେନ୍ଦ୍ର ସରକାର କାର୍ଯ୍ୟାନୁଷ୍ଠାନ ନେଇ ପାରୁନାହାନ୍ତି ତେବେ ଆମେ ନେବୁ ବୋଲି ସିଜେଆଇ କହିଛନ୍ତି। ମଣିପୁରରେ ଦୁଇ ମହିଳାଙ୍କ ଉପରେ ହୋଇଥିବା ଅତ୍ୟାଚାର ଜାତୀୟ ଲଜ୍ଜା ଭାବେ ଉଭା ହୋଇଛି। ଏହାର ପ୍ରତିବାଦରେ ମଣିପୁରର ଚୁଡ଼ାଚାନ୍ଦପୁରରେ ଏକ ବୃହତ୍ ପ୍ରତିବାଦ ରାଲି ହୋଇଥିବା ଦେଖିବାକୁ ମିଳିଛି। ଘଟଣାକୁ ନେଇ ବିବାଦ ବିସ୍ଫୋରକ ରୂପ ଧାରଣ କରିଥିବା ବେଳେ ଏହାର ମାଷ୍ଟରମାଇଣ୍ଡ ଓ ଅନ୍ୟ ଜଣଙ୍କୁ ଥୋଉବାଲ ଜିଲାରୁ ଗିରଫ କରାଯାଇଛି।**

## କେନ୍ଦ୍ର ଓ ମଣିପୁରକୁ ସୁପ୍ରିମକୋର୍ଟ ଚେତାବନୀ

ଇମ୍ଫାଲ/ନୂଆଦିଲ୍ଲୀ,୨୦।୭

ମଣିପୁରରେ ମେଇତି ସମ୍ପ୍ରଦାୟର ଲୋକେ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରିବା ପରେ ମେ’ ୩ରୁ ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ କୁକି ସମ୍ପ୍ରଦାୟ ଉପରେ ଆକ୍ରମଣ ଏବଂ ଜାତିଆଣ ହିଂସା ଲାଗିରହିଛି। ମେ’ ୪ରେ ସେନାପତି ଜିଲା କାଙ୍ଗପୋକ୍‌ପିଠାରେ କୁକି-ଜୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଏକ ବିଲକୁ ନେଇ ମେଇତି ସମ୍ପ୍ରଦାୟର ସଶସ୍ତ୍ରଲୋକେ ଗଣବଳାତ୍କାର କରିଥିଲେ। ତାଙ୍କ ସହ ଆଉ ଜଣେ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ପରେଡ୍ ମଧ୍ୟ କରିଥିଲେ, ଯାହାର ଭିଡିଓ ବୁଧବାର ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଜଣେ ପୀଡ଼ିତା କହିଛନ୍ତି, ମେଇତିମାନେ ଆମକୁ ପୋଷାକ ଖୋଲିବାକୁ କହିଥିଲେ। ଏସବୁ ଘଟିଚାଲିଥିବାବେଳେ ୪ ପୋଲିସ କର୍ମଚାରୀ କାର୍‌ରେ ବସି ଦେଖୁଥିଲେ। ସେମାନେ ଆମକୁ କିଛି ସାହାଯ୍ୟ କରି ନ ଥିଲେ। ତାଙ୍କ ବାପା ଓ ଭାଇ ଏହାର ପ୍ରତିବାଦ କରିବାରୁ ଲୋକେ ଦୁହିଁଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବାପା ଓ ଭାଇଙ୍କ ମୃତ୍ୟୁ ଘଟିଛି। ମଣିପୁର ଜାତିଆଣ ହିଂସାରେ ୧୬୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେନାପତି ଜିଲାରୁ ସଦ୍ୟ ସାମ୍ନାକୁ ଆସିଥିବା ବର୍ବରତା ବିରୋଧରେ ଗୁରୁବାର ଇଣ୍ଡିଜେନସ୍ ଟ୍ରାଇବାଲ୍ ଲିଡର୍ସ ଫୋରମ୍ (ଆଇଟିଏଲ୍ଏଫ୍) ପକ୍ଷରୁ ଚୁଡ଼ାଚାନ୍ଦପୁରରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। ଗୁରୁବାର ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ପ୍ରଥମ ଦିନରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ☞ ପୃଷ୍ଠା-୪

## ଚନ୍ଦ୍ରୟାନ-୩ର ଚତୁର୍ଥ କକ୍ଷ ଉତ୍ଥାନ ସଫଳ



ବେଙ୍ଗାଲୁରୁ, ୨୦।୭

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଗୁରୁବାର ଚନ୍ଦ୍ରୟାନ-୩ର ଚତୁର୍ଥ କକ୍ଷ ଉତ୍ଥାନ ସଫଳତାର ସହ ସମ୍ପନ୍ନ କରିଛି। ଇସ୍ରୋ ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ୍ କମାଣ୍ଡ ନେଟ୍‌ୱର୍କ (ଆଇଏସ୍‌ଟିଆର୍‌ଏସି)ରୁ ଏହା ସମ୍ପନ୍ନ ହୋଇଥିଲା। ଫଳରେ ପୃଥିବୀଠାରୁ ଚନ୍ଦ୍ରୟାନର ସର୍ବନିମ୍ନ ଦୂରତା ୨୩୩ କିଲୋମିଟର ଥିବାବେଳେ ସର୍ବାଧିକ ଦୂରତା ୭୧,୩୫୧ କିଲୋମିଟରକୁ ବୃଦ୍ଧି ପାଇଛି। ଗତ ଶୁକ୍ରବାର ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏଲ୍‌ଭିଏମ୍-୩ ରକେଟ ସହାୟତାରେ ଚନ୍ଦ୍ରୟାନ-୩କୁ ପ୍ରେରଣ କରାଯାଇଥିଲା। ଏହାର ପରବର୍ତ୍ତୀ କକ୍ଷ ଉତ୍ଥାନ ଆସନ୍ତା ୨୫ ତାରିଖ ଅପରାହ୍ନ ୨ରୁ ୩ଟା ମଧ୍ୟରେ ହେବ। ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ପୃଥିବୀ କୈନ୍ଦ୍ରିକ ପଇଁତରା ପରେ ଅଗଷ୍ଟ ୧ରେ ଏହା ଚନ୍ଦ୍ର କକ୍ଷରେ ପ୍ରବେଶ କରିବ। ଅଗଷ୍ଟ ୨୩ ଅପରାହ୍ନ ୫ଟା ୪୭ରେ ଏହାର ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରିବାର ଯୋଜନା ରହିଛି।

### ଅହମଦାବାଦ: ଭିଡ଼ ଉପରେ ମାଡ଼ିଗଲା କାର୍, ୯ ମୃତ

ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ନାଟୋ, ଜେଲେନ୍‌ସ୍କି ଓ ପୁଟିନ

## ବିନା ଶୋଭାଯାତ୍ରାରେ ହେବ ମହରମ, ହନୁମାନ ଜୟନ୍ତୀ ପାଳନ



ଶାନ୍ତି କମିଟି ବୈଠକରେ ପ୍ରଶାସନିକ ଅଧିକାରୀ ଓ କମିଟି ସଦସ୍ୟ।

### ଶାନ୍ତି କମିଟି ବୈଠକରେ ନିଷ୍ପତ୍ତି

ସମ୍ବଲପୁର,୨୦।୭(ଶୁଭାଶିଷ ପାଢୀ)

ସମ୍ବଲପୁରରେ ବର୍ଷକ ଭିତରେ ବିନା ଶୋଭାଯାତ୍ରାରେ ମହରମ ଓ ହନୁମାନ ଜୟନ୍ତୀ ପାଳନ କରାଯିବ। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ମହରମ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଗତ ଏପ୍ରିଲରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ସାମ୍ପ୍ରଦାୟିକ ଦଙ୍ଗା ଘଟିଥିଲା। ପ୍ରାୟ ଏକମାସ ପରେ ପରିସ୍ଥିତି ସୁଧାର ଆସିଥିଲା। ଏବେ ମଧ୍ୟ ଶତାଧିକ ଲୋକ ଜେଲରେ ଅଛନ୍ତି। ମହରମ୍‌ରେ ମିଳିତ ଶୋଭାଯାତ୍ରା ହେଲେ ଶତାଧିକ ଲୋକଙ୍କ ସମାଗମ ହେବ। କିଛି ଅଘଟଣ ମଧ୍ୟ ଘଟିପାରେ। ତେଣୁ ମହରମ କମିଟି ଓ ପ୍ରଶାସନ ମିଳିତ ଭାବେ ଆଲୋଚନା କରିବା ପରେ ଆସନ୍ତା ୨୯ତାରିଖରେ ହେବାକୁଥିବା ମହରମ ଶୋଭାଯାତ୍ରାକୁ ବନ୍ଦ କରାଯାଇଛି। ବୈଠକ ପରେ ଜିଲାପାଳ ଅନନ୍ୟା ଦାସ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍‌ପି ମୁକେଶ ଭାମୁ କହିଛନ୍ତି, ଏବେ ସହରରେ ଶାନ୍ତି ପରିବେଶ ରହିଛି। ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଘଟିଥିବା ଘଟଣା ଆଜି ମଧ୍ୟ ଲୋକଙ୍କ ମନରୁ ଲିଭିନାହିଁ। ମହରମ ଶୋଭାଯାତ୍ରା ସମୟରେ କାଳେ ଅଘଟଣ ଘଟିବ ସେଥିପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ମହରମ ପର୍ବ ଯେଭଳି ଉତ୍ସାହର ସହିତ ପାଳନ କରିବେ ସେଥିପାଇଁ ଥାନାଗୁଡ଼ିକରେ ମହରମ କମିଟି ସଦସ୍ୟ ☞ ପୃଷ୍ଠା-୪

## କୃଷି ଶ୍ରମିକ ଭାରତୀ ରସାୟନ ବିଜ୍ଞାନରେ ପିଏଚ୍‌ଡି

ଅମରାବତୀ,୨୦।୭

ସଫଳତାର ଦୁଇଟି ମୂଳ ସୂତ୍ର, ମନୋବଳ ଓ କଠିନ ପରିଶ୍ରମ। ବହୁ ବାଧା, ବିଘ୍ନ ପରେ ଆନ୍ଧ୍ରପ୍ରଦେଶର ସାକେ ଭାରତୀ ନିଜ ଆଶା ପୂରଣ କରିବାରେ ସଫଳ ହୋଇଛନ୍ତି। ବର୍ତ୍ତମାନଠାରୁ ଭାରତୀଙ୍କ ନାଁ ଆଗରେ ଲାଗିବ ଡକ୍ଟର। କାରଣ ଦିନ ମଜୁରିଆ ଭାବେ କାମ କରୁଥିବା ଭାରତୀ ଶ୍ରୀ କ୍ରିଷ୍ଣା ଦେବରାଜ ୟୁନିଭର୍ସିଟିରୁ ରସାୟନ ବିଜ୍ଞାନରେ ପିଏଚ୍‌ଡି ଲାଭ କରିଛନ୍ତି। ଆନ୍ଧ୍ରପ୍ରଦେଶ ନାଗୁଲାଗୁଡ଼ମ ଗ୍ରାମରେ ଭାରତୀଙ୍କ ଘର। ନିମ୍ନ ମଧ୍ୟବିତ୍ତ ପରିବାରର ଭାରତୀଙ୍କ ପଢ଼ା କ୍ଷେତ୍ରରେ ବହୁ ସମସ୍ୟା ଉଭା ହୋଇଥିଲେ ବି ସେ ହାର୍ ମାନି ନାହାନ୍ତି। ଭାଇ, ଭଉଣୀଙ୍କ ଭିତରେ ଭାରତୀ ସବୁଠୁ ବଡ଼। ସରକାରୀ ସ୍କୁଲ ଓ କଲେଜରେ ତାଙ୍କ ପାଠପଢ଼ା। ଘରର ଆର୍ଥିକ ସମ୍ବଳ ଅନୁସାରେ ବିବାହ




ସ୍ୱାମୀ ଓ ଝିଅଙ୍କ ସହ ସାକେ ଭାରତୀ

ବେଳକୁ ସେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ଏହାପରେ ଘରଲୋକ ସମ୍ପର୍କୀୟ ମାମୁଙ୍କ ସହ ତାଙ୍କ ବାହାଘର କରିଦେଲେ। ବାହାଘର ପରେ ପରିବାର ଚଳାଇବା ଓ ପାଠ ପଢ଼ା ପ୍ରତି ଥିବା ଆଗ୍ରହକୁ ପୂରା କରିବା ପାଇଁ ଭାରତୀଙ୍କୁ ଜଣେ ଦିନ ମଜୁରିଆ ଓ ଜଣେ ଛାତ୍ରୀ ଭାବେ ଦୁଇଟି ଭୂମିକା ତୁଲାଇବାକୁ ପଡୁଥିଲା। କିନ୍ତୁ ମା’ ହେବା ପରେ ଭାରତୀଙ୍କ ପକ୍ଷେ ଦୁଇଟି ଯାକ କାମ କରିବା ସମ୍ଭବପର ନ ଥିଲା। ଫଳରେ ତାଙ୍କୁ ଏସ୍‌ଏସ୍‌ବିଏନ୍ ଡିଗ୍ରୀ ଏବଂ ପିଜି କଲେଜରେ ପାଠ ପଢ଼ା ଅଧାରୁ ବନ୍ଦ କରିବାକୁ ପଡ଼ିଥିଲା। କିଛି ବର୍ଷରେ ପିଲା ବଡ଼ ହୋଇଯିବା ପରେ ଭାରତୀ ପୁଣି ପଢ଼ା ଆରମ୍ଭ କରିଦେଲେ। ପ୍ରତିଦିନ ଭୋରୁ ଉଠି ଘରକାମ ସାରି ୩୦ କି.ମି. ଦୂର କଲେଜକୁ ପଢ଼ିବାକୁ ଯାଆନ୍ତି। ପଢ଼ା କ୍ଷେତ୍ରରେ ଭାରତୀଙ୍କୁ ତାଙ୍କ ସ୍ୱାମୀ ଶିବପ୍ରସାଦ ସମସ୍ତ ପ୍ରକାର ସହଯୋଗ ଯୋଗାଇଥିବା ସେ କୁହନ୍ତି। ରସାୟନ ବିଜ୍ଞାନରେ ପିଜି ହାସଲ କରିସାରିବା ପରେ ଶିକ୍ଷକଙ୍କ ପରାମର୍ଶ କ୍ରମେ ଭାରତୀ ପିଏଚ୍‌ଡି ପାଇଁ ପଢ଼ାପଢ଼ି ଆରମ୍ଭ କଲେ। ଶିକ୍ଷା ବୃତ୍ତିକୁ ନେଇ ଥିବା ତାଙ୍କ ଆଗ୍ରହ ପାଇଁ ଅସୁବିଧା ପରେ ମଧ୍ୟ ଆଜି ସେ ସଫଳ ହୋଇଛନ୍ତି। ନିଜ ପରିବାର ଓ ଶିକ୍ଷକମାନଙ୍କ ସହଯୋଗ ଯୋଗୁ ଭାରତୀ ଏବେ ଡ.ଭାରତୀ ବୋଲାଇବାକୁ ଯାଉଥିବା କହିଛନ୍ତି। ଏହାଛଡ଼ା କଲେଜରୁ ମିଳୁଥିବା ମେଧାବୃତ୍ତି ମଧ୍ୟ ତାଙ୍କୁ ଅନେକାଂଶରେ ସାହାଯ୍ୟ କରିଥିବା ଭାରତୀ କହିଛନ୍ତି। ପିଏଚ୍‌ଡିପରେ ଭାରତୀ ସ୍ଥାନୀୟ କଲେଜରେ ସହ ଗବେଷକ ଚାକିରି ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି।



ନେପାଳ ସୀମା ଦେଇ ଭାରତରେ ବେଆଇନ ଭାବେ ପ୍ରବେଶ କରିଥିବା ସୀମା ହାଇଦରଙ୍କଠାରୁ ୫ଟି ପାକିସ୍ତାନ ଅଥରାଇଜ୍ଡ, ଗୋଟିଏ ଅବ୍ୟବହୃତ ପାସ୍‌ପୋର୍ଟ ଜବତ କରାଯାଇଛି। ସୀମା ଓ ତାଙ୍କୁ ଆଶ୍ରୟ ଦେବା ନେଇ ସଚିନଙ୍କୁ ଉତ୍ତରପ୍ରଦେଶ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଜେରା କରୁଛି। ସୀମାଙ୍କ ଫୋନ୍‌ଠାରୁ ଆରମ୍ଭ କରି ତାଙ୍କ ନିକଟରେ ଥିବା ସମସ୍ତ ଦସ୍ତାବିଜ୍‌ର ତନ୍ନତନ୍ନ କରି ଯାଞ୍ଚ କରାଯାଉଥିବା ଉତ୍ତରପ୍ରଦେଶ ଡିଜିପି କହିଛନ୍ତି।

## ସଂକ୍ଷେପରେ

### ରୁଷିଆ ଟାର୍ଗେଟ୍‌ରେ ୟୁକ୍ରେନ୍ ଦକ୍ଷିଣାଞ୍ଚଳ ସହର

**କିଭ୍, ୨୦।୭:** ଲଗାତର ୩ ଦିନ ଧରି ରୁଷିଆ ସେନା ଓଡେସା ସମେତ ୟୁକ୍ରେନ୍‌ର ଦକ୍ଷିଣାଞ୍ଚଳ ସହର ଉପରେ ଘନ ଘନ ଆକ୍ରମଣ କରିଚାଲିଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୧ ଜଣ ଗୁରୁତର ଆହତ ହୋଇଥିବା ଗୁରୁବାର ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଆକ୍ରମଣ ଅଧିକ ତୀବ୍ର ହେବା ନେଇ ଆଶଙ୍କା କରିଛି କିଭ୍। ୱାର୍‌ଟାଇମ୍ ଡିଲ୍‌ରୁ ଭ୍ଲାଡିମିର ପୁଟିନ୍ ଓହରିଛନ୍ତି। ଏହି ଡିଲ୍ ଅନୁସାରେ ୟୁକ୍ରେନ୍‌କୁ ଖାଦ୍ୟାଭାବ ଭୋଗୁଥିବା ଦେଶଗୁଡ଼ିକୁ ଗହମ ଯୋଗାଣ ଲାଗି ଅନୁମତି ମିଳିଥିଲା। ଗୋଟିଏ ଦିନ ପୂର୍ବରୁ ଓଡେସାରେ ଥିବା ଗହମ ଏବଂ ତେଲ ଟର୍ମିନାଲ ରୁଷିଆର ମିଶାଇଲ ଓ ଡ୍ରୋନ୍ ଆକ୍ରମଣରେ ଧ୍ୱସ୍ତ ହୋଇଯାଇଛି। ଏହି ଆକ୍ରମଣରେ ପାଖାପାଖି ୬୦,୦୦୦ ଟନ୍ ଗହମ ନଷ୍ଟ ହୋଇଥିବା ଜଣାପଡ଼ିଛି। ସେହିପରି ଓଡେସାକୁ ଟାର୍ଗେଟ୍ କରିଥିବା ୧୨ ଇରାନୀୟ ଶହେଡ୍ ଡ୍ରୋନ୍ ଏବଂ ୨ଟି କାଲିବର ମିଶାଇଲ ୟୁକ୍ରେନୀୟ ବାୟୁ ସେନା ନଷ୍ଟ କରିଦେଇଥିବା ଓଡେସା ଗଭର୍ନର ଓଲେହ କିପର କହିଛନ୍ତି।

### ଅଜିତ ପାୱାରଙ୍କୁ ନାଗାଲାଣ୍ଡର ସବୁ ଏନ୍‌ସିପି ବିଧାୟକଙ୍କ ସମର୍ଥନ

**ନୂଆଦିଲ୍ଲୀ, ୨୦।୭:** ନାଗାଲାଣ୍ଡର ସମସ୍ତ ୭ ଜଣ ଯାକ ଏନ୍‌ସିପି ବିଧାୟକ ଅଜିତ ପାୱାରଙ୍କୁ ସମର୍ଥନ ଜଣାଇଛନ୍ତି। ଫଳରେ ଦଳ ଅଧକ୍ଷ ଶରଦ ପାୱାରଙ୍କୁ ଶକ୍ତ ଧକ୍କା ହୋଇଛି। ନାଗାଲାଣ୍ଡ ଏନ୍‌ସିପିର ସମସ୍ତ କର୍ମୀ ଅଜିତ ପାୱାରଙ୍କୁ ସମର୍ଥନ କରନ୍ତି ବୋଲି ବିଧାୟକମାନେ ଗୁରୁବାର ଏକ ବିବୃତିରେ କହିଛନ୍ତି। ଚଳିତ ମାସ ଆରମ୍ଭରେ ଅଜିତଙ୍କ ନେତୃତ୍ୱରେ ତାଙ୍କ ଦଳର ଅନ୍ୟ ୮ ଜଣ ବିଧାୟକ ମହାରାଷ୍ଟ୍ରର ଏକନାଥ ଶିନ୍ଦେ ସରକାରରେ ସାମିଲ ହୋଇଥିଲେ। ଫଳରେ ଶରଦ ପାୱାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏନ୍‌ସିପିରେ ବିଭାଜନ ହୋଇଥିଲା।

### ୪.୩୬ ଲକ୍ଷ ପାଇଛନ୍ତି ସରକାରୀ ଚାକିରି

**ନୂଆଦିଲ୍ଲୀ, ୨୦।୭:** ଦେଶରେ ୫ ବର୍ଷ ମଧରେ ମୋଟ ୪.୩୬ ଲକ୍ଷରୁ ଅଧିକ ପିଲା ସରକାରୀ ଚାକିରି ପ୍ରାପ୍ତ କରିଥିବା ଗୁରୁବାର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ରାଜ୍ୟ ସଭାରେ କହିଛନ୍ତି। ୨୦୧୮ ଏପ୍ରିଲରୁ ୨୦୨୩ ମାର୍ଚ୍ଚ ଭିତରେ ୟୁପିଏସ୍‌ସି, ଏସ୍‌ଏସ୍‌ସି ଏବଂ ଆର୍‌ଆର୍‌ବି ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଏସ୍‌ସି, ଏସ୍‌ଟି ଏବଂ ଓବିସି ସଂରକ୍ଷଣ କୋଟାରେ ମୋଟ ୪,୬୩,୨୦୫ ଜଣ ଚାକିରି ପାଇଛନ୍ତି।

### ଭିଡ଼ ଉପରେ ମାଡ଼ିଗଲା କାର୍: ୯ ମୃତ

**ଅହମଦାବାଦ, ୨୦।୭:** ଗୁଜରାଟ ଅହମଦାବାଦର ସର୍ଖେଜ-ଗାନ୍ଧୀନଗର ହାଇୱେ ଇସ୍କନ ବ୍ରିଜ୍‌ରେ କାର୍ ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ହାଇୱେରେ ପୂର୍ବରୁ ସ୍ପୋର୍ଟ ୟୁଟିଲିଟି ଭେହିକଲ (ଏସ୍‌ୟୁଭି) ଏବଂ ଟ୍ରକ୍ ଦୁର୍ଘଟଣାରେ ଆହତମାନଙ୍କ ଉଦ୍ଧାର ପାଇଁ ଲୋକେ ଏକତ୍ରିତ ହୋଇଥିଲେ। ଠିକ୍ ସେହି ସମୟରେ ଦ୍ରୁତବେଗରେ ଥିବା ଏକ ଜାଗୁଆର କାର୍ ଗହଳି ଉପରକୁ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଜଣେ କନଷ୍ଟେବଲଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଅପରାହ୍ନ ୧ଟା ୩୦ ମିନିଟ୍‌ରେ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ଆହତ ୧୩ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାରେ ଜାଗୁଆର ଡ୍ରାଇଭର ୧୯ ବର୍ଷୀୟ ତଥ୍ୟ ପଟେଲ୍ ମଧ ଗୁରୁତର ଆହତ ହୋଇଛନ୍ତି। ଏଫ୍‌ଆଇଆର୍ ଦାଏର ହେବା ପରେ ପୋଲିସ ଘଟଣାର ତଦନ୍ତ ଜଳାଇଛି।

### ମଡେଲ ମୁନ୍‌ମୁନଙ୍କୁ ସିବିଆଇ ଜେରା

**ନୂଆଦିଲ୍ଲୀ, ୨୦।୭:** ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଅଫିସର ସମୀର ୱାଙ୍ଖେଡେଙ୍କ ବିରୋଧରେ ଥିବା ଦୁର୍ନୀତି ମାମଲାର ଯାଞ୍ଚ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ମୁନ୍‌ମୁନ୍ ଧମେଚାଙ୍କୁ ଜେରା କରିଛି। ସକାଳେ ମୁନ୍‌ମୁନ୍ ଦିଲ୍ଲୀସ୍ଥିତ ସିବିଆଇ ହେଡ୍ କ୍ୱାର୍ଟର୍ସରେ ହାଜର ହୋଇଥିବାବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କୁ ଜେରା କରାଯାଉଥିଲା। ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାରେ ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନଙ୍କ ସହିତ ମୁନ୍‌ମୁନ୍‌ଙ୍କୁ ମଧ ଗିରଫ କରାଯାଇଥିଲା। କ୍ରୁଜ୍ ଶିପ୍‌ରେ ଏନ୍‌ସିବି ଚଢ଼ାଉ ବେଳେ ତାଙ୍କଠାରୁ ୫ ଗ୍ରାମ୍‌ର ଚରସ ଜବତ କରାଯାଇଥିଲା।



# ୮୦ ଦିନ ବିତିଲା, ନେଟ୍ ଦିଅ

## ବିଶ୍ୱରେ ଇଣ୍ଟରନେଟ୍ ଶଟ୍‌ଡାଉନର ରାଜଧାନୀ ପାଲଟିଛି ଭାରତ

**ଆଧୁନିକ ପୃଥିବୀରେ ଡେଟା ଦ୍ୱାରା ଜୀବନ ମପାଯାଉଥିବାବେଳେ ଉତ୍ତର-ପୂର୍ବ ଭାରତର ମଣିପୁରରେ ଲୋକଙ୍କୁ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଇଣ୍ଟରନେଟ୍ ସୁବିଧାରୁ ବଞ୍ଚିତ କରାଯାଇଛି। ରାଜ୍ୟର ଭାଜପା ସରକାର ଜାତିଆଣ ହିଂସା ଏଡ଼ାଇବା ପାଇଁ ମେ' ୩ରୁ 'ଇଣ୍ଟରନେଟ ଶଟ୍‌ଡାଉନ' ଭଳି ସହଜ ମାଧମକୁ ଆପଣେଇ ଆସିଛନ୍ତି। ଏଥିଯୋଗୁ ମେ' ୪ରେ ୨ ଜଣ ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବାବେଳର ଭିଡିଓ ଲୋକଲୋଚନକୁ ଆସିବା ପାଇଁ ୭୯ ଦିନ ଲାଗିଗଲା।**

**ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର**



**ୱାଶିଂଟନ୍/ନୂଆଦିଲ୍ଲୀ/ଇମ୍ଫାଲ, ୨୦।୭**

ଭାରତରେ ଇଣ୍ଟରନେଟ୍ ବନ୍ଦ କରିବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ସରକାର ଦେଶର ବିଭିନ୍ନ ଭାଗରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିବା ପଛରେ ଅଧିକାଂଶ ସମୟରେ ଆଇନ ଓ ବ୍ୟବସ୍ଥା ସୁନିଶ୍ଚିତ କରିବା, ଜାତୀୟ ସୁରକ୍ଷା ବଳବତ୍ତର ରଖିବା ଏବଂ ମିଥ୍ୟା ସୂଚନା ଉପରେ ଲଗାମ ଲଗାଇବା ଅଥବା ଅପପ୍ରଚାର ରୋକିବା ଭଳି କାରଣ ଦର୍ଶାଇଥାଆନ୍ତି। କିନ୍ତୁ ବାରମ୍ବାର ହେଉଥିବା ଇଣ୍ଟରନେଟ୍ ଶଟ୍‌ଡାଉନରେ ସୂଚନା ଓ ଅଭିବ୍ୟକ୍ତିର ମୁକ୍ତ ପ୍ରବାହ ଉପରେ ଗଭୀର ପ୍ରଭାବ ପଡ଼ିଥାଏ।

ବିଶ୍ୱରେ ଇଣ୍ଟରନେଟ୍ ଶଟ୍‌ଡାଉନର ରାଜଧାନୀ ପାଲଟିଛି ଭାରତ। ଏକ୍ସେସ୍ ନାଓର ହିସାବ କହୁଛି, ୨୦୧୨ ଜାନୁୟାରୀରୁ ୨୦୨୨ ଜୁନ୍ ମଧରେ ସମଗ୍ର ଭାରତବର୍ଷରେ ସରକାରଙ୍କ ଦ୍ୱାରା ୬୫୭ ଥର ଇଣ୍ଟରନେଟ୍ ଶଟ୍‌ଡାଉନ କରାଯାଇଥିଲା, ଯାହାକି ସାରା ବିଶ୍ୱରେ ସର୍ବାଧିକ। ୨୦୧୬ ପରଠୁ ବିଶ୍ୱର ମୋଟ ଇଣ୍ଟରନେଟ୍ ଶଟ୍‌ଡାଉନ୍‌ର ୫୮% କେବଳ ଭାରତରେ ହୋଇଥିବା ବିଷୟ ଶଟ୍‌ଡାଉନ୍ ଟ୍ରାକର ଅପ୍ଟିମାଇଜେଶନ୍ ପ୍ରୋଜେକ୍ଟ (ଷ୍ଟପ୍ ଡେଟାବେସ୍) ପକ୍ଷରୁ କୁହାଯାଇଛି। ଉଦ୍ଦେଶ୍ୟମୂଳକ ଭାବେ ଇଣ୍ଟରନେଟ୍ ବନ୍ଦ କ୍ଷେତ୍ରରେ ଭାରତ କ୍ରମାଗତ ପଞ୍ଚମ ଥର ପାଇଁ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ବୈଶ୍ୱିକ ଡିଜିଟାଲ ଅଧିକାର ଗୋଷ୍ଠୀ ଏବଂ କିପ୍‌ଇଟ୍‌ଅନ୍ କୋଏଲିଶନ୍ ପକ୍ଷରୁ ପ୍ରସ୍ତୁତ ଡେଟାବେସ୍ ଅନୁସାରେ ୨୦୨୨ରେ ଭାରତରେ ବିଶ୍ୱର ସର୍ବାଧିକ ୮୪ ଥର ଇଣ୍ଟରନେଟ୍ ଶଟ୍‌ଡାଉନ୍ କରାଯାଇଥିଲା। ୨୦୨୨ରେ ମୋଟ ୩୫ ଦେଶରେ ୧୮୭ ଥର ଇଣ୍ଟରନେଟ୍ ବନ୍ଦ କରାଯାଇଥିଲା। ଏହି ୩୫ ଦେଶ ମଧ୍ୟରୁ ୩୩ ରାଷ୍ଟ୍ର ଅଭ୍ୟାସଗତ ଭାବେ ଇଣ୍ଟରନେଟ୍ ଉପରେ କଟକଣା ଜାରି କରିଥିଲେ। ଫଳରେ ଅନ୍‌ଲାଇନ୍ ଯୋଗାଯୋଗ ଠପ୍ ହୋଇଯାଇଥିଲା। ଏଥିଯୋଗୁ ଦୈନନ୍ଦିନ କାର୍ଯ୍ୟ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଥିଲା। ସେହିପରି ୨୦୨୧ରେ ମଧ୍ୟ ଭାରତରେ ୧୦୬ ଥର ଇଣ୍ଟରନେଟ୍ ବନ୍ଦ କରାଯାଇଥିଲା। ଅଣଲାଭକାରୀ ଇଣ୍ଟରନେଟ୍ ସୋସାଇଟି ଏହାର ରିପୋର୍ଟ 'ନେଟ୍‌ଲସ୍'ରେ ଦର୍ଶାଇଛି ଯେ, ୨୦୨୩ ଜାନୁୟାରୀରୁ ଜୁନ୍ ମଧରେ ମଣିପୁର ଓ ପଞ୍ଜାବ ଭଳି ରାଜ୍ୟଗୁଡ଼ିକରେ ଇଣ୍ଟରନେଟ୍ ବନ୍ଦ ଯୋଗୁ ଭାରତୀୟ ଅର୍ଥନୀତିକୁ ୧.୯ ବିଲିୟନ୍ ଡଲାର କ୍ଷତି ସହିବାକୁ ପଡ଼ିଛି। କେବଳ ଏତିକି ନୁହେଁ, ଇଣ୍ଟରନେଟ୍ ଶଟ୍‌ଡାଉନ ଫଳରେ ପ୍ରାୟ ୧୧୮ ନିୟୁତ ଡଲାର ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫ୍‌ଡିଆଇ) ଆସି ନ ପାରିବାରୁ ଭାରତରେ ୨୧,୦୦୦ ଜଣ ନିଯୁକ୍ତି ହରାଇଛନ୍ତି। ସରକାରମାନେ ଅଧିକାଂଶ ସମୟରେ ଇଣ୍ଟରନେଟ୍ ଶଟ୍‌ଡାଉନ ଦ୍ୱାରା ବିକ୍ଷୋଭ, ଅଶାନ୍ତି, ଗୁଜବ ଏବଂ ସାଇବର ସିକ୍ୟୁରିଟିଜନିତ କ୍ଷତି ରୋକାଯାଇପାରିବ ବୋଲି ମନେକରନ୍ତି। କିନ୍ତୁ ଇଣ୍ଟରନେଟ୍ ସେବା ବନ୍ଦ କରାଯିବା ଦ୍ୱାରା ଆର୍ଥିକ କାରବାରରେ ବାଧାସୃଷ୍ଟି ହୋଇଥାଏ। ଭାରତରେ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ନିୟମିତ ଭାବେ ଇଣ୍ଟରନେଟ୍ ଶଟ୍‌ଡାଉନ୍ କରାଯାଉଥିବାରୁ ଦେଶରେ ଚଳିତବର୍ଷ ଶଟ୍‌ଡାଉନ୍ ରିସ୍କ ୧୬% ବଢ଼ିଛି। ସରକାର ଏହାର ପରିଣାମକୁ ଅଣଦେଖା ନ କରି ପଦକ୍ଷେପର ଭିନ୍ନ ଉପାୟ ବାହାର କରନ୍ତୁ ବୋଲି ଇଣ୍ଟରନେଟ୍ ସୋସାଇଟି ଅଧକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଆଣ୍ଡ୍ରୁ ସୁଲିଭାନ୍ କହିଛନ୍ତି। ନିକଟରେ ସାଇବର ସିକ୍ୟୁରିଟି ଉପରେ ଅନୁଷ୍ଠିତ ଜି୨୦ ବୈଠକରେ ମଧ ଭାରତରେ ଇଣ୍ଟରନେଟ୍ ଶଟ୍‌ଡାଉନ୍ ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ଜେନେଭାସ୍ଥିତ ଇଣ୍ଟରନ୍ୟାଶନାଲ ଡିଜିଟାଲ ହେଲ୍‌ଥ ଆଣ୍ଡ୍ ଏଆଇ ରିସର୍ଚ୍ଚ କୋଲାବୋରେଟିଭ୍‌ର ସାଇବର ସିକ୍ୟୁରିଟି ପ୍ୟାନେଲିଷ୍ଟ ନିନା ନୱାକାନ୍‌ମା କହିଛନ୍ତି, ଭାରତ ମନଇଚ୍ଛା ଇଣ୍ଟରନେଟ୍ ଶଟ୍‌ଡାଉନ ବନ୍ଦ କରିବା ଉଚିତ। କାରଣ ଏପରି କରିବା ଦ୍ୱାରା ସରକାରଙ୍କ ଉପରୁ ଲୋକଙ୍କ ଭରସା ତୁଟିଯାଇଥାଏ।

## ଇଣ୍ଟରନେଟ୍ ବିହୁନେ ମଣିପୁର...

ଇଣ୍ଟରନେଟ୍ ଆମ ଜୀବନଶୈଳୀରେ ନାଟକୀୟ ପରିବର୍ତ୍ତନ ଆଣିଛି। ମୌଳିକ ଆବଶ୍ୟକତାଠାରୁ ନେଇ ଆର୍ଥିକ ଓ ସାମାଜିକ କାର୍ଯ୍ୟକଳାପର ଦିଗ ଉପରେ ଏହା ପ୍ରଭାବ ପକାଉଛି। ବାରମ୍ବାର ଇଣ୍ଟରନେଟ୍ ବନ୍ଦ ହେତୁ ଇ-କମର୍ସ, ପର୍ଯ୍ୟଟନ ଏବଂ ସୂଚନା ପ୍ରଯୁକ୍ତି(ଆଇଟି)ସେବା ଭଳି ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ କ୍ଷେତ୍ରଗୁଡ଼ିକର କ୍ଷତି ସାଧିତ ହେଉଛି। ଆଜିର ଭାରତୀୟ ନାଗରିକ ଅନ୍ୟ ରାଷ୍ଟ୍ରଗୁଡ଼ିକର ଲୋକଙ୍କ ତୁଳନାରେ ସର୍ବାଧିକ ଇଣ୍ଟରନେଟ୍ ବ୍ଲାକ୍‌ଆଉଟ୍‌ର ଶିକାର ହେଉଛନ୍ତି।

ଭାରତରେ ପରୀକ୍ଷା ଆୟୋଜନ ବେଳେ କପି ରୋକିବା ଏବଂ ସରକାର ବିରୋଧୀ ବିକ୍ଷୋଭକୁ ପ୍ରତିହତ କରିବା ପାଇଁ ଅଧିକାଂଶ ସମୟରେ ଇଣ୍ଟରନେଟ୍ ବନ୍ଦ କରାଯାଉଛି। ପରୀକ୍ଷାରେ ନକଲ ରୋକିବା ପାଇଁ ଅନ୍ୟ ଉପାୟ ଆପଣାଯାଇପାରେ ଏବଂ କ୍ଷୋଭକାରୀଙ୍କ ସହ ଆଲୋଚନା କରାଯାଇପାରେ। କିନ୍ତୁ ତାହା ନ କରି ଗୋଟା ଇଣ୍ଟରନେଟ୍ ଠପ୍ କରିଦେବା ଫଳରେ ନକାରାତ୍ମକତା ବୃଦ୍ଧି ପାଉଛି। ଲାଭ ଅପେକ୍ଷା କ୍ଷତି ବଢ଼ିଯାଉଛି।

ମଣିପୁର ଦଙ୍ଗାବେଳେ ଇଣ୍ଟରନେଟ୍ ବ୍ୟାନ୍ ଔଷଧ ଯୋଗାଣ ଏବଂ ରିଲିଫ୍ ପ୍ରଦାନ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ରିଲିଫ୍ କ୍ୟାମ୍ପ୍‌ରେ ଆଶ୍ରୟ ନେଇଥିବା ଜଣେ ବୟସ୍କା ମହିଳା କହିଛନ୍ତି, ଆଜିର ଯୁଗରେ ଇଣ୍ଟରନେଟ୍ ସେବା ଉପରେ କଟକଣା ମାନବାଧିକାର ଉଲ୍ଲଂଘନ ଭିନ୍ନ କିଛି ନୁହେଁ। ରୋଗଣା ଓ ସଂଘର୍ଷରେ ଆହତ ହୋଇଥିବା ବ୍ୟକ୍ତି ଓ ରିଲିଫ୍ କ୍ୟାମ୍ପ୍‌ଗୁଡ଼ିକରେ ଥିବା ଲୋକଙ୍କ ଚିକିତ୍ସା ପାଇଁ ଔଷଧ ଓ ଡାକ୍ତରୀ ଉପକରଣ ଜରୁରୀ ହୋଇପଡ଼ିଛି। ଅର୍ଡର ଦିଆଯାଇ ପାରୁ ନ ଥିବାରୁ ସେମାନେ ଦାବି କରିଛନ୍ତି ' ବହୁତ ହୋଇଗଲା, ଇଣ୍ଟରନେଟ୍ ଦିଅ'। ମେ' ୪ରେ ସ୍ୱଳ୍ପବୟସ୍କା କୁକି ମହିଳାମାନଙ୍କ ଦେହରୁ ଲୁଗା କାଢ଼ି ଗାଁ ରାସ୍ତାରେ ଉଲଗ୍ନ ପରେଡ୍ କରାଗଲା। ଏହି ବର୍ବରତାର ଭିଡିଓ ଲୋକଲୋଚନକୁ ଆସୁ ଆସୁ ୭୯ ଦିନ ଲାଗିଗଲା। ସମ୍ଭବତଃ ଏଥିଯୋଗୁ ୨୦୦ ଟପିଥିବା ମୃତ୍ୟୁସଂଖ୍ୟାକୁ କମ୍ କରି କୁହାଯାଉଛି।



ମଣିପୁରରେ ଇଣ୍ଟରନେଟ୍ ଚାଲୁ ନ ଥିବାରୁ ଦିଲ୍ଲୀରେ ପାଠ ପଢୁଥିବା ମଣିପୁରୀ ଯୁବତୀମାନେ ଘରୁ ଅନ୍‌ଲାଇନ୍‌ରେ ଆସୁଥିବା ଟଙ୍କା ବନ୍ଦ ହୋଇଯିବା ପରେ ବିକ୍ଷୋଭ କରୁଛନ୍ତି।

▶▶ ଇଣ୍ଟରନେଟ୍ ବନ୍ଦ କରିବା ମୁଖ୍ୟତଃ ଟେମ୍ପୋରାରି ସସ୍‌ପେନ୍‌ଶନ ଅଫ୍ ଟେଲିକମ୍ ସର୍ଭିସେସ୍ (ପବ୍ଲିକ୍ ଏମର୍ଜେନ୍ସି ଆଣ୍ଡ୍ ପବ୍ଲିକ୍ ସେଫ୍ଟି) ରୁଲ୍ସ, ୨୦୧୭ ଏବଂ ସିଆର୍‌ପିସି ଧାରା ୧୪୪ ଅଧୀନରେ ଆସୁଛି।

▶▶ ୨୦୨୦ ଜାନୁୟାରୀରେ ଅନୁରାଧା ବନାମ ଭାରତ ସରକାର ମାମଲାରେ ସୁପ୍ରିମକୋର୍ଟ କହିଥିଲେ, ଇଣ୍ଟରନେଟ୍ ଜରିଆରେ ସୂଚନା ହାସଲ କରିବା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧) ଅନ୍ତର୍ଗତ ଏକ ମୌଳିକ ଅଧିକାର। ଅତି ଜରୁରୀ ସ୍ଥିତି ଉପୁଜିଲେ ଆଇନର ଅନୁପାଳନ କରି ଏହି କଠୋର ଉପାୟ ଆପଣାଯାଇପାରେ।

▶▶ ବର୍ତ୍ତମାନ ବିଶ୍ୱବ୍ୟାପୀ ସୂଚନା ଆଦାନ ପ୍ରଦାନ ପାଇଁ ଇଣ୍ଟରନେଟ୍ ହେଉଛି ସର୍ବାଧିକ ବ୍ୟବହୃତ ଓ ସୁଲଭ ମାଧମ। ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ଜୋର୍ ଦେବାକୁ ଯାଇ ଇଣ୍ଟରନେଟ୍ ଶଟ୍‌ଡାଉନକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିଷ୍ଠିତ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ। ଇଣ୍ଟରନେଟ୍ ଶଟ୍‌ଡାଉନ ପାଇଁ କଡ଼ା ଗାଇଡ୍‌ଲାଇନ ଓ ପ୍ରୋଟୋକଲ ରହିବା କଥା।

▶▶ ନିକଟରେ ବାମପନ୍ଥୀ ଏମ୍‌ପିମାନେ ମଣିପୁର ପରିଦର୍ଶନ କରି ସବୁ ଅସୁବିଧା ଦେଖିଥିଲେ। ଲୋକଙ୍କୁ ସ୍ୱାଭାବିକ ଭାବେ ଚଳିବାକୁ ଦେବା ପାଇଁ ପ୍ରଶାସନ ତୁରନ୍ତ ଇଣ୍ଟରନେଟ୍ ସେବା ପ୍ରଦାନ କରୁ ବୋଲି ସାଂସଦମାନେ ଦାବି କରିଥିଲେ। କିନ୍ତୁ ରାଜ୍ୟର ଭାଜପା ସରକାର ସେମାନଙ୍କ କଥା ଶୁଣିଲେ ନାହିଁ।

▶▶ ଲୋକ ସଭା ସଦସ୍ୟ ପ୍ରତାପ ରାଓ ଯାଦବ ଅଧକ୍ଷତା କରୁଥିବା ସଂସଦର ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ସମ୍ପର୍କିତ ସ୍ଥାୟୀ କମିଟି ଇଣ୍ଟରନେଟ୍ ଶଟ୍‌ଡାଉନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି। ତଥ୍ୟାତ୍ମକ ଅଧ୍ୟୟନ ନ କରି ଇଣ୍ଟରନେଟ୍ ବନ୍ଦ କରାଯିବା ବିଷୟରେ ରେକର୍ଡ ରଖା ନ ଯିବା ନେଇ ଦୂରସଞ୍ଚାର ବିଭାଗ (ଡିଓଟି)କୁ ଭର୍ତ୍ସନା କରିଛି।

▶▶ ଜୁଲାଇ ୧୬ରେ ମଣିପୁର ହାଇକୋର୍ଟ ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ଇଣ୍ଟରନେଟ୍ ସେବା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ଅନେକ ସଙ୍ଗଠନ ଓ ବ୍ୟକ୍ତିବିଶେଷ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିଲେ। ରାଜ୍ୟ ସରକାର ମଧ ହାଇକୋର୍ଟଙ୍କ ରାୟ ବିରୋଧରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ୧୭ରେ ସିଜେଆଇ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହା ଉପରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟଙ୍କ ସହ ପରାମର୍ଶ କରି ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ କହିଛନ୍ତି।

**କେନ୍ଦ୍ର ଅଧ୍ୟାଦେଶକୁ ଦିଲ୍ଲୀ ସରକାରଙ୍କ ଚ୍ୟାଲେଞ୍ଜ**

## ସାମ୍ବିଧାନିକ ପୀଠକୁ ଗଲା ପିଟିଶନ

**ନୂଆଦିଲ୍ଲୀ, ୨୦।୭(ପି.ଟି.)**

ଦିଲ୍ଲୀର ସେବା ପ୍ରଶାସନକୁ ନିୟନ୍ତ୍ରଣ କରିବା ପାଇଁ ମେ' ୧୯ରେ କେନ୍ଦ୍ର ଆଣିଥିବା ଅଧ୍ୟାଦେଶକୁ ଦିଲ୍ଲୀ ସରକାର ଚ୍ୟାଲେଞ୍ଜ କରିଥିବାବେଳେ ଉକ୍ତ ପିଟିଶନ୍‌ର ଶୁଣାଣି ୫ ଜଣିଆ ସାମ୍ବିଧାନିକ ପୀଠରେ ହେବ। ସୁପ୍ରିମକୋର୍ଟ ଗୁରୁବାର ଉକ୍ତ ପିଟିଶନକୁ ସାମ୍ବିଧାନିକ ପୀଠକୁ ପଠାଇଦେଇଛନ୍ତି। ଏହା ସମଗ୍ର ବ୍ୟବସ୍ଥାକୁ ଅଚଳ କରିଦେବ କହି ପିଟିଶନକୁ ସାମ୍ବିଧାନିକ ପୀଠକୁ ପଠାଇବା ଅନାବଶ୍ୟକ ବୋଲି ଦିଲ୍ଲୀ ସରକାର ଦର୍ଶାଇଥିବା



ଯୁକ୍ତିକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ପିଟିଶନର ଶୁଣାଣି ପରେ ବୃହତ୍ତର ବେଞ୍ଚ୍ ଦିଲ୍ଲୀ ସରକାରଙ୍କ ଆବେଦନର ଶୁଣାଣି କରିବେ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଜଷ୍ଟିସ ପି.ଏସ୍. ନରସିଂହ ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି। ସଂକ୍ଷିପ୍ତ ଶୁଣାଣି ବେଳେ ଖଣ୍ଡପୀଠ ଅଧ୍ୟାଦେଶକୁ ନେଇ ପ୍ରଶ୍ନ ଉଠାଇବା ସହ ଏହା ଦିଲ୍ଲୀ ସରକାରଙ୍କ ସେବା ନିୟନ୍ତ୍ରଣକୁ ଛଡ଼ାଇନେବ ବୋଲି କହିଥିଲେ। ସମ୍ବିଧାନ ଦିଲ୍ଲୀ ସରକାରଙ୍କ ନିୟନ୍ତ୍ରଣରୁ ପୋଲିସ, ଆଇନ ଶୃଙ୍ଖଳା ଓ ଜମିଜମାକୁ ବାଦ୍ ଦେଇଛି। ଏବେ ରାଜ୍ୟ କ୍ଷମତା ତାଲିକାରୁ ସେବା କ୍ଷମତାକୁ ମଧ କେନ୍ଦ୍ର ଅଧ୍ୟାଦେଶ ନେଇଯାଇଥିବା ଖଣ୍ଡପୀଠ କହିଥିଲେ।

## ଚିତା ମୃତ୍ୟୁକୁ ନେଇ ଚିନ୍ତା ପ୍ରକଟ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୦।୭(ପି.ଟି.)**

ଦକ୍ଷିଣ ଆଫ୍ରିକା ଏବଂ ନାମିବ୍ୟାରୁ କୁନୋ ଜାତୀୟ ଉଦ୍ୟାନକୁ ଅଣାଯାଇଥିବା ଚିତାଙ୍କ ମଧ୍ୟରୁ ୪ ମାସ ମଧ୍ୟରେ ୪୦ ପ୍ରତିଶତଙ୍କ ମୃତ୍ୟୁ ଘଟିବା 'ଠିକ୍ ଛବି' ଉପସ୍ଥାପନ କରୁନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ କେନ୍ଦ୍ର ସରକାର ସମ୍ମାନର ପ୍ରସଙ୍ଗ ଭାବେ ନ ନେଇ ଚିତାଗୁଡ଼ିକୁ ଅନ୍ୟ ଅଭୟାରଣ୍ୟକୁ ସ୍ଥାନାନ୍ତର କରିବା ସମ୍ଭାବନା ଉପରେ କାର୍ଯ୍ୟ କରିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଛନ୍ତି। ଚିତାଗୁଡ଼ିକର ମୃତ୍ୟୁକୁ ନେଇ ଜଷ୍ଟିସ ବି.ଆର୍. ଗଭାଇ, ଜେ.ବି. ପର୍ଡିୱାଲା ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିବା ସହ ମୃତ୍ୟୁର କାରଣ ଏବଂ ଏହାର ପ୍ରତିକାର ପାଇଁ କ'ଣ ପଦକ୍ଷେପ ନିଆଯାଇଥିଲା ସତ୍ୟପାଠ ଜରିଆରେ ଜଣାଇବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦେଶରୁ ଅଣାଯାଇଥିବା ୨୦ ଚିତା ମଧ୍ୟରୁ ୮ଟିର ମୃତ୍ୟୁ ଘଟିଲାଣି। ଜଳବାୟୁ ଅନୁକୂଳ ହେଉନାହିଁ, ନା ଅନ୍ୟ କୌଣସି କାରଣରୁ ସେମାନଙ୍କର ମୃତ୍ୟୁ ଘଟୁଛି ବୋଲି ଖଣ୍ଡପୀଠ ଜାଣିବାକୁ ଚାହିଁଥିଲେ। ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର ନ କରି କ'ଣ ପାଇଁ ସମ୍ମାନର ପ୍ରସଙ୍ଗ କରାଯାଉଛି ବୋଲି ଅଦାଲତ ପ୍ରଶ୍ନ କରିଥିଲେ।

## ଭୂସ୍ଖଳନରେ ୧୩ ମୃତ



**ମୁମ୍ବାଇ, ୨୦।୭**

ମହାରାଷ୍ଟ୍ର ରାଇଗଡ଼ ଜିଲା ଇଇର୍ଶାଲୱାଡ଼ି ଗ୍ରାମରେ ବୁଧବାର ରାତି ପ୍ରାୟ ୧୧ଟାରେ ଭୂସ୍ଖଳନ ଯୋଗୁ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଲଗାଣ ବର୍ଷା ପରେ ଭୂସ୍ଖଳନ ହୋଇଥିବା କୁହାଯାଉଛି। କାଦୁଅ ତଳୁ ୧୨ ଜଣଙ୍କ ମୃତଦେହ ଜବତ କରାଯାଇଥିବାବେଳେ ଘଟଣା ସ୍ଥଳରେ ଜଣେ ଉଦ୍ଧାରକାରୀଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଶିନ୍ଦେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିରୀକ୍ଷଣ କରିଥିଲେ। ଘଟଣାସ୍ଥଳରେ ୪ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ମାଟି ତଳେ ଆହୁରି ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଘୋଷଣା କରିଛନ୍ତି। ଏହାଛଡ଼ା ଆହତଙ୍କ ଚିକିତ୍ସା ପାଇଁ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି କହିଛନ୍ତି।

## ମଣିପୁର ପ୍ରସଙ୍ଗରେ ପାର୍ଲାମେଣ୍ଟ ମୁଲତବୀ

**ନୂଆଦିଲ୍ଲୀ, ୨୦।୭**

ମଣିପୁର ହିଂସା ପ୍ରସଙ୍ଗରେ ଆଲୋଚନା ଦାବିକରି ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ଗୁରୁବାର ପ୍ରବଳ ହଟ୍ଟଗୋଳ କରିବାରୁ ମୌସୁମୀ ଅଧିବେଶନର ପ୍ରଥମ ଦିନ ପାର୍ଲାମେଣ୍ଟକୁ ମୁଲତବୀ ରଖାଯାଇଛି। ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ ଏବଂ ଗୃହର ଉପନେତା ରାଜନାଥ ସିଂ ପ୍ରତିଶ୍ରୁତି ଦେବା ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଓ ସ୍ଲୋଗାନବାଜି ଜାରି ରଖିଥିଲେ। ସମସ୍ତ ଆଲୋଚନାକୁ ବନ୍ଦ ରଖି କେବଳ ମଣିପୁର ହିଂସା ଉପରେ ଆଲୋଚନା କରିବା ପାଇଁ ୧୫ ବିରୋଧୀ ଦଳର ଏମ୍‌ପିମାନେ ଅଡ଼ିବସିଥିଲେ। ଲୋକ ସଭାରେ ସରକାର ଗୃହର ନିୟମିତ କାର୍ଯ୍ୟଧାରା ଆରମ୍ଭ କରିବାକୁ ଉଦ୍ୟମ କଲାବେଳେ ବିରୋଧୀ ସଦସ୍ୟମାନେ 'ମଣିପୁର ମଣିପୁର' ସ୍ଲୋଗାନ ଦେଇଥିଲେ। ସେହିପରି ରାଜ୍ୟ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବି କରାଯିବାରୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା।

ଆଲୋଚନା ଆରମ୍ଭ ହେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ସବିଶେଷ ବିବରଣୀ ଉପସ୍ଥାପନ କରିବେ। ଆଲୋଚନାର ସମୟ ବାଚସ୍ପତି ଧାର୍ଯ୍ୟ କରିବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ। ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ଥିବା କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଚାମ୍ବରରେ ବିରୋଧୀ ନେତାମାନେ ଏକାଠି ହୋଇ ମୌସୁମୀ ଅଧିବେଶନ ପାଇଁ ମିଳିତ ରଣନୀତି ପ୍ରସ୍ତୁତ କରିଥିଲେ। ମଣିପୁରରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ହିଂସାକାଣ୍ଡ ଲାଗିରହିଥିବାବେଳେ ଶତାଧିକ ଲୋକଙ୍କ ଜୀବନ ଗଲାଣି। ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ମୁଣ୍ଡ ଗୁଞ୍ଜିଛନ୍ତି। ଏହା ଉପରେ ପ୍ରଧାନମନ୍ତ୍ରୀ ମୁହଁ ନ ଖୋଲିବାରୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିବା ଆସୁଛନ୍ତି। ମଣିପୁରରେ ୨ କୁକି ମହିଳାଙ୍କୁ ଉଲଗ୍ନ ପରେଡ୍ କରାଇବାର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ଅପରାଧୀଙ୍କୁ ଦଣ୍ଡିତ କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଲୋକ ସଭାରେ ପ୍ରଧାନମନ୍ତ୍ରୀଙ୍କ ସହ ସଂକ୍ଷିପ୍ତ ଆଲୋଚନା ଅବସରରେ କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀ ଗୃହରେ ମଣିପୁର ହିଂସା ପ୍ରସଙ୍ଗରେ ଆଲୋଚନା କରିବାକୁ ଅନୁରୋଧ କରିଥିଲେ।



## ପେଟ୍ରୋଲ ପମ୍ପରେ ହାତୀ ଆତଙ୍କ

ସମ୍ବଲପୁର,୨୦।୭(ଶୁଭାଶିଷ ପାଢୀ) : ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ୫୫ନଂ ଜାତୀୟ ରାଜପଥର ଭବାନୀପାଲି ଗ୍ରାମ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପକୁ ଗୁରୁବାର ଦନ୍ତା ହାତୀ ପଶିଆସିଥିଲା। ପ୍ରାୟ ୧୦ ମିନିଟ ଧରି ହାତୀଟି ଆତଙ୍କ ଖେଳାଇଥିଲା। ପମ୍ପ କର୍ମଚାରୀ ଓ ତେଲ ପକାଇବାକୁ ଆସିଥିବା ଲୋକମାନେ ଭୟଭୀତ ହୋଇ ଏଣେତେଣେ ଦୌଡ଼ିଥିଲେ। ବନ ବିଭାଗ ସ୍କ୍ୱାଡ୍ ପହଞ୍ଚି ହାତୀ ଘଉଡାଇବାକୁ ଚେଷ୍ଟା କରିଥିଲେ। ହେଲେ ହାତୀ ସେମାନଙ୍କୁ ଆକ୍ରମଣ କରିବାକୁ ଗୋଡାଇଥିଲା। କିଛିସମୟ ପରେ ହାତୀଟି ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲା। ଦନ୍ତାହାତୀଟି ପ୍ରାୟ ୩ମାସ ହେଲା ଅଞ୍ଚଳରେ ବୁଲାବୁଲି କରି ଘରଦ୍ୱାର ଭାଙ୍ଗୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ବନ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ମଣିପୁର ଲଜ୍ଜାଜନକ ଘଟଣାରେ କେନ୍ଦ୍ର ଓ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ତାଗିଦ




# ଖଡ଼ଗ ନଦୀଗର୍ଭ ଜଳାଶୟକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

### ଖର୍ଚ୍ଚ ହେବ ୧୨୬ କୋଟି ଟଙ୍କା

### ଉପକୃତ ହେବେ ବୌଦ୍ଧ, ବଲାଙ୍ଗୀର ଓ କନ୍ଧମାଳର ୨୦ ହଜାର ଲୋକ

ଭୁବନେଶ୍ୱର,୨୦।୭(ଅନିଲ ଦାସ)

ଖଡ଼ଗ ନଦୀରେ ନିର୍ମାଣ ହେବ ନଦୀଗର୍ଭ ଜଳାଶୟ। ୧୨୬ କୋଟି ଟଙ୍କାର ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅନୁମୋଦନ କରିଛନ୍ତି। ପୂର୍ବରୁ ଏହି ପ୍ରକଳ୍ପକୁ ବୈଷୟିକ ପରାମର୍ଶଦାତା କମିଟି ମଧ୍ୟ ସ୍ୱୀକୃତି ପ୍ରଦାନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ବୌଦ୍ଧ ଜିଲାର କଣ୍ଟାମାଳ ବ୍ଲକ, କନ୍ଧମାଳ ଜିଲାର ବାଲିଗୁଡ଼ା ବ୍ଲକ ଏବଂ ବଲାଙ୍ଗୀର ଜିଲା ଗୁଡ୍‌ଭେଲା ବ୍ଲକର ପ୍ରାୟ ୨୦ ହଜାରରୁ ଅଧିକ ଲୋକ ଉପକୃତ ହେବେ। ଏହି ଯୋଜନାରେ ବାଲିଗୁଡ଼ା ବ୍ଲକର ଲଡ଼ଗାଁ ଗ୍ରାମ ନିକଟରେ ଏହି ପ୍ରକଳ୍ପ କାର୍ଯ୍ୟ କରାଯିବ।

କୌଣସି ବିସ୍ଥାପନ ବିନା ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏହା ନଦୀଗର୍ଭ ଜଳ ସଂରକ୍ଷଣ କରିବା ସହିତ ଖରାଦିନେ ଏହି ଅଞ୍ଚଳର ପାନୀୟ ଜଳ ଆବଶ୍ୟକତା ପୂରଣ କରିବ। ମାଛଚାଷ ଓ ଭୂତଳ ଜଳସ୍ତର ବୃଦ୍ଧିରେ ମଧ୍ୟ ଏହା ବିଶେଷ ସହାୟକ ହେବ। ସୂଚନାଯୋଗ୍ୟ, ଚଳିତ ମାସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବୌଦ୍ଧ ଜିଲା ଗସ୍ତ ସମୟରେ ସ୍ଥାନୀୟ ଜନସାଧାରଣ ଖଡ଼ଗ ନଦୀରେ ଏକ ବ୍ୟାରେଜ ନିର୍ମାଣ ପାଇଁ ଦାବିପତ୍ର ଦେଇଥିଲେ। ଏ ସମ୍ପର୍କରେ ୫-ଟି ସଚିବ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଜନସାଧାରଣଙ୍କ ଦାବି ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଅନୁରୋଧକୁ ଗ୍ରହଣ କରିଥିଲେ।

ଏଠାରେ ସୂଚନାଯୋଗ୍ୟ, ନଦୀ ଗର୍ଭ ପୋତି ହେବା ସାଙ୍ଗକୁ ବର୍ଷର ଅଧିକାଂଶ ସମୟ ଶୁଖିଲା ପଡୁଛି। ଭୂତଳ ଜଳ ସ୍ତର ମଧ୍ୟ ହ୍ରାସ ପାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରମୁଖ ନଦୀଗୁଡ଼ିକରେ ୪୦ରୁ ଊର୍ଦ୍ଧ୍ୱ ଇନଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ପ୍ରୋଜେକ୍ଟ ୨୦୨୦ରୁ କାର୍ଯ୍ୟକାରୀ କରାଯାଉଛି। ୬ ବର୍ଷ ପାଇଁ ରାଜ୍ୟ ସରକାର ଏହି ପ୍ରକଳ୍ପରେ ୧୧,୭୧୩ କୋଟି ଟଙ୍କା ଖର୍ଚ୍ଚ କରିବେ।

# ୨୩ରେ ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୨୦।୭(ଶୁଭାଶିଷ ପାଢୀ)

ଆସନ୍ତା ୨୩ ତାରିଖ ରବିବାର ସକାଳ ୯ଟାରେ ହୀରାକୁଦ ଡ୍ୟାମ୍‌ରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ। ଡ୍ୟାମ୍ କର୍ତ୍ତୃପକ୍ଷ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦେଇଛନ୍ତି। ଉପର ମୁଣ୍ଡରେ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ତେଣୁ ଗେଟ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ୨୩ରେ କେତୋଟି ଗେଟ୍ ଖୋଲାଯିବ ସେ ନେଇ ଡ୍ୟାମ୍ କର୍ତ୍ତୃପକ୍ଷ ଠିକ୍ ସୂଚନା ଦେଇନାହାନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ୭ ନମ୍ବର ସ୍ଲୁଇସ ଗେଟ୍ ଖୋଲାଯିବା ଆଶା କରାଯାଉଛି। ଗେଟ୍ ଖୋଲାଗଲେ ହୀରାକୁଦ ଡ୍ୟାମ୍ ତଳମୁଣ୍ଡରେ ମହାନଦୀର ଜଳସ୍ତର ବୃଦ୍ଧି ପାଇବା ସହିତ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ମଧ୍ୟ ବୃଦ୍ଧି ପାଇବ। ତେଣୁ ତଳମୁଣ୍ଡରେ ବସବାସ କରୁଥିବା ଲୋକେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କୌଣସି ଦୁର୍ଘଟଣା ଘଟିଲେ ବନ୍ଧ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ, ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଛି। ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୨ ଫୁଟ୍ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪୦ ହଜାର ୧୪୭ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପ୍ରାୟ ୩୯ ହଜାର ୮୪୨ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଆଗକୁ ପୁଣି ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଜଳଭଣ୍ଡାରରେ



ଜଳସ୍ତର କ୍ରମାଗତ ବଢିବାରେ ଲାଗିଥିବାରୁ ବନ୍ୟାଜଳ ନିଷ୍କାସନ କରାଯାଇ ଜଳ ପରିଚାଳନା କରାଯିବ ବୋଲି କୁହାଯାଇଛି। ପ୍ରକାଶଥାଉ କି ୨୦୨୨ରେ ଜୁଲାଇ ୧୮ ଓ ୨୦୨୧ରେ ଜୁଲାଇ ୧୧ ତାରିଖରେ ବନ୍ୟାଜଳ ନିଷ୍କାସନ ହୋଇଥିଲା।

# ଅଗ୍ନିଶମ ସେବା ବିଭାଗରେ ସୃଷ୍ଟି ହେଲା ୨୬ ନୂତନ ପଦବୀ

### ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୨୦।୭ (ଅନିଲ ଦାସ)

ଓଡ଼ିଶା ଅଗ୍ନିଶମ ସେବା ବିଭାଗର ବିଭିନ୍ନ ପାହ୍ୟାରେ ୨୬ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଏହାକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏଥିରେ ୩ଟି ଷ୍ଟେଶନ ଅଫିସର ପଦବୀ ଥିବାବେଳେ ୩ଟି ଲିଡିଂ ଫାୟାରମ୍ୟାନ ଓ ୨୦ଟି ଫାୟାରମ୍ୟାନ ପଦବୀ ରହିଛି। ଏହି ନୂତନ ପଦବୀ ସୃଷ୍ଟି ହେବା ଫଳରେ ଅଗ୍ନିଶମ ସେବା ବିଭାଗ ଆହୁରି ଅଧିକ ଦକ୍ଷ ଭାବରେ ଲୋକଙ୍କୁ ସେବା ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି।

# ବାପାଙ୍କୁ ଫାଶୀ ଦିଆଯାଉ

### ଟେଣ୍ଟା ଆକ୍ରମଣରେ ପୁଅ ମୃତ

ଜଗତ୍‌ସିଂହପୁର, ୨୦।୭ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ରାୟଦଣ୍ଡାରେ ଗୁରୁବାର ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ଟେଣ୍ଟା ଆକ୍ରମଣରେ ପୁଅର ମୃତ୍ୟୁ ହୋଇଛି। ମୃତକ ହେଲେ ଦିଲୀପ କୁମାର ଭୋଇ ଓରଫ ଲିପୁ (୨୬)। ଏ ସମ୍ପର୍କରେ ତାଙ୍କ ବଡ଼ ଭାଇ ଦୀପକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ନଂ. ୪୬୪/୨୩ରେ ମାମଲା ରୁଜୁ କରିଛି। ପୋଲିସ ଅଭିଯୁକ୍ତ ବାପା ସୁଦର୍ଶନ ଭୋଇ (୫୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ମାରଣାସ୍ତ୍ର ଜବତ କରିଛି। ଅପରପକ୍ଷେ ଅଭିଯୁକ୍ତ ବାପାଙ୍କୁ ଫାଶୀ ଦିଆଯାଉ ନଚେତ ସେ ଅନ୍ୟମାନଙ୍କୁ ହତ୍ୟା କରିବାକୁ ପଛାଇବେ ନାହିଁ ବୋଲି ବଡ଼ପୁଅ ଓ ସୁଦର୍ଶନଙ୍କ ସ୍ତ୍ରୀ କହିଛନ୍ତି।

ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଭାସତ ରାୟଙ୍କ ସୂଚନା ଅନୁସାରେ, ସୁଦର୍ଶନ କିଛି କୁକୁଡ଼ା ପାଳିଛନ୍ତି। ଗତ ୧୯ ତାରିଖ ସକାଳେ ଗୋଟିଏ କୁକୁଡ଼ାକୁ କଟାସ ମାରି ଦେଇଥିଲା। ଏନେଇ ସୁଦର୍ଶନ ନିଶାସକ୍ତ ଅବସ୍ଥାରେ ତାଙ୍କ ସ୍ତ୍ରୀ


ଅଭିଯୁକ୍ତ ସୁଦର୍ଶନ ଭୋଇ

ସୁଷମାଙ୍କୁ ମାଡ଼ ମାରିଥିଲେ। ତା'ପରେ କୁକୁଡ଼ା ରୋଷେଇ ହୋଇଥିଲା। ଖାଇବାପରେ ସୁଦର୍ଶନ କୁଆଡ଼େ ଚାଲି ଯାଇଥିଲେ। ରାତି ପ୍ରାୟ ୧୦ଟା ବେଳେ ସେ ଘରକୁ ଫେରି ସୁଷମାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ କାନରୁ ରକ୍ତ ବାହାରିଥିଲା। ଏହାର କିଛି ସମୟ ପରେ ଲିପୁ ଘରେ ପହଞ୍ଚି ମା'ଙ୍କ ଏତାଦୃଶ ଅବସ୍ଥା ଦେଖି ବାପାଙ୍କୁ ପଚାରିଥିଲେ। ଏଥିରେ କ୍ରୋଧାନ୍ୱିତ ବାପା ସୁଦର୍ଶନ ଘରେ ଥିବା ଏକ ଟେଣ୍ଟାରେ ଆକ୍ରମଣ କରିଥିଲେ। ଟେଣ୍ଟାଟି ଲିପୁଙ୍କ ବେକରେ ପଶିଯିବାରୁ ସେ ଗୁରୁତର ହୋଇଥିଲେ। ଗାଁର କିଛି ଲୋକଙ୍କ ସହାୟତାରେ ଉକ୍ତ ଟେଣ୍ଟା କଢ଼ାଯାଇ ଲିପୁଙ୍କୁ ଜଗତ୍‌ସିଂହପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଦୀପକ କହିଛନ୍ତି, ବାପା ଯେତେବେଳେ ମଦ୍ୟପାନ କରନ୍ତି ସେତେବେଳେ ନିୟନ୍ତ୍ରଣ ଭିତରେ ରୁହନ୍ତି ନାହିଁ। ଗାଳି କରିବା ସହ ଗଣ୍ଡଗୋଳ କରିବାକୁ ଚେଷ୍ଟା କରିଥାନ୍ତି। ଏହାର ଚରମ ପରିଣତି ବୁଧବାର ଦେଖିବାକୁ ମିଳିଛି। ତେଣୁ ତାଙ୍କୁ ଫାଶୀ ଦିଆଯାଉ ବୋଲି ସେ ଦୁଃଖର ସହ କହିଛନ୍ତି। ସୁଷମା ମଧ୍ୟ ଅନୁରୂପ ଦାବି କରିଛନ୍ତି। ସବୁବେଳେ ସୁଦର୍ଶନ ତାଙ୍କୁ ମାଡ଼ ମାରନ୍ତି। ଏହି ଘଟଣା ପାଇଁ ବାପ ହାତରେ ପୁଅର ଜୀବନ ଯାଇଛି ବୋଲି ସେ କହିଛନ୍ତି। ଏଥିପାଇଁ ସ୍ୱାମୀଙ୍କୁ କଠୋର ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି।



**ଆଜିର ମନ୍ତବ୍ୟ**

"ଅଧିବେଶନ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ବାହାରେ ମଣିପୁର ସ୍ଥିତି ସମ୍ପର୍କରେ ମନ୍ତବ୍ୟ ରଖିବା ବିଶେଷାଧିକାରର ଉଲ୍ଲଂଘନ। ଉକ୍ତ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଗୃହରେ ବକ୍ତବ୍ୟ ରଖନ୍ତୁ।
–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନମ, ମରଣ, ବରଷା**
**ଏହା କହି ନ ପାରଇ ପୁରୁଷା।**

ମଣିଷର ଜନ୍ମ, ମରଣ ଉପରେ କାହାର ହାତ ନାହିଁ। ସେମିତି ବରଷା କେବେ ହେବ ସେ କଥା ଠିକ୍‌ରେ କହି ହେବନାହିଁ। ଏହି ତିନୋଟି ଅପ୍ରିୟ ସତ୍ୟର ଭବିଷ୍ୟବାଣୀ କରିବାକୁ ମଣିଷ ଅକ୍ଷମ ଅଟେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଜାଣିଥିଲି କି,**
**ଅଧେ ସୁନା ଅଧେ ପିତଳ ବୋଲି ମୁଁ**
**ନିକିତି ପକାଇ ତୁଳିଥିଲି କି ?**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଉପରେ ପଡ଼ି ଅନ୍ୟକୁ ଉପଦେଶ ଦେଇଥାନ୍ତି। କୌଣସି ବିଷୟରେ ଧାରଣା ନ ଥିଲେ ସୁଦ୍ଧା ନିଜର ମତାମତ ଶୁଣାଇଥାନ୍ତି। ତେବେ କୌଣସି କଥାର ଭିତରେ ନ ପଶି ଉପରେ ଉପରେ ସଫେଇ ଦେବା ଉଚିତ ହୋଇ ନ ଥିବାବେଳେ ବ୍ୟକ୍ତିଙ୍କ ଏପରି ବୟାନ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୨୫ରେ ଆଉ ଏକ ଲଘୁଚାପ

## ଆଭ୍ୟନ୍ତରୀଣ, ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୦।୭(ଅନିଲ ଦାସ)

ଆସନ୍ତା ୨୫ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୨୫ ଓ ୨୬ ତାରିଖରେ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ଏବଂ ୨୭ ଓ ୨୮ ତାରିଖରେ ଆଭ୍ୟନ୍ତରୀଣ ଏବଂ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ଅନ୍ୟପକ୍ଷରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨ ଦିନ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୨ ତାରିଖରେ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ବୌଦ୍ଧ, ସୋନପୁର, ସମ୍ବଲପୁର ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ଅନୁଗୋଳ, ନୟାଗଡ଼, କଟକ, ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ସେହିପରି ୨୩ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଲଘୁଚାପ ସହିତ ରାଜ୍ୟରେ ମୌସୁମୀ ସକ୍ରିୟ ଥିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମାଲକାନଗିରିରେ ୫୦.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୨, ନୟାଗଡ଼ ୨୩, ପାରଳାଖେମୁଣ୍ଡି ୨୭.୬, ଫୁଲବାଣୀ ୧୩.୨, ଦେବଗଡ଼ ୨୫, ଭଦ୍ରକ ୧୯.୨, ଢେଙ୍କାନାଳ ୧୮, ନୂଆପଡ଼ା ୧୨.୫, ଅନୁଗୋଳ ୨୦, ସମ୍ବଲପୁର ୨୯.୨, ପୁରୀରେ ୧୩.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ପୋଖରୀରେ ବୁଡ଼ିଗଲେ ୨ ଅଙ୍ଗନୱାଡି ଶିଶୁ

## ଜଣେ ମୃତ, ଅନ୍ୟ ଜଣେ ଗୁରୁତର

ଠାକୁରମୁଣ୍ଡା,୨୦।୭(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ କେଶଡିହା ପଞ୍ଚାୟତ ଅଧୀନ ମିରୁଆଣୀ ଗ୍ରାମ ଖେଡ଼ିଆପୋଷି ସାହିରେ ଗୁରୁବାର ଘଟିଛି ଏକ ଦୁଃଖଦ ଘଟଣା। ପୋଖରୀ ପାଖରେ ଖେଳୁଥିବା ବେଳେ ଅସାବଧାନତାରୁ ପାଣିରେ ବୁଡ଼ି ଯାଇଥିଲେ ଦୁଇ ଅଙ୍ଗନୱାଡି ଶିଶୁ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଶିଶୁ ହେଲେ ସେହି ଗ୍ରାମର ଜୀବନ ନାଏକଙ୍କ ୪ ବର୍ଷର ପୁଅ ଶୁଭମ୍। ଗୁରୁତର ଟିକିନା ପାଇଦାଙ୍କ ୫ ବର୍ଷର ଝିଅ ଭୂମିକାଙ୍କୁ ଚିକିତ୍ସା ପାଇଁ ଘସିପୁରାସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅଙ୍ଗନୱାଡି ଛୁଟି ହେବା ପରେ ସହାୟିକା କର୍ମୀ ସେମାନଙ୍କୁ ଘର ନିକଟରେ ଛାଡ଼ିଥିଲେ। ମାତ୍ର ଚାଷ ସମୟ ହୋଇଥିବାରୁ ଘରେ ବିଶେଷ ଲୋକ ନ ଥିବାରୁ ଦୁଇ ଶିଶୁ ଘରଠାରୁ କିଛି ଦୂରରେ ଥିବା ପୋଖରୀ କୂଳକୁ ଖେଳିବା ପାଇଁ ଚାଲିଯାଇଥିଲେ। ହଠାତ ଶୁଭମ୍ ପୋଖରୀରେ ପଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଭୂମିକା ମଧ୍ୟ ପାଣିରେ ବୁଡ଼ି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ଶୁଭମ୍‌ଙ୍କୁ ମୃତ ଘୋଷଣା କରିଥିଲେ।

# ସିଏମ୍‌ସି କାର୍ଯ୍ୟାଳୟ ଆଗରେ ମୃତଦେହ ରଖି ଧାରଣା

**ମୁଖ୍ୟ ଡ୍ରେନ୍‌ରେ ପଡ଼ି ଶ୍ରମିକଙ୍କ ମୃତ୍ୟୁ ଘଟଣା**

- ୧୦ ଲକ୍ଷ କ୍ଷତିପୂରଣ ପ୍ରଦାନ ଦାବି
- ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ଚିଠି

କଟକ,୨୦।୭ (କାର୍ତ୍ତିକ ସାହୁ)

କଟକ ଦରଘାବଜାର ଥାନା ଅଧୀନ ବକ୍ସିବଜାର ନିକଟ ବାରପଥର ଅଞ୍ଚଳର ମୁଖ୍ୟଡ୍ରେନ୍‌ରେ ପଡ଼ି ଶ୍ରମିକ ପି. ନରସିଂହା(୩୨)ଙ୍କ ମୃତ୍ୟୁ ଘଟଣାରେ ଅଞ୍ଚଳବାସୀ ଗୁରୁବାର ପୁଣି ଅସନ୍ତୋଷ ଜାହିର କରିଛନ୍ତି। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ତାଙ୍କ ପରିବାର ସଦସ୍ୟଙ୍କ ସମେତ ସ୍ଥାନୀୟ ଲୋକେ ମୃତଦେହକୁ କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ରଖି ଅପରାହ୍ନ ପ୍ରାୟ ୧ଟାରୁ ଧାରଣାରେ ବସିଛନ୍ତି। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ଧାରଣାରେ ବସିଥିବା ସ୍ଥାନୀୟ ବାସିନ୍ଦା ତଥା ୩୫ ନଂ. ୱାର୍ଡ କର୍ପୋରେଟର ଜେ. କାମେଶ୍ୱର ରାଓ କହିଛନ୍ତି।

ସୂଚନା ଅନୁଯାୟୀ, ମୁଖ୍ୟ ଡ୍ରେନ୍ ନିର୍ମାଣ ଦାୟିତ୍ୱରେ ଥିବା ଏକ ଘରୋଇ ସଂସ୍ଥା ମୃତକ ନରସିଂହା ଓ ତାଙ୍କ ଭାଇଙ୍କୁ ବାରପଥର ଅଞ୍ଚଳରେ ଥିବା ମୁଖ୍ୟ ଡ୍ରେନ୍‌ର ସଫେଇ କାମରେ ନିୟୋଜିତ କରିଥିଲା। ବୁଧବାର ଅପରାହ୍ନରେ ନରସିଂହା ମୁଖ୍ୟ ଡ୍ରେନ୍ ଭିତରେ ଥାଇ ସଫେଇ କରି ଅଳିଆ ଏକାଠି କରୁଥିବାବେଳେ ତାଙ୍କ ଭାଇ ଉପରେ ଥାଇ ସେଗୁଡ଼ିକୁ ଟାଣି ଉପରକୁ ଆଣୁଥିଲେ। ଏହି ସମୟରେ ହଠାତ୍ ନରସିଂହା ଡ୍ରେନ୍ ପାଣିରେ ବୁଡ଼ି ଯାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପରେ ପୋଲିସ ହସ୍ତକ୍ଷେପ ଫଳରେ ରାସ୍ତାରୋକୋ ହଟିଥିଲା।

କର୍ପୋରେଟର ଜେ. କାମେଶ୍ୱର ରାଓଙ୍କ କହିବାନୁସାରେ, ଉକ୍ତ ସଂସ୍ଥାର ଜଣେ ଅଧିକାରୀ ଦରଘାବଜାର ଥାନାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ସେ ତାଙ୍କ ପରିବାରକୁ ବ୍ୟାଙ୍କ ଖାତା ଓ ଏକ ଦରଖାସ୍ତ ପ୍ରଦାନ କରିବା ନିମନ୍ତେ କହିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଏହି କ୍ଷତିପୂରଣ ଦିଆଯିବ ବୋଲି ସେ ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ହେଲେ ମୃତଦେହ ବ୍ୟବଚ୍ଛେଦ ସରିବା ପରେ କ୍ଷତିପୂରଣ ଦେବାକୁ ସେ ମନା କରିଥିଲେ। ଫଳରେ ମୃତଦେହ ରଖି ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଧାରଣାରେ ମୃତକଙ୍କ ମାଆ ପି. କାନ୍ତା, ସ୍ତ୍ରୀ ପି. ଈଶ୍ୱରୀ ଆମ୍ମା ଓ ୬ ବର୍ଷର ଝିଅ ପି. ଭାନୁ ବସିଛନ୍ତି। ଏଯାଏ ସିଏମ୍‌ସି ପକ୍ଷରୁ କେହି ସେମାନଙ୍କ ନିକଟକୁ ଆସିନାହାନ୍ତି ବୋଲି କାମେଶ୍ୱର କହିଛନ୍ତି।

ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଏହା ଏକ ଦୁର୍ଘଟଣା। ଯେଉଁ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି, ସେ ସିଏମ୍‌ସି ଅଧୀନରେ ଆସୁ ନାହାନ୍ତି। ତଥାପି ସରକାରୀ ନିୟମ ଅନୁସାରେ ରେଡ୍‌କ୍ରସ୍ ପାଣ୍ଠିରୁ ତାଙ୍କ ପରିବାରକୁ ୩୦ ହଜାର ଟଙ୍କାର ସହାୟତା ପ୍ରଦାନ ବ୍ୟବସ୍ଥା କରାଯାଇଛି। ହେଲେ ତାଙ୍କ ପରିବାର ଲୋକେ ଉକ୍ତ ଅର୍ଥ ନେବାକୁ ରାଜି ହେଉନାହାନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ସିଏମ୍‌ସି ପକ୍ଷରୁ ଗୃହ ବିଭାଗକୁ ଚିଠି ଲେଖାଯାଇଛି।

ଉଲ୍ଲେଖଯୋଗ୍ୟ, କଟକ ମହାନଗର ନିଗମ ୱାର୍ଡ ନଂ. ୨୬ ଅନ୍ତର୍ଗତ ଝୋଲାସାହି ନିକଟ ମୁକୁଳା ଡ୍ରେନ୍‌ରେ ଗତ ୧୫ ତାରିଖରେ କଟକ ବୁଲିବାକୁ ଆସିଥିବା ରାଜସ୍ଥାନର ବାସିନ୍ଦା ରାହୁଲ ଖଟିକ୍(୨୧)ଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ଜାନୁୟାରୀରେ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ୯ ବର୍ଷର ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଗତ ମେ’ ୩୦ ତାରିଖରେ କେଶରପୁର-ଗହ୍ମାଡିଆ ଅଞ୍ଚଳରେ ବକ୍ସଡ୍ରେନ କାମ ଚାଲୁଥିବାବେଳେ ଲୁହା ପାଇପ୍ ତଳେ ଚାପି ହୋଇ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା।



ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

## ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ ମୋକିମ

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ବାରପଥର ଅଞ୍ଚଳର ମୃତକ ପି. ନରସିଂହାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ମୃତକଙ୍କ କୁନି ଝିଅର ପାଠପଢ଼ା ଦାୟିତ୍ୱ ନେବା ସହ ତାଙ୍କ ସ୍ତ୍ରୀଙ୍କୁ ଏକ ନିଯୁକ୍ତି ଦେବା ନିମନ୍ତେ ମୋକିମ କହିଛନ୍ତି। ଏଥିସହ ସେ ଉକ୍ତ ପରିବାରକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି।

## ମୁକୁଳା ଡ୍ରେନ୍ ପାର୍ଶ୍ୱରେ ବାଉଁଶ ବ୍ୟାରିକେଡ୍

ଗତ ୫ ଦିନ ମଧ୍ୟରେ ମୁକୁଳା ଡ୍ରେନ୍‌ରେ ପଡ଼ି ଦୁଇ ଜଣଙ୍କ ଜୀବନହାନି ଘଟିବା ପରେ ସିଏମ୍‌ସି କର୍ତ୍ତୃପକ୍ଷଙ୍କର ଚେତା ପଶିଛି। ମୁକୁଳା ଡ୍ରେନ୍‌ଗୁଡ଼ିକ ପାର୍ଶ୍ୱରେ ବାଉଁଶ ଦ୍ୱାରା ବ୍ୟାରିକେଡ୍ କାର୍ଯ୍ୟ ଆରମ୍ଭ ହୋଇଛି। ଗୁରୁବାର ବିଭିନ୍ନ ସ୍ଥାନରେ ଏଭଳି ବ୍ୟାରିକେଡ୍ କରାଯାଇଥିବାବେଳେ ତାହା ଧର୍ମକୁ ଆଖିଠାର ସଦୃଶ ବୋଲି ଲୋକେ କହିଛନ୍ତି। ବ୍ୟାରିକେଡ୍‌ରେ ଏତେ ଫାଙ୍କ ଅଛି ଯେ, ଅତି ସହଜରେ ଡ୍ରେନ୍ ମଧ୍ୟକୁ ଖସି ପଡ଼ିବାକୁ ଅଟକାଇ ପାରିହେବ ନାହିଁ ବୋଲି ମତପ୍ରକାଶ ପାଇଛି। ଏ ନେଇ ମେୟର ସୁବାସ ସିଂ କହିଛନ୍ତି, ସହରର ଯେତେ ମୁକୁଳା ଡ୍ରେନ୍ ରହିଛି, ସବୁଥିରେ ଏହି ବ୍ୟାରିକେଡ୍ କରାଯିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।

# ପଦ ହରାଇଲେ ବଡ଼ଦୁନ୍ଧୁ ପଞ୍ଚାୟତ ସରପଞ୍ଚ

**୨ଟି ସ୍ଥାନରେ ଭୋଟର ତାଲିକାରେ ନାମ**

ରାଇରଙ୍ଗପୁର,୨୦।୭
(ମନୋରଞ୍ଜନ ତିରିଆ)



ସୁଖିମଣି ସୋରେନ୍

୨ଟି ସ୍ଥାନରେ ଭୋଟର ତାଲିକାରେ ନାମ ଥିବା କାରଣରୁ ମୟୂରଭଞ୍ଜ ଜିଲା ଜାମଦା ବ୍ଲକ ବଡ଼ଦୁନ୍ଧୁ ପଞ୍ଚାୟତର ସରପଞ୍ଚ ସୁଖିମଣି ସୋରେନ୍ ପଦ ହରାଇଛନ୍ତି। ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ସ୍ଥାନରେ ଥିବା ପ୍ରାର୍ଥିନୀ ସୁମିତ୍ରା ହେମ୍ବ୍ରମଙ୍କୁ ସରପଞ୍ଚ ରୂପେ ନିର୍ବାଚିତ ଘୋଷଣା କରାଯାଇଛି। ରାଇରଙ୍ଗପୁର ସିଭିଲ୍ ଜଜ୍ ଜୁନିୟର ଡିଭିଜନ ଅଦାଲତର ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି ଏହି ଆଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବଡ଼ଦୁନ୍ଧୁ ପଞ୍ଚାୟତର ସରପଞ୍ଚ ଭାବେ ସୁଖିମଣି ନିର୍ବାଚିତ ହୋଇଥିଲେ। ମାତ୍ର ତାଙ୍କର ଜାମଦା ବ୍ଲକ ତାଳଗାଁ ପଞ୍ଚାୟତର କାଣ୍ଡସୋର ଏବଂ ବଡ଼ଦୁନ୍ଧୁ ପଞ୍ଚାୟତର ସାନଦୁନ୍ଧୁ ଗ୍ରାମର ଦୁଇଟି ସ୍ଥାନରେ ଭୋଟର ପରିଚୟ ପତ୍ର ରହିଥିଲା। ଏ ସମ୍ପର୍କରେ ବଡ଼ଦୁନ୍ଧୁ ପଞ୍ଚାୟତର ସରପଞ୍ଚ ରୂପେ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ସ୍ଥାନରେ ଥିବା ସୁମିତ୍ରା ରାଇରଙ୍ଗପୁର ସିଭିଲ୍ ଜଜ୍ ଜୁନିୟର ଡିଭିଜନଙ୍କ ଅଦାଲତରେ ମୋକଦ୍ଦମା ଦାଏର କରିଥିଲେ। ସୁମିତ୍ରାଙ୍କ ପକ୍ଷରୁ ଓକିଲ ପ୍ରଦୀପ କୁମାର ଦାସ ଏବଂ ସୁଖିମଣିଙ୍କ ପକ୍ଷରୁ ପ୍ରଭାସ କୁମାର କବି ଓ ଅର୍ଚ୍ଚନା ଦତ୍ତ ମାମଲା ପରିଚାଳନା କରୁଥିଲେ।

# ସଂଘବଦ୍ଧ ଭାବେ ଯୁବକଙ୍କୁ ପିଟି ହତ୍ୟା

## ରାତିସାରା କ୍ଲବ୍ ଘରେ ବାନ୍ଧି ନିର୍ଯାତନା

ଯୋଡ଼ା, ୨୦।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ ସିଲଯୋଡ଼ା ନିକଟସ୍ଥ କୁଦୁର ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଚୋରି ଘଟଣାକୁ ନେଇ ଗ୍ରାମର କିଛି ଲୋକ ସଂଘବଦ୍ଧ ଭାବେ ଜଣଙ୍କୁ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ଟେଙ୍କେ ଓରଫ ମକୁରୁ ହେସା(୩୫)। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଥିବା ବେଳେ ପୋଲିସ କେତେଜଣ ଲୋକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନା ମୁତାବକ, ଗ୍ରାମରେ ପୂର୍ବରୁ ଘଟିଥିବା ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ନେଇ ମକୁରୁ ଗ୍ରାମର କେତେଜଣ ଲୋକଙ୍କ ନାମ ପ୍ରକାଶ କରିଥିଲେ। ଏ ନେଇ ଉକ୍ତ ଲୋକଙ୍କ ସହ ତାଙ୍କ ବଚସା ଓ ମାରପିଟ୍ ହୋଇଥିଲା। ନିର୍ଦ୍ଦିଷ୍ଟ ଲୋକେ ଆକ୍ରୋଶ ମୂଳକ ଭାବେ ମକୁରୁଙ୍କୁ ବୁଧବାର ରାତିରେ ଗ୍ରାମର କ୍ଲବ ଘରେ ବାନ୍ଧି ରଖି ରାତିସାରା ମାଡ଼ ମାରିଥିଲେ। ଗୁରୁବାର ସକାଳେ ମଧ୍ୟ ପୁନଃ ତାଙ୍କୁ ପିଟିଥିଲେ। ଅସହ୍ୟ ଯନ୍ତ୍ରଣାରେ ମକୁରୁଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏ ନେଇ ବାମେବାରୀ ଥାନାରେ ଏକ ମାମଲା (ନଂ ୧୨୨/୨୩) ରୁଜୁ ହୋଇଛି। ଆକ୍ରୋଶମୂଳକ ଭାବେ କିଛି ଲୋକ ଏହି ଘଟଣା ଭିଆଇଛନ୍ତି। ଘଟଣାରେ ସମ୍ପୃକ୍ତ ଏକାଧିକ ଲୋକଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଶନିଦୃଷ୍ଟ ଚନ୍ଦ୍ର ଓ ମଙ୍ଗଳ ଯୋଗୁ ନିଜର ଅନ୍ୟମନସ୍କତା ଓ ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତି ଉପୁଜିପାରେ। ସାମାନ୍ୟ ବିଳମ୍ବିତ ସମୟାନ୍ତରରେ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ବ୍ୟବସାୟିକ ଦିଗଟି ବେଶ୍ ଭଲ ରହିବ, କିନ୍ତୁ କଠିନ ଶ୍ରମ କରିବାକୁ ପଡ଼ିପାରେ। ସ୍ଥଗିତ କାମ ପାଇଁ ପଦାଧିକାରୀ କୈଫିୟତ୍ ମାଗିପାରନ୍ତି।

**ବୃଷ** – ଶୁକ୍ରଙ୍କ ପ୍ରତି ଶନିଙ୍କ ପ୍ରତ୍ୟକ୍ଷଦୃଷ୍ଟିଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯାଇପାରେ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ମୂଲ୍ୟବାନ୍ ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ। ପାରିବାରିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ହରାଇ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**ମିଥୁନ** – ମୁଖଭାବରେ ରବି ଓ ବୁଧ ରହିଥିବାରୁ ନିଜ ଜିହ୍ୱାକୁ ନିୟନ୍ତ୍ରଣ ମଧ୍ୟରେ ନ ରଖିଲେ କଳହ ଅବଶ୍ୟମ୍ଭାବୀ। ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ନିଜର ଫାଇଦା ହାସଲ ପାଇଁ ନିକଟ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ବନ୍ଧୁଙ୍କ ପ୍ରାୟୋଜିତ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ** – ବ୍ୟୟାଧିପ ରାଶିସ୍ଥ ଯୋଗୁ ଆଜି ପାଇବେ ଯେତିକି ତା’ଠାରୁ ଅଧିକ କିଛି ହରାଇବାକୁ ପଡ଼ିପାରେ। କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ଆଜିର ସକାଳୁଆ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରର ଆର୍ଥିକ ଅବନତିର ସମୀକ୍ଷାକରି ଚିନ୍ତିତ ରହିପାରନ୍ତି।

**ସିଂହ** – ଭାଗ୍ୟାଧିପ କର୍ମାଧିପ ଯୁକ୍ତଜନିତ ସୁଚିନ୍ତିତ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ତତ୍ପର ହେବେ। ଉଦ୍ଦେଶ୍ୟ ପ୍ରଣୋଦିତ ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝିପାରିବେନି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। ଉପରିସ୍ଥଙ୍କ ଅଦେଶାନୁସାରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା** – ସପ୍ତମାଧିପତି ଦୁଃସ୍ଥାନରେ ଥିବାରୁ ଆଜିର ଯାତ୍ରାରେ ପ୍ରତିବନ୍ଧକ ଦେଖାଦେଇପାରେ। ଭାଇଙ୍କ ସମସ୍ୟାର ସମାଧାନ ପାଇଁ ଚିନ୍ତାଜନକ ସ୍ଥିତି ଉପୁଜିବ। ବ୍ୟବସାୟ କ୍ଷେତ୍ରରେ ଲାଭ କିଛି କମ୍ ନ ହେଲେ ମଧ୍ୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ହୋଇପାରେ। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟିବା ସକାଶେ ଚେଷ୍ଟାକଲେ ଅବଶ୍ୟ ଉପକୃତ ହେବେ।

**ତୁଳା** – ଶନିଙ୍କ କୋଣଭାବ ମଣ୍ଡନ ହେତୁ ଆଜି ଆପଣଙ୍କ ସକାଶେ କୌଣସି କାମ ଅସାଧ୍ୟ ରହିବ ନାହିଁ। ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ନିକଟରେ ରହୁଥିବା ବ୍ୟକ୍ତିମାନେ ଶତ୍ରୁତା ଆଚରଣ କରିପାରନ୍ତି।

**ବିଛା** – ଅଷ୍ଟମାଧିପତି କର୍ମସ୍ଥ ଯୋଗୁ ମନକୁ ପାଇଲା ଭଳି କାମ ନ ହେଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି। ଅସାବଧାନତାରୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ।

**ଧନୁ** – ତୃତୀୟସ୍ଥ ଶନିଙ୍କ ଯୋଗୁ ଧୈର୍ଯ୍ୟ ଧରିପାରିଲେ ଉପକୃତ ହେବେ। ପୂର୍ବରାଗ ଶୁଝାବାକୁ ଯାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ବନ୍ଧୁମାନଙ୍କ ସହ ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** – ଯେତେ ଉପାୟ ଅବଲମ୍ବନକଲେ ସୁଦ୍ଧା କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିବ ହିଁ ବଢ଼ିବ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଗୁରୁଚଣ୍ଡାଳ ଯୋଗ ପ୍ରଭାବରୁ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଗୃହସୀମା, ଜମିଜମାରେ ସମସ୍ୟାମୁକ୍ତ ରହିବେ।

**କୁମ୍ଭ** – ପାରିବାରିକ କ୍ଷେତ୍ର ବିବାଦ ବହୁଳ ହେବା କାରଣରୁ ମାନସିକ ସ୍ଥିରତା ରକ୍ଷା କରିବା କଷ୍ଟକର ହେବ। ପୁରାତନ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଯୋଗାଯୋଗକଲେ ଉପକୃତ ହେବେ। ଷଷ୍ଠସ୍ଥ ବୁଧଙ୍କ ଯୋଗୁ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ତର୍କର ସମ୍ଭାବନା ରହିଛି।

**ମୀନ** – ବୁଧାଦିତ୍ୟ ଯୋଗରୁ ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ସୁଚିନ୍ତିତ ନିଷ୍ପତ୍ତିକୁ ଅନ୍ୟମାନେ ସ୍ୱାଗତ କରିବେ। ସାମାନ୍ୟ ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ କର୍ମକ୍ଷେତ୍ରରେ ଉପକୃତ ହେବେ। ଅଂଶୀଦାର ବ୍ୟବସାୟୀଙ୍କ ସହ ମାନମନାନ୍ତର ଦେଖା ଦେଇପାରେ। ପରିବାରର ଆବଶ୍ୟକତା ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

ଆଜି ଶ୍ରାବଣ (ମଳ)ଶୁକ୍ଳପକ୍ଷ ଚତୁର୍ଥୀ ଶୁକ୍ରବାର, ଜୁଲାଇ ୨୧ ତାରିଖ। ଦିବା ଘ. ୧୦।୦୫ ଗତେ ମଘା/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫।୨୨ ଗତେ, ଘ.୦୬।୧୪ ମଧ୍ୟେ, ଘ.୦୭।୦୬ ଗତେ, ଘ.୦୮।୩୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୫ ଗତେ, ଘ.୧୧।୫୩ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ତୁମେ ନ ହେଲେ...

ଏଥିସହ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅନୁରୋଧ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ନରେନ୍ଦ୍ର ମୋଦି ସରକାର ଗଣତନ୍ତ୍ରକୁ ଭିଡ଼ତନ୍ତ୍ରରେ ପରିଣତ କରିଦେଇଛନ୍ତି। ମଣିପୁରରେ ମାନବିକତାର ମୃତ୍ୟୁ ଘଟିଛି। ସରକାରଙ୍କଠାରେ କାଣିଚାଏ ବି ଲଜ୍ଜା ରହିଥିଲେ ଜାତିଆଣ ହିଂସା ପ୍ରଭାବିତ ମଣିପୁରରେ କ’ଣ ଘଟିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାହା ପାର୍ଲାମେଣ୍ଟ ଓ ଦେଶକୁ ଜଣାନ୍ତୁ। ତାଙ୍କ ନୀରବତାକୁ ଭାରତ କେବେହେଲେ କ୍ଷମା କରିବ ନାହିଁ। ବିଦେଶ ଯିବା ପାଇଁ ମୋଦିଙ୍କ ସମୟ ଅଛି, କିନ୍ତୁ ମଣିପୁର ପାଇଁ ବେଳ ନାହିଁ। କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ମଧ୍ୟ ମଣିପୁର ସ୍ଥିତି ଉପରେ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଲୋକ ସଭାରେ ଦଳର ନେତା ଅଧୀର ରଞ୍ଜନ ଚୌଧରୀ କହିଛନ୍ତି। ଅନେକ ବିରୋଧୀ ଏମ୍‌ପି ହିଂସା ପ୍ରଭାବିତ ମଣିପୁର ସ୍ଥିତିକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କଠାରୁ ବିବୃତି ଦାବି କରିଛନ୍ତି। ଶିବସେନା (ୟୁବିଟି) ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ସାରା ଦେଶ ପାଇଁ ଏହା ଏକ ଲଜ୍ଜାକର ଘଟଣା। ଏହା ସମସ୍ତଙ୍କୁ ବିଚଳିତ କରିଦେଇଛି। ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟ ଜରିଆରେ ଦେଶବାସୀଙ୍କୁ ଏହାର ଜବାବ ଦିଅନ୍ତୁ। ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଏହା ଉପରେ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ନୀରବ ରହିଥିବା ସେ କହିଛନ୍ତି। ଏଏପିର ରାଘବ ଚଡ଼ା ମଣିପୁରବାସୀଙ୍କୁ ସମର୍ଥନ ଓ ସରକାରଙ୍କୁ ବିରୋଧ କରିବାକୁ ଯାଇ କଳା ପୋଷାକ ପିନ୍ଧି ପାର୍ଲାମେଣ୍ଟକୁ ଆସିଥିଲେ। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ମନୋଜ ଝା ରାଜ୍ୟ ସଭାରେ ଅନ୍ୟ ସମସ୍ତ ଗୃହକାର୍ଯ୍ୟ ବନ୍ଦକରି ମଣିପୁର ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ରାଜ୍ୟ ସଭାରେ ଗୃହର ନେତା ତଥା କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ୍ କହିଛନ୍ତି, ସରକାର ମଣିପୁର ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ। କିନ୍ତୁ ବିରୋଧୀ ସଦସ୍ୟମାନେ ପାର୍ଲାମେଣ୍ଟ ଚଳାଇ ନ ଦେବା ପାଇଁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି।

ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧିବେଶନ ଆରମ୍ଭ ପୂର୍ବରୁ ଏହି ଘଟଣା ଉପରେ ଦୁଃଖ ପ୍ରକାଶ କରିବା ସହ ସମସ୍ତ ରାଜ୍ୟରେ କଠୋର ଆଇନ ପ୍ରବର୍ତ୍ତନକାରୀ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମଣିପୁରର ଝିଅମାନଙ୍କ ସହ ଯାହା ଘଟିଛି, ତାକୁ କ୍ଷମା କରାଯାଇପାରିବ ନାହିଁ। ସେମାନଙ୍କୁ ଉଲଗ୍ନ ପରେଡ୍ କରାଇବା ଘଟଣା ୧୪୦ କୋଟି ଭାରତୀୟଙ୍କୁ ଲଜ୍ଜିତ କରିଛି। କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି। ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ କହିଛନ୍ତି, ଘୃଣ୍ୟକାର୍ଯ୍ୟରେ ଜଡ଼ିତ ସମସ୍ତ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ମୃତ୍ୟୁଦଣ୍ଡ ଦେବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି। ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଲାଗି କାହାକୁ ବି ଛଡ଼ାଯିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଇତିମଧ୍ୟରେ ଏହି କାଣ୍ଡର ମାଷ୍ଟରମାଇଣ୍ଡ ୩୨ ବର୍ଷୀୟ ହୁଇରେମ ହେରାଦାସ ସିଂ ଓ ଅନ୍ୟଜଣଙ୍କୁ ଗିରଫ କରାଯାଇଛି। ଘଟଣା ଦିନ ହୁଇରେମ ଏକ ସବୁଜ ଟି-ଶାର୍ଟ ପିନ୍ଧି ଜଣେ ବିବସ୍ତ୍ର ମହିଳାଙ୍କୁ ଟାଣି ନେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଉତ୍ୟକ୍ତ ଲୋକେ ହୁଇରେମଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି।

## ସୋସିଆଲ ମିଡିଆକୁ ଭିଡିଓ ହଟାଇବାକୁ କହିଲା କେନ୍ଦ୍ର

ଇମ୍ଫାଲ/ନୂଆଦିଲ୍ଲୀ,୨୦।୭

ମଣିପୁରର ସେନାପତି ଜିଲାରେ ମେ’ ୪ରେ ୨ ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବା ବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଉକ୍ତ ଭିଡିଓକୁ ନେଇ ତଦନ୍ତ ଜାରି ରହିଥିବାରୁ ଏହାକୁ ହଟାଇବା ପାଇଁ କେନ୍ଦ୍ର ସରକାର ଟୁଇଟର୍ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ମଧ୍ୟ ଟୁଇଟରକୁ ଭିଡିଓ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିଡିଓରେ ପୀଡ଼ିତାମାନଙ୍କ ପରିଚୟ ସ୍ପଷ୍ଟ ହେଉଛି, ଯାହାକି ଦଣ୍ଡନୀୟ ଅପରାଧ ବୋଲି ଏନ୍‌ସିଡବ୍ଲ୍ୟୁ ପକ୍ଷରୁ ଟୁଇଟ୍ କରାଯାଇଛି। ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ଶର୍ମା ଘଟଣାକୁ ନିଜ ଆଡୁ ସଜ୍ଞାନକୁ ନେଇ ରାଜ୍ୟ ପୋଲିସକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କୁ ଫୋନ୍ କରି ଏହା ଉପରେ ଆଲୋଚନା କରିଛନ୍ତି।

## ବିନା ଶୋଭାଯାତ୍ରାରେ...

ଆଲୋଚନା କରି ସ୍ଥିର କରିବେ। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବ। ଜିଲାପାଳ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ଭାମ୍ବୁ, ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ

ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ ମିଶ୍ର, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ସଦର ଏସ୍‌ଡିପିଓ ପ୍ରଦୀପ ସାହୁ, ଡିଏସ୍‌ପି ଡିଆଇବି ଜେମ୍‌ସ ସମଦଙ୍କ ସମେତ ମହରମ କମିଟି ସଦସ୍ୟ, ବିଭିନ୍ନ ଥାନା ଅଧିକାରୀ, ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ସହରରେ ୮ଟି ସ୍ଥାନରେ ମହରମ ଶୋଭାଯାତ୍ରା ହୋଇଥାଏ। ସବୁ ପଡ଼ାରୁ ଶୋଭାଯାତ୍ରା ବାହାରି ମୁଖ୍ୟ ଛକ ଗୋଳବଜାରରେ ଏକାଠି ହୋଇଥାନ୍ତି।

## ବନ୍ଦ ହେବ ଅଣ ବାସମତି...

ମେଟ୍ରିକ ଟନ (ଏଲ୍‌ଏମ୍‌ଟି) ହୋଇଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷର ସେପ୍ଟେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ୪୨.୧୨ ଏଲଏମ୍‌ଟି ରହିଥିଲା। ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍‌ରୁ ଜୁନ୍ ମଧ୍ୟରେ ଉକ୍ତ ଚାଉଳର ରପ୍ତାନି ପ୍ରାୟ ୧୫.୫୪ ଏଲ୍‌ଏମ୍‌ଟି ରହିଛି, ଯାହା ୨୦୨୨-୨୩ ଆର୍ଥିକ ବର୍ଷର ଏପ୍ରିଲ୍‌ରୁ ଜୁନ୍ ଅବଧି ତୁଳନାରେ ୩୫% ବୃଦ୍ଧି ସହ ୧୧.୫୫ ଏଲ୍‌ଏମ୍‌ଟିରେ ରହିଥିଲା।



ଅପରପକ୍ଷରେ ରପ୍ତାନିର ଏହି ଦ୍ରୁତ ଅଭିବୃଦ୍ଧି ଅନ୍ତର୍ଜାତୀୟ ବଜାରରେ ଦରବୃଦ୍ଧି, ଭୂ-ରାଜନୈତିକ ପରିସ୍ଥିତି, ଏଲ୍ ନିନ୍ୟୋ ପ୍ରଭାବ ଏବଂ ଅନ୍ୟ ଚାଉଳ ଉତ୍ପାଦନକାରୀ ଦେଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦାୟୀ କରାଯାଉଛି। ଉଲ୍ଲେଖଯୋଗ୍ୟ, ଅଣ-ବାସମତି ଧଳା ଚାଉଳ ଦେଶରୁ ରପ୍ତାନି ହୋଇଥିବା ମୋଟ ଚାଉଳର ପ୍ରାୟ ୨୫%।

**ପ୍ରମାଣ ଜାଲିଆତି ମାମଲାରେ ତିସ୍ତାଙ୍କ ଆବେଦନ ଖାରଜ**

ଅହମଦାବାଦ, ୨୦।୭ : ୨୦୦୨ ଗୁଜରାଟ ଦଙ୍ଗା ବେଳେ ପ୍ରମାଣ ଜାଲିଆତି ଅଭିଯୋଗରେ ସମ୍ପୃକ୍ତି ମାମଲାରୁ ମୁକ୍ତି ପାଇଁ ସାମାଜିକ କର୍ମୀ ତିସ୍ତା ସେତଲଭାଦ କରିଥିବା ଆବେଦନକୁ ଅହମଦାବାଦର ସେସନ୍ସ କୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଏବେ ତିସ୍ତାଙ୍କୁ ଏହି ମାମଲାରେ ବିଚାରର ସମ୍ମୁଖୀନ ହେବାକୁ ପଡ଼ିବ। ରୁଜୁ ହୋଇଥିବା ମାମଲା ସହ ଅପରାଧ ଅଭିଯୋଗରେ ତାଙ୍କ ସମ୍ପୃକ୍ତିର କୌଣସି ପ୍ରମାଣ ନାହିଁ ବୋଲି ତିସ୍ତା ଯୁକ୍ତି ବାଢ଼ିଥିବାବେଳେ କୋର୍ଟ ତାହାକୁ ଅଗ୍ରାହ୍ୟ କରିଦେଇଥିଲେ। ଜୁଲାଇ ୨୪ରୁ ଉକ୍ତ ମାମଲାର ଶୁଣାଣି ପୁଣି ଆରମ୍ଭ କରିବାକୁ କୋର୍ଟ ଉଭୟ ପକ୍ଷଙ୍କୁ କହିଥିଲେ।

# ରୁଙ୍ଗ୍‌ଟା ଷ୍ଟିଲ୍ ପ୍ଲାଣ୍ଟରେ ବିସ୍ଫୋରଣ

- ଇଞ୍ଜିନିୟର, ଠିକାସଂସ୍ଥା ମୁଖ୍ୟ ଆହତ
- ମଧ୍ୟାହ୍ନଭୋଜନ ଥିବାରୁ ବର୍ତ୍ତିଗଲେ ଶ୍ରମିକ
- ତଦନ୍ତ ଆରମ୍ଭ, କ୍ଷତିଗ୍ରସ୍ତ ଫର୍ନେସ୍ ୟୁନିଟ୍ ବନ୍ଦ

ଢେଙ୍କାନାଳ, ୨୦।୭(ରତନ ନାୟାର)

ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପ୍ଲାଣ୍ଟ ଦୁର୍ଘଟଣା ମନରୁ ନ ଲିଭୁଣୁ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖାଡ଼ବନ୍ଧସ୍ଥିତ ରୁଙ୍ଗ୍‌ଟା ମାଇନ୍ସ ଷ୍ଟିଲ୍ ପ୍ଲାଣ୍ଟରେ ଗୁରୁବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଇଞ୍ଜିନିୟର ଏବଂ ଏକ ଠିକାସଂସ୍ଥାର ମୁଖ୍ୟ ଆହତ ହୋଇଛନ୍ତି। ମଧ୍ୟାହ୍ନ ଭୋଜନ ସମୟ ଥିବାରୁ ବହୁ ଶ୍ରମିକ ବର୍ତ୍ତିଯାଇଛନ୍ତି। ଅଘଟଣ ପରେ ପ୍ରଶାସନ ଏବଂ ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର ବିଭାଗ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। କ୍ଷତିଗ୍ରସ୍ତ ହୋଇଥିବା ଫର୍ନେସକୁ ବନ୍ଦ କରିଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କାରଖାନାର ଏସ୍‌ଏମ୍‌ଏସ୍ ଫେଜ୍-୧ (ବି) ୪ ନମ୍ବର ଇଣ୍ଡକ୍ସନ ଫର୍ନେସ୍‌ର ଜିଏଲ୍‌ଡି ଟ୍ରିପ୍ ହୋଇ ହଠାତ୍ ବନ୍ଦ ହୋଇଯାଇଥିଲା। ଫଳରେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। କଏଲଗୁଡ଼ିକ ଲିକେଜ ହୋଇ ତରଳ ଲୁହା ବାହାରି ଆସିଥିଲା। ଯାନ୍ତ୍ରିକ ତ୍ରୁଟି ସମ୍ପର୍କରେ ପୂର୍ବରୁ ଆଭାସ ପାଇଥିବା ଇଞ୍ଜିନିୟରମାନେ ଏହାର ତଦାରଖ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଏଥିରେ ଫର୍ନସର ବ୍ୟାପକ କ୍ଷତି ହୋଇଥିବାବେଳେ ସେଠାରେ କାର୍ଯ୍ୟରତ ଇଞ୍ଜିନିୟର, ଠିକାସଂସ୍ଥା ମୁଖ୍ୟ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ମେଡିକାଲକୁ ପଠାଇ ଦିଆଯାଇଛି। ଅନ୍ୟପଟେ ବିସ୍ଫୋରଣ ପରେ କାରଖାନା କର୍ତ୍ତୃପକ୍ଷ ଏବଂ ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ତହସିଲଦାର ସୁଶାନ୍ତ ମିଶ୍ର ପ୍ରମୁଖ ପୋଲିସ ସହ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।



ବିସ୍ଫୋରଣ ସମୟରେ କମ୍ପାନୀ ପରିସରରେ ଧୂଆଁ ଉଠୁଛି।

ପ୍ଲାଣ୍ଟରେ କର୍ମଚାରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେବା ଲାଗି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ଅଜୟ କୁମାର ଦାସ କୁହନ୍ତି, ଏହି ଦୁର୍ଘଟଣାରେ ବିଶେଷ କ୍ଷତି ହୋଇନାହିଁ। ଫର୍ନେସକୁ ବନ୍ଦ କରିଦିଆଯାଇଛି। ଏସ୍‌ଏମ୍‌ଏସ୍ ଫେଜ୍-୧ (ବି)ରେ ୪ନଂ. ଇଣ୍ଡକ୍ସନ ଫର୍ନେସ ଚାଲୁଥିବା ବେଳେ ଏହି ଘଟଣା ଘଟିଛି। ଏହାର କାରଣ ଜାଣିବା ଲାଗି କମ୍ପାନୀର ଇଞ୍ଜିନିୟରମାନେ ଅନୁଧ୍ୟାନ କରୁଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୩ରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପରିସରରେ ଅନୁରୂପ ଦୁର୍ଘଟଣା ଘଟିଥିଲା। କାରଖାନାର ବ୍ଲାଷ୍ଟ ଫର୍ନେଶ ଷ୍ଟିମ୍ ଲାଇନ୍ ଫାଟି ଉତ୍ତପ୍ତ ବାଷ୍ପ ନିର୍ଗମନ ହେବାରୁ ୧୯ଜଣ ଆହତ ହୋଇଥିଲେ। ତନ୍ମଧ୍ୟରୁ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଥିଲା।

**ଯେଉଁଠି ଅଛ ପଳାଇଆସ...**

ଖାଡ଼ବନ୍ଧସ୍ଥିତ ରୁଙ୍ଗ୍‌ଟା ମାଇନ୍ସ ଷ୍ଟିଲ ପ୍ଲାଣ୍ଟରେ ବିସ୍ଫୋରଣ ପରେ କାରଖାନା ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମ ଥରି ଉଠିଥିଲା। ପ୍ରବଳ ଧୂଆଁ ଉପରକୁ ଉଠିଥିଲା। ଫଳରେ ପ୍ରଥମେ ବଡ଼ଧରଣର ଅଘଟଣ ଘଟିଥିବା ଆଶଙ୍କା କରାଯାଉଥିଲା। ଭୟଭୀତ ଶ୍ରମିକମାନେ ପ୍ରାଣ ବିକଳରେ ଏଣେତେଣେ ଦୌଡ଼ିବା ଆରମ୍ଭ କରିଥିଲେ। କେତେଜଣ ଶ୍ରମିକ ଭୟରେ ଆମ ଲୋକମାନେ କୁଆଡ଼େ ଗଲେ ବୋଲି ପାଟି କରିଥିଲେ। ଅନ୍ୟ କେତେଜଣ ଯେଉଁଠି ଅଛ ପଳେଇଆସ ବୋଲି ଚିତ୍କାର କରୁଥିବା ଦେଖିବାକୁ ମିଳିଥିଲା। ବିସ୍ଫୋରଣ ଶବ୍ଦରେ ଆଖପାଖ ଗ୍ରାମବାସୀ ଭୟଭୀତ ହୋଇ ଘରୁ ପଦାକୁ ବାହାରି ଆସିଥିଲେ।

# ବାୟାପଡ଼ା ଘାଟିରେ ଭୂସ୍ଖଳନ

ବାଲିମେଳା, ୨୦।୭(ଶିବଦତ୍ତ ସାହୁ)/କୁଡୁମୁଲୁଗୁମ୍ମା (ସୁଜିତ ପଟ୍ଟନାୟକ)/କୋରୁକୋଣ୍ଡା(ଅବିନାଶ ବେହେରା)

**ନାକାମାମୁଡ଼ି ପଞ୍ଚାୟତ**

- ୧୮ରୁ ଊର୍ଦ୍ଧ୍ୱ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ

ମାଲକାନଗିରି ଜିଲାରେ ଗତ ୩ ଦିନ ଧରି ଲଗାଣ ବର୍ଷା ଜାରି ରହିଛି । ଫଳରେ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ନଦୀ ନାଳ ସମେତ ଚାଷ ଜମିଗୁଡ଼ିକରେ ବର୍ଷା ଜଳ ପ୍ରବାହିତ ହେଉଛି। ଆଉ କେତେକ ଅଞ୍ଚଳ ବର୍ଷା ଯୋଗୁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛି। ଫଳରେ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରକାଶ ଯେ, ଗୁରୁବାର ସକାଳେ ପ୍ରବଳ ବର୍ଷା ହେବା ଯୋଗୁ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡ଼ି ପଞ୍ଚାୟତ ବାୟାପଡା ଘାଟି ରାସ୍ତାରେ ଭୂସ୍ଖଳନ ହୋଇଛି। ରାସ୍ତା ପାର୍ଶ୍ୱରେ ଥିବା ପାହାଡ଼ରୁ ମାଟି ଅତଡ଼ା ଖସି ଉକ୍ତ ଘାଟି ରାସ୍ତା ଉପରେ ମାଟି ଓ ପଥର ଜମା ହାଇଯାଇଛି । ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଆଣ୍ଠୁଏ ଲେଖାଏ କାଦୁଅ ହୋଇଯାଇଛି । ଫଳରେ ୧୮ରୁ ଊର୍ଦ୍ଧ୍ୱ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ସେଗୁଡ଼ିକ ହେଲା ବାୟାପଡ଼ା, ସୁରିପଡା, ଦାମୋଦର ବେଡା ନରିଙ୍ଗି ଖୋଲା, ଅମଲି ବେଡା, ବଡାଖିଆ ଗୁଡା, ଟିକରପଡା, ଅଙ୍ଗୁର ଗୁଡା, ଘିସିଂ ବେଡା ଓ ଜଲାଗୁଡା ଆଦି ଗାଁ ରହିଛି। ବାୟାପଡା ଘାଟି ଉପର ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟ ଲାଗି ଉକ୍ତ ରାସ୍ତା ଦେଇ ଯାତାୟାତ କରିଥାନ୍ତି । ଗ୍ରାମବାସୀଙ୍କ ଯାତାୟାତର ସୁବିଧା ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରାୟ ୨ ବର୍ଷ ପୂର୍ବେ ଉକ୍ତ ଘାଟିରେ ଥିବା ପାହାଡ କଟାଯାଇ ଏକ ନୂତନ ରାସ୍ତା ତିଆରି କରାଯାଇଥିଲା। ତେବେ ଭୂସ୍ଖଳନ ହେବା ଯୋଗୁ ରାସ୍ତା ପାର୍ଶ୍ୱରେ ଥିବା ପାହାଡ଼ରୁ ମାଟି ଓ ପଥର ଧସି ଆସି ଏହି ରାସ୍ତା ଉପରେ ଜମା ହୋଇ ରହିଛି। ଫଳରେ ସେଠାରେ ଥିବା ୧୮ରୁ ୨୦ ଗାଁକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ସପ୍ତାହର ଗୁରୁବାର ଦିନ କୁଡୁମୁଲୁଗୁମ୍ମାରେ ସାପ୍ତାହିକ ହାଟ ବସେ। ତେବେ ବାୟାପଡା ଗ୍ରାମ ସମେତ ଘାଟି ଉପର ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଏହି ହାଟକୁ ଜିନିଷପତ୍ର କିଣା ବିକା ପାଇଁ ଆସିଥାନ୍ତି। ଖାଲି ଏତିକି ନୁହେଁ ଅଧିକାଂଶ ଲୋକ ବ୍ୟାଙ୍କ, ଲ୍ୟାମ୍ପସ୍, ମେଡିକାଲ ଓ ଅନ୍ୟାନ୍ୟ କାର୍ଯ୍ୟ ନେଇ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆସିଥାନ୍ତି। ଘାଟିରେ ହୋଇଥିବା ଭୂସ୍ଖଳନ ଯୋଗୁ ହାଟକୁ ଓ ସଦରକୁମ୍ମାକୁ ଆସୁଥିବା ଘାଟି ଉପରେ ରହୁଥିବା ଲୋକମାନେ ରାସ୍ତାର ଦୁରବସ୍ଥା ଦେଖି ଭୟରେ ସେମାନଙ୍କ ଘରକୁ ଫେରିଥିଲେ। ଏ ସମ୍ପର୍କରେ ପ୍ରଶାସନ ସୂଚନା ପାଇବା ପରେ ସଙ୍ଗେ ସଙ୍ଗେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କେତେକ ଅଧିକାରୀ ଓ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ଉକ୍ତ ରାସ୍ତାରେ ଜମା ହୋଇଥିବା ମାଟି ଓ ପଥରକୁ ସଫା କରାଯାଉଥିବା ଜଣାପଡ଼ିଛି ।



ଘାଟି ରାସ୍ତାରେ ହୋଇଥିବା ଭୂସ୍ଖଳନ ।

# କେନ୍ଦ୍ର ସଂରକ୍ଷିତ ଐତିହ୍ୟ ସ୍ଥଳରୁ ୨ ବର୍ଷରେ ୧୫ କୋଟି ରାଜସ୍ୱ

ଭୁବନେଶ୍ୱର,୨୦।୭(ଅନିଲ ଦାସ)

କେନ୍ଦ୍ର ସଂରକ୍ଷଣ ତାଲିକାରେ ଓଡ଼ିଶାର ୮୦ଟି ଐତିହ୍ୟ ସ୍ଥଳ ରହିଛି । ସେହିସବୁ ଐତିହ୍ୟ ସ୍ଥଳଗୁଡ଼ିକରୁ ଗତ ୨ ବର୍ଷରେ ୧୪.୯୦ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ୨୦୨୧-୨୨ରେ ୩.୩୪ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ୧୧.୫୬ କୋଟି ଟଙ୍କା ଆଦାୟ କରାଯାଇଛି। ସେହି ରାଜସ୍ୱ ଭାରତ ସରକାରଙ୍କ କନ୍‌ସୋଲିଡେଟେଡ ଫଣ୍ଡରେ ଡିପୋଜିଟ କରାଯାଇଛି । ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ସୁଲତା ଦେଓ ଏବଂ ପ୍ରଶାନ୍ତ ନନ୍ଦଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷାନ ରେଡ୍ଡୀ ଗୁରୁବାର ରାଜ୍ୟ ସଭାରେ ଏହି ସୂଚନା ଦେଇଛନ୍ତି। ସେହିପରି ଶାସ୍ତ୍ରୀୟ ସଙ୍ଗୀତକୁ ସଂରକ୍ଷିତ ରଖିବା ପାଇଁ ନୂଆଦିଲ୍ଲୀରେ ସେଣ୍ଟ୍ରାଲ ମ୍ୟୁଜିକ ଲାଇବ୍ରେରି ସ୍ଥାପନ କରିବା ନେଇ କେନ୍ଦ୍ର ସରକାରଙ୍କ ଯୋଜନା ଅଛି କି ବୋଲି ଅନ୍ୟ ଏକ ପ୍ରଶ୍ନରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ନୂଆଦିଲ୍ଲୀରେ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ସଙ୍ଗୀତ ନାଟକ ଏକାଡେମୀ ଏକ ସ୍ୱୟଂଶାସିତ ସଂସ୍ଥା। ଏହା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତଗୁଡ଼ିକୁ ସଂରକ୍ଷଣ ଓ ପ୍ରୋତ୍ସାହନ ଦେଇ ଆସୁଛି। ସଙ୍ଗୀତ ନାଟକ ଏକାଡେମୀ ଲୋକସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତଗୁଡ଼ିକୁ ସଂରକ୍ଷିତ କରିବା ସହିତ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦମାନଙ୍କର ଅଡିଓ ଭିଜୁଆଲଗୁଡ଼ିକୁ ରଖିବା ପାଇଁ ଅଡିଓ ଭିଜୁଆଲ ଲାଇବ୍ରେରି ସ୍ଥାପନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଆଜି +୨ ସ୍ପଟ୍ ଆଡ୍‌ମିଶନ ଆବେଦନ

ଭୁବନେଶ୍ୱର,୨୦।୭(ଅନୁରାଧା ମହାରଣା) - ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଚାଲିଛି। ୨୭ ତାରିଖରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିପାଇଁ ଶୁକ୍ରବାର ଆବେଦନ କରିବାକୁ ପଡ଼ିବ। ଯେଉଁ ଆବେଦନକାରୀମାନେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ନାମଲେଖାଇବା ପାଇଁ ମନୋନୀତ ହୋଇନାହାନ୍ତି କିମ୍ବା ପୂର୍ବରୁ ନାମ ଲେଖାଇଥିବା କଲେଜ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ସେମାନେ ରାତି ୧୧ଟା ୪୫ ମଧ୍ୟରେ ଆବେଦନ କରିପାରିବେ। ବଳକା ଥିବା ସିଟ୍ ଓ ମାର୍କ ଅଧାରରେ ସ୍ପଟ୍ ଆଡମିଶନ ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ଆଡମିଶନ ପାଇଁ ମନୋନୀତ ଛାତ୍ରୀଛାତ୍ର ୨୭ ତାରିଖରେ ଇଣ୍ଟିମେଶନ ଲେଟର ଡାଉନଲୋଡ୍ କରିପାରିବେ। ତେବେ ପୂର୍ବରୁ ନାମଲେଖା ପାଇଁ ଆବେଦନ କରି ନ ଥିଲେ ସ୍ପଟ୍ ଆଡମିଶନ ପାଇଁ ଆବେଦନ କରିପାରିବେ ନାହିଁ।

# ଟୁରିଷ୍ଟ ବସ୍ ଓଲଟି ୩୦ ଆହତ, ୬ ଗୁରୁତର

ଭଣ୍ଡାରିପୋଖରୀ (ରବିନାରାୟଣ ଖିଲାର)/ ଭଦ୍ରକ(ସନାତନ ରାଉତ), ୨୦।୭

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଛଟାବର ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଏକ ଟୁରିଷ୍ଟ ବସ୍ ଓଲଟି ୩୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ଗୁରୁତର ଅଛନ୍ତି। ଆହତମାନଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁତରମାନଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ସୁପ୍ରିମ୍ ନାମକ ଏକ ଟୁରିଷ୍ଟ ବସ୍ ବୁଧବାର ପଶ୍ଚିମବଙ୍ଗ ଚବିଶପ୍ରଗଣାରୁ ୬୨ଜଣ ଯାତ୍ରୀଙ୍କୁ ନେଇ ଓଡ଼ିଶାର ବାଲେଶ୍ୱର, ଭୁବନେଶ୍ୱର, ପୁରୀ ଆଦି ବିଭିନ୍ନ ତୀର୍ଥସ୍ଥାନ ବୁଲିବା ପାଇଁ ବାହାରିଥିଲା। ଗୁରୁବାର ସକାଳେ ବାଲେଶ୍ୱରର ପଞ୍ଚଲିଙ୍ଗେଶ୍ୱର ଦର୍ଶନ ସାରି ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ପୁରୀ ଓ ନନ୍ଦନକାନନ ଅଭିମୁଖେ ଗାଡ଼ିଟି ଯାଉଥିଲା। ଦ୍ରୁତଗତିରେ ଯାଉଥିବା ବେଳେ ଉକ୍ତ ପେଟ୍ରୋଲ ପମ୍ପ ନିକଟରେ ଏକ କାର୍‌କୁ ଅତିକ୍ରମ କରିବା ସମୟରେ ଭାରସାମ୍ୟ ହରାଇ ନୟନଯୋରିକୁ ଓଲଟି ପଡ଼ିଥିଲା। ଆହତଙ୍କ ମଧ୍ୟରେ ଛୋଟ ପିଲା ଓ ମହିଳା ଅଛନ୍ତି। ପୋଲିସ, ଦମକଳ ବାହିନୀ ଓ ସ୍ଥାନୀୟ ଲୋକେ ପହଞ୍ଚି ଯାତ୍ରୀମାନଙ୍କୁ ବସ୍ ଭିତରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମେଡିକାଲକୁ ପଠାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ୧୨ଜଣ ଆହତ ଆସିଥିଲେ। ସମସ୍ତ ଯାତ୍ରୀ ବିପଦମୁକ୍ତ ଥିବା ଜଣାଯାଇଛି। ସମସ୍ତ ତୀର୍ଥଯାତ୍ରୀ ହୁଗୁଳି ଓ ମୁଗୁରା ଅଞ୍ଚଳର ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଫେରାର ଥିବା ଭଣ୍ଡାରିପୋଖରୀ ଥାନାଧିକାରୀ ତପନ ପ୍ରଧାନ କହିଛନ୍ତି।

- ଦ୍ରୁତଗତିରେ କାର୍‌କୁ ଅତିକ୍ରମ ବେଳେ ଦୁର୍ଘଟଣା
- ବସ୍ ଡ୍ରାଇଭର ଫେରାର



ଛଟାବର ପେଟ୍ରୋଲ ପମ୍ପ ନିକଟରେ ବସ୍ ଓଲଟି ପଡ଼ିଛି।

# ୩୭ ହଜାରରୁ ଅଧିକ ବର୍ଷାଜଳ ଅମଳ ପ୍ରକଳ୍ପର ହେବ ରକ୍ଷଣାବେକ୍ଷଣ

ଭୁବନେଶ୍ୱର, ୨୦।୭(ସୁନିତ୍ ମିଶ୍ର)

- ସବୁ ଜିଲାସ୍ତରୀୟ ଅଧିକାରୀଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗର ଚିଠି

ରାଜ୍ୟର ୧୧୧ ପୌରସଂସ୍ଥାରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନା ଅଧୀନରେ ପ୍ରତିଷ୍ଠା ହୋଇଥିବା ୩୭ ହଜାରରୁ ଅଧିକ ବର୍ଷାଜଳ ଅମଳ ପ୍ରକଳ୍ପର ରକ୍ଷଣା ବେକ୍ଷଣ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସବୁ ଜିଲାପାଳ, ମହାନଗର ନିଗମ କମିଶନର ଓ ପୌରସଂସ୍ଥାର କାର୍ଯ୍ୟ ନିର୍ବାହୀମାନଙ୍କୁ କୁହାଯାଇଛି। ରାଜ୍ୟ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୨୦୨୧ ଓ ୨୦୨୨ରେ ରାଜ୍ୟର ୧୧୧ଟି ପୌରସଂସ୍ଥାରେ ମୁକ୍ତା ଯୋଜନାରେ ୩୭,୨୪୨ଟି ବର୍ଷା ଜଳ ଅମଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। କ୍ୟାଚ୍ ଦି ରେନ୍ ଅଭିଯାନରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପଗୁଡ଼ିକର ରକ୍ଷଣା ବେକ୍ଷଣ କରାଯିବ। ବର୍ଷାଜଳ ଅମଳ ଜରିଆରେ ଭୂତଳ ଜଳ ରିଚାର୍ଜ ପାଇଁ ଏହି ପ୍ରକଳ୍ପ ବେଶ୍ ଉପଯୋଗୀ ହୋଇଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ପାଇଁ ବିଭାଗ ଯୋଜନା ପ୍ରସ୍ତୁତ କରିଛି। ଅତି କମ୍‌ରେ ୩୭ ହଜାର ପ୍ରକଳ୍ପର ରକ୍ଷଣାବେକ୍ଷଣ କରାଯିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟରେ ମିଶନ ଶକ୍ତି ଗୋଷ୍ଠୀ, ବସ୍ତି ବିକାଶ ସଙ୍ଗଠନକୁ ନିୟୋଜିତ କରିବାକୁ ମୁକ୍ତାର ରାଜ୍ୟ ନୋଡାଲ ଅଧିକାରୀ ତଥା ସୁଡାର ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ସମସ୍ତ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ଓ ୱାଟ୍‌କୋ ପକ୍ଷରୁ ମଧ୍ୟ ମିଶନ ଶକ୍ତି ଗୋଷ୍ଠୀକୁ ଏଥିପାଇଁ ନିୟୋଜିତ କରିପାରିବେ। ଏ ସଂକ୍ରାନ୍ତରେ ବିଭାଗ ସହିତ ସମନ୍ୱୟ ରକ୍ଷାକରିବେ ବୋଲି କୁହାଯାଇଛି। ପୌରସଂସ୍ଥା, ଜନସ୍ୱାସ୍ଥ୍ୟ, ୱାଟ୍‌କୋର ଯନ୍ତ୍ରୀଙ୍କ ସମେତ ମୁକ୍ତା ଟିମ୍ ଏହି ରକ୍ଷଣାବେକ୍ଷଣ କାର୍ଯ୍ୟର ତଦାରଖ କରିବେ। ରକ୍ଷଣା ବେକ୍ଷଣ କାର୍ଯ୍ୟରେ ନିୟୋଜିତ ମିଶନ ଶକ୍ତି ଓ ଅନ୍ୟ ସଂସ୍ଥାଗୁଡ଼ିକୁ ସେମାନଙ୍କର ପାଉଣା ୭ଦିନ ମଧ୍ୟରେ ପ୍ରଦାନ କରିବାକୁ ପଣ୍ଡା କହିଛନ୍ତି। ରକ୍ଷଣା ବେକ୍ଷଣ କାର୍ଯ୍ୟ କିଭଳି ହେବ ତାହାର ସମ୍ପୃକ୍ତ ସୂଚନା ସଂଗ୍ରହ ପାଇଁ ଏକ ଫର୍ମାଟ ପ୍ରସ୍ତୁତ ହେବ ଏବଂ କ୍ଷେତ୍ରସ୍ତରରୁ ଏହି ଫର୍ମାଟରେ ତଥ୍ୟ ସଂଗ୍ରହ କରାଯିବ। ବର୍ଷାଜଳ ଅମଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଅର୍ଥ ପୌରସଂସ୍ଥାକୁ ଯୋଗାଇ ଥିବା ଅର୍ଥ କମିଶନଙ୍କ ଅନୁଦାନ ପାଣ୍ଠିରୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।


**TP SOUTHERN ODISHA DISTRIBUTION LIMITED** | **TPSODL**
(Procurement Department)

Call Center /Training Center,
Duduma Colony, Ambagada, Berhampur, Odisha-760006

**NOTICE INVITING TENDER** Dt.: 21.07.2023

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for calibration of various testing equipment. | TPSODL/OT/ 2023-24/034 | 0.50 Lacs | 5,000 | 29.07.2023; 18:00 Hrs. |
| 2 | Rate Contract for Construction of 11KV UG Line and LT OH Line & Installation of S/S for Eco-Retreat event at Pati-Sonepur Beach. | TPSODL/OT/ 2023-24/028 | 02 Lacs | 5,000 | 29.07.2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com



**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

**SHORT TENDER CALL NOTICE**
**FOR MULTIPLE WORKS AT NLUO CUTTACK**

Sealed tender documents in prescribed format are invited for the following.
1. Supply of Furniture & Fixtures for the New Library at NLUO, Cuttack. Last date & time of receipt is **31.07.2023**.
2. Supply & Execution of works at NLUO, Cuttack up to **27.07.2023**
For details please visit website: www.nluo.ac.in.

Sd/- Registrar



**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-2395391, Fax No.: 0674-2395291, Website : www.oscsc.in

Tender No. 10694/P-II/96/2023/PDS Dt.20.07.2023

Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of handling & transport contractors for handling and transportation of Custom Milled Rice (CMR) from source districts to recipient districts through Rake in the State of Odisha. |
| 2 | Availability of bid document in the portal | From 22.07.2023 |
| 3 | Last Date / Time for receipt of bids in the portal | Dt. 05.08.2023 up to 5.00 PM. |
| 4 | Date/Time of Opening of Technical Bid | Dt. 07.08.2023 at 11.00 AM |
| 5 | Name and address of the Officer Inviting Tender | Managing Director, **OSCSC Ltd., C/2, Nayapalli, Bhubaneswar.** |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corrigendum / cancellation / retenders etc. if any shall be published only in above websites.

By order of Managing Director
Sd./- General Manager (PDS)



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଚନ୍ଦ୍ରଶେଖରପୁର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଚନ୍ଦ୍ରଶେଖରପୁର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ଚନ୍ଦ୍ରଶେଖରପୁର ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ସ୍ୱରାଜ ମେଡିସିନ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ କନ୍ୟାଶ୍ରୀ ଷଡଙ୍ଗୀ,** ସା: ପ୍ଲଟ୍ ନଂ.: ସି/୧୬, ବିଡିଏ ଡୁପ୍ଲେକ୍ସ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ସୁଲୋଚନା ବିଶ୍ୱାଳ,** ମାର୍ଫତ୍: ଶ୍ରୀ ସନ୍ତୋଷ ବିଶ୍ୱାଳ, ସା: ବଡ଼ଗୋରଡ଼ା, ପୋ: କେଶରପୁର, ଥାନା: ଶରଣକୁଳ, ଜିଲ୍ଲା: ନୟାଗଡ଼, ପିନ୍-୭୫୨୦୧୯, **୨) ଶ୍ରୀ ମନୋଜ କୁମାର ଷଡଙ୍ଗୀ,** ସା: ପ୍ଲଟ୍ ନଂ.: ୩୧୪, ଜଗନ୍ନାଥ ବିହାର, ବାରାଦେବୀ ମନ୍ଦିର ନିକଟ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩ | ୨୭.୧୨.୨୦୨୨ ସୁଦ୍ଧା ଟ.୫୭,୭୮,୨୨୭.୨୭ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୨.୨୦୨୩ / ୧୪.୦୭.୨୦୨୩ | ଶ୍ରୀମତୀ ସୁଲୋଚନା ବିଶ୍ୱାଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୪୫/୩୨୭୦ (ସବ୍ ପ୍ଲଟ୍ ନଂ.: ୪/ଏ ଭାବେ ଚିହ୍ନଟ), ମୌଜା: ମଳିପଡା, ଖାତା ନଂ.: ୩୬୫/୨୧୫୩, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ଏଡିଏସ୍‌ଆର୍: ଖଣ୍ଡଗିରି ଏବଂ ଜିଲ୍ଲା: ଖୋର୍ଦ୍ଧା, ଖୋଲା ଜମିର କ୍ଷେତ୍ର: ଏକର୦.୦୫୫.୫ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୩ ଏବଂ ୨୫୪, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୪/ବି ଏବଂ ବିକ୍ରେତାଙ୍କ ଦ୍ୱାରା ଛଡାଯାଇଥିବା ରାସ୍ତା ଅର୍ଥାତ୍ ସବ୍ ପ୍ଲଟ୍ ନଂ.: ୪/ସି ଏବଂ ସବ୍ ପ୍ଲଟ ନଂ.: ୫, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୪ ଏବଂ ୨୫୫, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୦ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୦.୦୭.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No.: C/71, Sector-7, CDA, Cuttack-753014
FORM NO. ITCP-16
**NOTICE FOR ATTACHMENT OF IMMOVABLE PROPERTY**
(See Rule 48 of the Second Schedule as referred to in section 29 of Recovery of Debts due to Banks and Financial Institutions Act, 1993)
**R.P No. 152/2018/CTC** Next Date: 25.08.2023
**(Arising out of OA No.439 of 2015)**

**Axis Bank Limited SME Centre, A/69, Mallick Commercial Complex, Gr.Floor, Kharvel Nagar, Bhubaneswar, Dist: Khurda, PIN - 751001** ...Certificate Holder Bank

Vs.

**Shri Manoranjan Patnaik & others** ...Certificate Debtors

To
1. **Shri Manoranjan Patnaik,** S/o.: Debraj Patnaik, 2/4th Floor, Gagan Awas Apartment, Gajapati Nagar, Bhubaneswar, Dist.: Khurda, PIN - 751015.
2. **Smt. Sujata Patnaik,** W/o.: Manoranjan Patnaik, 2/4th Floor, Gagan Awas Apartment, Gajapati Nagar, Bhubaneswar, Dist.: Khurda, PIN - 751015.
3. **M/s. Arcon Builders Pvt.Ltd.,** At: Plot No.: 392/1772, Patia Square, Nandankanan Road, Bhubaneswar, Dist: Khurda, PIN - 751024.

WHERE as you, **Shri Manoranjan Patnaik,** S/o.: Debraj Patnaik, 2/4th Floor, Gagan Awas Apartment, Gajapati Nagar, Bhubaneswar, Dist.: Khurda, PIN - 751015 and others have failed to pay the sum of **Rs. 25,38,162.00 (Rupees Twenty Five Lakh Thirty Eight Thousand One Hundred Sixty Two Only)** with interest @ 12% per annum with quarterly rests on the amount due w.e.f. the date of filing till realization of the entire dues payable by you in respect of the demand notice issued by the undersigned as per certificate dt. 11.07.2018 arising out of OA No. 439 of 2015 issued by the Presiding Officer, Debts Recovery Tribunal, Cuttack under sub section (22) of the Section 19 of the Recovery of Debts due to Banks and Financial Institutions Act, 1993.

It is ordered that the under mentioned schedule properties are attached and you the said you, **Shri Manoranjan Patnaik,** S/o.: Debraj Patnaik, 2/4th Floor, Gagan Awas Apartment, Gajapati Nagar, Bhubaneswar, Dist.: Khurda, PIN - 751015 and you are hereby prohibited and restrained until the further order of the undersigned from transferring or charging the under mentioned property in any way and that all persons be and that they are, hereby, prohibited from taking any benefit under such transfer of charge.

**Schedule of Mortgaged Property:**

Flat No.: 307, 3rd Floor, ARCON RETREAT, Mouza: Patia, Plot No.: 392/1772, SRO: Khandagiri, P.S.: Infocity, Tahasil: Bhubaneswar, Dist: Khurda, PIN - 751024.

Given under my hand & seal at Cuttack on this **19th day of June, 2023.**

Sd/- (Prabhupada Dash)
Recovery Officer

Copy to Sub Registrar, Khandagiri, Dist: Khurda for information and necessary action

ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ– ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମାଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ– ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା। **–ଶ୍ରୀଅରବିନ୍ଦ**

# ନାଟୋ, ଜେଲେନ୍‌ସ୍କି ଓ ପୁଟିନ



**କୌଶିକ ବସୁ**

ଲିଥୁଆନିଆର ଭିଲ୍‌ନ୍ୟୁସ୍‌ରେ ଅନୁଷ୍ଠିତ ମିଳିତ ବାର୍ଷିକ ସମ୍ମିଳନୀ ଅବସରରେ ନାଟୋରେ ଯୋଗଦେବାକୁ ନିମନ୍ତ୍ରଣ ପାଇବାରେ ୟୁକ୍ରେନ୍ ବିଫଳହେବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସମେତ ଅନେକଙ୍କୁ ନିରାଶ କରିଛି। ଯଦିଓ ଶିଖର ସମ୍ମିଳନୀର ସମାପନ ଘୋଷଣାପତ୍ର ୟୁକ୍ରେନ୍ ଯୋଗଦାନ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ପ୍ରଦାନକରି ନ ଥିଲା ତଥାପି ତାହା ଏକତା ଏବଂ ରଣନୀତିକ ଦୂରଦୃଷ୍ଟି ପ୍ରତିପାଦିତ କରିଛି, ଯାହା ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ହୋଇଥିଲେ ଅସମ୍ଭବ ହୋଇଥାନ୍ତା। ଏହା ନିଶ୍ଚିତ, ନାଟୋ ସହଯୋଗୀମାନଙ୍କ ସହମତି ଏବଂ ଆବଶ୍ୟକ ସର୍ତ୍ତ ପୂରଣ ହୋଇ ବି ୟୁକ୍ରେନ୍‌କୁ ସରକାରୀ ଭାବେ ନିମନ୍ତ୍ରଣ ଦେବାରେ ନାଟୋ ନେତାଙ୍କ ପ୍ରତିଜ୍ଞା କିଛି ମାତ୍ରାରେ ଅସ୍ପଷ୍ଟ ରହିଗଲା। ଏଭଳି ଅସ୍ପଷ୍ଟତାକୁ ନେଇ ଜେଲେନ୍‌ସ୍କି କ୍ରୋଧିତ ହୋଇ ପାଶ୍ଚାତ୍ୟ ଭୂମିକାକୁ ଅପ୍ରତ୍ୟାଶିତ ଓ ନିରର୍ଥକ ବୋଲି ସମାଲୋଚନା କରିଥିଲେ। କିନ୍ତୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଉଚିତ ମତ ଦେଇଛନ୍ତି ଯେ, ୟୁକ୍ରେନ୍‌କୁ ନାଟୋରେ ଯୋଗଦେବାକୁ ଅନୁମତି ଦେବା ପୂର୍ବରୁ ଯୁଦ୍ଧ ଶେଷ ହେବା ଦରକାର।

ପ୍ରକୃତରେ ନାଟୋ ହେଉଛି ଏକ ପ୍ରତିରକ୍ଷା ସହଯୋଗୀ ଗୋଷ୍ଠୀ। ଏଣୁ ଯଦି ଜଣେ ସଦସ୍ୟ ଯୁଦ୍ଧରେ ରହନ୍ତି ତେବେ ସମସ୍ତେ ସେଥିରେ ଅଛନ୍ତି ବୋଲି ବୁଝିବାକୁ ହେବ। ନାଟୋ–ରୁଷିଆ ମଧ୍ୟରେ ଛାୟାଯୁଦ୍ଧର ବିପଦକୁ ଦେଖିଲେ କେବଳ ଆଣବିକ ଯୁଦ୍ଧ ଆଶଙ୍କା ଦେଖାଯାଇଛି ତାହା ନୁହେଁ, ବରଂ ବାଇଡେନ୍ ଏବଂ ନାଟୋର ସତର୍କତା କିଛିଟା ଆଶ୍ୱସ୍ତ କରୁଛି। ଜାରି ରହିଥିବା ବିବାଦ ପରିପ୍ରେକ୍ଷୀରେ ୟୁକ୍ରେନ୍‌କୁ ନେଇ ପାଶ୍ଚାତ୍ୟର ରଣନୀତିରେ ପୁନଃ ମୂଲ୍ୟାୟନକୁ ଅଣଦେଖା କରାଯାଉଛି। ୧୯୬୨ କ୍ୟୁବା ମିଶାଇଲ ସଙ୍କଟ (ଯାହା ମୁଁ ଅନ୍ୟତ୍ର ଲେଖିଛି) ଦର୍ଶାଏ ଯେ ଯୁଦ୍ଧ ସମୟରେ ବିଧ୍ୱଂସକ କ୍ଷମତା ଭଳି ରଣନୀତିକ ଯୋଜନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସଙ୍କଟ ଦୂରକରିବାରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜନ୍ ଏଫ୍. କେନେଡି ସଫଳ ହୋଇଥିଲେ। ଏହା ଆମେରିକାର ଅର୍ଥନୀତିଜ୍ଞ ଥୋମାସ ସ୍କେଲିଂଙ୍କ ସମେତ ଅନେକଙ୍କ ଗୁରୁତ୍ୱପୂର୍ଣ୍ଣ ରଣନୀତି ଯୋଗୁ ସମ୍ଭବ ହୋଇଥିଲା।

ଦୁର୍ଭାଗ୍ୟବଶତଃ, ୟୁକ୍ରେନ୍ ଯୁଦ୍ଧ ସମ୍ପର୍କିତ ବିତର୍କ ପ୍ରାୟତଃ ସଂଘର୍ଷର ରଣନୀତିକ ଜଟିଳତାକୁ ବୁଝିବାରେ ବିଫଳ ହୋଇଛି। ୟୁକ୍ରେନୀୟମାନେ ଏକ ପାରମ୍ପରିକ ଯୁଦ୍ଧରେ ବିଜୟୀ ହୋଇପାରନ୍ତି ବୋଲି କେତେଜଣ ପାଶ୍ଚାତ୍ୟ ସମୀକ୍ଷକ ପୂର୍ବାନୁମାନ କରିଛନ୍ତି। ଏଭଳି ଏକ ସମ୍ଭାବନା ପ୍ରକାଶ ପାଇଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବୃହତ୍ ଆଣବିକ ଅସ୍ତ୍ରଶସ୍ତ୍ର ବ୍ୟବହାର ଆଶଙ୍କାକୁ ବହୁ ସମୟରେ କମ୍ ଗୁରୁତ୍ୱ ଦିଆଯାଇଆସୁଛି। ଅବଶ୍ୟ, ଆଣବିକ ଆକ୍ରମଣ କରିବା ଅର୍ଥ ନାଟୋ ସହ ମୁହାଁମୁହିଁ ଯୁଦ୍ଧ ଆରମ୍ଭ କରିବା। ତେବେ ଯୁଦ୍ଧରେ ପୁଟିନ୍ ପରାଜୟ ହେଲେ ତାହା ତାଙ୍କ ପାଇଁ ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିବ। କିନ୍ତୁ ଏହା ସ୍ପଷ୍ଟ ଯେ, ପାରମ୍ପରିକ ଯୁଦ୍ଧରେ ୟୁକ୍ରେନ୍‌ର ବିଜୟ ସମ୍ଭବ ନୁହେଁ। ଏହା ସମ୍ଭବ ହେବା ପୂର୍ବରୁ ପୁଟିନ୍ ତାଙ୍କ ପାଖରେ ଥିବା ବିକଳ୍ପ ଆଣବିକ ଆକ୍ରମଣକୁ ବ୍ୟବହାର କରିବେ। ସେଥିପାଇଁ ପୁଟିନ୍‌ଙ୍କୁ ପରାସ୍ତ କରିବାର ଚାବି ଯୁଦ୍ଧ କ୍ଷେତ୍ରରେ ନାହିଁ ବରଂ ତାଙ୍କୁ ଗାଦିରୁ ହଟାଇବା ପାଇଁ ରୁଷୀୟମାନଙ୍କ ସଶକ୍ତୀକରଣ କଲେ ତାହା ହୋଇପାରିବ। କିନ୍ତୁ ତାହା କରିବା ପାଇଁ ଗଣତାନ୍ତ୍ରିକ ଦେଶଗୁଡ଼ିକର ଗଣମାଧ୍ୟମଗୁଡ଼ିକ ପ୍ରଥମେ ରୁଷିଆର ନାଗରିକ ଏବଂ କ୍ରେମଲିନ୍ ମଧ୍ୟରେ ଥିବା ଅନ୍ତରକୁ ଅନୁଧ୍ୟାନକରି ସାମ୍ନାକୁ ଆଣିବାକୁ ହେବ।



ବ୍ରିଟେନ୍‌ର ରୟାଲ ୟୁନାଇଟେଡ୍ ସର୍ଭିସେସ୍ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଏକ ରିପୋର୍ଟ ପ୍ରକାଶ ପାଇଛି। ଏହା ଅନୁଯାୟୀ, ୟୁକ୍ରେନ୍ ଆକ୍ରମଣର ନକ୍ସା ପ୍ରତିରକ୍ଷା ମନ୍ତ୍ରୀ ସରୋଜ ଶୋଏଗୁ ଏବଂ ଜେନେରାଲ ଷ୍ଟାଫ୍ ଭାଲେରି ଜେରାସିମୋଭ ଭଳି ପୁଟିନ୍‌ଙ୍କ ଅତି ନିକଟତର ସଦସ୍ୟଙ୍କ ଦ୍ୱାରା କରାଯାଇଥିଲା। ଐତିହାସିକ ଆମି ନାଇଟ ରୁଷିଆର ନ୍ୟୁଜ ସାଇଟ୍ ମେଡୁଜା ଦ୍ୱାରା କରାଯାଇଥିବା ଏକ ନିରପେକ୍ଷ ସର୍ଭେକୁ ଦର୍ଶାଇ ଉଲ୍ଲେଖ କରିଛନ୍ତି ଯେ, ଅଧିକାଂଶ ରୁଷୀୟ ଯୁଦ୍ଧ ଶେଷ ହେବାକୁ ଚାହୁଁଛନ୍ତି। ପାଶ୍ଚାତ୍ୟ କୂଟନୀତିଜ୍ଞମାନେ ଧ୍ୟାନଦେବା ଉଚିତ ଯେ ଯୁଦ୍ଧ ପାଇଁ ରୁଷିଆର ଜନସାଧାରଣ ଦାୟୀ ନୁହନ୍ତି। ଏହାସହ ପୁଟିନ୍‌ଙ୍କ ପତନ ତାଙ୍କ ଯୋଗୁ ନୁହେଁ ଓ ଏହା ପଛରେ ଆଉ କେହି ଅଛନ୍ତି ବୋଲି ରୁଷୀୟମାନଙ୍କୁ ବୁଝାଇବାକୁ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଗମ୍ଭୀର ଭାବେ ବିଚାର କରିବା ଉଚିତ।

ଏକଛତ୍ରବାଦୀମାନେ ଜନ ଅସନ୍ତୋଷକୁ ଅଟକାଉଥିବାରୁ ସେମାନେ ବାସ୍ତବରେ ଯାହା ସାଧାରଣରେ ତା'ଠାରୁ ଅଧିକ ଲୋକପ୍ରିୟ ସାବ୍ୟସ୍ତ ହୋଇଥାନ୍ତି। ଇଥିଓପିଆର ସମ୍ରାଟ ହେଲି ସେଲାସି ଏହାର ଏକ ଦୃଷ୍ଟାନ୍ତ। ୪ ଦଶନ୍ଧି ଶାସନ କାଳରେ ସେଲାସିଙ୍କୁ ତାଙ୍କ ବିଶ୍ୱସ୍ତ ସମର୍ଥକମାନେ ଘେରି ରହିଥିଲେ ଏବଂ ସେଥିପାଇଁ ସେ ବହୁତ ଲୋକପ୍ରିୟ ମନେ ହେଉଥିଲେ। କିନ୍ତୁ ପୋଲାଣ୍ଡର ସାମ୍ବାଦିକ ରିସର୍ଡ କାପୁସାଇନସ୍କି ୧୯୭୮ରେ ତାଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକରେ ସେଲାସିଙ୍କ ପତନ ବିଷୟରେ ଚମତ୍କାର ଭାବେ ଉଲ୍ଲେଖ କରିଥିଲେ। ସେ ଦର୍ଶାଇଥିଲେ ଯେ, ସେଲାସିଙ୍କ ଦରବାରୀ ବିଶ୍ୱସ୍ତତା ଏକ ଦୁର୍ଭିକ୍ଷ ପରେ ବଦଳିଗଲା ଏବଂ ଅତ୍ୟଧିକ ମୁଦ୍ରାସ୍ଫୀତି ଯୋଗୁ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇଲେ ଏବଂ ତାଙ୍କ ଶାସନକୁ ଦୁର୍ବଳ କରିଦେଲେ। ୧୯୭୪ ମସିହାରେ ସେନା ସେଠାରେ କ୍ଷମତା ଦଖଲକଲା ଓ ସମ୍ରାଟଙ୍କ ସାମ୍ରାଜ୍ୟ ହାତରୁ ଚାଲିଗଲା। ସେହିଭଳି, ରୁଷୀୟମାନେ ପୁଟିନ୍‌ଙ୍କୁ ଘେରି ରହିଥିବା ଛୋଟ ଗୋଷ୍ଠୀ ବିରୋଧରେ ଆନ୍ଦୋଳନ କରିପାରିଥାଆନ୍ତେ, ଯେଉଁମାନେ ସେମାନଙ୍କୁ ଅତ୍ୟାଚାର କରିଛନ୍ତି, ସେମାନଙ୍କୁ ଏକ ଅବାଞ୍ଛିତ ଯୁଦ୍ଧ ଆଡ଼କୁ ଟାଣି ନେଇଛନ୍ତି ଏବଂ ସେମାନଙ୍କ ଅର୍ଥନୀତିକୁ ନଷ୍ଟ କରିଛନ୍ତି। ନିଃସନ୍ଦେହ ଯେ, ଏହି ପ୍ରକାର ଏକ ରାଜନୈତିକ ଆନ୍ଦୋଳନ ପାଇଁ ରଣନୀତିକ ଯୋଜନା ଆବଶ୍ୟକ। ମନେରଖିବାକୁ ହେବ ଯେ, କେବଳ ପୁଟିନ୍‌ଙ୍କ ପତନ ୟୁକ୍ରେନ୍ ଏବଂ ରୁଷିଆକୁ ଏକଛତ୍ରବାଦର ଶିକୁଳିରୁ ମୁକ୍ତ କରିପାରିବ।

ଏହା ନିଶ୍ଚିତ ଯେ, ପୁଟିନ୍‌ଙ୍କ ଶାସନ ଅପେକ୍ଷାକୃତ ସ୍ଥିର ଥିବା ଜଣାପଡୁଛି। ଦେଖିବାକୁ ଗଲେ ୱାଗନର ଗୋଷ୍ଠୀର ନେତା ୟେଗ୍‌ନେଭ ପ୍ରିଗୋଝିନ୍‌ଙ୍କ ବିଦ୍ରୋହ ପୁଟିନ୍‌ଙ୍କ ଶାସନ ପ୍ରତି ବଡ଼ ଆହ୍ୱାନ ଥିଲେ ମଧ୍ୟ ତାଙ୍କୁ ତଡ଼ିବା ଲାଗି ଚାହିଁ ନ ଥିଲା। ତେବେ ପୁରାତନ ସୋଭଏଟ୍ ଯୁଗର ଏକ ପରିହାସାତ୍ମକ କାହାଣୀ ଏକଛତ୍ରବାଦର ବିକୃତ ପ୍ରଭାବର ବାସ୍ତବତାକୁ ବର୍ଣ୍ଣନା କରେ। ଜୋସେଫ୍ ଷ୍ଟାଲିନ୍ ମସ୍କୋ ସ୍କୁଲ ପରିଦର୍ଶନ କରି ଜଣେ ଛାତ୍ରଙ୍କୁ ପଚାରିଲେ, ''ସିଜରଙ୍କୁ କିଏ ହତ୍ୟା କଲା ?'' ପିଲାଟି ସଙ୍ଗେ ସଙ୍ଗେ କାନ୍ଦିବାକୁ ଲାଗିଲା ଏବଂ ଚିତ୍କାର କରି କହିଲା, ''ମୁଁ ଶପଥ କରୁଛି, ମୁଁ ଏହା କରି ନାହିଁ।'' ଷ୍ଟାଲିନ ଶ୍ରେଣୀଗୃହରୁ ବାହାରି ଆସି ଶିକ୍ଷକଙ୍କଠାରୁ ସ୍ପଷ୍ଟୀକରଣ ମାଗିଥିଲେ। ଭୟରେ ଥରୁଥିବା ଶିକ୍ଷକ ଛାତ୍ରଙ୍କୁ ରକ୍ଷାକରି ସୋଭଏଟ୍ ଏକଛତ୍ରବାଦୀ ଶାସକଙ୍କୁ କହିଥିଲେ, ମୁଁ ତାକୁ ବହୁ ଦିନରୁ ଜାଣିଛି ଏବଂ ମୁଁ ଆପଣଙ୍କୁ ନିଶ୍ଚିତ କରିପାରେ ଯେ ସେ ସିଜରଙ୍କୁ ହତ୍ୟା କରିନାହିଁ। ଏଥିରେ ରାଗିଯାଇ ଷ୍ଟାଲିନ୍ ସ୍କୁଲ ପ୍ରିନ୍ସିପାଲଙ୍କୁ ଡକାଇଛନ୍ତି। ସେ ଘଟଣାର ଅନୁସନ୍ଧାନ କରିବାକୁ ପ୍ରତିଶ୍ରୁତି ଦେବା ସହ ବାଳକଟିକୁ ନିର୍ଦ୍ଦୋଷତାକୁ ନିଶ୍ଚିତ କରି ତା' ପରଦିନ ଫେରି ଆସିଛନ୍ତି। ପରେ ଷ୍ଟାଲିନ୍ ଏନ୍‌କେଭିଡିର ମୁଖ୍ୟଙ୍କୁ ଡାକି ଏହି ଘଟଣାରେ ନିଜର କ୍ରୋଧ ପ୍ରକାଶ କରି ସମ୍ପୂର୍ଣ୍ଣ ତଦନ୍ତ ଦାବି କରିଛନ୍ତି। ପରେ ସିକ୍ରେଟ୍–ପୋଲିସ ମୁଖ୍ୟ ତାଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ସେ ଏହାର ତୃଣମୂଳ ସ୍ତରକୁ ଯାଇ ପ୍ରକୃତ ରହସ୍ୟ ବାହାର କରିବେ। ବାସ୍ତବରେ ୨ ଦିନ ମଧ୍ୟରେ ସେ ଷ୍ଟାଲିନ୍‌ଙ୍କ ନିକଟରେ ରିପୋର୍ଟ ପହଞ୍ଚାଇ ଏହି ସମସ୍ୟାର ସମାଧାନ ହୋଇଯାଇଛି ବୋଲି ତାଙ୍କୁ ଅବଗତ କରିଛନ୍ତି। ପିଲାଟି ତା' ଦୋଷ ସ୍ୱୀକାର କରିଥିବା ବି ଦର୍ଶାଇଛନ୍ତି।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**

# ଚନ୍ଦ୍ର ଅଭିଯାନ



**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଏଥିରେ ସନ୍ଦେହ ନାହିଁ ଯେ, ଭାରତର ଚନ୍ଦ୍ରୟାନ–୩ର ଚନ୍ଦ୍ର ଅଭିଯାନ ମହାକାଶ ଗବେଷଣା କ୍ଷେତ୍ରରେ ଏକ ମାଇଲଷ୍ଟୋନ ଏବଂ ଦେଶ ପାଇଁ ଗୌରବର ମୁହୂର୍ତ୍ତ। କେବଳ ଏତିକି ନୁହେଁ, ଏହା ଦେଶର ବୈଷୟିକ ଜ୍ଞାନକୌଶଳ ଏବଂ ଶକ୍ତି ସାମର୍ଥ୍ୟକୁ ପ୍ରଦର୍ଶିତ କରୁଛି । ଜୁଲାଇ ୧୪ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ ଗବେଷଣା କେନ୍ଦ୍ରରୁ ଦେଶର ବାହୁବଳି ରକେଟ ଲଞ୍ଚର ଏଲଭିଏମ୍–୩ ସହାୟତାରେ ଚନ୍ଦ୍ରୟାନ–୩ ମହାକାଶକୁ ଉତ୍କ୍ଷେପଣ କରିଥିଲା। ମାତ୍ର ୧୬ ମିନିଟ୍ ପରେ ଏହାକୁ କକ୍ଷ୍ୟ ପଥରେ ଅବସ୍ଥାପିତ କରିପାରିଛି। ୨୦୦୩ରେ ଚନ୍ଦ୍ର ଅଭିଯାନ ପାଇଁ ନିଷ୍ପତ୍ତି ନିଆଯାଇ ଏହାର ୫ବର୍ଷ ପରେ ଅର୍ଥାତ୍ ୨୦୦୮ ଅକ୍ଟୋବରରେ ଭାରତ ଚନ୍ଦ୍ରୟାନ–୧ ପ୍ରେରଣ କରିଥିଲା। ଚନ୍ଦ୍ରୟାନ–୧ ଭାରତର ବୈଷୟିକ ଶକ୍ତିକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବାରେ ସମର୍ଥ ହୋଇଥିଲା। ଆମେରିକା, ତତ୍କାଳୀନ ସୋଭିଏଟ୍ ୟୁନିୟନ ୧୯୭୦ ଦଶକ ପୂର୍ବରୁ ଚନ୍ଦ୍ର ବିଜୟ କରିଥିବା ବେଳେ ଚନ୍ଦ୍ରପୃଷ୍ଠରେ 'ଜଳ' ଥିବା ଆବିଷ୍କାର କରିପାରି ନ ଥିଲେ। ଭାରତର ଚନ୍ଦ୍ରୟାନ–୧ ପ୍ରଥମ ଥର ପାଇଁ ଏବଂ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରପୃଷ୍ଠରେ ଜଳ ଥିବାର ସନ୍ଦେଶ ଦେଇଥିଲା ; ଯାହାକୁ କି ଆମେରିକା, ରୁଷ ଆଦି ରାଷ୍ଟ୍ର ସହ ବିଶ୍ୱର ମହାକାଶ ବିଜ୍ଞାନୀମାନେ ଗ୍ରହଣ କରିଛନ୍ତି। ଦୁର୍ଭାଗ୍ୟବଶତଃ ଭାରତର ଚନ୍ଦ୍ରୟାନ–୨ ବିଫଳ ହୋଇଥିଲା। ଚନ୍ଦ୍ରୟାନ–୨ରେ ଯାଇଥିବା ଲ୍ୟାଣ୍ଡର 'ବିକ୍ରମ' ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ବିଫଳ ହୋଇଥିଲା। ଚନ୍ଦ୍ରପୃଷ୍ଠର ପ୍ରାୟ ୨୧ କିଲୋମିଟର ଉଚ୍ଚତାରେ ଏହା ସହିତ ପୃଥିବୀ ନିୟନ୍ତ୍ରଣ କେନ୍ଦ୍ରର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ମାତ୍ର ୩ବର୍ଷର ବ୍ୟବଧାନରେ ଚନ୍ଦ୍ରୟାନ–୩ ଚନ୍ଦ୍ର ଅଭିଯାନ କରିଛି। ଚନ୍ଦ୍ରୟାନ–୩ର ଆଉ ଏକ ରେକର୍ଡ ହେଉଛି ଏହାର ସ୍ୱଳ୍ପ ବଜେଟ। ଚନ୍ଦ୍ରୟାନ–୩ ପାଇଁ ମାତ୍ର ୬୧୫ କୋଟି ଟଙ୍କା ବ୍ୟୟ ହୋଇଛି। ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ର ଏତେ କମ୍ ବ୍ୟୟରେ ଚନ୍ଦ୍ରପୃଷ୍ଠକୁ ମହାକାଶ ଯାନ ପଠାଇ ନାହାନ୍ତି। ଚନ୍ଦ୍ରୟାନ–୨ରେ ଦେଖାଯାଇଥିବା ତ୍ରୁଟିର ସୁଧାର କରି ଚନ୍ଦ୍ରୟାନ–୩କୁ ପ୍ରେରଣ କରାଯାଇଥିବା ଇସ୍ରୋର ଅଧ୍ୟକ୍ଷ ଏସ.ସୋମନାଥ କହିଛନ୍ତି। ଚନ୍ଦ୍ରୟାନ–୩ ଉତ୍କ୍ଷେପଣର ୪୦ଦିନ ପରେ ଅର୍ଥାତ୍ ଅଗଷ୍ଟ ୨୩ କିମ୍ବା ୨୪ ରେ ଏହା ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରିବା ଲକ୍ଷ୍ୟ ରହିଛି। ଚନ୍ଦ୍ରୟାନର ୩ଟି ଲକ୍ଷ୍ୟ ରହିଛି, ସେଗୁଡ଼ିକ ହେଉଛି ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ (ସଫ୍ଟ ଲ୍ୟାଣ୍ଡିଂ) କରିବା, ଚନ୍ଦ୍ରପୃଷ୍ଠରେ ରୋଭର କାର୍ଯ୍ୟକାରିତା ନିରୀକ୍ଷଣ କରିବା ଏବଂ ଚନ୍ଦ୍ରପୃଷ୍ଠର ଭାଗର ବିଶେଷତ୍ୱ ସମ୍ପର୍କରେ ଅଧିକ ଗବେଷଣା ଓ ରାସାୟନିକ ବିଶ୍ଳେଷଣ କରିବା। ତେବେ ଚନ୍ଦ୍ରୟାନ–୩ର ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହେଉଛି, ଏହା ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ, ଯାହା ଏବେ ବି ବିଶ୍ୱର ଦୃଷ୍ଟି ଆଢୁଆଳରେ ଅନ୍ଧାରରେ ରହିଛି। ଯଦି ସବୁକିଛି ଠିକ୍‌ଠାକ୍ ରହେ ଏବଂ ଦକ୍ଷିଣ ମେରୁରେ ଅବତରଣ କରେ, ତେବେ ଚନ୍ଦ୍ର ବିଜୟ ଅଭିଯାନରେ ଭାରତ ହେବ ବିଶ୍ୱର ଚତୁର୍ଥ ରାଷ୍ଟ୍ର। ପୂର୍ବରୁ ସୋଭିଏଟ୍ ୟୁନିୟନ ବା ବର୍ତ୍ତମାନ ରୁଷ, ଆମେରିକା ଓ ଚାଇନା ଚନ୍ଦ୍ରପୃଷ୍ଠରେ ଅବତରଣ କରିଛନ୍ତି। ଚନ୍ଦ୍ରୟାନ–୩ ଅଭିଯାନରେ ଓଡ଼ିଶାର ଅବଦାନ ମଧ୍ୟ କିଛି କମ୍ ନୁହେଁ। ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟରର (ସିଟିଟିସି) ୭୫ହଜାର ଉପକରଣ ଯୋଗାଇ ଦେଇଛି। ସିଟିଟିସିର ପ୍ରାୟ ୧୫୦ କର୍ମଚାରୀ ଓ ପ୍ରଶିକ୍ଷକ ଏହି ଯନ୍ତ୍ରାଂଶ ସବୁ ନିର୍ମାଣରେ ନିୟୋଜିତ ଥିଲେ।

ସ୍ମରଣଯୋଗ୍ୟ ଯେ, ୧୯୭୫ ଏପ୍ରିଲ ୧୯ରେ ଦେଶର ପ୍ରଥମ ମହାକାଶ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଦିନ ଭାରତ ଦେଶର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟ ମହାକାଶକୁ ପଠାଇଥିଲା ; ଯାହା ସଫଳତାର ସହ କାର୍ଯ୍ୟ କରିଥିଲା। ବର୍ତ୍ତମାନ ଭାରତ ମହାକାଶକୁ ୧୪୯ଟି କୃତ୍ରିମ ଉପଗ୍ରହ ପଠାଇ ସାରିଲାଣି। ନିକଟରେ ଭାରତ ଏକକାଳୀନ ୧୩୮ଟି ଉପଗ୍ରହ ଏକ ସଙ୍ଗେ ପଠାଇ ମହାକାଶ ଗବେଷଣା କ୍ଷେତ୍ରରେ ଏକ ବିରଳ ମାଇଲଖୁଣ୍ଟ ସ୍ଥାପନ କରିଛି। ଏସବୁ ଜଳବାୟୁ, ଶିକ୍ଷା, ଯୋଗାଯୋଗ, ପ୍ରତିରକ୍ଷା ଆଦି କ୍ଷେତ୍ରରେ କାର୍ଯ୍ୟ କରୁଛି। ପାଣିପାଗ, ବାତ୍ୟା, ବର୍ଷା, ବନ୍ୟା ସମ୍ପର୍କରେ ଆଗୁଆ ସୂଚନା ଦେଇ ମାନବ ସମାଜର ଅଶେଷ କଲ୍ୟାଣ ସାଧନ କରୁଛି। ଚନ୍ଦ୍ର ଅଭିଯାନରେ ଚନ୍ଦ୍ରୟାନ–୩ ସଫଳ ହୋଇ ଇତିହାସ ସୃଷ୍ଟି କରୁ, ବିଶ୍ୱର ବୃହତ୍‌ଶକ୍ତି ଭାବେ ପରିଚିତ ଆମେରିକା, ରୁଷ, ଚାଇନାର ସମକକ୍ଷ ହେବା ଆମ ସମସ୍ତଙ୍କର ଲକ୍ଷ୍ୟ।

**ସମ୍ମାନ ଭବନ, ଶିଶୁପାଳଗଡ଼**
**ମୋ: ୯୪୩୭୯୯୪୩୭୯**

## ଏଇ ଭାରତରେ

ଅସହାୟ ପିଲାଙ୍କ ଆଶାବାଡ଼ି ପୋର୍ତ୍ତିଆ ପୁଟାଟୁଣ୍ଡା। ସେ ତାଙ୍କ ପିତାଙ୍କ ସ୍ମୃତିରେ ଏକ ଆବାସିକ ସ୍କୁଲ ଖୋଲି ମାଗଣାରେ ପିଲାମାନଙ୍କୁ ପଢାଉଛନ୍ତି। ସେମାନଙ୍କୁ ଖାଦ୍ୟ, ଚିକିତ୍ସା, ପୋଷାକ ମାଗଣାରେ ଯୋଗାଉଛନ୍ତି। ପୋର୍ତ୍ତିକା ଭାରତର ସବୁଠୁ ଉଚ୍ଚ ଗାଁ କୋମିକରେ ଏହି ସ୍କୁଲ ଖୋଲିଛନ୍ତି। ସେ ପ୍ଲାନେଟ ସ୍ପିତି ଫାଉଣ୍ଡେଶନ ପ୍ରତିଷ୍ଠା କରି ତା' ମାଧ୍ୟମରେ ଉକ୍ତ ସ୍କୁଲ ପରିଚାଳନା କରୁଛନ୍ତି। ପୋର୍ତ୍ତିକା ସେହି ପିଲାମାନଙ୍କ ପାଇଁ ମା'ପାଲଟିଯାଇଛନ୍ତି। ସ୍କୁଲରେ ୮ରୁ ୧୦ ବର୍ଷ ବୟସର ପିଲା ରହୁଛନ୍ତି । ପିଲାମାନଙ୍କ ମଧ୍ୟରୁ ଅର୍ଦ୍ଧେକ ସେମାନଙ୍କ ମା' କିମ୍ବା ବାପାଙ୍କୁ ହରାଇଛନ୍ତି। ଆଉ ଯେଉଁମାନେ ରହିଲେ ଅଭିଭାବକ ସେମାନଙ୍କ ଯତ୍ନ ନେବାରେ ଅକ୍ଷମ। ଏହି ସ୍କୁଲରେ ପିଲାମାନଙ୍କ ପାଇଁ ଏକ ପାଠାଗାର ଓ ଖେଳିବାର ବ୍ୟବସ୍ଥା କରାଯାଇଛି। ପୋର୍ତ୍ତିକା ପେସାରେ ଜଣେ ସାମ୍ବାଦିକ। ସେ ସିଏନ୍‌ଏନ୍‌ରୁ ୨୦୨୦ରେ ଚାକିରି ଛାଡ଼ି ଏହି କାର୍ଯ୍ୟ କରୁଛନ୍ତି। ସାମ୍ବାଦିକ ଥିବାବେଳେ ସେ କୋମିକ୍‌କୁ ବହୁବାର ଯିବାର ସୁଯୋଗ ପାଇଥିଲେ ଓ ସେଠାରେ ପିଲାଙ୍କ ଦୁର୍ଦ୍ଦଶାକୁ ଦେଖିଥିଲେ। ଏଣୁ ତାଙ୍କ ପିତାଙ୍କ ମୃତ୍ୟୁ ପରେ ତାଙ୍କ ସ୍ମୃତିରେ ସେଠାରେ ଏହି ସ୍କୁଲ ଖୋଲିବାର ନିଷ୍ପତ୍ତି ନେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଜୁଲାଇ ୧୯୯୮**

- ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କଠାରୁ ମୌଖିକ ପ୍ରତିଶ୍ରୁତି ପାଇବା ପରେ ରାଜ୍ୟର ୩ଟି ଯାକ ମେଡିକାଲ କଲେଜର ଜୁନିଅର ଡାକ୍ତରଙ୍କ ଧର୍ମଘଟ ପ୍ରତ୍ୟାହୃତ।
- ରାଷ୍ଟ୍ରୀୟ ଜନତା ଦଳ ଓ ସମାଜବାଦୀ ପାର୍ଟି ଦ୍ୱାରା ନବଗଠିତ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ମୋର୍ଚ୍ଚାରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍ –ସୋରେନ)ର ଯୋଗଦାନ।
- ପାପୁଆ ନ୍ୟୁଗିନିର ଉତ୍ତର ଉପକୂଳରେ ସାମୁଦ୍ରିକ ଜୁଆର ମାଡ଼ି ଆସିଥିବା ଘଟଣାରେ ମୃତ୍ୟୁସଂଖ୍ୟା ୩୦୦୦କୁ ବୃଦ୍ଧି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 7 | 8 | | | | | |
| | 8 | 6 | 7 | | | 4 | 2 | |
| | | 4 | | | 9 | | 5 | |
| | | | 2 | 5 | | 9 | | 7 |
| | 7 | | | | | | 8 | |
| | | | 4 | | | 5 | | |
| | | | 9 | 2 | 8 | | 1 | |
| | | | | | | | | |
| | | 1 | | 6 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 2 | 1 | 7 | 3 | 4 | 6 | 8 |
| 8 | 1 | 7 | 6 | 4 | 2 | 5 | 3 | 9 |
| 4 | 6 | 3 | 9 | 8 | 5 | 7 | 2 | 1 |
| 3 | 4 | 8 | 7 | 9 | 1 | 6 | 5 | 2 |
| 9 | 5 | 6 | 3 | 2 | 4 | 1 | 8 | 7 |
| 2 | 7 | 1 | 8 | 5 | 6 | 3 | 9 | 4 |
| 6 | 3 | 4 | 2 | 1 | 8 | 9 | 7 | 5 |
| 7 | 8 | 5 | 4 | 6 | 9 | 2 | 1 | 3 |
| 1 | 2 | 9 | 5 | 3 | 7 | 8 | 4 | 6 |

ଗତକାଲିର ଉତ୍ତର

# ବ୍ୟାଧିଗ୍ରସ୍ତ ଗଣତନ୍ତ୍ର



**ରବିନାରାୟଣ ସାମଲ**

ସେମାନଙ୍କର ଭୋଟ ଦରକାର। ଭୋଟ ପାଇଁ ସେମାନେ ଯାହା କିଛି ବି କରିପାରନ୍ତି। ଲୋକଙ୍କ ଭିତରେ ସିଧାସଳଖ ଟଙ୍କା ବାଣ୍ଟନ୍ତି, ଟିଭି ଓ ଲାପ୍‌ଟପ୍ ଭଳି ଦାମିକା ସାମଗ୍ରୀ ଉପହାର ଦିଅନ୍ତି, ଏସା କରେଙ୍ଗେ– ତେସା କରେଙ୍ଗେ ପ୍ରତିଶ୍ରୁତି ଦିଅନ୍ତି, ଜାତି–ଧର୍ମକୁ ନେଇ ବିଭେଦ ସୃଷ୍ଟି କରନ୍ତି, ସ୍ଥଳ ବିଶେଷରେ ବାହୁବଳର ପ୍ରୟୋଗ କରନ୍ତି, ଶାସନକଳର ଦୁରୁପଯୋଗ କରନ୍ତି, ଭୋଟ ଜାଲିଆତି କରନ୍ତି, ବୁଥ୍ ଜବରଦଖଲ କରନ୍ତି, ଭୋଟ ଗଣତିରେ ଏପଟସେପଟ କରନ୍ତି ଏବଂ ଆବଶ୍ୟକ ସ୍ଥଳେ କାହାର ଜୀବନ ନେବାକୁ ବି ପଛଘୁଞ୍ଚା ଦିଅନ୍ତି ନାହିଁ। କ୍ଷମତାର ମୋହ ଯାବତୀୟ ଅନ୍ୟାୟ, ଅତ୍ୟାଚାର, ଅନୀତି, ଦୁର୍ନୀତି ଓ ଅପରାଧକୁ ପ୍ରୋତ୍ସାହିତ କରିଥାଏ। ଫଳରେ ଅପରାଧୀମାନେ ରାଜନୀତି ଭିତରକୁ ଧସେଇ ପଶନ୍ତି ଓ ଶାସନ କ୍ଷମତାକୁ ଅକ୍ତିଆର କରନ୍ତି। ଆମ ପାର୍ଲାମେଣ୍ଟର ଶତକଡ଼ା ୮୭ ଭାଗ ଏବଂ ଦେଶର ବିଧାନସଭା ସଭ୍ୟମାନଙ୍କ ମଧ୍ୟରୁ ଶତକଡ଼ା ୪୪ ଭାଗ ପ୍ରତିନିଧି ଅପରାଧ ପୃଷ୍ଠଭୂମିସମ୍ପନ୍ନ। ଏଡିଆର୍‌ର ଏହି ତଥ୍ୟ ଆମ ଗଣତନ୍ତ୍ରର ଅସଲ ଚେହେରାକୁ ଉନ୍ମୋଚିତ କରିଥାଏ। ଜୁଲାଇ ୮ ତାରିଖରେ ପଶ୍ଚିମବଙ୍ଗର ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେଲା। ହିଂସାକାଣ୍ଡ, ବୋମାମାଡ଼, ଗୁଳିଚାଳନା, ଗୃହଦାହ, ଭୋଟ ଜାଲିଆତି, ବୁଥ୍ ଜବରଦଖଲ, ଭୋଟବାକ୍ସ ଲୁଟ୍ ଓ ୪୦ ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନହାନି ସମୁଦାୟ ନିର୍ବାଚନ ପ୍ରକ୍ରିୟାକୁ କଳଙ୍କିତ କରି ପକାଇଲା। ସିସିଟିଭି କ୍ୟାମେରା ଲାଗିଥିବା ସତ୍ତ୍ୱେ ବୁଥ୍ ଜବରଦଖଲ ସ୍ୱଚ୍ଛନ୍ଦରେ ଚାଲିଲା। ଏହାର କେତୋଟି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଅପରାଧୀଙ୍କ ଦୌରାତ୍ମ୍ୟରେ ପୋଲିସ ଓ ପୋଲିଂ ଅଫିସରମାନେ ଯେ କେତେ ଅସହାୟ ଭିଡିଓ ଗୁଡ଼ିକରୁ ଜଣାପଡୁଛି।

ବୁଥ୍ କ୍ୟାପ୍‌ଚରିଂ ବା ବୁଥ୍ ଜବରଦଖଲ ଆମ ଦେଶର ନିର୍ବାଚନୀ ଇତିହାସରେ ଅବଶ୍ୟ ନୂଆ କଥା ନୁହେଁ। ଏହା ୧୯୫୭ ମସିହାରୁ ହୋଇ ଆସୁଛି। ବିହାରର ବେଗୁସରାଇରେ ଏହା ପ୍ରଥମେ ଆରମ୍ଭ ହୋଇଥିଲା। କ୍ରମେ କ୍ରମେ ଏହା ସାରା ଦେଶକୁ ଗ୍ରାସ କରିଛି। ସାଧାରଣତଃ ଯେଉଁ ଦଳ ବା ପ୍ରାର୍ଥୀ ଯେଉଁଠି ଅଧିକ ଶକ୍ତିଶାଳୀ ସେମାନେ ସେଠି ବୁଥ୍ ଜବରଦଖଲ କରି ବସୁଛନ୍ତି। କେତେକ ବୁଥ୍‌ରେ ଏଜେଣ୍ଟମାନଙ୍କୁ ଆୟତକରି ବୁଥ୍ କ୍ୟାପ୍‌ଚରିଂ କରାଯାଉଛି ତ ଆଉ କେଉଁଠି ମତଦାତା ଓ ପୋଲିଂ ପାର୍ଟିକୁ ଭୟଭୀତ କରି ଜଣେ ବା ୨ ଜଣ ସମସ୍ତଙ୍କ ଭୋଟ ଦେଇ ଚାଲିଯାଉଛନ୍ତି। ମଲା ଜୀଇଁଲା ବି ବାଦ୍ ପଡୁ ନାହାନ୍ତି। ଏଭଳି ପରିସ୍ଥିତିକୁ ଦେଖି ଭଦ୍ରଲୋକମାନେ ଭୋଟଦାନ କରିବାକୁ ଆଉ ଆଗ୍ରହୀ ହେଉ ନାହାନ୍ତି।

ବୁଥ୍ ଜବରଦଖଲ ରୋକିବାକୁ ୧୯୮୯ ରେ ଲୋକପ୍ରତିନିଧି ଆଇନରେ ସଂଶୋଧନ କରାଗଲା। ଜବରଦଖଲକାରୀଙ୍କୁ ୧୩୫(କ) ଧାରାରେ ଏକରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଓ ଜରିମାନା ପାଇଁ ବ୍ୟବସ୍ଥା କରାଗଲା। ତଥାପି ଜବରଦଖଲ କମିଲା ନାହିଁ, ବରଂ ବଢ଼ି ଚାଲିଲା। ୧୯୯୯ ରେ ଇଭିଏମ୍‌ର ପ୍ରଚଳନ ଦ୍ୱାରା ଜାଲିଆତି କମିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ହେଲା ନାହିଁ। 'ପୋଲିସ ଡାଳେ ଡାଳେ ଚାଲିଲା ବେଳକୁ ଚୋର ପତ୍ରେ ପତ୍ରେ ଚାଲିଲେ'। ଇଭିଏମ୍‌ରେ ଲକିଂ ସିଷ୍ଟମ୍ ଥାଇ ମଧ୍ୟ ଜଣେ ୨ ଜଣ ସମସ୍ତ ଭୋଟରଙ୍କ ପାଇଁ ମତଦାନ କରିଦେଲେ।

ଭୋଟ ଗ୍ରହଣରେ ଅନିୟମିତତା ଦର୍ଶାଇ ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ ୬୯୬ଟି ବୁଥ୍‌ରେ ସାନି ମତଦାନ କରାଗଲା। ମତଦାନ ପ୍ରାୟ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ଲକ୍ଷ୍ୟ କରାଗଲା। ଏହାର ମୁଖ୍ୟ କାରଣ ହେଲା ଦୃଢ଼ ନିରାପତ୍ତା ବ୍ୟବସ୍ଥା। କେନ୍ଦ୍ରୀୟ ନିରାପତ୍ତା ବାହିନୀ ପ୍ରତି ବୁଥ୍‌ରେ ମୁତୟନ ହେବାରୁ ଅପରାଧୀମାନେ ଆଉ ଉତ୍ପାତ କରିପାରିଲେ ନାହିଁ। ଫଳତଃ ପୋଲିଂ ଅଫିସରମାନେ ଭୋଟ ଗ୍ରହଣ କାର୍ଯ୍ୟ ସୁରୁଖୁରୁରେ କରିପାରିଲେ। ଆମ ବିଚାରରେ ସେହିପରି ନିରାପତ୍ତା ବ୍ୟବସ୍ଥା ଯଦି ସାରା ଦେଶରେ କାର୍ଯ୍ୟକାରୀ ହୁଅନ୍ତା ତେବେ ରିଗିଂ ଓ ବୁଥ୍ କ୍ୟାପ୍‌ଚରିଂ ଆଉ ହୋଇପାରନ୍ତା ନାହିଁ।



ଭୋଟ ଜାଲିଆତି, ଭୋଟବାକ୍ସ ଲୁଟ୍, ବୁଥ୍ ଜବରଦଖଲ ଭଳି ଘଟଣାର ଫଟୋ କିମ୍ବା ଭିଡିଓ କ୍ଲିପ୍ ପଠାଇବାକୁ ନିର୍ବାଚନ କମିଶନ 'ସି ଭିଜିଲ' ନାମକ ଏକ ଆପ୍ ପ୍ରଚଳନ କରିଛନ୍ତି। ଏକଥା କିଛି ଜାଣନ୍ତି, କିଛି ଜାଣି ନାହାନ୍ତି ତା' ସତ୍ତ୍ୱେ ଏହି ଆପ୍‌ରେ ହଜାର ହଜାର ସଂଖ୍ୟାରେ କ୍ଲିପ୍ ନିର୍ବାଚନ କମିଶନଙ୍କ ପାଖରେ ପହଞ୍ଚୁଛି। ହେଲେ ତାହା ସେହି ଆପ୍‌ରେ ରହିଯାଉଛି। ଭୋଟଦାନରେ ଅନିୟମିତତା ଏତେ ବ୍ୟାପକ ହୋଇଯାଇଛି ଯେ କାର୍ଯ୍ୟାନୁଷ୍ଠାନ ନେବା ନିମିତ୍ତ ୫ ବର୍ଷ ବି ନିଅଣ୍ଟ ପଡୁଛି। ହାଇକୋର୍ଟରେ ହଜାର ହଜାର ସଂଖ୍ୟାରେ ମାମଲା ଫଇସଲା ନ ହୋଇପାରି ଗଡୁଛି। ଫଳରେ ନିର୍ବାଚନ ପ୍ରକ୍ରିୟା ଉପରୁ ଜନସାଧାରଣଙ୍କ ଆସ୍ଥା ତୁଟିଯାଉଛି।

ସବୁଠାରୁ ବଡ଼ କଥା ହେଉଛି ନିର୍ବାଚନ କମିଶନ ଓ ଅଧିକାରୀଙ୍କ ଦକ୍ଷତା ଓ ନିରପେକ୍ଷତା। ପ୍ରାୟ ପ୍ରତ୍ୟେକଟି ନିର୍ବାଚନରେ ସାଧାରଣ ମତଦାତା ଓ ରାଜନୈତିକ ଦଳ ପକ୍ଷରୁ କିଛି ନା କିଛି ଆପତ୍ତି ଅଭିଯୋଗ ଦରଜ ହୋଇଥାଏ। ମାତ୍ର ତାହାର ପ୍ରତିକାର କିଛି ହୋଇ ନ ଥାଏ। ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ନିମିତ୍ତ ଇଲେକ୍‌ସନ୍ ୱାଚ୍ ଓ ଏଡିଆର୍ ଭଳି ସଂସ୍ଥା ବାରମ୍ବାର ପରାମର୍ଶ ଦେଇଥାନ୍ତି। ତାକୁ ଗ୍ରହଣ କରୁଛି କିଏ ? ଦେଶରେ 'ମୁକ୍ତ, ଅବାଧ ଓ ନିରପେକ୍ଷ' ନିର୍ବାଚନ ପୋଥି ବାଇଗଣ ହୋଇ ରହିଯାଇଥାଏ।

ଅନ୍ୟ ଏକ ବ୍ୟତିକ୍ରମ ହେଉଛି ଲୋକପ୍ରତିନିଧିମାନଙ୍କ ଦଳବଦଳ। ଏଥିଯୋଗୁ ଗୋଟିଏ ଗୋଟିଏ ରାଜ୍ୟର ସରକାର ବି ଭୁଶୁଡ଼ି ପଡୁଛି। ପ୍ରତିନିଧି ପ୍ରତ୍ୟାହାର କ୍ଷମତା ସାଧାରଣ ଭୋଟରଙ୍କ ହାତରେ ଥିଲେ ପ୍ରତିନିଧିମାନେ ଆଉ ଲଗାମଛଡ଼ା ହୋଇପାରନ୍ତେ ନାହିଁ। ସମ୍ପ୍ରତି ମହାରାଷ୍ଟ୍ରର ଘଟଣାବଳୀକୁ ଦେଖିଲେ ଏକଥା ସହଜରେ ଉପଲବ୍ଧି କରିହୁଏ। ୨୦୧୮ ଜୁନ୍ ୨୦ରେ ଜମ୍ମୁ–କଶ୍ମୀର ରାଜ୍ୟପାଳ ଏକ ନିର୍ବାଚିତ ସରକାରକୁ ଭାଙ୍ଗିଦେଲେ। ଏହା ସର୍ବାଦୌ ଅଗଣତାନ୍ତ୍ରିକ। ଏହା କରିବା ଉଚିତ ନ ଥିଲା।

ଆଲୋଚିତ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ଜମ୍ମୁ–କଶ୍ମୀରର ଘଟଣାବଳୀ ଅଳ୍ପ କେତୋଟି ନମୁନା ମାତ୍ର। ଲୋକପ୍ରତିନିଧି ଆଇନରେ ଆହୁରି ଅନେକ ତ୍ରୁଟିବିଚ୍ୟୁତି ରହିଯାଇଛି। ତାହାର ସଂସ୍କାର ହେବା ନିହାତି ଜରୁରୀ। ନ ହେଲେ ବ୍ୟାଧିଗ୍ରସ୍ତ ଗଣତନ୍ତ୍ରକୁ ବ୍ୟାଧିମୁକ୍ତ କରିହେବ ନାହିଁ।

**ମୋ:୭୯୭୫୦୪୬୪୮୬**

## ପାଠକ ଶ୍ରେଷ୍ଠ ବିଚାରକ

### ନାଗରିକମାନେ ପ୍ରଶ୍ନ କରନ୍ତୁ

ମହାଶୟ,

ସମାଜ ଓ ଦେଶ ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଓ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ନାଗରିକମାନଙ୍କର ସରକାର, ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ପ୍ରଶ୍ନ ପଚାରିବାର ସାମ୍ବିଧାନିକ ଅଧିକାର ଅଛି। ମାତ୍ର ଏହା ଜାଣି ନ ପାରିବା ବା ଅନ୍ୟ କାରଣରୁ ଅନେକେ ନୀରବ ରହୁଛନ୍ତି। ବିଶେଷକରି ବୁଦ୍ଧିଜୀବୀ, ଲେଖକ, ସାହିତ୍ୟିକ, ସାମ୍ବାଦିକ ଓ ସାମାଜିକ କର୍ମୀମାନଙ୍କର ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ରହିଛି। କାରଣ ସେମାନେ ସମାଜର ମାର୍ଗଦର୍ଶକ। ଏବେ ଆମ ଦେଶ ଓ ରାଜ୍ୟରେ ପ୍ରତିଦିନ ବହୁ ମାତ୍ରାରେ ଜନସ୍ୱାର୍ଥକୁ ବ୍ୟାହତକଲା ଭଳି ଘଟଣାମାନ ଘଟୁଛି। ଏହା ସ୍ୱାଭାବିକ ଜୀବନଯାତ୍ରାକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ପ୍ରାୟ ସବୁ ମହଲରୁ ଏହା ଉପରେ ପ୍ରଶ୍ନ ଉତ୍ଥାପନ କରାଯିବା ପରିବର୍ତ୍ତେ ନୀରବତା ଅବଲମ୍ବନ କରାଯାଉଛି। ଏହା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମସ୍ତଙ୍କର କ୍ଷତି ସାଧନ କରୁଛି। ଏଣୁ ସମସ୍ତେ ବିଭିନ୍ନ ପ୍ରସଙ୍ଗ ଉପରେ ସରକାର, ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ପ୍ରଶ୍ନ ପଚାରନ୍ତୁ।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

### ଚିରନ୍ତନୀ

ନିତି କ୍ଷଣେ କ୍ଷଣେ କେତେ ନବ ନବ ଛବି
ମୁହୁର୍ମୁହୁ ପ୍ରାଣେ ଅନୁଭବି
ସବୁ ଛନ୍ଦ ସବୁ ଛବି ଅସୀମରେ ହୁଅଇ ବିଲୀନ
ନ ରହେ ସଙ୍କେତ କାହିଁ ନାହିଁ ରହେ ଟିକେ
ତା'ର ଚିହ୍ନ। **(ସୃଜନ ବ୍ୟଥା)**

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସ୍କୁଲ ଗୃହରୁ ପ୍ଲାଷ୍ଟର ଖସିବା ଘଟଣା, ଛାତ୍ରୀଛାତ୍ରଙ୍କ ଧାରଣା

ଅସ୍ତରଙ୍ଗ,୨୦।୭(ମମତା ଜେନା) ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତର ୫-ଟି ସ୍କୁଲ ପଢ଼ିଆରୀ ନୋଡାଲ ବିଦ୍ୟାପୀଠ କାର୍ଯ୍ୟାଳୟ ଗୃହରୁ ପ୍ଲାଷ୍ଟର ଖସି ଶିକ୍ଷୟିତ୍ରୀ, ସିଆରସିସି ମୁଣ୍ଡ ଫାଟିବା ସହ ଖେଳ ଶିକ୍ଷକଙ୍କ ହାତରେ ଆଘାତ ଲାଗିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ନିମ୍ନମାନର କାର୍ଯ୍ୟ ସହ ଠିକ୍ ଭାବେ ଯାଞ୍ଚ ନ କରିବା ଯୋଗୁ ଏଭଳି ଅଘଟଣ ଘଟିଥିବା ବେଳେ ଠିକାଦାର, ଯନ୍ତ୍ରୀ ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଗୁରୁବାର ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ମିଶି ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଏଭଳି ନିମ୍ନ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ବିଡିଓ ଦାୟୀ ବୋଲି ଗ୍ରାମବାସୀ କହିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଏକ ଟିମ୍ ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭେନ୍ଦୁ ନାୟକ, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର ଘଟଣାର ପ୍ରକୃତ ସ୍ଥିତି ପରଖିବାକୁ ଯାଇଥିଲେ। କିନ୍ତୁ ଫାଟକ ସମ୍ମୁଖରେ ଗ୍ରାମବାସୀ ସେମାନଙ୍କୁ ସ୍କୁଲ ଭିତରକୁ ଛାଡ଼ି ନଥିଲେ। ଏପରିକି ଅପରାହ୍ନରେ ରାଜ୍ୟ ଭାଜପାର ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇଙ୍କ ନେତୃତ୍ୱରେ ୪ଜଣିଆ ରାଜ୍ୟ ପ୍ରତିନିଧି ଟିମ୍ ମଧ୍ୟରେ ମୁଖପାତ୍ର ତେଜସ୍ୱିନୀ ପରିଡା, ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ଘଟଣାର ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିଲେ।

### ନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ବଳଙ୍ଗା,୨୦।୭(କେଦାରେଶ୍ୱର ନନ୍ଦ)- ବଳଙ୍ଗା ଥାନା ଅଧୀନ ଉଚ୍ଛୁପୁର ପଞ୍ଚାୟତ ପାର୍ବତୀପୁର ଗ୍ରାମରେ ପାରିବାରିକ ବିବାଦକୁ ନେଇ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଜଣେ ମହିଳା ବଳଙ୍ଗା ଭାର୍ଗବୀ ସେତୁ ଉପରୁ ଡେଇଁ ଗୁରୁବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମୋବାଇଲକୁ ଫୋପାଡି ସେତୁ ଉପରୁ ଡେଇଁବାକୁ ଯାଉଥିବା ସମୟରେ ସ୍ଥାନୀୟ ଲୋକେ ମହିଳାଙ୍କୁ ଉଦ୍ଧାର କରିଥିଲେ। ପ୍ରକାଶ ଯେ, ପାରିବାରିକ ବିବାଦକୁ ନେଇ ସୁଧାଂଶୁ ବରାଳ ଭୁବନେଶ୍ୱରରେ ରହୁଥିବାବେଳେ ସ୍ତ୍ରୀ ମାନସୀ ବରାଳ ଦୀର୍ଘ ଦିନ ଧରି ୧୦ ବର୍ଷର ପୁଅ ସହ ବାପଘର ପିପିଲି ଶାସନରେ ରହୁଥିଲେ। ମାନସୀ ତାଙ୍କ ପୁଅ ସହିତ ବୁଧବାର ଶାଶୁଘରେ ଆସି ପହଞ୍ଚିଥିଲେ। ମାନସୀ ଚଳୁଥିବା ଘର ସଫା କରୁଥିବା ସମୟରେ ଦିଅର କାଳିଆ ଓ ମିଟୁ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ପ୍ରତିବାଦ କରିବାରୁ ସେମାନେ ମାନସୀଙ୍କୁ ନିସ୍ତୁକ ପିଟିଥିଲେ। ଏ ସମ୍ପର୍କରେ ମାନସୀ ସ୍ୱାମୀ ସୁଧାଂଶୁଙ୍କ ପରାମର୍ଶରେ ଗୁରୁବାର ପୂର୍ବାହ୍ନରେ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସେ ଥାନାରୁ ଆସି ବଳଙ୍ଗା ଭାର୍ଗବୀ ସେତୁ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି।

### ବିଦ୍ୟାଳୟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଆସବାସପତ୍ର ଚୋରି

ନିମାପଡ଼ା,୨୦।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ନିମାପଡ଼ା-ବଳଙ୍ଗା ମୁଖ୍ୟ ରାସ୍ତା କଡ଼ରେ ଥିବା ୫-ଟି ନହନ୍ତରା ସରକାରୀ ଉଚ୍ଚ ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କାର ଆସବାସପତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏସମ୍ପର୍କରେ ପୋଲିସ ୨୫୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୁଧବାର ରାତିରେ ଦୁର୍ବୃତ୍ତମାନେ ପାଚେରି ଡେଇଁ ବିଦ୍ୟାଳୟରେ ପଶି ସ୍ମାର୍ଟ କ୍ଲାସରୁମ୍, ଟଏଲେଟ୍ ଆଦିର ତାଲା ଭାଙ୍ଗି ଗୋଟିଏ କମ୍ପ୍ୟୁଟର, ସିପିୟୁ, ପିଏସ୍, ୩ଟି ସିସିଟିଭି, ୨ଟି ଫ୍ୟାନ, ଘଣ୍ଟା, ଟ୍ୟାପ ମେଶିନ ଆଦି ଚୋରି କରିଛନ୍ତି। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସେଠୀ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ।

# ଶିଶୁଙ୍କ ବିକାଶରେ ସମନ୍ୱୟ ଜରୁରୀ

## ଶିଶୁଙ୍କ ପାଇଁ ଦିନଟିଏ ଜିଲାସ୍ତରୀୟ ବୈଠକ

ଖୋର୍ଦ୍ଧା,୨୦।୭(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ(ଡିସିପିୟୁ) ଆନୁକୂଲ୍ୟରେ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଶୁଙ୍କ ପାଇଁ ଦିନଟିଏ ଜିଲାସ୍ତରୀୟ ବୈଠକ ତଥା ଜିଲାସ୍ତରୀୟ ବାଲ୍ୟ ବିବାହ ନିରୋଧ ଟାସ୍କ ଫୋର୍ସ ଏବଂ ବେଟି ବଚାଓ ବେଟି ପଢାଓ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଶିଶୁ ସୁରକ୍ଷା ଶିକ୍ଷା, ଶିଶୁ ଅଧିକାର, ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଭିକ୍ଷାବୃତ୍ତି ସମ୍ପୂର୍ଣ୍ଣ ବନ୍ଦ ସହ ବାଲ୍ୟବିବାହ ମୁକ୍ତ ଗ୍ରାମ, ପଞ୍ଚାୟତ ଘୋଷଣା ପାଇଁ ପଦକ୍ଷେପ ନେବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବାଲିଅନ୍ତା ଅଞ୍ଚଳରେ ବିଭିନ୍ନ ଇଟାଭାଟିରେ କାମ କରୁଥିବା ଶ୍ରମିକଙ୍କ ପିଲାମାନଙ୍କୁ ଇଟାଭାଟି ମାଲିକ କ'ଣ ସବୁ ସୁବିଧା ଦେଉଛନ୍ତି ସେ ସମ୍ପର୍କରେ ଏକ ସ୍କ୍ୱାଡ୍ ଗଠନ କରି ତଦାରଖ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ, ଶିଶୁଙ୍କ ବିକାଶ ଦିଗରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଶିଶୁ ହସିଲେ, ଦେଶ ହସିବ। ଉପଯୁକ୍ତ ଶୈକ୍ଷିକ ବାତାବରଣ ରହିଲେ, ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଘଟିପାରିବ। ଜଟଣୀ ଏବଂ ଖୋର୍ଦ୍ଧା ବ୍ଲକରେ ଗାଁ କଲ୍ୟାଣ ସମିତି ତଥା ଗ୍ରାମ୍ୟ ସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ଗୁଡିକ ନିଷ୍କ୍ରିୟ ହେତୁ ସେଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଜିଲାପାଳ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ରଘୁନାଥ ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ସହ ଏହି ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ମଙ୍ଗଳ ଅଧାକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ, ଜିଲା ମଙ୍ଗଳ ଅଧିକାରୀ ସୁରେଶ ଚନ୍ଦ୍ରଜିତ, ଏସିପି ବିଜୟନୀ ସିଂହ, ଏଏଲ୍‌ଓ କାଳୀପୁତ୍ର କୁଳଦୀପ ପ୍ରସାଦ, ଦୀପକ କୁମାର ପଣ୍ଡା, ଜିଲା କନସଲଟାଣ୍ଟ ଶିଶୁ ସୁରକ୍ଷା ସ୍ୱାତୀ ତନୟା ମିଶ୍ରଙ୍କ ସମେତ ଜିଲାର ସମସ୍ତ ସିଡିପିଓ, ବ୍ଲକ ଶିକ୍ଷା ଅଧିକାରୀ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ରଞ୍ଜନ କୁମାର ଗୋଚ୍ଛାୟତ, ଅର୍ଚ୍ଚନା ରାୟ, ମନସ୍ୱିନୀ ମହାପାତ୍ର, ରୀତାଞ୍ଜଳି ମହାନ୍ତି, ଅଶୋକ କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ରାମେଶ୍ୱର ମନ୍ଦିର ଚୂଡ଼ା ଯାଞ୍ଚ କଲା ଏଏସ୍‌ଆଇ

ପୁରୁଣା ଭୁବନେଶ୍ୱର,୨୦।୭(ସୁବାସ ଚନ୍ଦ୍ର ପ୍ରଧାନ)

ଗତ ୧୫ ତାରିଖରେ ମାଉସୀ ମା' ଛକ ସ୍ଥିତ ରାମେଶ୍ୱର ମନ୍ଦିରର ଦଧିନଉତି ବଜ୍ରପାତରେ ଭାଙ୍ଗି ଖସିପଡ଼ିଥିଲା। ଦଧିନଉତିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ତେବେ ଗୁରୁବାର ଏହି ମନ୍ଦିର ଚୂଡ଼ା ସ୍ଥିତି ଯାଞ୍ଚ କରିଛି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ)। ଅପରାହ୍ନ ୩ଟାରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର କର, ଆସିଷ୍ଟାଣ୍ଟ ଇଞ୍ଜିନିୟର, ଅନ୍ୟ ଅଧିକାରୀ, କାରିଗରୀଙ୍କ ସହ ସ୍ୱତନ୍ତ୍ର ଭାରାରେ ମନ୍ଦିର ଚୂଡ଼ାକୁ ଉଠିଥିଲେ। ମନ୍ଦିର ଚୂଡ଼ା କଳସରେ ଲାଗିଥିବା ଭାଙ୍ଗିଯାଇଥିବା ଦଧିନଉତିକୁ ଯାଞ୍ଚ କରିଥିଲେ। ୨୦ମିନିଟ୍ ଯାଞ୍ଚ ପରେ ତଳକୁ ଓହ୍ଲାଇଥିଲେ। କେବଳ ଦଧିନଉତି (ଯାହା କୁଣ୍ଡା ପଥରରେ ନିର୍ମିତ ହେବ)ନିର୍ମାଣ କରାଯାଇ ଲଗାଯିବ। କଳସ, ମନ୍ଦିର ଚୂଡ଼ାର ଅନ୍ୟ ଅଂଶ ସୁରକ୍ଷିତ ରହିଛି। ଖୁବ୍‌ଶୀଘ୍ର ଦଧିନଉତି ସହ ମନ୍ଦିରରେ ପ୍ରଥମ କରି ଆର୍ଥିଂ ବ୍ୟବସ୍ଥା କରାଯିବ ବୋଲି ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ କର ସୂଚନା ଦେଇଛନ୍ତି।

# କ୍ରୀଡ଼ା, କଳାର ବିକାଶକୁ ଗୁରୁତ୍ୱ




ବକ୍ସି ଜଗବନ୍ଧୁ ବିଦ୍ୟାଧର ରେଲ୍‌ୱେ ଇନ୍‌ଷ୍ଟିଚ୍ୟୁଟର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଜଟଣୀ,୨୦।୭(ରବୀନ୍ଦ୍ରନାଥ ମହାକୁଡ଼)

## ବକ୍ସି ଜଗବନ୍ଧୁ ବିଦ୍ୟାଧର ରେଲ୍‌ୱେ ଇନ୍‌ଷ୍ଟିଚ୍ୟୁଟର ବାର୍ଷିକୋତ୍ସବ

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରେଲୱେ ଟ୍ରାଫିକ କଲୋନୀସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ରେଲୱେ ଇନଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇନଷ୍ଟିଚ୍ୟୁଟ ପରିସରରେ ରେଳ ଇନ୍‌ଷ୍ଟିଚ୍ୟୁଟର ସଭାପତି ତଥା ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତଟ ରେଳପଥ ମହା ମୁଖ୍ୟ କାର୍ମିକ ଅଧିକାରୀ ଟି.କେ.ଘୋଷ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ କଲ୍ୟାଣ ପଟ୍ଟନାୟକ (ଓପି), ସୁଭ୍ରଜ୍ୟୋତି ମଣ୍ଡଳ (ଇନ୍ଫ୍ରା), ମଣ୍ଡଳ ବରିଷ୍ଠ କାର୍ମିକ ଅଧିକାରୀ ଆର୍.ଏନ୍.ଏ. ପରିଡା, ମହିଳା ସଙ୍ଗଠନ ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା ଓ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ୨୦୨୧ ସାଧାରଣ ନିର୍ବାଚନରେ ଶ୍ରମିକ କଂଗ୍ରେସ ସମର୍ଥିତ ପ୍ରାର୍ଥୀମାନେ ବିଜୟୀ ହୋଇ ପରିଚାଳନା ଦାୟିତ୍ୱ ନେବା ପରେ ବିକାଶ କାର୍ଯ୍ୟ ସହ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ କ୍ରମାଗତଭାବେ ଜାରି ରହିଥିଲା। ଗତ ବର୍ଷ ରାଜ୍ୟସ୍ତରୀୟ କ୍ୟାରମ, ଟେବୁଲ ଟେନିସ, ଚେସ ଭଳି ବିଭିନ୍ନ ଇନ୍‌ଡୋର ଗେମ ଅନୁଷ୍ଠିତ ହୋଇଥିବାବେଳେ ଚଳିତବର୍ଷ ମଧ୍ୟ କିଛି ନୂତନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ବିଜୟୀ ୭୨ଜଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ସମ୍ପାଦକ ଅକ୍ଷୟ ପ୍ରଧାନ ସମ୍ପାଦକୀୟ ପାଠ ମାଧ୍ୟମରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଶ୍ରମିକ କଂଗ୍ରେସର କେନ୍ଦ୍ରୀୟ ପଦାଧିକାରୀ ସୁନୀଲ କୁମାର ଭଞ୍ଜ, ପ୍ରମୋଦ ସାହାଣୀ, ଏମ. ଜି. କେ ରାଓ, ସୁବ୍ରତ ପଣ୍ଡା, ଶରତ ପଣ୍ଡା, ଏ. ଶ୍ରୀନିବାସ, ପି.ରାଜା ରାଓ, କୀର୍ତ୍ତି ପଟ୍ଟନାୟକ, ଦୁଃଶାସନ ସାହୁ, ରୁନି ବେହେରା, ଅର୍ପିତା ମହାନ୍ତି, ବି. ଜାନକୀ, ବିଜୟଲକ୍ଷ୍ମୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାଖା ସମ୍ପାଦକ ତଥା ମିଡିଆ ସେଲର ମୁଖ୍ୟ ଏଲ୍. ଡି. ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରେ 'ମୋ ଗଛ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୨୦।୭(ସୁବାସ ଚନ୍ଦ୍ର ପ୍ରଧାନ)

ଚିନ୍ମୟୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବିଦ୍ୟାର୍ଥୀମାନଙ୍କୁ ନେଇ ଶୁଭାରମ୍ଭ ହୋଇଛି 'ମୋ ଗଛ' ସଚେତନତା କାର୍ଯ୍ୟକ୍ରମ। ଭୁବନେଶ୍ୱର ଉପକଣ୍ଠ ଛତାବର ପଞ୍ଚାୟତ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବିନ୍ଧ୍ୟଗିରି ପରିସରରେ ବିଦ୍ୟାର୍ଥୀମାନଙ୍କ ଗହଣରେ ଏହା ଉଦ୍‌ଘାଟିତ ହୋଇଯାଇଛି। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ପ୍ରତିଷ୍ଠାତା ସନ୍ତୋଷୀ ଜୈନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାରଣା, ଶିକ୍ଷକ ପ୍ରକାଶ ଚନ୍ଦ୍ର ବଳିୟାରସିଂ, ସାମାଜିକ କର୍ମୀ ତ୍ରିଲୋଚନ ବେଉରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ମନରେ ଗଛ ପ୍ରତି ଆଗ୍ରହ ବଢ଼ାଇବା ପାଇଁ ଗଛ ସହ ଖେଳିବା, ଗଛ ସହ ବଢ଼ିବା, ଗଛ ସହ ରୁଷିବା, ଗଛ ସହ ପଢ଼ିବା ଆଦି ସମ୍ପର୍କରେ ଗପ ଓ ନାଚ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ବିଦ୍ୟାଳୟର ୨୦ଜଣ ବିଦ୍ୟାର୍ଥୀଙ୍କୁ ଗୋଟିଏ ଲେଖାଏ ଲେମ୍ବୁ ଚାରା ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥିଲା। ଯେଉଁ ବିଦ୍ୟାର୍ଥୀ ଗଛଟିର ଉପଯୁକ୍ତ ଭାବେ ଯତ୍ନ ଓ ଲାଳନପାଳନ କରି ଗଛ ବଢ଼ାଇଥିବେ ସେମାନଙ୍କୁ ଟ୍ରଷ୍ଟ ପକ୍ଷରୁ ପୁରସ୍କୃତ କରାଯିବ ବୋଲି ଟ୍ରଷ୍ଟ ପ୍ରତିଷ୍ଠାତା ଜୈନ ସୂଚନା ଦେଇଛନ୍ତି।

## ଡିସେମ୍ବର ସୁଦ୍ଧା ସଚିବ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ପିଲାମାନେ।

କୃଷ୍ଣପ୍ରସାଦ,୨୦।୭ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ଅଧୀନ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ୪ର୍ଥ ପର୍ଯ୍ୟାୟରେ ୫-ଟି ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ୯ ଗୋଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତକରଣ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ବିଡିଓ ମନୋଜ ନାୟକ, ବିଆର୍‌ସିସି ସତ୍ୟବ୍ରତ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ଜିତେନ୍ଦ୍ର ଦାସ, ମନୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚ ବିଦ୍ୟାଳୟଗୁଡ଼ିକ ରୂପାନ୍ତକରଣ ହୋଇ ନ ଥିବା ବ୍ଲକର ୯ ଗୋଟି ବିଦ୍ୟାଳୟର ରୂପାନ୍ତକରଣ କରାଯାଇ ଡିସେମ୍ବର ସୁଦ୍ଧା ସାରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଭୁବନେଶ୍ୱରରୁ ଭର୍ଚୁଆଲ ମାଧ୍ୟମରେ ୫-ଟି ସଚିବ ସମସ୍ତ ବିଦ୍ୟାଳୟର କିପରି ଶୀଘ୍ର ରୂପାନ୍ତକରଣ ହେବା ସହ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଇ-ଲାଇବ୍ରେରି, ଇ-ବିଜ୍ଞାନାଗାର, ଇ-ପାଠାଗାର ସମେତ ଆଧୁନିକ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଛାତ୍ରୀଛାତ୍ରଙ୍କ ମେଧାଶକ୍ତିର ବିକାଶ କରିବାକୁ ସରକାର ବଦ୍ଧପରିକର ବୋଲି ୫-ଟି ସଚିବ ଭି.କେ. ପାଣ୍ଡିଆନ ପ୍ରକାଶ କରିଥିଲେ। ବ୍ଲକର ବହୁ ଛାତ୍ରୀଛାତ୍ର ଏଥିରେ ଯୋଗଦେଇ ୫-ଟି ସଚିବଙ୍କ ସହ ମତ ବିନିମୟ କରିଥିଲେ। ବୈଠକରେ ସାମିଲ ହେବାକୁ ଥିବା ବିଦ୍ୟାଳୟ ଅଧୀନ ସମସ୍ତ ସରପଞ୍ଚ ଓ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯାଉ

ପୁରୀ, ୨୦।୭(ଅଜିତ ମହାନ୍ତି):



ବୈଠକରେ ଉପସ୍ଥିତ ଓକିଲ ସଂଘର କର୍ମକର୍ତ୍ତା।

## ଦାବି କଲା ପୁରୀ ଓକିଲ ସଂଘ

- ୧୦ଜଣିଆ କମିଟି ଗଠିତ
- ମୁଖ୍ୟମନ୍ତ୍ରୀ, ଜିଲାପାଳ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନକୁ ଦାବିପତ୍ର ଦିଆଯିବ

ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଉ ବୋଲି ପୁରୀ ଜିଲା ଓକିଲ ସଂଘ ଦାବି କରିଛି। ଏନେଇ ଗୁରୁବାର ପୁରୀ ବାର୍ ଆସୋସିଏଶନ୍ ସମ୍ମିଳନୀ କକ୍ଷରେ ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ୪ ଦ୍ୱାର ତୁରନ୍ତ ଖୋଲିବାକୁ ଜିଲା ଓକିଲ ସଂଘ ଦାବି କରିଛି। ସଂଘର ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠୀ କହିଛନ୍ତି, କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କୁ ଛଡ଼ାଯିବା ଦ୍ୱାରା ଗହଳି ଯୋଗୁ ପୁରୀବାସିନ୍ଦାଙ୍କ ସମେତ ବାହାରୁ ଆସୁଥିବା ବୃଦ୍ଧା ବୃଦ୍ଧ, ପିଲା ହଇରାଣ ହେଉଛନ୍ତି। ବେଳେବେଳେ କେତେଜଣ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଲୋକଙ୍କ ଧାର୍ମିକ ଭାବନା ମଧ୍ୟ ପ୍ରଭାବିତ ହେଉଛି। ପୂର୍ବରୁ ୪ଦ୍ୱାର ଖୋଲାଯାଉଥିଲା। ଫଳରେ ଭକ୍ତ ସୁବିଧାରେ ସେମାନଙ୍କ ଇଚ୍ଛା ଅନୁଯାୟୀ ମନ୍ଦିରରେ ପ୍ରବେଶ କରିପାରୁଥିଲେ। ମାତ୍ର ଏବେ ତାହା ହୋଇପାରୁନାହିଁ। ପ୍ରଶାସନର ସବୁ ନିଷ୍ପତ୍ତିକୁ ପୁରୀବାସୀ ମାନିଛନ୍ତି। ମାତ୍ର ପ୍ରଶାସନ ସେମାନଙ୍କ ସମସ୍ୟାକୁ ଦୃଷ୍ଟି ଦେଉନାହିଁ। ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଧାଡ଼ିରେ ଯାଇ ମଧ୍ୟ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରୁନାହାନ୍ତି। ଭିଡ଼ରେ ଅଚେତ ହୋଇ ପଡୁଛନ୍ତି। ଭକ୍ତଙ୍କ ପାଇଁ ପାଣି ସୁବିଧା ନାହିଁ। ତେଣୁ ଚାରିଦ୍ୱାର ଖୋଲାଯାଉ। ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ହେଉ। ଏ ସଂକ୍ରାନ୍ତରେ ଓକିଲ ସଂଘର କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହ ବରିଷ୍ଠ ଆଇନଜୀବୀଙ୍କୁ ନେଇ ୧୦ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଶୁକ୍ରବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ମଧ୍ୟ ଦାବିପତ୍ର ଦିଆଯିବ। ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ତ୍ରିପାଠୀ ସୂଚନା ଦେଇଛନ୍ତି।

## ଗିରି ଗୋବର୍ଦ୍ଧନ ପୂଜା, ବନପୂଜନ



ବୋଲଗଡ଼,୨୦।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମବାସୀଙ୍କ ଦ୍ୱାରା କୋଶଳାଶୁଣୀ ଜଙ୍ଗଲରେ ଥିବା ପାହାଡ଼ ଉପରେ ଅବସ୍ଥିତ ଗିରିଧାରୀ ଦେବ ଠାକୁରଙ୍କ ପୀଠରେ ବନ ମହୋତ୍ସବ ଅବସରରେ ଗିରି ଗୋବର୍ଦ୍ଧନ ପୂଜା ଓ ବନପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ଷାକୁ ସ୍ୱାଗତ କରିବା ସହ ଭଲ ଫସଲ ଓ ସବୁଜ ଶ୍ୟାମଳ ଜଙ୍ଗଲ ସମ୍ପଦ ବୃଦ୍ଧି ପାଇବାକୁ ମୁଖ୍ୟତଃ ଏହି ପୂଜା କରାଯାଇଥାଏ। ଗ୍ରାମ ପରିଚାଳନା କମିଟି ଓ ବନସୁରକ୍ଷା ସମିତି ପକ୍ଷରୁ ଏହି ଅବସରରେ ଗିରିଧାରୀ ଠାକୁରଙ୍କ ପାଖରେ ମାଜଣା, ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇଥିଲା। କଳା ଯାଉ, ଧଳା ଖିରି, ଧୂପ ଦୀପ ନୈବେଦ୍ୟ ଅର୍ପଣ କରି ସମସ୍ତେ ପୁଷ୍ପାଞ୍ଜଳି ଦେଇଥିଲେ। କର୍ତ୍ତା ଭାବେ କୃପାସିନ୍ଧୁ ହୋତା ଏବଂ ପୂଜକ ତୋଫାନ ମହାପାତ୍ର ହୋମ ପୂଜା କରିଥିଲେ। ଫକୀର ପ୍ରଧାନ, ଭାଗୀରଥି ଦାଶ, ରାଜ ବେହେରା, ଅର୍ଜୁନ ମହାପାତ୍ର, ଦାଶରଥୀ ସାହୁ ପ୍ରମୁଖଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା। ସାଧୁ ପ୍ରଧାନ, ନକୁଳ ସାହୁ, ସନ୍ତୋଷ ଚମ୍ପତି ପ୍ରମୁଖ ଭାଗବତ ପାଠ ସହ ନାମ କୀର୍ତ୍ତନ କରିଥିଲେ।

# ସବୁଜ ପୃଥିବୀ ପାଇଁ ଚାରାରୋପଣ ଜରୁରୀ

## ବିଦ୍ୟାରମ୍ଭ ସାମ୍ବତ୍ସରିକ ଉତ୍ସବ, ୭୪ତମ ବନ ମହୋତ୍ସବ

ଖୋର୍ଦ୍ଧା,୨୦।୭(ପ୍ରଭାତ ପାଣିଗ୍ରାହୀ)




ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଦ୍ୟାରମ୍ଭ ସାମ୍ବତ୍ସରିକ ଉତ୍ସବ ଓ ୭୪ତମ ବନ ମହୋତ୍ସବ ମଙ୍ଗଳବାର ମୈତ୍ରୀଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ଡ. ଅଜନ୍ତା ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ତଥା ପରିଚାଳନା କମିଟି ସଭାପତି ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ, କଲେଜ ଉପାଧକ୍ଷା ଡ. ବିନୋଦିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଲେଜ ପରିସରରେ ଚାରାରୋପଣ କରାଯାଇଥିଲା। ଅତିଥି, କଲେଜ ଅଧାପିକା ଅଧାପକ ଏବଂ ଛାତ୍ରୀଛାତ୍ର ମିଳିତ ଭାବେ ଚାରାରୋପଣ କରିଥିଲେ। ବନଖଣ୍ଡ ଅଧିକାରୀ ପାଣ୍ଡିଆନ କହିଥିଲେ, ସୁସ୍ଥ ପରିବେଶ ପାଇଁ ଚାରାରୋପଣ ଜରୁରୀ। ପରିବେଶ ସୁରକ୍ଷା ଦିଗରେ ସମସ୍ତଙ୍କ ଉତ୍ତର ଦାୟିତ୍ୱ ରହିଛି। ସବୁଜ ସୁନ୍ଦର ପୃଥିବୀ ପାଇଁ ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ରୋପଣ ସହ ଏହାର ଯତ୍ନ ନେବା ଉଚିତ। ପ୍ରାଧାପକ ଶୁଭେନ୍ଦୁ ମହାନ୍ତି ଏହି ଉତ୍ସବର ସଂଯୋଜନା କରିଥିଲେ। କଲେଜ ବାର୍ଷିକ କ୍ୟାଲେଣ୍ଡର ଓ କ୍ୟାମ୍ପସ ବୁଲେଟିନ ଦି ଫ୍ରଫୁଟ ଉନ୍ମୋଚନ କରାଯାଇଥିଲା।

# ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ଦାବି ତେଜିଲା

ଟାଙ୍ଗୀ,୨୦।୭(ରଘୁନାଥ ସାହୁ)

## ସରକାର ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ସଦର ମହକୁମା ଟାଙ୍ଗୀ ପଞ୍ଚାୟତକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ଦୀର୍ଘ ୧୪ବର୍ଷ ଧରି ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଛି, କିନ୍ତୁ ସରକାର କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ସୂଚନାଥାଉ କି, ୨୦୦୯ ମସିହାରେ ଖୋର୍ଦ୍ଧାର ତତ୍କାଳୀନ ଉପଜିଲାପାଳ ପ୍ରେମାନନ୍ଦ ଖୁଣ୍ଟିଆ ବ୍ଲକ ସମ୍ମିଳନୀ କକ୍ଷରେ ଏକ ବୈଠକରେ ଟାଙ୍ଗୀ ପଞ୍ଚାୟତକୁ ଏନ୍‌ଏସି ମାନ୍ୟତା ପାଇଁ ନିୟମ ରହିଛି, ସେ ସମ୍ପର୍କରେ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ସହିତ ଆଲୋଚନା କରିବା ପରେ କାଗଜପତ୍ର ପ୍ରସ୍ତୁତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ଭୋଟର ତାଲିକା, ଜନସଂଖ୍ୟା ରିପୋର୍ଟ, ପଞ୍ଚାୟତ ରିଜୋଲେଶନ ପ୍ରସ୍ତୁତ କରାଯାଇ ପଠାଯାଇଥିଲା। ଏହା ମଧ୍ୟରେ ୩ଟି ସାଧାରଣ ନିର୍ବାଚନ ହୋଇସାରିଛି। ଦୁଇଥର ରାଜେନ୍ଦ୍ର କୁମାର ସାହୁ, ଥରେ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ବିଧାୟକ ଭାବେ ନିର୍ବାଚିତ ହୋଇ ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି, କିନ୍ତୁ କାର୍ଯ୍ୟକାରୀ ହୋଇପାରି ନାହିଁ। ୨୦୨୨ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ସରପଞ୍ଚ କିଶୋର କୁମାର ବେହେରା ଟାଙ୍ଗୀକୁ ଏକ ବର୍ଷ ମଧ୍ୟରେ ଏନ୍‌ଏସି ମାନ୍ୟତା ଦେବା ପାଇଁ ପ୍ରତିଶ୍ରୁତି ରଖିଥିଲେ ତାହା ମଧ୍ୟ ଏପର୍ଯ୍ୟନ୍ତ ଫଳପ୍ରଦ ହୋଇପାରିନାହିଁ। ଟାଙ୍ଗୀ ପଞ୍ଚାୟତର ଜନସଂଖ୍ୟା ୧୫ ହଜାରରୁ ଉର୍ଦ୍ଧ୍ୱ। ଏଠାରେ ବ୍ଲକ୍, ତହସିଲ, ରାଜସ୍ୱ ନିରୀକ୍ଷକ, ଗ୍ରାମ୍ୟ ଉନ୍ନୟନ ବିଭାଗ, ୱାର୍କ୍ସ ଡିପାଟମେଣ୍ଟ, ସବ୍‌ରେଜିଷ୍ଟ୍ରାର, ଥାନା, ଅବକାରୀ ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗ୍ରାମ୍ୟ ପାନୀୟଜଳ, କ୍ଷୁଦ୍ର ଜଳସେଚନ, ଜିଲା କୃଷି ଅଧିକାରୀ କାର୍ଯ୍ୟାଳୟ, ଉଦ୍ୟାନ ବିଭାଗ ସମେତ ବିଭିନ୍ନ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଥିବା ସତ୍ତ୍ୱେ ଏନ୍‌ଏସି ଘୋଷଣା ନ ହୋଇଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଏପରିକି ଘୋଷଣା ନ ହେବା ପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ଟାଙ୍ଗୀରେ ପ୍ରବେଶକୁ ବାରଣ ମଧ୍ୟ କରାଯିବ ବୋଲି କେତେକ ସାମାଜିକ ଅନୁଷ୍ଠାନ ନିଷ୍ପତ୍ତି ନେଇଛନ୍ତି। ତେଣୁ ତୁରନ୍ତ ସରକାର ଟାଙ୍ଗୀକୁ ଏନ୍‌ଏସି ଘୋଷଣା କରିବା ପାଇଁ ଦାବି ହେଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୭।୨୦୨୩

| | |
|---|---|
| ୩,୬୪,୬୮୭ ଟଙ୍କା | |
| ସୁନା | ୧.୫୫୦ ଗ୍ରାମ୍ |
| ରୁପା | ୫.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଏସ୍‌ସିଏସ୍ କଲେଜ +୨ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶିତ

ପୁରୀ, ୨୦।୭(ଅଜିତ୍ ମହାନ୍ତି): ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟର +୨ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ଲିଷ୍ଟ ବୁଧବାର ପ୍ରକାଶ ପାଇଛି। ବିଜ୍ଞାନ, ବାଣିଜ୍ୟ ଓ କଳାର +୨ ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶିତ ହୋଇଛି। କଳାରେ ୭୦.୩୩%, ବିଜ୍ଞାନରେ ୭୩.୫% ଓ ବାଣିଜ୍ୟରେ ୫୭.୧୭% କଟ୍ ଅଫ୍ ମାର୍କ ରହିଛି।

### ଶିକ୍ଷାବିତ୍ ଲିଙ୍ଗରାଜ ନାୟକଙ୍କ ପରଲୋକ

ଗୋପ,୨୦।୭(ଭାରତୀ ଭୂଷଣ ଉପାଧ୍ୟାୟ)- ଗୋପ ବ୍ଲକ ଅନ୍ତର୍ଗତ ପୋଇତରା ଗ୍ରାମର ଶିକ୍ଷାବିତ୍ ଲିଙ୍ଗରାଜ ନାୟକ (୮୭)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଦୀର୍ଘବର୍ଷ ଶିକ୍ଷକତା ଜୀବନରେ ନାୟକ ଅନେକ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ଭାବେ ଗଢ଼ିବା ସହ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ପଦପଦବୀରେ ପ୍ରତିଷ୍ଠିତ କରାଇପାରିଛନ୍ତି। ଅବସର ଗ୍ରହଣ କରିବା ପରେ ମଧ ସେ ବିଭିନ୍ନ ଗାଁରେ ପହଞ୍ଚି ଅନେକ ଗରିବ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରିଥାନ୍ତି। ଗୁରୁବାର ସନ୍ଧ୍ୟାରେ ହଠାତ ଲିଙ୍ଗରାଜ ଅସୁସ୍ଥ ହୋଇ ପଡିବା ପରେ ତାଙ୍କୁ ପ୍ରଥମେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଭୁବନେଶ୍ୱର ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ହୃଦ୍‌ଘାତ ଜନିତ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପ୍ରକାଶିତ ହେବା ପରେ ଶହ ଶହ ଛାତ୍ରୀଛାତ୍ର ତାଙ୍କୁ ଭୁବନେଶ୍ୱରରେ ଶେଷ ଦର୍ଶନ କରିଥିବାବେଳେ ନିମାପଡ଼ା, ଗୋପ, ପିପିଲି ସହିତ ଅନେକ ସ୍ଥାନରେ ତାଙ୍କୁ ଶିକ୍ଷାବିତ, ବୃଦ୍ଧିଜୀବୀଙ୍କ ସହିତ ରାଜନୈତିକ ବ୍ୟକ୍ତିବିଶେଷ ଶେଷ ଦର୍ଶନ କରିଥିଲେ। ଶେଷ ସମୟରେ ତାଙ୍କ ନିକଟରେ ବଡ଼ ପୁଅ ଶିବଦତ୍ତ, ବିଭୁଦତ୍ତଙ୍କ ସହିତ ସମସ୍ତ ପୁତ୍ର ଓ ପୁତ୍ରବଧୂଙ୍କ ସହିତ ନାତି, ନାତୁଣୀ ଉପସ୍ଥିତ ଥିଲେ। ଗୋପ ବଜାର ଛକ ନିକଟରେ ଗୋପ ବ୍ଲକ ଶିକ୍ଷକ ସଂଘ, ଗୋପ ପ୍ରେସ କ୍ଲବ, ବଜାର ସଂଘ ସହିତ ଅନେକ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶିକ୍ଷାବିତ ଲିଙ୍ଗରାଜ ନାୟକଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

# କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

**୫-ଟି ସ୍କୁଲରୁ ପ୍ଲାଷ୍ଟର ଖସିବା ଘଟଣା**

- ଆହତ ଶିକ୍ଷୟିତ୍ରୀଙ୍କୁ ଭେଟିଲେ ୪ଜଣିଆ ଭାଜପା ଟିମ୍
- ଜିଲାପାଳ, ଜିଲାସ୍ତରୀୟ ଅଧିକାରୀଙ୍କ ତଦନ୍ତ ଦାବି

ଅସ୍ତରଙ୍ଗ,୨୦।୭(ମମତା ଜେନା)




ପଢ଼ିଆରୀ ନୋଡାଲ ବିଦ୍ୟାପୀଠ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି ।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତର ୫-ଟି ସ୍କୁଲ ପଢ଼ିଆରୀ ନୋଡାଲ ବିଦ୍ୟାପୀଠ କାର୍ଯ୍ୟାଳୟ ଗୃହରୁ ପ୍ଲାଷ୍ଟର ଖସି ଶିକ୍ଷୟତ୍ରୀ, ସିଆରସିସି ମୁଣ୍ଡ ଫାଟିବା ସହ ଖେଳ ଶିକ୍ଷକଙ୍କ ହାତରେ ଆଘାତ ଲାଗିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ନିମ୍ନମାନର କାର୍ଯ୍ୟ ସହ ଠିକ୍ ଭାବେ ଯାଞ୍ଚ ନ କରିବା ଯୋଗୁ ଏଭଳି ଅଘଟଣ ଘଟିଥିବା ବେଳେ ଠିକାଦାର, ଯନ୍ତ୍ରୀ ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଗୁରୁବାର ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ମିଶି ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଏଭଳି ନିମ୍ନ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ବିଡିଓ ଦାୟୀ ବୋଲି ଗ୍ରାମବାସୀ କହିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଏକ ଟିମ୍ ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭେନ୍ଦୁ ନାୟକ, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର ଘଟଣାର ପ୍ରକୃତ ସ୍ଥିତି ପରଖିବାକୁ ଯାଇଥିଲେ। କିନ୍ତୁ ଫାଟକ ସମୁଖରେ ଗ୍ରାମବାସୀ ସେମାନଙ୍କୁ ସ୍କୁଲ ଭିତରକୁ ଛାଡ଼ି ନଥିଲେ। ଏପରିକି ଅପରାହ୍ନରେ ରାଜ୍ୟ ଭାଜପାର ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇଙ୍କ ନେତୃତ୍ୱରେ ୪ଜଣିଆ ରାଜ୍ୟ ପ୍ରତିନିଧି ଟିମ୍ ମଧ୍ୟରେ ମୁଖପାତ୍ର ତେଜସ୍ୱିନୀ ପରିଡା, ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ଘଟଣାର ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିବା ବେଳେ ସେମାନଙ୍କୁ ମଧ ସ୍କୁଲ ଭିତରକୁ ଗ୍ରାମବାସୀ ଛାଡ଼ି ନ ଥିଲେ। ଫଳରେ ଭାଜପା କର୍ମକର୍ତ୍ତାମାନେ ଗୁରୁତର ହୋଇଥିବା ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସେନାପତିଙ୍କ ବାସଭବନରେ ପହଞ୍ଚି ଘଟଣା ସମ୍ପର୍କ ବୁଝିଥିଲେ। ପ୍ରାୟ ଏକ ଘଣ୍ଟା ପରେ ବ୍ଲକ ଶିକ୍ଷାଧିକାରୀ ସୁଶୀଲ ବ୍ରହ୍ମ ଓ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିବା ପରେ ଛାତ୍ରୀଛାତ୍ର ଧାରଣାରୁ ଉଠିଥିଲେ। ଅନ୍ୟପଟେ ଜିଲାପାଳ କିମ୍ବା ଜିଲାସ୍ତରୀୟ ଅଧିକାରୀ ଆସି ଏହି ଘଟଣାର ତଦନ୍ତ ନ କରିବା ଯାଏ ପାଠପଢା ବନ୍ଦରହିବ ବୋଲି ଅଭିଭାବକ, ଗ୍ରାମବାସୀ ସିଧାସଳଖ କହିଛନ୍ତି। ବିଦ୍ୟାଳୟର ରୁପାନ୍ତର କାର୍ଯ୍ୟ ନିମ୍ନମାନର, ଯେଉଁଠି ଶିକ୍ଷକ ଶିକ୍ଷୟିତ୍ରୀ ସୁରକ୍ଷିତ ନାହାନ୍ତି, ସେଠି ଛାତ୍ରୀଛାତ୍ର କିଭଳି ପାଠ ପଢ଼ିବେ ? କାହାର କିଛି କ୍ଷତି ହେଲେ ସେଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଭାବକ ଓ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ତେଣୁ ନିମ୍ନମାନର କାର୍ଯ୍ୟକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ବିଡିଓ, ଠିକାଦାର, ବ୍ଲକ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଭିଭାବକ ଦାବି କରିଛନ୍ତି।

ପ୍ରକାଶ ଥାଉକି, ପଢ଼ିଆରୀ ନୋଡାଲ ବିଦ୍ୟାପୀଠରେ ବୁଧବାର କ୍ଲଷ୍ଟର ସ୍ତରୀୟ ମିଟିଂ ବସିଥିଲା ବେଳେ କାର୍ଯ୍ୟାଳୟ ଛାତରୁ ପ୍ଲାଷ୍ଟର ଖସିପଡ଼ିଥିଲା। ଏଥିରେ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଓ ସିଆରସିସି ତ୍ରିଲୋଚନ ବେହେରାଙ୍କ ମୁଣ୍ଡ ଫାଟିଥିବା ବେଳେ ଜଣେ ଖେଳ ଶିକ୍ଷକଙ୍କ ହାତରେ ଆଘାତ ଲାଗିଥିଲା। ସବୁଠାରୁ ବଡ଼କଥା ହେଲା ନିମ୍ନମାନର କାର୍ଯ୍ୟ ଓ କାମ ନସରି ତରବରିଆ ଭାବେ ସ୍କୁଲକୁ ଉଦ୍‌ଘାଟନ କରିନେବା ପୂର୍ବରୁ ଅଭିଯୋଗ ରହିଥିଲା। କିନ୍ତୁ ଅଭିଯୋଗ ପ୍ରତି କେହି ଗୁରୁତ୍ୱ ନଦେବାରୁ ଉଦ୍‌ଘାଟନର ପ୍ରାୟ ୬ ମାସ ପରେ ଏହି ଘଟଣା ଘଟିବାରୁ ରୂପାନ୍ତରିତ କାର୍ଯ୍ୟର ବାସ୍ତବ ଚିତ୍ର ଲୋକଲୋଚନକୁ ଆସିଛି ବୋଲି ଚର୍ଚ୍ଚା ହେଉଛି। ରୂପାନ୍ତରିତ କାର୍ଯ୍ୟ ନାଁରେ ସାମାନ୍ୟ ମରାମତି ଓ ପୁରୁଣା କାନ୍ଥରେ ରଙ୍ଗ ବୋଲି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ସମେତ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତେ ଦାବି କରିଛନ୍ତି।

# ସ୍କୁଲ କାର୍ଯ୍ୟାଳୟରେ ସାପ, ଛାତରୁ ଖସିଲା ପ୍ଲାଷ୍ଟର

ସାକ୍ଷୀଗୋପାଳ,୨୦।୭
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)



ସତ୍ୟବାଦୀ ହାଇସ୍କୁଲ ୧ ବର୍ଷରୁ କମ୍ ସମୟ ହେବ ରାଜ୍ୟ ସରକାରଙ୍କ ୫-ଟିରେ ଅନ୍ତର୍ଭୁକ୍ତ ହୋଇଛି। ସରକାରୀ ବିଦ୍ୟାଳୟରେ ଘରୋଇ ବିଦ୍ୟାଳୟ ଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏହାର ଲକ୍ଷ୍ୟ ଥିବାବେଳେ ଏଥିପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରାଯାଉଛି। ହେଲେ ଭିତ୍ତିଭୂମିର ଉନ୍ନତି ପାଇଁ ମାତ୍ର ଉତ୍ତରଦାୟିତ୍ୱ ନ ଥିବା ଭଳି ସମସ୍ୟା ସୃଷ୍ଟି ହେଉଥିବା ଅନେକ ଅଭିଭାବକ ଅଭିଯୋଗ କରିଛନ୍ତି। ଖବର ନେବାରେ ଜଣାପଡ଼ିଛି, ଗୁରୁବାର ବିଦ୍ୟାଳୟର ଜଣେ କର୍ମଚାରୀ ଅଫିସ କାର୍ଯ୍ୟାଳୟ ଖୋଲିବାବେଳେ କାର୍ଯ୍ୟାଳୟ ଭିତରେ ଏକ ବିଷଧର ତମ୍ପ ସାପ ଦେଖିଥିଲେ। ଏ ବିଷୟରେ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଶିକ୍ଷକ ଓ ଉପସ୍ଥିତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସେଠାରେ ପହଞ୍ଚି ସାପକୁ ଦେଖିଥିଲେ ମଧ ସାପଟି ରୁମ୍ ଭିତରେ ଥିବା ବିଭିନ୍ନ ଆସବାବ ଭିତରେ ପଶିଯାଇଥିଲା। ଦୀର୍ଘ ସମୟ ଚେଷ୍ଟା ସତ୍ତ୍ୱେ ସାପଟି ବାହାରି ନ ଥିଲା। ଏଥିପାଇଁ ଭୟରେ କାର୍ଯ୍ୟାଳୟରେ ଗୁରୁବାର କୌଣସି ଅଫିସ କାର୍ଯ୍ୟ ହୋଇପାରି ନ ଥିଲା। ସେହିପରି ଶିକ୍ଷୟିତ୍ରୀ ଶିକ୍ଷକଙ୍କ କମନ ରୁମ୍ ଛାତରୁ ପୂର୍ବରୁ ଫାଟି ରହିଥିବା ଏକ ବିଶାଳ ପ୍ଲାଷ୍ଟର ଖଣ୍ଡ ଗୁରୁବାର ଖସିଥିଲା। ସୌଭାଗ୍ୟବଶତଃ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ କିଛି କ୍ଷତି ହୋଇ ନ ଥିଲା। ଏଥିରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ କହିଛନ୍ତି, ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର ସହ ତାଙ୍କ ସହକର୍ମୀ ଏବେ ପ୍ରତିଦିନ ଭୟଭୀତ ହୋଇ ଚଳୁଛନ୍ତି।

# ଛାତ୍ର ସଂସଦ ନିର୍ବାଚନ କରିବାକୁ ଏବିଭିପିର ଦାବି




ଖବରଦାତା ସମ୍ମିଳନୀରେ ଏବିଭିପିର କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

ପୁରୀ,୨୦।୭(ଅଜିତ୍ ମହାନ୍ତି)

କିଛିବର୍ଷ ହେବ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇଛି। ଫଳରେ ଭଲ ଛାତ୍ର ନେତାଟିଏ ସୃଷ୍ଟି ହୋଇପାରୁନାହାନ୍ତି। ଫଳରେ ରାଜନୀତି ସମ୍ପର୍କରେ ଜାଣିବା ପାଇଁ କଲେଜ ପରିସରରେ ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାବୀର ପାଠାଗାର ପରିସରରେ ଏବିଭିପିର ଜିଲା ସଂଯୋଜକ ବିସ୍ମୟ ରଞ୍ଜନ ପଣ୍ଡାଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏବିଭିପି ପକ୍ଷରୁ କୁହାଯାଇଛି ଯେ, ଦୀର୍ଘ ୪ବର୍ଷ ଧରି ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ ବନ୍ଦ ରଖିଛନ୍ତି। ଛାତ୍ର ସଂସଦ ନିର୍ବାଚନ ହେଉଛି ନୂତନ ନେତୃତ୍ୱରର ଏନ୍ତୁଡ଼ିଶାଳ। ଛାତ୍ର ସଂସଦ ନିର୍ବାଚନ ଦ୍ୱାରା କଲେଜ ପରିସରରେ ଛାତ୍ରୀଛାତ୍ରମାନଙ୍କ ସମସ୍ୟାକୁ ସମାଧାନ କରାଯାଇପାରୁଥିଲା। ବିଦ୍ୟାର୍ଥୀମାନେ ନିଜର ଇଚ୍ଛା ଅନୁସାରେ ସେମାନଙ୍କ ନେତୃତ୍ୱ ଚୟନ କରିପାରିବାର ସୁଯୋଗ ପାଉଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ଶାସକ ଦଳ ନିଜର ମନମୁଖି ଶାସନ ଚଳେଇବାରେ ଲାଗିଛନ୍ତି। କଲେଜରେ ନିର୍ବାଚନ ବନ୍ଦକରି ନିଜ ଦଳର କାର୍ଯ୍ୟକର୍ତ୍ତାକୁ ଚୟନ କରି କ୍ୟାମ୍ପସ ୟୁନିଟ ଘୋଷଣା କରୁଛି। ଫଳରେ ଛାତ୍ରୀଛାତ୍ରମାନଙ୍କ ଭୋଟ ଦେବା ଅଧିକାରକୁ ମାରିଦେଉଛି। ତେବେ ଜିଲାରେ ୯ଟି ମହାବିଦ୍ୟାଳୟ ଓ ଗୋଟିଏ ବିଶ୍ୱବିଦ୍ୟାଳୟରେ ଏବିଭିପି ପ୍ରତିନିଧିତ୍ୱ କରିବା ପାଇଁ ପ୍ରସ୍ତୁତ ଥିବାବେଳେ ରାଜ୍ୟ ସରକାର ହାରିଯିବା ଭୟରେ ତା’ ଛାତ୍ର ଦଳ ଦ୍ୱାରା ପରିସରରେ ଗଣ୍ଡଗୋଳ କରି ନିର୍ବାଚନକୁ ବନ୍ଦ କରଛନ୍ତି। ଫଳରେ ଜାଣିଶୁଣି ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଉଛି। ଏଥିରେ କୋଉଠି ନା କୋଉଠି ଶାସକ ଦଳର ଛାତ୍ରମାନେ ସମ୍ପୃକ୍ତ ରହିଛନ୍ତି। ତେଣୁ ସରକାର ଛାତ୍ର ସଂସଦ ନିର୍ବାଚନ ପାଇଁ ଯଥାଶୀଘ୍ର ନିର୍ବାଚନର ତାରିଖ ଘୋଷଣା କରନ୍ତୁ। ନଚେତ୍ ଆଗାମୀ ଦିନରେ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇବେ, ସେଥିପାଇଁ ରାଜ୍ୟ ସରକାର ହିଁ ଦାୟୀ ରହିବେ ବୋଲି ଖବରଦାତା ସମ୍ମିଳନୀରେ ଜିଲା ସଂଯୋଜକ ପଣ୍ଡା କହିଛନ୍ତି। ସମ୍ମିଳନୀରେ ଏବିଭିପିର ଅନ୍ୟ କର୍ମକର୍ତ୍ତାମାନେ ମଧ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯାଉ

ପୁରୀ, ୨୦।୭(ଅଜିତ ମହାନ୍ତି):

**ଦାବି କଲା ପୁରୀ ଓକିଲ ସଂଘ**

- ୧୦ଜଣିଆ କମିଟି ଗଠିତ
- ମୁଖ୍ୟମନ୍ତ୍ରୀ, ଜିଲାପାଳ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦିଆଯିବ

ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଉ ବୋଲି ପୁରୀ ଜିଲା ଓକିଲ ସଂଘ ଦାବି କରିଛି। ଏନେଇ ଗୁରୁବାର ପୁରୀ ବାର୍ ଆସୋସିଏଶନ୍ ସମ୍ମିଳନୀ କକ୍ଷରେ ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ୪ ଦ୍ୱାର ତୁରନ୍ତ ଖୋଲିବାକୁ ଜିଲା ଓକିଲ ସଂଘ ଦାବି କରିଛି। ସଂଘର ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠୀ କହିଛନ୍ତି, କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କୁ ଛଡ଼ାଯିବା ଦ୍ୱାରା ଗହଳି ଯୋଗୁ ପୁରୀବାସିନ୍ଦାଙ୍କ ସମେତ ବାହାରୁ ଆସୁଥିବା ବୃଦ୍ଧା ବୃଦ୍ଧ, ପିଲା ହଇରାଣ ହେଉଛନ୍ତି। ବେଳେବେଳେ କେତେଜଣ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଲୋକଙ୍କ ଧାର୍ମିକ ଭାବନା ମଧ ପ୍ରଭାବିତ ହେଉଛି। ପୂର୍ବରୁ ୪ଦ୍ୱାର ଖୋଲାଯାଉଥିଲା। ଫଳରେ ଭକ୍ତ ସୁବିଧାରେ ସେମାନଙ୍କ ଇଛା ଅନୁଯାୟୀ ମନ୍ଦିରରେ ପ୍ରବେଶ କରିପାରୁଥିଲେ। ମାତ୍ର ଏବେ ତାହା ହୋଇପାରୁନାହିଁ। ପ୍ରଶାସନର ସବୁ ନିଷ୍ପତ୍ତିକୁ ପୁରୀବାସୀ ମାନିଛନ୍ତି। ମାତ୍ର ପ୍ରଶାସନ ସେମାନଙ୍କ ସମସ୍ୟାକୁ ଦୃଷ୍ଟି ଦେଉନାହିଁ। ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଧାଡ଼ିରେ ଯାଇ ମଧ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରୁନାହାନ୍ତି। ଭିଡ଼ରେ ଅଚେତ ହୋଇ ପଡୁଛନ୍ତି। ଭକ୍ତଙ୍କ ପାଇଁ ପାଣି ସୁବିଧା ନାହିଁ। ତେଣୁ ଚାରିଦ୍ୱାର ଖୋଲାଯାଉ। ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ହେଉ। ଏ ସଂକ୍ରାନ୍ତରେ ଓକିଲ ସଂଘର କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହ ବରିଷ୍ଠ ଆଇନଜୀବୀଙ୍କୁ ନେଇ ୧୦ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଶୁକ୍ରବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ମଧ ଦାବିପତ୍ର ଦିଆଯିବ। ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ତ୍ରିପାଠୀ ସୂଚନା ଦେଇଛନ୍ତି।



ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

## ଜିଲା ବିଜେଡି ସଭାପତିଙ୍କ ଦାବି

ପୁରୀ, ୨୦।୭ (ଅଜିତ୍ ମହାନ୍ତି):

ଭକ୍ତଙ୍କ ପାଇଁ ତୁରନ୍ତ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବାକୁ ବିଜେଡି ଦାବି କରିଛି। ପୁରୀ ଜିଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଗୁରୁବାର ଏ ନେଇ ମୁହଁ ଖୋଲିଛନ୍ତି। ମହାନ୍ତି ତାଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ଭକ୍ତଙ୍କୁ ଛଡ଼ାଯାଉ ନ ଥିବାରୁ ସେମାନେ ଲମ୍ୱାଧାଡ଼ିରେ ଦୀର୍ଘ ସମୟ ଧରି ଠିଆ ହେବା ସହ ବିଭିନ୍ନ ପ୍ରକାର ହଇରାଣ ହେଉଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରିବା ଏବଂ ମହାପ୍ରସାଦ ପାଇବା ଲାଗି ପୁରୀ ସହରବାସୀଙ୍କୁ ମଧ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କରୋନା ପୂର୍ବରୁ ପୁରୀବାସୀଙ୍କ ପାଇଁ ପଶ୍ଚିମଦ୍ୱାର ଖୋଲାଯାଇଥିଲା। ମାତ୍ର ପରିକ୍ରମା ମାର୍ଗ ନିର୍ମାଣ ଆଳରେ ତାକୁ ବନ୍ଦ କରିଦିଆଯାଇଛି। ପୁରୀ ସହରର ବାସିନ୍ଦା ମହାପ୍ରସାଦ ପାଇଁ ଆଣିବାକୁ ଗଲେ ଦଲାଲଙ୍କ ଶୋଷଣର ଶିକାର ହେଉଛନ୍ତି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲୁ ବୋଲି ମହାନ୍ତି ଦାବି କରିଛନ୍ତି।

# ବର୍ଷା ପାଇଁ ଅଧିକ ଖୁସି ହୁଏ ଚାଷୀ

ପୁରୀ, ୨୦।୭(ଅଜିତ ମହାନ୍ତି):

**‘ଓଡ଼ିଆ ସାହିତ୍ୟରେ ବର୍ଷା ବର୍ଣ୍ଣନା’ ଶୀର୍ଷକ ଆଲୋଚନାଚକ୍ର**

ସମତା ସାହିତ୍ୟ ସମିତି ପୁରୀ ଆନୁକୂଲ୍ୟରେ ଗୁରୁବାର ଶଙ୍କରେଶ୍ୱର ମନ୍ଦିର ପରିସରରେ ‘ଓଡ଼ିଆ ସାହିତ୍ୟରେ ବର୍ଷା ବର୍ଣ୍ଣନା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଭାପତି ପ୍ରତିଭା ତ୍ରିପାଠୀ ଅଧକ୍ଷତା କରିଥିଲେ। ୬ଟି ଋତୁ ମଧ୍ୟରୁ ବସନ୍ତ ଋତୁରାଜ ହୋଇପାରେ, କିନ୍ତୁ ବର୍ଷାଋତୁ ଯେତେବେଳେ ଧରାଧାମକୁ ପ୍ରବେଶ କରେ ସେତେବେଳେ ସେ ଆତସବାଜି ବା ଘଡ଼ଘଡ଼ି ଓ ବିଜୁଳି ମାଧମରେ ଦର୍ଶାଇ ଦିଏ ବର୍ଷା ଆରମ୍ଭ ହେଲା। ବର୍ଷା ପାଇଁ ସବୁଠୁ ଅଧିକ ଆନନ୍ଦିତ ହୁଏ ଚାତକ ପକ୍ଷୀ। ତା’ର ଖାଦ୍ୟ ଓ ପାନୀୟ ହେଉଛି ବର୍ଷା। ଏଥିଲାଗି ସେ ବର୍ଷ ବର୍ଷ ଧରି ଅପେକ୍ଷାରେ ଥାଏ। ବର୍ଷା ଦ୍ୱାରା ଚାଷବାସ ହେଉଥିବାରୁ ଚାଷୀ ମଧ ଖୁସି ହୋଇଥାଏ ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଦାଶରଥି ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡ. ବଳରାମ ଦାଶ ଏବଂ ବିଶିଷ୍ଟ ଅତିଥି ଭାବେ କୈଳାଶ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ବିଜୟ ଚରଣ ମହାନ୍ତି, ଡ. ପ୍ରମୋଦ କୁମାର ଦଳାଇ, ସଦାଶିବ ମିଶ୍ର ପ୍ରମୁଖ ଯୋଗଦେଇ ବର୍ଷାର ଆଗମନ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନା ଚକ୍ରରେ ସୁରେଶ କୁମାର ପଟ୍ଟନାୟକ, ଡ. ରମାକାନ୍ତ କର, ପୀତାମ୍ବର ମହାପାତ୍ର, ଦେବଦତ୍ତ ପ୍ରଧାନ, ମିଳନ ମୁଦୁଲି, ଯୋଗେନ୍ଦ୍ରନାଥ ସାହୁ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ରତିକାନ୍ତ ପ୍ରତିହାରୀ ଏବଂ ନୃସିଂହ ଚରଣ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶିବସୁନ୍ଦର ମିଶ୍ର ଆଲୋଚନା ଚକ୍ରକୁ ସଂଯୋଜନା କରିଥିବାବେଳେ ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଏବଂ ଅଶୋକ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତଙ୍କ ଅକାଳ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ରବିନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।




ସମତା ସାହିତ୍ୟ ସମିତି ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

# ଶ୍ରୀଜଗନ୍ନାଥଙ୍କ ମଣୋହି ଜମି ହଡ଼ପକାରୀଙ୍କୁ ଜବାବ ଦିଆଯିବ

**ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତି ପକ୍ଷରୁ କଳାଦିବସ ପାଳିତ**

ପୁରୀ,୨୦।୭( ଅଜିତ ମହାନ୍ତି)

ସର୍ବଧର୍ମ ସମନ୍ୱୟର ପ୍ରତୀକ, କୃଷି-କୃଷକର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହି ଜମି ଓ ଚାଷୀମାନଙ୍କର ଚାଷଜମି ୧୦ହଜାର ଏକର ହଡ଼ପକାରୀ ସରକାରକୁ ଓଡ଼ିଶାବାସୀ ଗଣତାନ୍ତ୍ରିକ ପଦ୍ଧତିରେ ଜବାବ୍ ଦେବାକୁ ପୁରୀ ବେଲଦଳଠାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ କଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ ପୁରୀ-କୋଣାର୍କ ବେଳାଭୂମିରେ ୧୦ ହଜାର ଏକର ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମି ଓ କୃଷକଙ୍କ କୃଷି ଜମି ବେଦାନ୍ତ କମ୍ପାନୀକୁ ବେଆଇନ ଭାବେ ଟେକିଦେବା ପାଇଁ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ମିଳିତ ସରକାରର ଚକ୍ରାନ୍ତ ସମଗ୍ର ଭାରତବର୍ଷ ପାଇଁ ଏକ ‘ଜାତୀୟ ଲଜ୍ୟା’ ବୋଲି ପ୍ରକାଶ କରିଥିଲେ। କମ୍ପାନୀର ବୋଲକରା ରାଜନେତାମାନଙ୍କୁ ରାଜ୍ୟବାସୀ ଆସନ୍ତା ଦିନରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଠିକ୍ ଜବାବ୍ ଦେବାକୁ ଆହ୍ୱାନ ଦେଇଛନ୍ତି। ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର ଯୋଗଦେଇ କହିଥିଲେ, ଓଡ଼ିଶା ଭଳି ରାଜ୍ୟରେ ପ୍ରତି ମୁହୂର୍ତ୍ତରେ ଚାଷୀ, ଆଦିବାସୀ ଓ ଗରିବ ଲୋକମାନଙ୍କ ଚାଷଜମିକୁ ସରକାର ଜବରଦସ୍ତ ଛଡ଼ାଇନେଇ ବିଭିନ୍ନ କମ୍ପାନୀ ହାତକୁ ଟେକି ଦେଉଛନ୍ତି। ଫଳରେ ନିଜ ମାଟିରେ ଜମିହରାମାନେ ଶରଣାର୍ଥୀ ପାଲଟି ଯାଉଥିବା ସମ୍ପର୍କରେ ମତପ୍ରକାଶ କରିଥିଲେ। ବିଶିଷ୍ଟ ସଙ୍ଗଠକ ତଥା ବେଦାନ୍ତ ବିରୋଧୀ ନେତା ଦେବୀପ୍ରସାଦ ପୃଷ୍ଟି ନିଜ ଅଭିଭାଷଣରେ ବେଦାନ୍ତ କମ୍ପାନୀ ଓ ଏହାର ପୃଷ୍ଠପୋଷକ ମୁଖ୍ୟମନ୍ତ୍ରୀ, ତତ୍କାଳୀନ ମନ୍ତ୍ରୀ ମନମୋହନ ସାମଲ ଓ ସମୀର ଦେଙ୍କ ସମେତ ସରକାରୀ ଅଧିକାରୀଙ୍କ ଅସଲ ମୁଖା ନିକଟରେ ସୁପ୍ରିମକୋର୍ଟଙ୍କ ରାୟ ପରେ ଖୋଲିଯାଇଛି ବୋଲି କହିଥିଲେ। ଓଡ଼ିଶାରେ ସର୍ବବୃହତ କୃଷିଜମି କେଳେଙ୍କାରୀ ସମ୍ପର୍କରେ ନବଘୋଷିତ ଇଣ୍ଡିଆ ନେତୃମଣ୍ଡଳୀ ସୋନିଆ ଗାନ୍ଧୀ, ନିତିଶ କୁମାର, ରାହୁଲ୍ ଗାନ୍ଧୀ, ହେମନ୍ତ ସୋରେନ୍, ସୀତାରାମ ୟେଚୁରୀ, ମମତା ବାନାର୍ଜୀଙ୍କୁ ଅବଗତ କରାଯାଇଛି ବୋଲି ମଧ ପୃଷ୍ଟି ସୂଚନା ଦେଇଥିଲେ। କୃଷକ ନେତା ଦାମୋଦର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦିବସ ପାଳନର ପ୍ରାରମ୍ଭରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ବରିଷ୍ଠ ସଦସ୍ୟ ବିଷ୍ଣୁପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଭାକର ସ୍ୱାଇଁ, ପର୍ଶୁରାମ ପ୍ରଧାନ, ହରପ୍ରସାଦ ଜେନା, କୈଳାସ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ମଧୁସୂଦନ ରାଉତରାୟ, ସୁଧୀର ମହାନ୍ତି, ପ୍ରଦୀପ ପ୍ରଧାନ, ଅବିନାଶ ମିଶ୍ର ଓ ରମେଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।




ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତି ପକ୍ଷରୁ କଳାଦିବସ ପାଳନ ଅବସରରେ ଶୋଭାଯାତ୍ରା ।

**ଓକେଏସ୍ ପକ୍ଷରୁ ୨୪ରେ କଳାକାର ଦିବସ**

ଭୁବନେଶ୍ୱର (ଶର୍ମିଷ୍ଠା ପାଣିଗ୍ରାହୀ): ଓଡ଼ିଶା କଳାକାରଙ୍କ ସ୍ୱର(ଓକେଏସ) ପକ୍ଷରୁ ଆସନ୍ତା ୨୪ତାରିଖରେ କଳାକାର ଦିବସ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହେବ। ଉକ୍ତ ଦିନ ନାଟକ 'ନୋ ଟେନ୍‌ସନ' ପରିବେଷିତ ହେବ। କାର୍ଯ୍ୟକ୍ରମରେ ୧୫୦କଳାକାରଙ୍କୁ ନେଇ ମାଗଣା ସ୍ୱାସ୍ଥ୍ୟ ଶିବିର ସହ କଳାକାରମାନଙ୍କୁ ୧ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ସ୍ୱାସ୍ଥ୍ୟ ବୀମା ବଣ୍ଟନ କରାଯିବ। ଗୁରୁବାର ଭୁବନେଶ୍ୱର କଳାକେନ୍ଦ୍ରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଶ୍ରୀଧର ମାର୍ଥା, ଉପ ସଭାପତି ଲିପିକା ମହାନ୍ତି, ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖ ଏହି ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ସାନକୁ ହତ୍ୟା ଘଟଣା, ଜେଲ ଗଲେ ବଡ଼ ଭାଇ

ଭୁବନେଶ୍ୱର,୨୦।୭ (ସୂର୍ଯ୍ୟକାନ୍ତ ବେହେରା): ଚନ୍ଦକା ଥାନା ଅନ୍ତର୍ଗତ ମେଣ୍ଢାଶାଳ ଫାଣ୍ଡି ଛତାବର ପଞ୍ଚାୟତର ବିନଝଗିରି ଗାଁ କନ୍ଦଳେଇ ମୁଣ୍ଡାସାହିରେ



ସାନଭାଇ ରଘୁ ଚାତାର(ଜଗା)କୁ ହତ୍ୟା ଘଟଣାରେ ବଡ଼ ଭାଇ କାର୍ତ୍ତିକ ଚାତାରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ଗତ ୧୭ ତାରିଖ ସନ୍ଧ୍ୟାରେ ଜଗା, ବଡ଼ ଭାଇ କାର୍ତ୍ତିକ ଓ ତାଙ୍କ ଗ୍ରାମର ଜଣେ ବନ୍ଧୁ ଗୋଟିଏ ମୋଟରସାଇକେଲରେ ବଜାରକୁ ଯାଇଥିଲେ। ବଜାର ସାରି ଫେରିବା ବେଳେ ବାଟରେ ୩ଜଣ ମିଶି ନିଶାପାନ କରିଥିଲେ। ବାଟରେ ପାରିବାରିକ କଥାକୁ ନେଇ ଦୁଇ ଭାଇ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ବାଟରେ ଗାଡ଼ି ରଖି କାର୍ତ୍ତିକ ଓ ଜଗା ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ କାର୍ତ୍ତିକ ରାଗିଯାଇ ଜଗାଙ୍କୁ ଧକ୍କା ଦେଇ ନିକଟରେ ପଡ଼ିଥିବା ଏକ ପଥର ଆଣି ତା' ପେଟ ଉପରେ ଛେଚିଦେଇଥିଲେ। ପରେ ସେଠାରୁ କାର୍ତ୍ତିକ ଓ ତାଙ୍କ ବନ୍ଧୁ ପଳାଇଥିଲେ। ପରେ ସ୍ଥାନୀୟ ଲୋକ ଓ ପରିବାର ଲୋକ ପହଞ୍ଚି ଜଗାଙ୍କୁ ଉଦ୍ଧାର କରି ପ୍ରଥମେ ମେଣ୍ଢାଶାଳ ହସ୍ପିଟାଲ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଜଗାଙ୍କ ସମ୍ପର୍କୀୟ ଭାଇ ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ହତ୍ୟା ଦଫାରେ ମାମଲା ରୁଜୁ କରି ତଦନ୍ତ କରି କାର୍ତ୍ତିକଙ୍କୁ ଉଠାଇଆଣି ପଚରାଉଚରା ପରେ ଗିରଫ କରିଥିଲା ।

### ଆଇଏଲ୍ଏସ୍ ପକ୍ଷରୁ ଡା. ଅଜୟଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୦।୭ (ଅଭିଜିତ ଦାସ): ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍ଏସ୍)ର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଜୟ ପରିଡାଙ୍କୁ ପ୍ରତିଷ୍ଠାନ ପକ୍ଷରୁ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଅବସରରେ ଅତିଥିମାନେ ଡା. ପରିଡାଙ୍କ ସ୍ମୃତିଚାରଣ କରାଯିବା ସହ ବିଜ୍ଞାନ ପ୍ରତି ଥିବା ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କୃଷି, ମଲିକୁଲାର ବାୟୋଲଜି ଓ ବାୟୋଟେକ୍ନୋଲୋଜିରେ ସେ ଅନ୍ତର୍ଜାତୀୟ ସ୍ୱୀକୃତି ପାଇଥିଲେ। ନିର୍ଦ୍ଦେଶକ ଭାବେ ଆଇଏଲ୍ଏସ୍‌କୁ ବାୟୋଟେକ୍ନୋଲୋଜିରେ ଏକ ନୂତନ ଦିଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତର ପରିଡ଼ାଙ୍କ ସ୍ତ୍ରୀ ରଶ୍ମି ମହାପାତ୍ର, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଦୀନବନ୍ଧୁ ସାହୁ, ଆଇଏଲ୍ଏସ୍ ନିର୍ଦ୍ଦେଶକ ଡାକ୍ତର ଦେବାଶିଷ ଦାସ ଓ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ।

### ମାଲିକାଣୀ ଘରୁ ଚୋରି, ସହାୟିକା ଗିରଫ

ଭୁବନେଶ୍ୱର,୨୦।୭ (ସୂର୍ଯ୍ୟକାନ୍ତ ବେହେରା): ମାଲିକାଣୀଙ୍କ ଘରୁ ଚୋରି କରିବା ଅଭିଯୋଗରେ ଜଣେ ସହାୟିକାଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଭଦ୍ରକର ବାସନ୍ତୀ ଲତା ସାହୁ । ତାଙ୍କ ହେପାଜତରୁ ୨ ଶାଢ଼ି,ଗୋଟିଏ ରୁପମୁଦ୍ରା, ପେନଡ୍ରାଇଭ, ନଗଦ ୫୦୦ ଟଙ୍କା, ଘର ଉପକରଣ ଭଳି ଅନ୍ୟାନ ଜିନିଷ ଜବତ କରିଛି ପୋଲିସ। ସୂଚନାନୁସାରେ ଅଭିଯୋଗକାରିଣୀ ଅଭିଯୁକ୍ତାଙ୍କୁ ୨ ମାସ ପୂର୍ବେ ଗୋଟିଏ ଘରୋଇ ସଂସ୍ଥା ଦ୍ୱାରା ତାଙ୍କ ଘରେ ସହାୟିକା ଭାବରେ ନିଯୁକ୍ତି ଦେଇଥିଲେ। ଅଭିଯୁକ୍ତା କିଛି ଦିନ କାମ କରିବା ପରେ ହଠାତ କାମ କରିବାକୁ ମନା କରିଦେଇଥିଲେ । ଏନେଇ ଘର ମାଲିକାଣୀ ଅଭିଯୁକ୍ତାଙ୍କୁ ତାଙ୍କ ଘର ଛାଡି ଯିବା ସମୟରେ ସୁରକ୍ଷା ପାଇଁ ବ୍ୟାଗ ଦେଖାଇବାକୁ କହିବାରୁ ସେ ବ୍ୟାଗ ଦେଖାଇନଥିଲେ । ତେଣୁ ଘର ମାଲିକାଣୀ ଘର ଯାଞ୍ଚ ବେଳେ ଗୋଟିଏ ଶାଢ଼ି ଓ ବ୍ଲାଉଜ, ୪ଟି ରନ୍ଧନ ଚାମଚ, ୫୦୦/- ଟଙ୍କା, ପେନଡ୍ରାଇଭ, ରୁପା ମୁଦ୍ରା, ଓ କିଛି ବାସନ ଇତ୍ୟାଦି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଅଭିଯୋଗକାରିଣୀ ଏନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତାଙ୍କୁ ପଚରା ଉଚରା ପାଇଁ ଥାନାକୁ ଆଣିଥିଲେ। ତଦନ୍ତ ବେଳେ ଅଭିଯୁକ୍ତା ନିଜର ଅପରାଧ ସ୍ୱୀକାର କରିବା ପରେ ପୋଲିସ ଗିରଫ

# ବସିଲା ବୈଠକ, ବାହାରିଲାନି ନିଷ୍କର୍ଷ

## ରମାଦେବୀ ଜୁନିୟର କଲେଜ ସ୍ଥାନାନ୍ତରଣ ପ୍ରସଙ୍ଗ



ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍ ଆୟାରଙ୍କ ଅଧ୍ୟକ୍ଷତାରେ ଓସେପା କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ।

- ଜିଦ୍‌ରେ ଅଟଳ ବାଳିକା ଉଚ୍ଚ ବିଦ୍ୟାଳୟ କମିଟି, ବିକଳ୍ପ ପ୍ରସ୍ତାବ ଦେଲା
- ବିଦ୍ୟାଳୟରେ ପୂର୍ବଭଳି ପାଠପଢ଼ା ଚାଲୁ, ଯୁକ୍ତ୨ ବି ଖୋଲୁ
- ନଚେତ୍ ଜୁନିଅର କଲେଜକୁ ଅନ୍ୟତ୍ର ଜାଗା ଦିଆଯାଉ

ଭୁବନେଶ୍ୱର,୨୦।୭ (ଅନୁରାଧା ମହାରଣା)

ରମାଦେବୀ ବିଶ୍ୱବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଜୁନିୟର କଲେଜ) ଅଲଗା ହୋଇ ୟୁନିଟ୍-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରକୁ ସ୍ଥାନାନ୍ତରିତ ହେବା ତଥା ଉକ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ୟୁନିଟ୍-୯ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ସହ ମିଶ୍ରଣ ପ୍ରସଙ୍ଗରେ କୌଣସି ନିଷ୍କର୍ଷ ବାହାରିପାରୁନାହିଁ। ଅଗଷ୍ଟ ୧ରୁ ଯୁକ୍ତ୨ ପାଠପଢ଼ା ଆରମ୍ଭ ହେବାକୁ ଥିବାବେଳେ ଦଶମ ଶ୍ରେଣୀ ଅର୍ଦ୍ଧବାର୍ଷିକ ପରୀକ୍ଷା ପାଖେଇ ଆସୁଛି। ଜୁନିଅର କଲେଜ ସ୍ଥାନାନ୍ତରଣ ପାଇଁ ରମାଦେବୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଡ଼ି ବସିଥିବାବେଳେ ସରକାରୀସ୍ତରରେ ପ୍ରକ୍ରିୟା ଆଗେଇ ଚାଲିଛି। ଅନ୍ୟପଟେ ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ ମିଶ୍ରଣକୁ କୌଣସିମତେ ଗ୍ରହଣ କରିବାକୁ ନାରାଜ। ସେପଟେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର ଓ ଅଭିଭାବକ ପିଲାଙ୍କ ଉତ୍ତମ ଶିକ୍ଷାଦାନକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଏଭଳି ସ୍ଥିତିରେ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଓସେପା କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍ ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରମାଦେବୀ ଜୁନିୟର କଲେଜ ଅଧ୍ୟକ୍ଷା ଊର୍ମିଳା ଦାଶ, ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ହରିଚନ୍ଦନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ପରିଡ଼ା, ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ବେହେରାଙ୍କ ଉପସ୍ଥିତିରେ ଆପୋସ ବୁଝାମଣା ପାଇଁ ପ୍ରୟାସ କରାଯାଇଥିଲା। ତେବେ ବାଳିକା ଉଚ୍ଚ ବିଦ୍ୟାଳୟର ଅଭିଭାବକ ଓ ପରିଚାଳନା କମିଟି ନିଜ ଜିଦ୍‌ରେ ଅଟଳ ରହିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତରଣ ନ କରି ଏହାସହ ଜୁନିୟର କଲେଜକୁ ସାମିଲ କରି ଯୁକ୍ତ୨ ପାଠ୍ୟକ୍ରମ ଆରମ୍ଭ ହେଉ ଓ ପରବର୍ତ୍ତୀ ସମୟରେ ଏଠାରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଚାଲୁ ବୋଲି କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଯଦି ରମାଦେବୀ ବିଶ୍ୱବିଦ୍ୟାଳୟ ଏଥିରେ ରାଜି ନୁହନ୍ତି, ତେବେ ଜୁନିୟର କଲେଜକୁ ଅନ୍ୟତ୍ର ସ୍ଥାନ ଦେବା ପାଇଁ କମିଟି ଦାବି କରିଛି। ବିଶ୍ୱବିଦ୍ୟାଳୟ ପାର୍ଶ୍ୱରେ ଯଥେଷ୍ଟ ସରକାରୀ ଜମି ଜବରଦଖଲରେ ରହିଛି। ଉକ୍ତ ଜମି ଜୁନିୟର କଲେଜକୁ ପ୍ରଦାନ କରାଯାଉ ବୋଲି କମିଟି ବିକଳ୍ପ ପ୍ରସ୍ତାବ ରଖିଛି। ତେବେ ଆଲୋଚନା ସଫଳ ନ ହେବାରୁ ପୁଣିଥରେ ଏଦିଗରେ ବିଚାର କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀମାନେ କହିଛନ୍ତି। ତେବେ ଆସନ୍ତା ୨ଦିନ ମଧ୍ୟରେ ବିଦ୍ୟାଳୟ କମିଟି ବିଦ୍ୟାଳୟର ଛାତ୍ରୀ ଓ ଅଭିଭାବକଙ୍କ ସହ ଆଲୋଚନା କରି ନିଷ୍କର୍ଷ ଜଣାଇବାକୁ କୁହାଯାଇଛି।

## ଜଳବନ୍ଦୀ ସମସ୍ୟା ମୁକାବିଲା ପାଇଁ ବିଏମ୍‌ସି ଓ ଏନ୍‌ଏଚ୍‌ଏଆଇ ମଧ୍ୟରେ ଆଲୋଚନା

ଭୁବନେଶ୍ୱର,୨୦।୭(ଅନୁରାଧା ମହାରଣା)

ଆଗକୁ ପ୍ରବଳ ବର୍ଷା କାରଣରୁ ସହରାଞ୍ଚଳର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ଭୁବନେଶ୍ୱର ପୂର୍ବ ଦିନଗୁଡ଼ିକରେ ସୃଷ୍ଟି ହୋଇଥିବା ଜଳବନ୍ଦୀ ସମସ୍ୟାକୁ ଏଡ଼ାଇବା ପାଇଁ ବିଏମ୍‌ସି ପକ୍ଷରୁ ବୁଧବାର ଅନୁଷ୍ଠିତ ବୈଠକରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ)ର ଅଧିକାରୀଙ୍କ ସହ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ ଆଲୋଚନା କରିଛନ୍ତି। ଏନ୍‌ଏଚ୍‌ଆଇ ଅଧୀନରେ ଥିବା ରାସ୍ତା ଓ ଡ୍ରେନର ପୁନରୁଦ୍ଧାର ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବା ସହ ଆବର୍ଜନାପୂର୍ଣ୍ଣ ଡ୍ରେନ୍‌ଗୁଡ଼ିକର ସଫେଇ କାର୍ଯ୍ୟ କିପରି ତୁରନ୍ତ ସରିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଏମସି ଅତିରିକ୍ତ କମିଶନର, ସିଟି ଇଞ୍ଜିନିୟରଙ୍କ ସମେତ ଏନ୍‌ଏଚ୍‌ଏଆଇର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## 'ଚଳଚ୍ଚିତ୍ରର ମଜା ନେଲେ, ୱାର୍କଶପ୍‌ରୁ ଶିଖିଲେ'



**୩ଦିନିଆ ଶିଶୁ ଚଳଚ୍ଚିତ୍ର ଉତ୍ସବ ଆରମ୍ଭ**

ଭୁବନେଶ୍ୱର,୨୦।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର ଫିଲ୍ମ ସୋସାଇଟି ପକ୍ଷରୁ ଶିଶୁ ଚଳଚ୍ଚିତ୍ର ମହୋତ୍ସବ ଗୁରୁବାର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆରମ୍ଭ ହୋଇଛି। ୩ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ୧୦ରୁ ୧୫ବର୍ଷର ପିଲାଙ୍କ ପାଇଁ ଆୟୋଜନ କରାଯାଇଛି। ମହୋତ୍ସବର ନିର୍ଦ୍ଦେଶକ ସୁବ୍ରତ ବେଉରା କହିଛନ୍ତି, ଭୁବନେଶ୍ୱରରେ ଏହି ଶିଶୁ ଚଳଚ୍ଚିତ୍ର ମହୋତ୍ସବରେ ପିଲାମାନେ ସିନେମାର ଯାଦୁକୁ ଅନ୍ୱେଷଣ କରିପାରିବେ। ବିବିଧ କାହାଣୀର ସମ୍ମୁଖୀନ ହୋଇପାରିବେ। କାହାଣୀ ସୃଷ୍ଟି କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବେ ଏବଂ ଚଳଚ୍ଚିତ୍ରର ନିଆରା ଶକ୍ତି ଦ୍ୱାରା ଅନୁପ୍ରାଣିତ ମଧ୍ୟ ହୋଇପାରିବେ। ପ୍ରଦର୍ଶିତ ହେବାକୁ ଥିବା ଚଳଚ୍ଚିତ୍ର ମଧ୍ୟରେ ମାର୍ଟିନ ସ୍କୋର୍ସେଜିଙ୍କ ହୁଗୋ, ସତ୍ୟଜିତ ରାୟଙ୍କ ପଥେର ପାଞ୍ଚାଲି, ହାୟାଓ ମିଆଜାକିଙ୍କ ଦି ୱିଣ୍ଡ୍ ରାଇଜେସ୍, ଚାର୍ଲି ଚାପଲିନଙ୍କ ମଡର୍ନ ଟାଇମ୍ସ, ସୁବାସ ଦାସଙ୍କ ଏ ବି ସି ଆଦି ରହିଛି । ତେବେ ପ୍ରଥମ ଦିନରେ ପିଲାଙ୍କ ସହ ଚଳଚ୍ଚିତ୍ର ସମ୍ପର୍କରେ ଆଲୋଚନା କରାଯାଇଥିଲା। ସକାଳ ୧୦ଟାରେ ଚଳଚ୍ଚିତ୍ର 'ପଥେର ପାଞ୍ଚାଲି' ପ୍ରଦର୍ଶିତ କରାଯାଇଥିଲା। ଅପରାହ୍ନ ୨ଟାରେ ପିଲାଙ୍କୁ ନେଇ ଏକ ୱାର୍କଶପ୍ ଆୟୋଜନ କରାଯାଇଥିଲା। ଭୁବନେଶ୍ୱରର ୩ଟି ସ୍କୁଲର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଲୟୋଲାର ଉଭୟ ଓଡ଼ିଆ ଓ ଇଂଲିଶ ମିଡିୟମ ସ୍କୁଲର ଛାତ୍ରୀଛାତ୍ର ଚଳଚ୍ଚିତ୍ର ବିଷୟରେ ଅନେକ ନୂଆ କଥା ଜାଣିବାକୁ ପାଇବା ସହ ଏହାର ମଜା ନେଇଥିଲେ। ବର୍ତ୍ତମାନର ପିଲାମାନେ ଆନିମେଶନ୍‌ରେ ବେଶି ଆଗ୍ରହ ରଖୁଥିବାରୁ ୱାର୍କଶପ୍‌ରେ ଆନିମେଶନ ସମ୍ପର୍କିତ ଅନେକ ସୂଚନା ପ୍ରଦାନ କରାଯାଇଥିଲା। ପିଲାମାନେ ଜୋଇଟ୍ରାପ୍ ମେକିଙ୍ଗରେ ଚିତ୍ର ଆଙ୍କିବା ସହ ମାପ ନେବା, ଡିଜାଇନ ପ୍ରସ୍ତୁତ କରିଥିଲେ। ଛାତ୍ରୀଛାତ୍ର ନିଜ ପ୍ରୋଜେକ୍ଟକୁ ବଡ଼ ପରଦାରେ ଦେଖି ଖୁସି ମଧ୍ୟ ହୋଇଥିଲେ।

## ବାଳକକୁ ଉଦ୍ଧାର କରି ପୋଲିସ ଜିମା ଦେଲେ ଲୋକେ

ବାରଙ୍ଗ,୨୦।୭(ଲିଙ୍ଗରାଜ ରାଉତ)

ବାରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ଜଣେ ୪ ବର୍ଷୀୟ ବାଳକକୁ ଗୁରୁବାର ସ୍ଥାନୀୟ ଲୋକେ ଉଦ୍ଧାର କରି ପୋଲିସ ଜିମା ଦେଇଛନ୍ତି। ରାତି ପ୍ରାୟ ୭ଟା ସମୟରେ ବାରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଜଣେ ୪ ବର୍ଷର ବାଳକ ସନ୍ଦେହଜନକ ଭାବେ ଏକୁଟିଆ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପିଲାଟିର ତାର ନାମ ବାଦଲ ମାରାଣ୍ଡି ବୋଲି ଜଣାପଡ଼ିଛି। ଘରର ଠିକଣା ସେ କହି ପାରୁ ନ ଥିବାବେଳେ ବାପାଙ୍କ ନାମ ଦୁର୍ଗା ମାରାଣ୍ଡି ଏବଂ ମା'ଙ୍କ ନାମ ରାଧା ମାରାଣ୍ଡି ବୋଲି ପୋଲିସ ଆଗରେ କହିଛି। ପିଲାଟି ପାଖରେ ଥିବା ବ୍ୟାଗରେ କିଛି ହଳ ପୋଷାକ ଥିବାବେଳେ ପୋଲିସ ତାଙ୍କ ପିତା ମାତାଙ୍କ ଏପର୍ଯ୍ୟନ୍ତ କୌଣସି ସୂଚନା ପାଇପାରିନାହିଁ। ପିଲାଟି ଏକ ନାଲି ରଙ୍ଗର ଗାଡ଼ିରେ ଆସିଥିବା ପ୍ରକାଶ କହିଛି। ପୋଲିସ ପିଲାର କଥା ଅନୁଯାୟୀ, ବିଭିନ୍ନ ସ୍ଥାନରେ ପଚରାଉଚରା ଜାରି ରଖିଛି। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ବାହାର ଜିଲା ତଥା ଅଞ୍ଚଳରୁ ଅନେକ ଶ୍ରମିକ ଶ୍ରେଣୀର ଲୋକ କାମ କରିବାକୁ ଆସୁଛନ୍ତି। ତେବେ କେହି ପିଲାଟିକୁ ନେଇ ଏହି ଅଞ୍ଚଳକୁ କାର୍ଯ୍ୟ କରିବାକୁ ଆସିଥିବାବେଳେ ଭୁଲବଶତଃ ଛୋଟ ପିଲାଟି ବାଟ ନ ଜାଣି ରାସ୍ତା ଉପରେ ରହିଯାଇଥିବା ଅନୁମାନ କରାଯାଉଛି।

## ଶିଶୁକନ୍ୟାଙ୍କୁ ବାନ୍ଧି ନିର୍ଯାତନା

ଭୁବନେଶ୍ୱର, ୨୦।୭(ସତ୍ୟଜିତ ରାଉତ)

ହାତକୁ ଗାମୁଛାରେ ବାନ୍ଧିଦିଆଯାଇଛି। ପାଟି କଲେ କିମ୍ବା କାନ୍ଦିଲେ ଭୟ ଦେଖାଯାଉଛି। ଫଳରେ ଶିଶୁଟି କେବଳ ଗୁମୁରି ଗୁମୁରି କାନ୍ଦୁଛି। ଜଣେ ନିରୀହ ଶିଶୁକନ୍ୟାକୁ ଏଭଳି ନିର୍ଯାତନା ଦିଆଯାଉଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ଜଣେ ଶିଶୁକନ୍ୟାଙ୍କୁ କେତେଜଣ ଯୁବକ ଘରର ଏକ ଗ୍ରୀଲ୍‌ରେ ଗାମୁଛା ଦ୍ୱାରା ତା'ର ହାତଟିକୁ ଏକ ଗାମୁଛାରେ ବାନ୍ଧି ଦେବା ସହ ନିର୍ଯାତନା ଦିଆଯାଉଛି। ଶିଶୁକନ୍ୟା ଜଣକ ଚିତ୍କାର କରି କାନ୍ଦୁଥିବା ଦେଖିବାକୁ ମିଳୁଛି। ଶିଶୁକନ୍ୟାଟିର ବୟସ ମାତ୍ର ଦେଢ଼ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ତେବେ ଏଭଳି ସମ୍ବେଦନଶୀଳ ଘଟଣାକୁ ଦେଖିବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ଘଟଣାଟି କେଉଁଠାର ଓ କେଉଁଦିନର ସ୍ପଷ୍ଟ ଜଣାପଡୁ ନ ଥିଲେ ମଧ୍ୟ ଭୁବନେଶ୍ୱର ଖଣ୍ଡଗିରି ଥାନା ନିକଟ ଏକ ହୋଟେଲ ପରିସରର ବୋଲି ଚର୍ଚ୍ଚା ହେଉଛି। ଉକ୍ତ ଭିଡିଓକୁ ଆଧାର କରି ଖଣ୍ଡଗିରି ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି ହେଉଛି।

## ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିରେ ଏସିଟିପି କର୍ମଶାଳା



ଭୁବନେଶ୍ୱର,୨୦।୭(ଅନୁରାଧା ମହାରଣା)

ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱରଠାରେ କ୍ଷୟ ପ୍ରଯୁକ୍ତିବିଦ୍ୟା ଓ ନିରାକରଣ (ଏସିଟିପି) ଉପରେ ଦୁଇଦିନିଆ କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଷୟ ପ୍ରାକ୍ଟିଶନର, ଡିଜାଇନର, ବୈଷୟିକ ପରିଚାଳନା ଏବଂ ଗୁଣବତ୍ତା ନିୟନ୍ତ୍ରଣ ଆଦି ଦିଗ ଉପରେ ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ବହୁ ବରିଷ୍ଠ ବୈଜ୍ଞାନିକ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ କହିଲେ, ଆମ ପାଖରେ ସମ୍ବଳ ଅଛି, କିନ୍ତୁ ସମୟ ଆସିଛି ଯେ ଆମେ ଆମେରିକୀୟ ପଦ୍ଧତି ଅନୁସରଣ ବନ୍ଦ କରିବା ଏବଂ ଏହା ଉପରେ ବିସ୍ତୃତ ବିଶ୍ଳେଷଣ ଏବଂ ଅଧ୍ୟୟନ ପରେ ଆମ ଦେଶର ଜଳବାୟୁ ଅନୁଯାୟୀ ଆବରଣ ପଦ୍ଧତିକୁ ପରିବର୍ତ୍ତନ କରିବା। ଅତିଥି ଭାବେ ଇଣ୍ଡିଆନ୍ ଅଏଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ କୁମାର ବାସୁଦେବନ ଯୋଗଦେଇ କହିଲେ, ଭାରତରେ ଶକ୍ତି ଚାହିଦା ଏହି ଟେକ୍ନୋଲୋଜିକୁ ଦେଶର ସମସ୍ତ ପରିବହନ ନେଟ୍‌ୱର୍କର ମେରୁଦଣ୍ଡରେ ପରିଣତ କରିଛି। ଅତିଥିମାନେ କ୍ଷୟ ପ୍ରଯୁକ୍ତିବିଦ୍ୟାର ମୌଳିକ ଦିଗ, ଏହାର ସାମ୍ପ୍ରତିକ ଜ୍ଞାନକୌଶଳ ଏବଂ ପରିଚାଳନା ସମେତ ପ୍ରତିଷେଧକ ପଦ୍ଧତି ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ସିଏସ୍ଆଇଆର-ଏନ୍‌ଏମ୍‌ଏଲ ନିର୍ଦ୍ଦେଶକ ଡ. ରଘୁବୀର ସିଂ, ଏନ୍‌ଆଇଟି ସୁରଥକାଲ୍, ଟାଟା ଷ୍ଟିଲ ଏବଂ ସିଏସ୍ଆଇଆର-ସିଇସିଆର୍‌ଆଇ, ଆଇଆଇଟି ବିଏଚ୍‌ୟୁ ବାରାଣସୀ, ଏନ୍‌ଆଇଟି ରାଉରକେଲାର ବିଶିଷ୍ଟ ବୈଜ୍ଞାନିକ ଓ ଅଧିକାରୀ ଯୋଗଦେଇଥିଲେ।

## ଛାତ୍ରୀଛାତ୍ରଙ୍କ ବିକାଶ, ଅଧ୍ୟକ୍ଷଙ୍କ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ

**କର୍ମଶାଳାରେ ଯୋଗଦେଲେ ୫୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ**

ଭୁବନେଶ୍ୱର,୨୦।୭(ଅନୁରାଧା ମହାରଣା)

ରାଜ୍ୟର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ବିକାଶ ତଥା ଅଧ୍ୟକ୍ଷଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକ କର୍ମଶାଳା ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଓସେପା) ଅନୁପମ ସାହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ୫୦ ବିଦ୍ୟାଳୟର ଅଧ୍ୟକ୍ଷ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଶୈକ୍ଷିକ ବିକାଶ ଦିଗରେ ଅଗ୍ରସର କରାଇବା, ସବୁ ପିଲାଙ୍କୁ ଏକାଭଳି ଢଙ୍ଗରେ ଦେଖିବା ଓ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ସେମାନଙ୍କ ଶିଶୁ ଅଧିକାର ଉପଲବ୍ଧି ଦିଗରେ କିପରି ସଚେତନ ହେବେ ସେସମ୍ପର୍କରେ ଅଧ୍ୟକ୍ଷମାନଙ୍କୁ ସାହା ପରାମର୍ଶ ଦେଇଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ଓ ଦକ୍ଷତା ବୃଦ୍ଧି ଦିଗରେ ଅଧ୍ୟକ୍ଷଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍ ଆୟାର ପ୍ରକାଶ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶୁଭଶ୍ରୀ ନନ୍ଦ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବା ସହ ଆନ୍ତର୍ଜାତିକ ସ୍ତରରେ କିପରି କୃତକାର୍ଯ୍ୟ ହେବେ ସେ ସମ୍ବନ୍ଧରେ କହିଥିଲେ । ଉଚ୍ଚ ମାଧ୍ୟମିକ ସ୍ତରରେ ଶିକ୍ଷାର ସଫଳତା ପାଇଁ ଅଧ୍ୟକ୍ଷଙ୍କ ଅବଦାନ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଦିଗ୍‌ଦର୍ଶନ ଦେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର ସୁଚାରୁରୂପେ ପରୀକ୍ଷା ପରିଚାଳନା କରିବା ଓ ଆଗାମୀ ଯୁକ୍ତ ୨ ବାର୍ଷିକ ପରୀକ୍ଷା ପାଇଁ ବର୍ତ୍ତମାନଠାରୁ ପ୍ରସ୍ତୁତ ରହିବାକୁ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଅଗଷ୍ଟ ୧ରୁ ଯୁକ୍ତ ୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀର ଶିକ୍ଷାଦାନ ଆରମ୍ଭ ହେବ। ତେଣୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଏହି ପ୍ରବେଶ ଦିବସ କିପରି ପାଳନ କରାଯିବ ସେ ବାବଦରେ ଆଲୋଚନା ହୋଇଥିଲା। ଏକାଡେମିକ କ୍ୟାଲେଣ୍ଡର ପ୍ରସ୍ତୁତି, ବିଦ୍ୟାଳୟରେ ହାକାଥାନ ସମେତ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ, ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି, ପରୀକ୍ଷା ଫଳ ସମୀକ୍ଷା ଓ ଏହାର ମାନ ବୃଦ୍ଧି ପାଇଁ ପଦକ୍ଷେପ, ଅନୁଦାନର ସୁବିନିଯୋଗ ଓ ୟୁସି ଦାଖଲ, ମୋ ସ୍କୁଲ ମାଧ୍ୟମରେ ପ୍ରଦତ୍ତ ଅର୍ଥର ବିନିଯୋଗ, ଛାତ୍ରବୃତ୍ତି ସୁପରିଚାଳନା, କ୍ୟାରିୟର କାଉନ୍‌ସେଲିଂ, ନିୟମିତ ଏସ୍‌ଏମ୍‌ଡିସି ବୈଠକ କରିବା, ବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକ ପ୍ଲାନ ଓ ଏଷ୍ଟିମେଟ ପଠାଇବା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କର୍ମଶାଳାରେ ଯୁଗ୍ମ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା, ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜନ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ୟୁନିଟ-୪ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ମେଳା

ଭୁବନେଶ୍ୱର,୨୦।୭(ଅନୁରାଧା ମହାରଣା)

ୟୁନିଟ-୪ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଏକ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ୟୁନିଟ୍-୩ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ତଥା ମାଗଣା ଔଷଧ ପ୍ରଦାନ କରିଥିଲେ। ଏହି ମେଳାରେ ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ଅଲିଅଲି ମଲ୍ଲିକଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ। ଏହାର ବିଷୟବସ୍ତୁ 'ଆରୋଗ୍ୟମ୍: ସର୍ବାଙ୍ଗୀନ ନିରାମୟତା' ରହିଥିବାବେଳେ ଛାତ୍ରୀମାନେ କିପରି ସୁସ୍ଥ ଜୀବନଯାପନ କରିପାରିବେ ସେ ସମ୍ପର୍କରେ ଅତିଥି ଓ ଡାକ୍ତର ତଥା ସ୍ୱାସ୍ଥ୍ୟକର୍ମୀ ପିଲାଙ୍କୁ ପରାମର୍ଶ ଦେଇଥିଲେ।

# ୫ଦିନ ହେଲାଣି ମାର୍କେଟ ବିଲ୍ଡିଂ ବନ୍ଦ

ଭୁବନେଶ୍ୱର, ୨୦।୭ (ବନ୍ଦନା ସେଠୀ)



**ଦାବି ନେଇ ବିଏମ୍‌ସି ଅଣଦେଖା କରୁଥିବା ଅଭିଯୋଗ**

- ଅନ୍ୟ ମାର୍କେଟ ଆସୋସିଏଶନ ସହ ଆଜି ଆଲୋଚନା
- ମାର୍କେଟ ଖୋଲିଲେ ପୁଣି ବସିବେ ଉଠା ଦୋକାନୀ

ଭୁବନେଶ୍ୱରର ପ୍ରମୁଖ ମାର୍କେଟ ୟୁନିଟ-୨ ମାର୍କେଟ ବିଲ୍ଡିଂ ଲଗାତାର ୫ଦିନ ଧରି ବନ୍ଦ ରହିଛି। ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ଦାବିରେ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ଜିଦ୍ ଧରି ବସିଥିବାବେଳେ ବିଏମ୍‌ସି କିନ୍ତୁ ହାତ ଟେକି ଦେଇଛି। ବିଏମ୍‌ସି କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନେବା ତ ଦୂରର କଥା ଆସୋସିଏଶନ ସହିତ ଆଲୋଚନା କରୁ ନ ଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଅପରପକ୍ଷେ ମାର୍କେଟ ବନ୍ଦ ଥିବାରୁ ଇତି ମଧ୍ୟରେ ବ୍ୟବସାୟୀମାନେ ଲକ୍ଷଲକ୍ଷ ଟଙ୍କାର କ୍ଷତି ସହିଥିବା ଆସୋସିଏଶନ ପକ୍ଷରୁ କୁହାଯାଇଛି। ବିଏମ୍‌ସିକୁ ସ୍ଥାୟୀ ଦୋକାନୀମାନେ ଟିକସ ଦେବା ସହ ମାର୍କେଟର ସମସ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ବୁଝୁଛନ୍ତି। ମାତ୍ର ବିଏମ୍‌ସି ସେମାନଙ୍କ ଅସୁବିଧାକୁ ବୁଝିବା ପରିବର୍ତ୍ତେ ପରୋକ୍ଷରେ ଅସ୍ଥାୟୀ ବ୍ୟବସାୟୀଙ୍କୁ ସମର୍ଥନ କରୁଥିବା ଅଭିଯୋଗ ହୋଇଛି। ତେବେ ଶୁକ୍ରବାର ଭୁବନେଶ୍ୱରର ଅନ୍ୟ ମାର୍କେଟ ଆସୋସିଏଶନର ପ୍ରମୁଖ କର୍ମକର୍ତ୍ତାମାନଙ୍କୁ ଡକାଯାଇଛି। ସେମାନଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆସୋସିଏଶନ ସମ୍ପାଦକ ରଞ୍ଜିତ ମହାନ୍ତି କହିଛନ୍ତି। ଅପରପକ୍ଷେ ଆସୋସିଏଶନର ଏଭଳି ମନମୁଖି କାର୍ଯ୍ୟ ପାଇଁ ଉଠାଦୋକାନୀମାନେ ହଇରାଣ ହେଉଛନ୍ତି। ହାଇକୋର୍ଟଙ୍କ ଅର୍ଡର ସତ୍ତ୍ୱେ ସେମାନଙ୍କୁ ବେପାର କରିବାକୁ ଦିଆଯାଉ ନାହିଁ। ଏହା ଆଇନ ଅନୁଯାୟୀ ଅନୁଚିତ। ଅସ୍ଥାୟୀ ବ୍ୟବସାୟୀମାନେ ଶାନ୍ତି ଶୃଙ୍ଖଳାର ସହ ଅପେକ୍ଷା କରିଛନ୍ତି। ଯେବେ ଆସୋସିଏଶନ ମାର୍କେଟ ଖୋଲିବ ସେବେ ବ୍ୟବସାୟୀମାନେ ପୁଣି ନିଜ ସ୍ଥାନରେ ବେପାର କରିବେ ବୋଲି ଉଠା ଦୋକାନୀଙ୍କ ଓକିଲ ସୁମନ୍ତ କୁମାର ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ୨ଥର ମାର୍କେଟ ଆସୋସିଏଶନ ସମାନ ଦାବି ନେଇ ମାର୍କେଟ ବନ୍ଦ କରିଥିଲା। କେବେ ୨ଦିନ ତ କେବେ ୪ଦିନ ମଧ୍ୟରେ ବିଏମ୍‌ସି କର୍ତ୍ତୃପକ୍ଷ ସେମାନଙ୍କୁ ବୁଝାଇ ସୁଝାଇ ପୁଣି ମାର୍କେଟ ଖୋଲିବାରେ ସଫଳ ହୋଇଥିଲେ। ମାତ୍ର ବାରମ୍ବାର ଉଠାଦୋକାନୀମାନେ ମାର୍କେଟକୁ କବ୍‌ଜା କରୁଥିବାବେଳେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛନ୍ତି। ସେହିପରି ବିଏମ୍‌ସି କେବଳ ପ୍ରତିଶ୍ରୁତି ଦେଇ ଦେଖଣାହାରି ସାଜୁଛି। ତେଣୁ ଏଥର ଆସୋସିଏଶନ ପକ୍ଷରୁ ଚରମ ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆସୋସିଏଶନ ମାର୍କେଟ ଖୋଲିବ ନାହିଁ ବୋଲି କହିଛି। ଏଥିସହ ମାର୍କେଟର ମୁଖ୍ୟ ଗେଟ୍‌ରେ ତାଲା ମଧ୍ୟ ପକାଇ ଦେଇଛି। ସବୁଠାରୁ ବଡ କଥା ହେଲା, ଆସୋସିଏଶନର ଏଭଳି କାମକୁ ବିଏମ୍‌ସି ନାପସନ୍ଦ କରିଛି। ବାରମ୍ବାର ମାର୍କେଟ ବନ୍ଦ କରିବା ଦ୍ୱାରା ଜନସାଧାରଣଙ୍କ ପାଖକୁ ଖରାପ ସନ୍ଦେଶ ଯାଉଛି। ତେଣୁ ଏଯାବତ୍ ଆସୋସିଏଶନକୁ ମନାଇବାକୁ ବିଏମ୍‌ସି ଆଦୌ ପ୍ରୟାସ କରିନାହିଁ। ଆସୋସିଏଶନ, ଅସ୍ଥାୟୀ ବ୍ୟବସାୟୀ ନା ବିଏମ୍‌ସି କେହି କାହା ଆଗରେ ମୁଣ୍ଡ ନୁଆଁଇବାକୁ ରାଜି ନାହାନ୍ତି। ତେବେ ଏସବୁ ଭିତରେ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି।

## ମହାନଦୀରୁ ଅଚିହ୍ନା ମୃତଦେହ ଜବତ

**କଟକ ସଦର,(ସୁଶାନ୍ତ କୁମାର ଜେନା):** ମହାନଦୀର ଶିର୍ଲୋ ନିକଟରେ ଭାସୁଥିବା ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ଗୁରୁବାର ସକାଳେ କିଶନ ନଗର ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଦେଇଛି। ଉକ୍ତ ବ୍ୟକ୍ତିଙ୍କର ପ୍ରାୟ ୭ ଦିନ ତଳେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମୃତଦେହ ପ୍ରାୟ ୪୦ ଭାଗ ପଚି ଯାଇଥିବାରୁ ଚିହ୍ନି ହେଉନାହିଁ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୯/୨୩) ରୁଜୁ କରି ତଦନ୍ତ ଚଳାଇଛି।



### ସଂକ୍ଷେପରେ

## ଏସ୍‌ସିବିରୁ ରୋଗୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକ,୨୦।୭ (କାର୍ତ୍ତିକ ସାହୁ):** ଏସ୍‌ସିବି ମେଡିକାଲର ନେଫ୍ରୋଲୋଜି ବିଭାଗ ନିକଟସ୍ଥ ପରିସ୍ରାଗାରରୁ ଜଣେ ରୋଗୀଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳାବାଗ ପୋଲିସ ଜବତ କରିଛି। ସେ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ଜୟନ୍ତ କୁମାର ସ୍ୱାଇଁ(୪୮)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଜୟନ୍ତ ପ୍ରାୟ ୧୦ ବର୍ଷ ହେବ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ସେ କିଛିମାସ ହେବ ନେଫ୍ରୋଲୋଜି ବିଭାଗରେ ଚିକିତ୍ସିତ ହେଉଥିଲେ। ସେ ଏକ ଗାମୁଛାକୁ ବେକରେ ଗୁଡ଼ାଇ ପରିସ୍ରାଗାର ହୁକରେ ଝୁଲିପଡ଼ିଥିବା ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ତେଣୁ ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ପାରିପାର୍ଶ୍ୱିକ ସ୍ଥିତିରୁ ପୋଲିସ ଅନୁମାନ କରୁଛି।

## ଦାୟିତ୍ୱ ଗ୍ରହଣ କଲେ ବ୍ଲକ ଅଧକ୍ଷା

**କଟକ ସଦର,୨୦।୭(ସୁଶାନ୍ତ କୁମାର ଜେନା):** ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ବୁଧବାର ନିଜ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଡିଓ ରାଜୀବ ଲୋଚନ ପରିଡ଼ା, ଅତିରିକ୍ତ ବିଡିଓ ଝାଡ଼େଶ୍ୱର ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ତାଙ୍କ ପ୍ରକୋଷ୍ଠରେ କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଜିଲା ବିଜେଡି ଉପସଭାପତି ସମର ବେହେରା, ଆମ୍ବା ସଭାପତି ରଜନୀକାନ୍ତ ସାହୁ, ଜିଲା ପରିଷଦ ଉପାଧକ୍ଷା ସୁଭଦ୍ରା ଦାସ, ମିଶନ ଶକ୍ତି ସଂଯୋଜକ ଶରତ ରାୟ, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, ପୂର୍ବତନ ସରପଞ୍ଚ ଅମିତ୍ ମହାନ୍ତି, ସୁବୋଧ ବେହେରା, ନିଗମ ରାଉତ, ହିମାଂଶୁ ଦାସ, କୁଞ୍ଜବିହାରୀ ଜେନା, ଯୁଗଳ କିଶୋର ବେହେରା, ରାଜକିଶୋର ରାଉତ ପ୍ରମୁଖ ସମ୍ବର୍ଦ୍ଧନା ଜଣାଇଥିଲେ।

## ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

**ଚୌଦ୍ୱାର,୨୦।୭(ଆଶୁତୋଷ ଦାସ):** ୫୫ନଂ. ଜାତୀୟ ରାଜପଥର ଚୌଦ୍ୱାର ଥାନା ଅଧୀନ ଧୁମାବତୀ ଛକ ନିକଟରେ ଗୁରୁବାର ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ପୌରପାଳିକା ୧୩ନଂ. ୱାର୍ଡ ଅନ୍ତର୍ଗତ ପାଇକେରାପୁର ଗ୍ରାମର ଅଲିଆ ନାଏକ। ସକାଳ ପ୍ରାୟ ୮ଟାରେ ସେ ନିଜ ଗ୍ରାମରୁ ସାଇକେଲରେ ଚୌଦ୍ୱାର ଅଭିମୁଖେ ଆସୁଥିବାବେଳେ ତାଙ୍କୁ ପଛରୁ ଏକ ବାଇକ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡି ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକକୁ ଜବତ କରିବା ସହ ଚାଳକଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି। ତେବେ ଦୁର୍ଘଟଣାସ୍ଥଳରେ କିଛି ସମୟ ପାଇଁ ସ୍ଥାନୀୟ ଲୋକଙ୍କ ଭିତରେ ଉତ୍ତେଜନା ଦେଖାଦେଇଥିଲା। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବାରୁ ଗାଡ଼ିଗୁଡିକ ମୁଖ୍ୟ ରାସ୍ତା ଛାଡି ସର୍ଭିସ ରୋଡ୍‌ରେ ଯାତାୟାତ କରୁଥିବାରୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

# ବେଆଇନ ବସ୍ତି ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ

### ପୁରୀ ବଳିଆପଣ୍ଡାରେ ଡମ୍ପିଂୟାର୍ଡ ମାମଲା

- ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ୨ ମାସରେ ନେବ ପଦକ୍ଷେପ
- ସିସିଟିଭି ଲଗାଇବା ସହ ପାଚେରି ନିର୍ମାଣ କରିବ ପୁରୀ ମ୍ୟୁନିସିପାଲିଟି

**କଟକ (କାର୍ତ୍ତିକ ସାହୁ)/ ପୁରୀ,୨୦।୭(ଅଜିତ୍ ମହାନ୍ତି)**

ପୁରୀ ସହରର ବଳିଆପଣ୍ଡା ଅଞ୍ଚଳରେ ଥିବା ଡମ୍ପିଂୟାଡ୍ ଚତୁଃପାର୍ଶ୍ୱରୁ ବେଆଇନ ବସ୍ତି ସ୍ଥାନାନ୍ତର ପାଇଁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ମ୍ୟୁନିସିପାଲିଟି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଛି। ବଳିଆପଣ୍ଡାଠାରେ ଅଳିଆଗଦା ଯୋଗୁ ଭୂତଳ ଜଳ ପ୍ରଦୂଷିତ ହେଉଛି କି ନାହିଁ ତାହା ୨ ମାସ ମଧ୍ୟରେ ସର୍ଭେ କରି ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ତୁରନ୍ତ ପଦକ୍ଷେପ ନେବେ। ଏହାଦ୍ୱାରା ଭୂତଳ ଜଳ ପ୍ରଦୂଷଣ ଜଣାପଡ଼ିଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ସରକାରଙ୍କ ଅନ୍ୟ ଅଧିକାରୀମାନେ ତୁରନ୍ତ ପ୍ରତିଷେଧକମୂଳକ ପଦକ୍ଷେପ ନେବାକୁ ବୋର୍ଡ ପ୍ରସ୍ତାବ ଦେବ। ପୁରୀ ସହରରେ ଭୂତଳ ଜଳ କାଢ଼ିବା ଉପରେ ଶୂନ୍ୟକ୍ଷତି ସମ୍ପର୍କରେ ବୋର୍ଡ ଏନ୍‌ଜିଟିଙ୍କୁ ନିଶ୍ଚିତ କରାଇବେ। କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ସତ୍ୟପାଠ ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା କୋଲକାତାସ୍ଥିତ ଏନ୍‌ଜିଟିର ପୂର୍ବ ଜୋନ୍ ବେଞ୍ଚ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିବେ। ବିଚାରପତି ବି. ଅମିତ୍ ସ୍ଥାଲେକର, ବିଚାର ବିଭାଗୀୟ ସଦସ୍ୟ ଡ. ଅଫ୍ରୋଜ୍ ଅହମଦଙ୍କୁ ନେଇ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ଡମ୍ପିଂୟାର୍ଡ ପରିସରକୁ ଲୋକଙ୍କ ବେଆଇନ୍ ପ୍ରବେଶ ରୋକିବା ସହ ଅଗ୍ନିକାଣ୍ଡ ଏବଂ ଆପରାଧିକ କାର୍ଯ୍ୟ ଘଟାଉଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଜିଟି ପୁରୀ ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୂର୍ଣ୍ଣ ଡମ୍ପିଂୟାର୍ଡ ଅଞ୍ଚଳରେ ୩ ମାସ ମଧ୍ୟରେ ସିସିଟିଭି କ୍ୟାମେରା ଲଗାଇବା ସହ ଚତୁଃପାର୍ଶ୍ୱରେ ପାଚେରି ବୁଲାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ମ୍ୟୁନିସିପାଲିଟି ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିବେ। ଏଥିସହ ଡମ୍ପିଂୟାଡ୍‌ରୁ ବାହାରୁଥିବା ଉତ୍କଟ ଗନ୍ଧ ରୋକିବାକୁ ଦୈନନ୍ଦିନ ସରକାରୀ ଗାଇଡ୍ ଲାଇନ୍ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବେ। ଅନ୍ୟ ସରକାରୀ କର୍ତ୍ତୃପକ୍ଷଙ୍କ ସହାୟତାରେ ପୁରୀ ମ୍ୟୁନିସିପାଲିଟି ଆଗାମୀ ୨ ବର୍ଷ ମଧ୍ୟରେ ବଳିଆପଣ୍ଡା ଡମ୍ପିଂୟାଡ୍‌ରୁ ସମ୍ପୂର୍ଣ୍ଣ ଆବର୍ଜନା ହଟାଇବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ, ପୁରୀ ଜିଲାପାଳ, ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ, ପୁରୀ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଚେୟାରମ୍ୟାନ, ପୁରୀ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀ ଚିନ୍ମୟ ଦାସଙ୍କ ପକ୍ଷରୁ ଆଇନ୍‌ଜୀବୀ ଅଫ୍ରାଜ ସୁହାଇଲ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀ ଅନୁସାରେ, ପୁରୀ ମ୍ୟୁନିସିପାଲିଟି ବଳିଆପଣ୍ଡାଠାରେ ସହରର ଅଳିଆଗୁଡିକ ଗଦା କରୁଛି। ପରେ ତାହାକୁ ପୋଡ଼ାଯାଉଛି। ଏପରି କି ପ୍ଲାଷ୍ଟିକ ଓ ପଲିଥିନ୍ ଭଳି ଆବର୍ଜନାର ପ୍ରକ୍ରିୟାକରଣ ପାଇଁ ଉପଯୁକ୍ତ ପରିଚାଳନା କରାଯାଉନାହିଁ। ସମୁଦ୍ରକୂଳଠାରୁ ପ୍ରାୟ ୧୦୦ ମିଟର ଦୂରତାରେ ଥିବାବେଳେ ଏଭଳି ଆବର୍ଜନା ପୋଡ଼ା ଦ୍ୱାରା ବାୟୁ ପ୍ରଦୂଷଣ ହେବା ସହ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେଉଛି। ପୋଡା ଯାଉଥିବା ଆବର୍ଜନାରୁ ନିର୍ଗତ ଦୂଷିତ ଗ୍ୟାସ୍ ଦ୍ୱାରା ନିକଟସ୍ଥ ବସ୍ତିର ଲୋକମାନେ ଆକ୍ରାନ୍ତ ହେଉଥିବା ଆବେଦନରେ ଦର୍ଶାଯାଇଛି। ଏହାର ନିରାକରଣ ନିମନ୍ତେ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଥିଲା।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କଟକ ଗସ୍ତକୁ ନେଇ କଟକ ମହାନଗର ନିଗମ(ସିଏମ୍‌ସି) କାଉନସିଲ ସଭାଗୃହରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ, ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତି ମାଝୀ ଓ କମିଶନର ନିଖିଳ ପୱନ କଲ୍ୟାଣଙ୍କ ସହ ଅନ୍ୟମାନେ ଉପସ୍ଥିତଥିଲେ।

## କେନ୍ଦ୍ରୀୟ ଯୋଜନା ଲୋକଙ୍କୁ ଜଣାଅ




ପ୍ରସ୍ତୁତି ବୈଠକ ଅବସରରେ ଏକତ୍ରିତ ହୋଇଥିବା ଭାଜପା ନେତା ଓ ଅନ୍ୟମାନେ।

### ଭାଜପା ପ୍ରସ୍ତୁତି ବୈଠକ

**ମଙ୍ଗୁଳି-ଜଗତପୁର,୨୦।୭ (ମାନସ ସାମଲ)**

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳର ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୩୦ ତାରିଖରେ ଚୌଦ୍ୱାରସ୍ଥିତ ଟାଉନ୍‌ହଲଠାରେ ଚୌଦ୍ୱାର ଭାଜପା ପକ୍ଷରୁ ସେବା, ପ୍ରଶାସନ ଓ ଗରିବ କଲ୍ୟାଣ ଜନସମ୍ପର୍କ ଅଭିଯାନ ଏବଂ ସାଧାରଣ ସଭା ଅନୁଷ୍ଠିତ ହେବ। ଏନେଇ ଚୌଦ୍ୱାର ପୌରପାଳିକା ଅଧୀନ ୯ନଂ. ୱାର୍ଡରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ନିର୍ମଳା ବେଉରାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ତଥା ଭାଜପା ନେତା ପ୍ରମୋଦ କୁମାର ସାହୁ ଯୋଗଦେଇ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବାକୁ କହିଥିଲେ। ଏହି ବୈଠକରେ ବର୍ଷାରାଣୀ ପଲେଇ, ମମତା ଦାସ, ଚାରୁଲତା ବେଉରା, ବାସନ୍ତୀ ବେଉରା, ପ୍ରଣତୀ ବେହେରା, ପୁଷ୍ପଲତା ମହାରଣା, ପ୍ରତିମା ନାୟକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ଇନ୍ଦ୍ରାଣୀପାଟଣା ସରପଞ୍ଚଙ୍କ ପ୍ରତିନିଧି ବିନୟ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ବାଲି ଚୋରାଚାଲାଣ ଘଟଣା, ଜେସିବି ଚାଳକ ଗିରଫ

**ଫୁଲନଖରା,୨୦।୭ (ସତ୍ୟରଞ୍ଜନ ଦାସମହାପାତ୍ର)**

ବାଲି ଚୋରା ଚାଲାଣ ଘଟଣାରେ କଟକ ସଦର ପୋଲିସ ଜଣେ ଜେସିବି ଚାଳକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ କାନପୁର ଗ୍ରାମର ଅଶୋକ ପଲେଇ। ଗତ ୧୬ ତାରିଖରେ ଏହି ଥାନା ଅନ୍ତର୍ଗତ କାଚରାମାଳ ଗ୍ରାମର କୁଆଖାଇ ନଦୀପଠାରୁ ବାଲି ଚୋରା ଚାଲାଣବେଳେ ଦୁଇଟି ହାଇୱା ଓ ଗୋଟିଏ ଜେସିବିକୁ ପୋଲିସ ଜବତ କରିଥିଲା। ଚଢ଼ାଉବେଳେ ଗାଡି ଚାଳକ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୪୦୪/୨୩) ରୁଜୁ କରି ଅଶୋକଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

## ଭଗବଦ୍ ଗୀତା ସହ ଭାରତୀୟ ସଂସ୍କୃତି, ପରମ୍ପରା ଜଡ଼ିତ

**ଖୁଣ୍ଟୁଣୀ, ୨୦।୭ (ସଚ୍ଚିଦାନନ୍ଦ ପଣ୍ଡା)**

ଆଠଗଡ଼ ବ୍ଲକ ଗୋବରାସ୍ଥିତ ବିଳାସିନୀ ଦେବୀ ସ୍ମାରକୀ ପାଠାଗାରର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଆନ୍ତଃରାଷ୍ଟ୍ରୀୟ ପ୍ରଚାରକ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ଯୋଗଦେଇ କହିଥିଲେ, ଭଗବଦ୍ ଗୀତା ସହିତ ଆମ ଭାରତୀୟ ସଂସ୍କୃତି ଓ ପରମ୍ପରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଭଗବଦ୍ ଗୀତା ଆମକୁ ସତ୍‌ମାର୍ଗ ଓ ସତ୍ ଶିକ୍ଷା ପ୍ରଦାନ କରି ସମସ୍ତଙ୍କୁ ଏକତା ମଧ୍ୟରେ ବାନ୍ଧି ରଖିଛି। ଚୌଦ୍ୱାରସ୍ଥିତ ଶ୍ରୀଜଗନ୍ନାଥ ଭକ୍ତ ସମାଜର ଉପଦେଷ୍ଟା ନରେନ୍ଦ୍ର ନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ଭକ୍ତ ସମାଜ ସଂଯୋଜକ ସନ୍ତୋଷ କୁମାର ଧର ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ କମ୍ପ୍ୟୁଟର ଶିକ୍ଷା ସମାପ୍ତ କରିଥିବା ପିଲାମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ପାଠାଗାର ସଭାପତି ଶରତ କୁମାର ଖୁଣ୍ଟିଆ ଅତିଥି ପରିଚୟ, ସମ୍ପାଦକ ରବୀନ କୁମାର ମହାରଣା ବାର୍ଷିକ ବିବରଣୀ ପାଠ ଓ ସହକାରୀ ସମ୍ପାଦକ ସୁଜିତ୍ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ୪୨ ମୌଜା ଥାନା ସମ୍ମୁଖରେ ବିକ୍ଷୋଭ

**କଟକ ସଦର,୨୦।୭ (ସୁଶାନ୍ତ କୁମାର ଜେନା)**

ଗଞ୍ଜେଇ ବିକ୍ରି ଅଭିଯୋଗରେ ୪୨ ମୌଜା ପୋଲିସ ସ୍ଥାନୀୟ ବସନ୍ତ କୁଣ୍ଡଳ ଗ୍ରାମର ବ୍ୟବସାୟୀ ଲୋକନାଥ ବେହେରାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କୁ ଛାଡିବା ଦାବିରେ ଉତ୍କଳ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜନୈତିକ ଉଦ୍ଦେଶ୍ୟ ରଖି ଜଣେ ନିରୀହ ବ୍ୟବସାୟୀଙ୍କୁ ଫସେଇ ଦିଆଯାଇଥିବା ପରିଷଦର ସଦସ୍ୟମାନେ ଅଭିଯୋଗ କରିଥିଲେ। ବୁଧବାର ଅଜଣା ବ୍ୟକ୍ତିଙ୍କ ଫୋନ୍ କଲ୍ ପାଇ ଉକ୍ତ ଥାନା ଅଧୀନ କଳପଡା ବଜାରରେ ଥିବା ଲୋକନାଥଙ୍କ ଦୋକାନରେ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉବେଳେ ତାଙ୍କ କ୍ୟାବିନ ତଳେ ପ୍ରାୟ ୭୫୦ ଗ୍ରାମ୍‌ର ଗଞ୍ଜେଇ ପୁଟୁଳା ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିଥିଲା। ପୂର୍ବରୁ କୌଣସି ଆପରାଧିକ ମାମଲା ନ ଥିବାବେଳେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି ବୋଲି ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ, ଅଶୋକ ମହାନ୍ତି, ସୁରେଶ ପ୍ରଧାନ, ଗାନ୍ଧୀ ଗୁରୁ ଦାସ, ଅନିଲ ମହାପାତ୍ର ଓ ବନବିହାରୀ ମୁଦୁଲି ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏସିପି ଚନ୍ଦନ ଘଡ଼େଇ ଓ ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ସହ ଆଲୋଚନା କରାଯାଇଥିଲେ ସୁଦ୍ଧା ତାହା ବିଫଳ ହୋଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୪୩/୨୩) ରୁଜୁ ହୋଇଛି।

## ନାବାଳିକା ବିବାହ ଘଟଣା, ୩ ଗିରଫ

**କଟକ,୨୦।୭ (କାର୍ତ୍ତିକ ସାହୁ)**

କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ଗଡ଼ଗଡ଼େଶ୍ୱର ମନ୍ଦିରରେ ବୁଧବାର ଜଣେ ନାବାଳିକା ବିବାହ ଘଟଣାରେ ପୋଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି। ଚାଇଲ୍ଡ ଲାଇନ୍‌ର ଏତଲାକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି। ସେମାନେ ହେଲେ ମିଟୁ ମୁଦୁଲି, ତାଙ୍କ ସ୍ତ୍ରୀ ମମତା ମୁଦୁଲି ଓ ସୁଜାତା ମୁଦୁଲି। ସେମାନଙ୍କୁ ନୋଟିସ ଦିଆଯାଇ ଛାଡ଼ି ଦିଆଯାଇଛି। ତେବେ ଶୁକ୍ରବାର ସିଆର୍‌ପିସିର ଧାରା ୧୬୪ ଅନୁସାରେ ପୀଡ଼ିତା ନାବାଳିକାଙ୍କ ବୟାନ କୋର୍ଟରେ ରେକର୍ଡ କରାଯିବ ବୋଲି ଥାନା ଅଧିକାରୀ ପ୍ରଦୀପ କୁମାର ଜେନା କହିଛନ୍ତି।

ସୂଚନା ଅନୁସାରେ, ଗୁରୁଡିଝାଟିଆ ଥାନା ଅଧୀନ ସୁନିଆମୁହଁ ଗ୍ରାମର ନାବାଳିକା ଜଣେ ଯୁବକଙ୍କ ସହିତ ଫେରାର ହୋଇଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି ପରେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନେ ଉକ୍ତ ନାବାଳିକାକୁ ମଧ୍ୟପ୍ରଦେଶର ଜଣେ ରଙ୍ଗମିସ୍ତ୍ରି ସହିତ ବିବାହ କରିଦେବାକୁ ଆୟୋଜନ କରିଥିଲେ। ଦୁଇ ପରିବାର ଗଡ଼ଗଡ଼େଶ୍ୱର ମନ୍ଦିରରେ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ବିବାହ ଉତ୍ସବ ଆୟୋଜନ କରିଥିଲେ। ଖବରପାଇ କ୍ୟାଣ୍ଟନମେଣ୍ଟ ପୋଲିସ ସେଠାରେ ଚଢ଼ାଉ କରି ବିବାହ ବନ୍ଦ କରିଥିଲା। ପରେ ନାବାଳିକାକୁ ଉଦ୍ଧାର କରି ଚାଇଲ୍ଡ ଲାଇନ ଓ ସିଡିପିଓ ଜରିଆରେ ସିଡବ୍ଲ୍ୟୁସିରେ ହାଜର କରାଇଥିଲା। ପଚରାଉଚରା ବେଳେ ନାବାଳିକା ଇଚ୍ଛା ବିରୋଧରେ ପରିବାରଲୋକ ଜବରଦସ୍ତି ଏଭଳି ବିବାହ କରାଉଥିବା ଜଣାପଡ଼ିଥିଲା। ଚଢ଼ାଉବେଳେ ଖସି ପଳାଇଯାଇଥିବା ମଧ୍ୟପ୍ରଦେଶର ବରକୁ ଧରିବା ଲାଗି ପୋଲିସ ଉଦ୍ୟମ କରୁଥିବା ଜଣାଯାଇଛି।

# ‘ଛାତ୍ରୀଛାତ୍ର ଉତ୍ତମ ନାଗରିକ ହୁଅନ୍ତୁ’

### ଗୋବରା ହାଇସ୍କୁଲର ପ୍ରତିଷ୍ଠା ଦିବସ

**ଖୁଣ୍ଟୁଣୀ, ୨୦।୭ (ସଚ୍ଚିଦାନନ୍ଦ ପଣ୍ଡା)**

ପ୍ରତ୍ୟେକ ଛାତ୍ରୀଛାତ୍ର ଶିକ୍ଷା ଲାଭ କରି ଜଣେ ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ି ତୋଳନ୍ତୁ। ଏହାଦ୍ୱାରା ରାଜ୍ୟ ତଥା ଦେଶର ପ୍ରଗତି ହୋଇପାରିବ ବୋଲି ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ କହିଛନ୍ତି। ଆଠଗଡ଼ ବ୍ଲକ ଅଧୀନ ଗୋବରା ହାଇସ୍କୁଲରେ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାବା ସତ୍ୟାନନ୍ଦ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କୁ ନିଜ ମାଟି ମା’ର ସମ୍ମାନ ଅକ୍ଷୁଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଶରତ କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ




ଗୋବରା ହାଇସ୍କୁଲର ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ଯୋଗଦେଇ ଏହି ବିଦ୍ୟାଳୟର ସମସ୍ତ ଆବଶ୍ୟକତା ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ପଣ୍ଡା, ଗୋବରା ସରପଞ୍ଚ ଦୀପ୍ତିମୟୀ ଥାଟୋଇ, ସମିତିସଭ୍ୟା ବସୁମତୀ ଦିଗି ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ସିଦ୍ଧାର୍ଥ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଦଶମ ଶ୍ରେଣୀରେ ଭଲ ନମ୍ବର ରଖିଥିବା ପ୍ରୀତିମୟୀ ଜେନାଙ୍କୁ ସମ୍ମାନିତ କରାଯିବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସୁବ୍ରତ କୁମାର ଦିଆନ, ରଞ୍ଜନ ବସ୍ତିଆ, ସୌଭାଗ୍ୟ ମିଶ୍ର, ପ୍ରିୟଦର୍ଶିନୀ ରାଉତ, ନର୍ମଦା ଜେନା, ସାଇ ସଞ୍ଜୀବନୀ ବଳ, ଅଜିତ୍ ମହାନ୍ତି ଓ ନିର୍ମାଲ୍ୟ ପ୍ରତିହାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗତ ଏକ ସପ୍ତାହ ମଧ୍ୟରେ କଟକରେ ୨ଟି ସ୍ଥାନରେ ମୁକୁଳା ଡ୍ରେନରେ ପଡ଼ି ୨ଜଣଙ୍କ ଜୀବନହାନି ଘଟିଛି। ଏହାପରେ ସିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଫଳରେ ଗୁରୁବାର ବାରପଥର କେନାଲ ରୋଡ୍, ପୁରୁଣା ରାଉଶାପାଟଣା-ମେରିଆ ବଜାର ରୋଡ୍, ସୂତାହାଟ ଅଞ୍ଚଳ ରାସ୍ତାପାର୍ଶ୍ୱ ଡ୍ରେନ୍‌ରେ ବାଉଁଶ ବ୍ୟାରିକେଡ୍ କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ଜୁଲାଇ, ୨୦୨୩



## ସଂକ୍ଷେପରେ

### ଅନ୍‌ଲାଇନ୍‌ରେ ଆସେସ୍‌ମେଣ୍ଟ ନେଇ ତାଲିମ ନେଲେ ୱାର୍ଡ ଅଫିସର

**ଭୁବନେଶ୍ୱର, ୨୦।୭ (ବନ୍ଦନା ସେଠୀ):** ରାଜସ୍ୱ ଆଦାୟରେ ସ୍ୱଚ୍ଛତା ରକ୍ଷା କରିବା ତଥା ଏହାକୁ ସୁଗମ କରିବା ଉଦ୍ଦେଶ୍ୟରେ ବିଏମ୍‌ସି ପକ୍ଷରୁ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଛି। ଏହାର ମୁଖ୍ୟ ଦାୟିତ୍ୱ ୱାର୍ଡ ଅଫିସରଙ୍କ ଉପରେ ରହିଥିବାବେଳେ ବାସ୍ତବରେ ସେମାନେ ଅନ୍‌ଲାଇନ୍ ବ୍ୟବସ୍ଥା ସମ୍ପର୍କରେ ଅବଗତ ଅଛନ୍ତି ନା ନାହିଁ ତାହା ଜାଣିବା ପାଇଁ ଗୁରୁବାର ବିଏମ୍‌ସି ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଏମ୍‌ସି ଡେପୁଟି କମିଶନର (ରାଜସ୍ୱ) ସପନ ନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ ଅଫିସର ଯୋଗଦେଇଥିଲେ। ଅନ୍‌ଲାଇନ୍‌ରେ ଆସେସ୍‌ମେଣ୍ଟ, ରିଆସେସ୍‌ମେଣ୍ଟ କିପରି କରାଯାଏ ସେ ସମ୍ପର୍କରେ ପଚାରା ଯାଇଥିଲା। ଯେଉଁମାନେ ଏହା ଜାଣି ନ ଥିଲେ ସମ୍ପୃକ୍ତ ୱାର୍ଡ ଅଫିସରଙ୍କୁ ସ୍ମାର୍ଟସିଟି ଅଧିକାରୀ ତାଲିମ ଦେଇଥିଲେ। ବିଶେଷକରି ଟ୍ରେଡ୍ ଲାଇସେନ୍ସ ଆଦାୟ କରୁଥିବା ମିସ୍‌ଲେନ୍ସ ସରକାରମାନେ ଏନେଇ ଅବଗତ ନ ଥିଲେ। ସେମାନଙ୍କୁ ତାଲିମ ଦିଆଯିବା ସହ ଅନ୍‌ଲାଇନ୍ କାର୍ଯ୍ୟ ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା।

### ବିଏମ୍‌ସିରେ ପୁନଃ ଯୋଗଦେବେ ୪ ହୋମିଓପାଥି ମେଡିକାଲ ଅଫିସର

**ଭୁବନେଶ୍ୱର, ୨୦।୭ (ବନ୍ଦନା ସେଠୀ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ୪ଜଣ ହୋମିଓପାଥି ମେଡିକାଲ ଅଫିସର ପୁନଃ ଯୋଗଦେବେ। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଅବସର ନେଇଥିବା ଏହି ୪ଜଣ ହୋମିଓପାଥି ମେଡିକାଲ ଅଫିସରଙ୍କ ପୁନଃ ନିଯୁକ୍ତି ନେଇ ବିଏମ୍‌ସି ଦ୍ୱାରା ୨୦୨୨ ଡିସେମ୍ବର ୨୯ରେ ପ୍ରସ୍ତାବ ଦିଆଯାଇଥିଲା। ଏବେ ଏହାକୁ ଅନୁମୋଦନ ଦିଆଯାଇଥିବା ବିଭାଗ ଅନୁସଚିବ ଦାଶରଥୀ ମଲ୍ଲିକ ଚିଠିରେ ଉଲ୍ଲେଖ କରିଛନ୍ତି। ଖୁବ୍‌ଶୀଘ୍ର ବିଏମ୍‌ସିରେ ୪ଜଣ ହୋମିଓପାଥି ମେଡିକାଲ ଅଫିସର ନିଯୁକ୍ତ ହେବେ। ସେମାନଙ୍କ ଲାଗି ଆବଶ୍ୟକ ଥିବା ଅର୍ଥ ରାଶି ବ୍ୟବସ୍ଥା ବିଏମ୍‌ସି ନିଜସ୍ୱ ପାଣ୍ଠିରୁ କରିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

### ଦୋକାନୀଙ୍କୁ ଦୁର୍ବ୍ୟବହାର ଘଟଣା: ବାପ-ପୁଅ ସମେତ ୩ ଗିରଫ

**ଭୁବନେଶ୍ୱର,୨୦।୭ (ସୂର୍ଯ୍ୟକାନ୍ତ ବେହେରା):** ସ୍ନାକ୍ସ ଦେବାକୁ ମନା କରିବାରୁ ଦୋକାନୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଓ ଆଘାତ ଦେବା ଘଟଣାରେ ଖଣ୍ଡଗିରି ଥାନା ପୋଲିସ ବାପ-ପୁଅ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଭରତପୁର ଥାନା ଅଞ୍ଚଳର ବଂଶୀଧର ବେହେରା (୪୯),ଅନୁଭବ ବେହେରା (୧୯) ଓ ଅନ୍ୟଜଣେ ହେଲେ ଦୀପକ ଖୁଣ୍ଟିଆ । ଖଣ୍ଡଗିରି ପାହାଡ ନିକଟରେ ଅଭିଯୋଗକାରୀଙ୍କର ଗୋଟିଏ ସ୍ନାକ୍ସ ଦୋକାନ ରହିଛି। ଗତ ମେ ୨୫ରେ ଏହି ଘଟଣା ଘଟିଥିଲା। ଏନେଇ ଚନ୍ଦନ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ ।

# ହୋଟେଲ ଆଗରେ ଅଳିଆ ଗଦାଇଲା ବିଏମ୍‌ସି

**ଭୁବନେଶ୍ୱର, ୨୦।୭ (ବନ୍ଦନା ସେଠୀ)**

ସହରରେ ପରିମଳ ପରିଚାଳନା ତଥା ସ୍ୱଚ୍ଛତାକୁ ନେଇ କଠୋର ହେଲା ବିଏମ୍‌ସି। ସଚେତନ ଓ ଚେତାବନୀ ପରେ ବି ଲୋକେ ସୁଧୁରୁ ନ ଥିବାରୁ ଏବେ ପୂରା ଆକ୍ସନ ମୋଡ୍‌ରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ। ନିଜ ଆଖପାଖ ଆବର୍ଜନା ନିଜେ ହଟାଅ। ଆବଶ୍ୟକ ପଡିଲେ ବିଏମ୍‌ସିର 'ସଫା' ଆପ୍‌ର ସାହାଯ୍ୟ ନିଅ। ମାତ୍ର ଏହା ନ କରି ସର୍ବସାଧାରଣ ସ୍ଥାନ ଆବର୍ଜନା କଲେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ସଜାଗ ରୁହ। ଗୁରୁବାର କଳ୍ପନା ଛକସ୍ଥିତ ହୋଟେଲ ବଂଶୀଧର ଆଗରେ ଆବର୍ଜନା ଗଦା କରି ଏଭଳି ଚେତାବନୀ ନେଇଛି ବିଏମ୍‌ସି। କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରାକ୍ଟର ଭର୍ତ୍ତି ଆବର୍ଜନାକୁ ହୋଟେଲ ଆଗରେ ଗଦାଇ ଦିଆଯାଇଥିଲା। ଏଥିସହ ପରିମଳ ନିୟମ ଖିଲାପ କରୁଥିବାରୁ ସମ୍ପୃକ୍ତ ହୋଟେଲକୁ ସିଲ୍ ମଧ୍ୟ କରାଯାଇଥିଲା। ଏହି ସମୟରେ କମିଶନର ନିଜେ ସେଠାରେ ଉପସ୍ଥିତ ଥିଲେ। ସମ୍ପୃକ୍ତ ହୋଟେଲରୁ ବାହାରୁଥିବା ଆବର୍ଜନାକୁ ହୋଟେଲ ମାଲିକ ରାସ୍ତା କଡ଼ରେ ଗଦାଇ

**ପରିମଳ ନିୟମ ଖିଲାପର କଠୋର ଜବାବ**



ନିୟମ ଉଲ୍ଲଂଘନ କରିଥିବା ହୋଟେଲ ବଂଶୀଧର ଆଗରେ ଆବର୍ଜନା ଗଦା କରାଯାଇଛି।

ଦେଉଥିଲେ। କଳ୍ପନାରୁ ବଡ଼ଗଡ଼କୁ ଯିବାପାଇଁ ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଆବର୍ଜନା ପାଇଁ ଯାତାୟାତ କରୁଥିବା ଲୋକଙ୍କୁ ସମସ୍ୟା ହେଉଥିଲା। ଏପରିକି ନିଜ ଆଖପାଖ ୫ମିଟର ଅଞ୍ଚଳ ମଧ୍ୟ ସଫା ରଖୁ ନଥିଲେ। ଏନେଇ ବିଏମ୍‌ସି ପକ୍ଷରୁ ତାଙ୍କୁ ବାରମ୍ବାର ତାଗିଦ କରିବା ପରେ ବି ସମ୍ପୃକ୍ତ ମାଲିକ ଏହାକୁ ବେଖାତିର କରିଥିଲେ। ଫଳରେ ଏଥର ତାଗିଦ ନ କରି ସିଧା କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଘଟଣା ସମ୍ପର୍କରେ କମିଶନର କୁଲାଙ୍ଗେ କହିଛନ୍ତି, ଆବର୍ଜନା ନେବା ପାଇଁ ସଫେଇ ଗାଡ଼ି ପ୍ରତିଦିନ ଆସୁଛି। ଏହାବାଦ୍ ଆମେ ସଫା ଆପ୍ ମଧ୍ୟ ପ୍ରସ୍ତୁତ କରିଛୁ। ମାତ୍ର ସମ୍ପୃକ୍ତ ବ୍ୟବସାୟୀ ପରିମଳର କୌଣସି ନିୟମ ମାନୁ ନ ଥିଲେ। ସହରକୁ ପରିଷ୍କାର ରଖିବା ପାଇଁ ବିଏମ୍‌ସି ଦିନରାତି କାମ କରୁଛି। ମାତ୍ର କିଛି ଲୋକଙ୍କ ଖାମଖିଆଲ ମନୋଭାବ ପାଇଁ ବିଏମ୍‌ସିକୁ ନିନ୍ଦିତ ହେବାକୁ ପଡୁଛି। ତେଣୁ ଯେଉଁମାନେ ନିୟମ ଖିଲାପ କରିବେ, ସେମାନଙ୍କ ବିରୋଧରେ ଏଣିକି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ପରିମଳ ନିୟମ ଖିଲାପ କରି ରାସ୍ତା କଡ଼ରେ ଆବର୍ଜନା ଗଦାଉ ଥିବାରୁ ଏକ ଆପାର୍ଟମେଣ୍ଟ ଗେଟ୍ ଆଗରେ ବିଏମ୍‌ସି ଏଭଳି ସମାନ ଢଙ୍ଗରେ ଆବର୍ଜନା ଗଦାଇଥିଲା। ଏଥିସହ ତାକୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି ହୋଇଥିଲା। ଏହାପରେ ସମ୍ପୃକ୍ତ ଆପାର୍ଟମେଣ୍ଟ ପକ୍ଷରୁ ଏଭଳି ଘଟଣାର ପୁନରାବୃତ୍ତି ହେବ ନାହିଁ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅଳିଆ ହଟା ଯାଇଥିଲା। କେବଳ ସେତିକି ନୁହେଁ, ପୂର୍ବରୁ ମେୟର ମଧ୍ୟ ଆବର୍ଜନାକୁ ନେଇ ସହରବାସୀଙ୍କୁ ତାଗିଦ କରିଛନ୍ତି। ଯେଉଁମାନେ ଏଭଳି ଅପରିଷ୍କାର କରିବେ ବିଏମ୍‌ସି ସେମାନଙ୍କ ଘରେ ନେଇ ଅଳିଆ ପକାଇବ ବୋଲି ଚେତାବନୀ ଦେଇଛନ୍ତି। ତେବେ ବିଏମ୍‌ସିର ଏଭଳି କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ରାମେଶ୍ୱର ମନ୍ଦିର ଚୂଡ଼ା ଯାଞ୍ଚକଲା ଏଏସ୍‌ଆଇ

**ପୁରୁଣା ଭୁବନେଶ୍ୱର,୨୦।୭ (ସୁବାସ ଚନ୍ଦ୍ର ପ୍ରଧାନ)**

**ବଜ୍ରପାତରେ ଦଧିନଉତି ଖସିବା ଘଟଣା**

ଗତ ୧୫ ତାରିଖରେ ମାଉସୀ ମା' ଛକ ସ୍ଥିତ ରାମେଶ୍ୱର ମନ୍ଦିରର ଦଧିନଉତି ବଜ୍ରପାତରେ ଭାଙ୍ଗି ଖସିପଡ଼ିଥିଲା। ଦଧିନଉତିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ତେବେ ଗୁରୁବାର ଏହି ମନ୍ଦିର ଚୂଡ଼ା ସ୍ଥିତି ଯାଞ୍ଚ କରିଛି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ)। ଅପରାହ୍ନ ୩ଟାରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର କର, ଆସିଷ୍ଟାଣ୍ଟ ଇଞ୍ଜିନିୟର, ଅନ୍ୟ ଅଧିକାରୀ, କାରିଗରୀଙ୍କ ସହ ସ୍ୱତନ୍ତ୍ର ଭାରାରେ ମନ୍ଦିର ଚୂଡ଼ାକୁ ଉଠିଥିଲେ। ମନ୍ଦିର ଚୂଡ଼ା କଳସରେ ଲାଗିଥିବା ଭାଙ୍ଗିଯାଇଥିବା ଦଧିନଉତିକୁ ଯାଞ୍ଚ କରିଥିଲେ। ୨୦ମିନିଟ୍ ଯାଞ୍ଚ ପରେ ତଳକୁ ଓହ୍ଲାଇଥିଲେ। କେବଳ ଦଧିନଉତି (ଯାହା କୁଣ୍ଡା ପଥରରେ ନିର୍ମିତ ହେବ)ନିର୍ମାଣ କରାଯାଇ ଲଗାଯିବ। କଳସ, ମନ୍ଦିର ଚୂଡ଼ାର ଅନ୍ୟ ଅଂଶ ସୁରକ୍ଷିତ ରହିଛି। ଖୁବ୍‌ଶୀଘ୍ର ଦଧିନଉତି ସହ ମନ୍ଦିରରେ ପ୍ରଥମ କରି ଆର୍ଥିଂ ବ୍ୟବସ୍ଥା କରାଯିବ ବୋଲି ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ କର ସୂଚନା ଦେଇଛନ୍ତି।



# ଡାକ୍ତର ସ୍ତ୍ରୀଙ୍କୁ ନିର୍ଯାତନା, ଯୁବ ଡାକ୍ତର ଗିରଫ

**ଭୁବନେଶ୍ୱର,୨୦।୭ (ସୂର୍ଯ୍ୟକାନ୍ତ ବେହେରା)**

ସ୍ତ୍ରୀଙ୍କୁ ଯୌତୁକରେ ଦାମୀ କାର ମାଗିବା ସହ ନିର୍ଯାତନା ଦେବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଯୁବ ଡାକ୍ତରଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱରର ତାପସ ରଞ୍ଜନ ସେନାପତି। ସେ ୪ବର୍ଷ ତଳେ ବିବାହ କରିଥିବାବେଳେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ପରିବାର ସହ ରହୁଥିଲେ। ତାଙ୍କ ସ୍ତ୍ରୀ ହେଉଛନ୍ତି ଜଣେ ଦାନ୍ତ ଡାକ୍ତର। ତାପସ ଏମ୍‌ବିବିଏସ୍ ଡାକ୍ତର ହୋଇଥିଲେ ମଧ୍ୟ କେଉଁଠି ଚାକିରି କରି ନ ଥିଲେ। ହେଲେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର ବିଭିନ୍ନ କଥାକୁ ନେଇ ବଚସା ହେଉଥିଲା। ଦାମୀ ଗାଡି ପାଇଁ ବାପଘରୁ ଟଙ୍କା ଆଣିବାକୁ ଚାପ ପକାଉଥିଲେ। ସ୍ତ୍ରୀ ବାରଣ କରିବାରୁ ସ୍ୱାମୀ ତାପସ ମାଡ଼ ମାରିବା ସହ ନାନା ନିର୍ଯାତନା ଦେଉଥିଲେ। ଶେଷରେ ସ୍ୱାମୀଙ୍କ ବିରୋଧରେ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୩୦/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।


ଚିନ୍ମୟୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଛତାବର ପଞ୍ଚାୟତ ବିନ୍ଧ୍ୟଗିରି ପ୍ରାଥମିକ ବିଦ୍ୟାଳୟରେ 'ମୋ ଗଛ' ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଛାତ୍ରୀଛାତ୍ର।

## ବିଦ୍ୟାଳୟରେ 'ମୋ ଗଛ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ପୁରୁଣା ଭୁବନେଶ୍ୱର,୨୦।୭(ସୁବାସ ଚନ୍ଦ୍ର ପ୍ରଧାନ):** ଚିନ୍ମୟୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ଉପକଣ୍ଠ ଛତାବର ପଞ୍ଚାୟତ ଅଧୀନ ବିନ୍ଧ୍ୟଗିରିସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାର୍ଥୀଙ୍କ ଗହଣରେ 'ମୋ ଗଛ' ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ପ୍ରତିଷ୍ଠାତା ସନ୍ତୋଷୀ ଜୈନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାରଣା, ଶିକ୍ଷକ ପ୍ରକାଶ ଚନ୍ଦ୍ର ବଳିୟାରସିଂ, ସାମାଜିକ କର୍ମୀ ତ୍ରିଲୋଚନ ବେଉରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କ ମନରେ ଗଛ ପ୍ରତି ଆଗ୍ରହ ବଢ଼ାଇବା ପାଇଁ ଗଛ ସହ ଖେଳିବା, ଗଛ ସହ ବଢ଼ିବା, ଗଛ ସହ ବୁଝିବା, ଗଛ ସହ ପଢ଼ିବା ଆଦି ସମ୍ପର୍କରେ ଗପ ଓ ନାଚ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ବିଦ୍ୟାଳୟର ୨୦ଜଣ ବିଦ୍ୟାର୍ଥୀଙ୍କୁ ଗୋଟିଏ ଲେଖାଏ ଲେମ୍ବୁ ଚାରା ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥିଲା। ଯେଉଁ ବିଦ୍ୟାର୍ଥୀ ଗଛଟିର ଉପଯୁକ୍ତ ଭାବେ ଯତ୍ନ ଓ ଲାଳନପାଳନ କରି ଗଛ ବଢ଼ାଇଥିବେ ସେମାନଙ୍କୁ ଟ୍ରଷ୍ଟ ପକ୍ଷରୁ ପୁରସ୍କୃତ କରାଯିବ ବୋଲି ଟ୍ରଷ୍ଟ ପ୍ରତିଷ୍ଠାତା ଜୈନ ସୂଚନା ଦେଇଛନ୍ତି।

# ଗୃହ ନିର୍ମାଣକୁ ନେଇ କଠୋର ହେଲା ବିଏମ୍‌ସି

**ଭୁବନେଶ୍ୱର, ୨୦।୭ (ବନ୍ଦନା ସେଠୀ)**

**୩ଶହ ବର୍ଗମିଟରରେ ଘର କଲେ ଜଳ ଅମଳ ପ୍ରକଳ୍ପ ବାଧ୍ୟତାମୂଳକ**

**୨୦ହଜାର ବର୍ଗମିଟର ପାଇଁ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ୩୦୦ ବର୍ଗମିଟର (୩୨୨୯.୧୭୩ବର୍ଗ ଫୁଟ) ଅଞ୍ଚଳରେ ଘର କରିବାକୁ ହେଲେ ଜଳ ଅମଳ ପ୍ରକଳ୍ପ ବାଧ୍ୟତାମୂଳକ। ସେହିପରି ୨୦ହଜାର ବର୍ଗମିଟର କିମ୍ବା ତଦୂର୍ଦ୍ଧ୍ୱ ଅଞ୍ଚଳରେ ଘର କଲେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ କରିବାକୁ ପଡ଼ିବ। ଭୁବନେଶ୍ୱରରେ ଗୃହ ନିର୍ମାଣକୁ ନେଇ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛି ବିଏମ୍‌ସି। ବିଏମସି ସୀମା ମଧ୍ୟରେ ବାସଗୃହ, ଆପାର୍ଟମେଣ୍ଟ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ସଂସ୍ଥା ଓ ଶିଳ୍ପାନୁଷ୍ଠାନ ଇତ୍ୟାଦି ପ୍ଲାନ୍ ଉଲ୍ଲଂଘନ କରିଥିଲେ ଓଡ଼ିଶା ଡେଭଲପ୍‌ମେଣ୍ଟ ଅଥରିଟି ଆକ୍ଟ ୧୯୮୨ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍‌ସି କଡା ଚେତାବନୀ ଦେଇଛି। ସେହିଭଳି କୌଣସି ଘର ବା ଅନୁଷ୍ଠାନ ଅନୁମୋଦିତ ଯୋଜନାକୁ ଉଲ୍ଲଂଘନ କରି ଯଦି ନିର୍ମାଣ କରିଛନ୍ତି, ନିୟମ ଅନୁସାରେ ଜାଗାଛାଡି ନାହାନ୍ତି ବା ପାର୍କିଂ ପାଇଁ ଆବଶ୍ୟକ ସ୍ଥାନ ରଖି ନାହାନ୍ତି କିମ୍ବା ପାର୍କିଂ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି ତେବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିପାଇଁ ପ୍ରତ୍ୟେକ ୱାର୍ଡରେ ନିୟମିତ ଯାଞ୍ଚ କରାଯିବ। ପରିବେଶ ସୁରକ୍ଷା ଦୃଷ୍ଟିରୁ ଜଳ ଅମଳ ପ୍ରକଳ୍ପ ଓ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାନ ଠିକ ଭାବେ କରାଯାଇଛି କି ନାହିଁ ବା ବିଜ୍ଞାନ ସମ୍ମତ ଭାବେ କାର୍ଯକାରୀ ହେଉଛି କି ନାହିଁ ତାହାକୁ ତଦାରଖ କରାଯିବ। ନିୟମ ଉଲ୍ଲଂଘନକାରୀଙ୍କୁ ପ୍ରଥମେ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ କାର୍ଯ୍ୟକାରୀ କରିବା ପାଇଁ ନୋଟିସ ଦିଆଯିବ। ନଚେତ୍ ଓଡ଼ିଶା ଡେଭଲପମେଣ୍ଟ ଅଥରିଟି ଆକ୍ଟ-୧୯୮୨ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ। ଡ୍ରେନ ଓ ରାସ୍ତା ପାଇଁ ସ୍ୱତନ୍ତ୍ର ସ୍ଥାନ ନ ଥିଲେ କୌଣସି ଘର ନିର୍ମାଣ ପାଇଁ ପ୍ଲାନ ଅନୁମୋଦନ କରାଯିବ ନାହିଁ। ଏପରିକି ଯେଉଁ ଉଦ୍ଦେଶ୍ୟରେ ଘର ବ୍ୟବହାର ପାଇଁ ପ୍ଲାନ ଦିଆଯାଇଛି ସେହି ଅନୁଯାୟୀ ବ୍ୟବହୃତ ହେଉ ନ ଥିଲେ ମାଲିକଙ୍କ ବିରୋଧରେ ଓଡିଏ କୋର୍ଟରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ସରକାର ସହରର ବିକାଶ ପାଇଁ ପରିବେଶ ଓ ପରିମଳକୁ ଗୁରୁତ୍ୱ ଦେଉଥିବାବେଳେ ବିଏମ୍‌ସି ସୀମା ମଧ୍ୟରେ ଯୋଜନାବଦ୍ଧ ନିର୍ମାଣର ଖୁବ ଆବଶ୍ୟକତା ରହିଛି। ଏହା ସହରର ବାସୋପଯୋଗିତା ସୂଚକାଙ୍କକୁ ଆଗକୁ ନେବ ବୋଲି କମିଶନର କହିଛନ୍ତି।

## କାର କାଚ ଭାଙ୍ଗି ବ୍ୟାଗ ନେଇଗଲେ ଦୁର୍ବୃତ୍ତ

**ଭୁବନେଶ୍ୱର,୨୦।୭ (ସୂର୍ଯ୍ୟକାନ୍ତ ବେହେରା):** କ୍ୟାପିଟାଲ ଥାନା ଅନ୍ତର୍ଗତ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଦୁର୍ବୃତ୍ତମାନେ ଅବସରପ୍ରାପ୍ତ ଯନ୍ତ୍ରୀଙ୍କ କାର୍ କାଚ ଭାଙ୍ଗି ଏକ ବ୍ୟାଗ୍ ନେଇଯାଇଛନ୍ତି। ସେଥିରେ ବ୍ୟାଗରେ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛି।

# କାଲିଠୁ 'ସାରେଗାମାପା ଲିଟିଲ ଚାମ୍ପ୍‌ସ - ଆଜି ଛୋଟ କାଲି ଉସ୍ତାଦ'



**ଭୁବନେଶ୍ୱର,୨୦।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ଜୀ-ସାର୍ଥକରେ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଓଡିଶାର ସିଙ୍ଗିଙ୍ଗ୍ ରିଆଲିଟି ଶୋ 'ସାରେଗାମାପା ଲିଟିଲ ଚାମ୍ପ୍‌ସ-ଆଜି ଛୋଟ କାଲି ଉସ୍ତାଦ'। ଏହି ମେଗା ରିଆଲିଟି ଶୋ' ପୁଣିଥରେ ଦର୍ଶକଙ୍କ ପାଖକୁ ଫେରୁଥିବା ଜୀ ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ରେ ଏହା ପ୍ରସାରିତ ହେବ। ସ୍ୱର ଓ ସଙ୍ଗୀତକୁ ଭଲ ପାଉଥିବା ଏବଂ ଏଥିରେ କ୍ୟାରିୟର କରିବାକୁ ଚାହୁଁଥିବା କୁନି କଳାକାରଙ୍କ ପାଇଁ ଏହି ଶୋ' ଏକ ବଡ ପ୍ଲାଟ ଫର୍ମ। ପ୍ରତିଭାର ଏହି ମଞ୍ଚରେ ବିଭିନ୍ନ ପ୍ରାନ୍ତରୁ ଆସୁଥିବା କଳାକାରଙ୍କୁ ଭରପୂର ସୁଯୋଗ ଦିଆଯିବ। ଓଡ଼ିଶାର କିଛି ପ୍ରମୁଖ ସହରରେ ଅଡିଶନ ସରିଛି। ଏଥର ଆଗ ଅପେକ୍ଷା ସମ୍ପୂର୍ଣ୍ଣ ନୂଆ ଓ ବଡ଼ ଧରଣର ମଞ୍ଚ ପ୍ରସ୍ତୁତ ହୋଇଛି। ବିଚାରକ ଆସନରେ ଲୋକପ୍ରିୟ ଗାୟକ କ୍ରୀଷ୍ଣା ବେଉରା, କଣ୍ଠଶିଳ୍ପୀ ଅସୀମା ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ଗୁଡ୍‌ଲି ରଥ ରହିଛନ୍ତି। ପ୍ରତିଯୋଗିତାର ପ୍ରତ୍ୟେକ ଏପିସୋଡ୍ ବହୁତ ଦର୍ଶନୀୟ ହେବ ବୋଲି ଜୀ-ସାର୍ଥକର ଚିଫ୍ କ୍ଲଷ୍ଟର ହେଡ୍ ସମ୍ରାଟ ଘୋଷ ଓ ଚ୍ୟାନେଲ ହେଡ୍ ପ୍ରତୀକ ସିଲ କହିଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ପଦାଭିଷେକ ସମାରୋହ


ପଦାଭିଷେକ ସମାରୋହରେ ଛାତ୍ରୀଛାତ୍ରଙ୍କ ସହ ପରିବହନ କମିଶନର ଅମିତାଭ୍ ଠାକୁର, ସ୍କୁଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଓ ଅନ୍ୟମାନେ।

**ଭୁବନେଶ୍ୱର,୨୦।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ବାର୍ଷିକ ପଦାଭିଷେକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଇନ୍ଦ୍ରପ୍ରସ୍ଥ ଅଡିଟୋରିୟମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ କିପରି ପ୍ରତିବଦ୍ଧତା ଓ ଆତ୍ମବିଶ୍ୱାସ ବଳରେ ସ୍କୁଲରେ ଶିକ୍ଷା ସହିତ ନିଜର ଦାୟିତ୍ୱକୁ ଠିକ୍ ଭାବେ ସମ୍ପାଦନ କରିପାରିବେ ତାହା ଉପରେ ଦିଗ୍‌ଦର୍ଶନ ଦିଆଯାଇଥିଲା। ମୁଖ୍ୟ ଅତିଥିଭାବେ ପରିବହନ ବିଭାଗର କମିଶନର ଅମିତାଭ୍ ଠାକୁର ଯୋଗଦେଇ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଛାତ୍ର ପରିଷଦରେ ନୂତନ ପଦବୀ ପାଇଥିବା ଛାତ୍ରନେତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ବ୍ୟାଜ୍ ପିନ୍ଧାଇଥିଲେ। ସଚ୍ଚୋଟତା, ଶୃଙ୍ଖଳା ଏବଂ ଅଧ୍ୟବସାୟ ଉପରେ ସେ ଗୁରୁତ୍ୱାରୋପ କରିବା ସହ ଛାତ୍ରୀଛାତ୍ରଙ୍କୁ ନିଜର କର୍ତ୍ତବ୍ୟ ଓ ଚେଷ୍ଟା ମାଧ୍ୟମରେ ସମାଜରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବାକୁ ଉତ୍ସାହିତ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଲେ, ନିଜର ନୈତିକତା, ଉତ୍ତରଦାୟିତ୍ୱ, ସହଯୋଗିତା ଓ ନମ୍ରତା ଗୁଣକୁ ବିକଶିତ କରିବା ସହ ଗାନ୍ଧିଜୀଙ୍କ ପଥକୁ ଅନୁସରଣ କରିବା ଦ୍ୱାରା ନିଶ୍ଚିତ ରୂପେ ଜଣେ ଉତ୍ତମ ଲିଡ଼ର ହୋଇପାରିବ। ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ହେଡ୍ ବୟ ଭାବେ ଚୟନ ହୋଇଥିବା ଆରୁଶ ଶର୍ମା ଓ ହେଡ୍ ଗାର୍ଲ ଫିଓନା ଦେବସ୍ମିତାଙ୍କ ସମେତ ଅନ୍ୟ ଛାତ୍ରନେତାଙ୍କୁ ଡ. ସାହୁ ଅଭିନନ୍ଦନ ଜଣାଇଥିଲେ।

# ବିଏମ୍‌ସିର ଖାଦ୍ୟ ଯାଞ୍ଚବେଳେ ଉତ୍ତେଜନା

**ଭୁବନେଶ୍ୱର, ୨୦।୭ (ବନ୍ଦନା ସେଠୀ)**

ସୁରକ୍ଷିତ ଓ ବ୍ୟବସ୍ଥିତ ଢଙ୍ଗରେ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ବିଏମ୍‌ସି ବାରମ୍ବାର ତାଗିଦ୍ କରିଆସୁଛି। ମାତ୍ର କେତେଜଣ ବ୍ୟବସାୟୀ ଅପରିଷ୍କାର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରିବା ସହ ବାସି ଖାଦ୍ୟ ବି ବିକ୍ରି କରୁଥିବା ଅଭିଯୋଗ ହେଉଛି। ତେଣୁ ବିଏମ୍‌ସି ଟିମ୍ ପକ୍ଷରୁ ଚଢାଉ କରାଯିବା ସହ ଜରିମାନା ଆଦାୟ କରାଯାଉଛି। ଆବଶ୍ୟକ ହେଲେ ହୋଟେଲ ବା ଦୋକାନକୁ ସିଲ୍ କରାଯାଉଛି। ତେବେ ଗୁରୁବାର ଏକ ହୋଟେଲରେ ଖାଦ୍ୟ ଯାଞ୍ଚ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ୱାର୍ଡ ନଂ. ୫୮ ଅନ୍ତର୍ଗତ ଟଙ୍କପାଣି ରୋଡ୍ ଚିଲିପୋଖରୀଠାରେ ଥିବା ହୋଟେଲ ଗଙ୍ଗାଯମୁନାରେ କୋଇଲା ଆଞ୍ଚରେ ରୋଷେଇ କରାଯାଉଥିଲା। ଏହାଦ୍ୱାରା ପରିବେଶ ଦୂଷିତ ହେବା ସହ ଧୂଆଁ ଓ କୋଇଲା ପାଉଁଶ ଖାଦ୍ୟରେ ମିଶୁଥିଲା। ପୂର୍ବରୁ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ଏନେଇ ହୋଟେଲ କର୍ମଚାରୀଙ୍କୁ ତାଗିଦ୍ କରିବା ସହ କୋଇଲାରେ ରୋଷେଇ ନ କରିବାକୁ କହିଥିଲେ। ଗୁରୁବାର ଟିମ୍ ସେଠାକୁ ଆସିଥିବାବେଳେ ପୂର୍ବପରି କୋଇଲାରେ ରୋଷେଇ ହେଉଥିବା ଦେଖି ଉକ୍ତ ହୋଟେଲକୁ ସିଲ୍ କରିଥିଲା। ତେବେ ଏହାକୁ ହୋଟେଲ ମାଲିକ ଓ ପାଖ ବ୍ୟବସାୟୀମାନେ ବିରୋଧ କରିଥିଲେ। ଏହା ଭିତରେ ହୋଟେଲରେ ରନ୍ଧା ହୋଇଥିବା ଖାଦ୍ୟ ଫୋପଡା ଫିଙ୍ଗା ହେବା ସହ ଟିମ୍ ସହ ଯୁକ୍ତିତର୍କ ହୋଇଥିଲା। ଖବରପାଇ ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର ଓ ପୋଲିସ ସେଠାରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥଲା। ତେବେ ଯାଞ୍ଚ ସମୟରେ ବିଏମ୍‌ସି ଟିମ୍ ହୋଟେଲରେ ଥିବା ରନ୍ଧା ଖାଦ୍ୟ ଫୋପାଡିଥିବା ସ୍ଥାନୀୟ କେତେଜଣ ଲୋକ ଅଭିଯୋଗ କରିଥିଲେ। ଜଣେ ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଏନ୍‌ଫୋର୍ସମେଣ୍ଟ ଟିମ୍ ହୋଟେଲକୁ ଆସି ତାଗିଦ୍ କରିବା ସହ ରନ୍ଧା ହୋଇ ଥୁଆହୋଇଥିବା ଖାଦ୍ୟ ଫୋପାଡି ଦେଇଥିଲେ। ଏହାକୁ ନେଇ ହୋଟେଲ ମାଲିକଙ୍କ ସହ ବଚସା ହେବା ପରେ ସମ୍ପୃକ୍ତ ମାଲିକ ଉତ୍ତ୍ୟକ୍ତ ହୋଇ ଅନ୍ୟ ଖାଦ୍ୟ ବାହାରକୁ ଫୋପାଡିଦେଇଥିଲେ। ନିୟମ ଖିଲାପ କଲେ ବିଏମ୍‌ସି ଜରିମାନା କିମ୍ବା ହୋଟେଲ ସିଲ୍ କରି ପାରିବ। ମାତ୍ର ଖାଦ୍ୟକୁ ଫୋପାଡିବା ଅଧିକାର ତାଙ୍କୁ କିଏ ଦେଲା ବୋଲି ସେ ପ୍ରଶ୍ନ କରିଛନ୍ତି।



ଉତ୍ତେଜନାବେଳେ ହୋଟେଲର ଖାଦ୍ୟକୁ ବାହାରକୁ ଫିଙ୍ଗା ଯାଇଛି।




- ଏନ୍‌ଫୋର୍ସମେଣ୍ଟ ଟିମ୍ ରନ୍ଧା ଖାଦ୍ୟ ଫୋପାଡ଼ିଥିବା ଅଭିଯୋଗ
- ତାଗିଦ୍ ପରେ ନ ମାନିବାରୁ ହୋଟେଲ ସିଲ୍

## ସଂକ୍ଷେପରେ

### ୪ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ଡମପଡ଼ା ପଞ୍ଚାୟତ ଉପନିର୍ବାଚନ

ବାଙ୍କୀ,୨୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ଡମପଡ଼ା ପଞ୍ଚାୟତ ସରପଞ୍ଚଙ୍କ ଅକାଳ ବିୟୋଗ ପରେ ଆସନ୍ତା ଅଗଷ୍ଟ ୯ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ପଞ୍ଚାୟତରୁ କୁସୁମ କୁମାରୀ ଧଳ, ମନ୍ମୟୀ ଦାଶ, ଅମୀତା ସ୍ୱାଇଁ ଓ ସୁଜାତା ପରିଡା ପାର୍ଥିପତ୍ର ଦାଖଲ କରିଛନ୍ତି।

### ବାଳକକୁ ଉଦ୍ଧାର କରି ପୋଲିସ ଜିମା ଦେଲେ ଲୋକେ

ବାରଙ୍ଗ,୨୦।୭(ଲିଙ୍ଗରାଜ ରାଉତ)- ବାରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ଜଣେ ୪ ବର୍ଷୀୟ ବାଳକକୁ ଗୁରୁବାର ସ୍ଥାନୀୟ ଲୋକେ ଉଦ୍ଧାର କରି ପୋଲିସ ଜିମା ଦେଇଛନ୍ତି। ରାତି ପ୍ରାୟ ୭ଟା ସମୟରେ ବାରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଜଣେ ୪ ବର୍ଷର ବାଳକ ସନ୍ଦେହଜନକ ଭାବେ ଏକୁଟିଆ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପିଲାଟିର ତାର ନାମ ବାଦଲ ମାରାଣ୍ଡି ବୋଲି ଜଣାପଡ଼ିଛି। ଘରର ଠିକଣା ସେ କହି ପାରୁ ନ ଥିବାବେଳେ ବାପାଙ୍କ ନାମ ଦୁର୍ଗା ମାରାଣ୍ଡି ଏବଂ ମା'ଙ୍କ ନାମ ରାଧା ମାରାଣ୍ଡି ବୋଲି ପୋଲିସ ଆଗରେ କହିଛି। ପିଲାଟି ପାଖରେ ଥିବା ବ୍ୟାଗରେ କିଛି ହଳ ପୋଷାକ ଥିବାବେଳେ ପୋଲିସ ତାଙ୍କ ପିତା ମାତାଙ୍କ ଏପର୍ଯ୍ୟନ୍ତ କୌଣସି ସୂଚନା ପାଇପାରିନାହିଁ। ପିଲାଟି ଏକ ନାଲି ରଙ୍ଗର ଗାଡ଼ିରେ ଆସିଥିବା ପ୍ରକାଶ କହିଛି। ପୋଲିସ ପିଲାର କଥା ଅନୁଯାୟୀ, ବିଭିନ୍ନ ସ୍ଥାନରେ ପଚରାଉଚରା ଜାରି ରଖିଛି। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ବାହାର ଜିଲା ତଥା ଅଞ୍ଚଳରୁ ଅନେକ ଶ୍ରମିକ ଶ୍ରେଣୀର ଲୋକ କାମ କରିବାକୁ ଆସୁଛନ୍ତି। ତେବେ କେହି ପିଲାଟିକୁ ନେଇ ଏହି ଅଞ୍ଚଳକୁ କାର୍ଯ୍ୟ କରିବାକୁ ଆସିଥିବାବେଳେ ଭୁଲବଶତଃ ଛୋଟ ପିଲାଟି ବାଟ ନ ଜାଣି ରାସ୍ତା ଉପରେ ରହିଯାଇଥିବା ଅନୁମାନ କରାଯାଉଛି।

### ୨ ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ତିଗିରିଆ, ୨୦।୭(ଜାଫର ଖାଁ ): ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ପକ୍ଷରୁ ଆର୍ଥିକ ସାକ୍ଷରତା ସମ୍ବନ୍ଧିତ ସାଧାରଣଜ୍ଞାନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରତିକା ପ୍ରିୟଦର୍ଶିନୀ ଓ ଛାତ୍ର ସଚ୍ଚିଦାନନ୍ଦ ବେହେରା (ଉଭୟ ୧୦ମ ଶ୍ରେଣୀ )ଙ୍କୁ ବୁଧବାର ବିଦ୍ୟାଳୟ ସଭାଗୃହରେ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ଆମ ପାଇଁ ପ୍ରେରଣାର ଉତ୍ସ ବୋଲି ତିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି। ଉଭୟଙ୍କୁ ମଙ୍ଗଳବାର ଭୁବନେଶ୍ୱରଠାରେ ପୁରସ୍କୃତ କରାଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ତିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ମାନସ ସାହୁ, ଜିଲାପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ ଓ ମୁଖ୍ୟବକ୍ତା ଭାବେ ତିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ହୋତା ଯୋଗଦେଇ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଳମଣି ରାଉତ ସଭାପତିତ୍ୱ କରିଥିଲେ। ଶିକ୍ଷାର୍ଥୀ ଦ୍ୱୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପରବର୍ତ୍ତୀ ଜୋନାଲ ସ୍ତରୀୟ ପ୍ରତିଯୋଗିତା ଉତ୍ତମ ଫଳାଫଳ ପାଇଁ ସମସ୍ତ ଶିକ୍ଷକ ସହଯୋଗ କରିବା ପାଇଁ ନିବେଦନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ବ୍ଲକ ସହ ଶିକ୍ଷାଧିକାରୀ ନୀଳକଣ୍ଠ ସାହୁ, ବଳରାମ ମୁଦୁଲି, ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ମଣୀ ମିଶ୍ର, ପ୍ରଭାତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ଚାରାରୋପଣ କରିବାକୁ ଆହ୍ୱାନ

ସାଲେପୁର,୨୦।୭,ମହାନ ନଲେଜ ଆଣ୍ଡ ଚାରିଟେବୁଲ ସାମାଜିକ ଅନୁଷ୍ଠାନର 'କନେକ୍ଟ ଟୁ ନେଚର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରାପ୍ରେକ୍ଷୀରେ ସାଲେପୁର ବିଶ୍ୱେଶ୍ୱର ମହାନଦୀ ପୀଠ ନିକଟ ଚିତ୍ରୋତ୍ପଳା ନଦୀ ଅବବାହିକାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଧୁନିକତା ଭିତରେ ଭିତ୍ତିଭୂମି ବିକାଶ ନାମରେ ଅନେକ କଂକ୍ରିଟ୍ ଜଙ୍ଗଲ ତିଆରି ହେଉଛି। ଏଥିପାଇଁ ଅନେକ ଜାଗାରେ ମୃତ୍ତିକା କ୍ଷୟ ହେବା ସହ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି। ଏହା ବିଶ୍ୱ ପାଇଁ ଏକ ସଙ୍କଟ ଭାବେ ଉଭା ହୋଇଛି। ସେଥିପାଇଁ ଦାୟିତ୍ୱବୋଧ ହୋଇ ଚାରାରୋପଣ ଓ ତାହାର ରକ୍ଷାବେକ୍ଷଣ କରିବା ପାଇଁ କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଥିଲା। ଏଥିରେ ସର୍ବଶ୍ରୀ ଜ୍ଞନେନ୍ଦ୍ର ଦାଶ, ପ୍ରଦୀପ୍ତ କୁମାର ଦ୍ୱିବେଦୀ, ଶିବ ନାରାୟଣ ମହାପାତ୍ର, ମନୋଜ ଭୂୟାଁ, କଳ୍ପତରୁ ଦାସ, ବିଶ୍ୱଜିତ୍ ନାୟକ, ମଧୁସୁଦନ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ଏପ୍ରିଲର ବକେୟା ଚାଉଳ ଦେବାକୁ ଦାବି

**ସୁବର୍ଣ୍ଣପୁର ଗ୍ରାମବାସୀ**

■ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାଙ୍କୀ,୨୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଯୋଗାଣ ଅଧିକାରୀଙ୍କୁ ସ୍ମାରକପତ୍ର ଦିଆଯାଉଛି।

ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମବାସୀ ଗତ ଏପ୍ରିଲ୍‌ର ମାଗଣା ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ସ୍ଥାନୀୟ ସେବା ସମବାୟ ସମିତିର କାର୍ଯ୍ୟରେ ତ୍ରୁଟି ଯୋଗୁ ଏଭଳି ସମସ୍ୟା ହୋଇଥିବା ଅଭିଯୋଗ ହୋଇଛି। ଏହାର ସମାଧାନ ଦାବିରେ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଯୋଗାଣ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ସୁବର୍ଣ୍ଣପୁର ଗ୍ରାମ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ ଏହାର ନେତୃତ୍ୱ ନେଇଥିଲେ। ୭ ଦିନ ମଧରେ ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବାଙ୍କୀ କଟକ ମୁଖ୍ୟ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ସମସ୍ୟାର ସମାଧାନ କରାଯିବ ବୋଲି ପୂର୍ବରୁ ଯୋଗାଣ ବିଭାଗ ଇନ୍ସପେକ୍ଟର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସମବାୟ ସମିତି ପକ୍ଷରୁ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ମାତ୍ର ଏହାର କୌଣସି ସମାଧାନ ନ ହେବାରୁ ବାଙ୍କୀରେ ହୋଇଥିବା ଜିଲାପାଳଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହେଉ ନ ଥିବାରୁ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଗ୍ରାମ କମିଟି ଉପସଭାପତି ଗନ୍ଧର୍ବ ଦଳାଇ, ସମ୍ପାଦକ ଭୁବନାନନ୍ଦ ପଣ୍ଡା ଓ ବରିଷ୍ଠ ସଭ୍ୟ ଶୁଭେନ୍ଦୁ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାର ନକଲ, ଖାଦ୍ୟ ଯୋଗାଣ ବିଭାଗ ଅଧିକାରୀ କଟକ, ବାଙ୍କୀ ବିଡିଓଙ୍କ ସମେତ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

# ୬୦ କିଲୋ ଗଞ୍ଜେଇ, ୩୬୦ ଲିଟର ଦେଶୀ ମଦ ଜବତ: ୨ ଗିରଫ


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

ଆଠଗଡ,୨୦।୭(ସତ୍ୟ ପ୍ରସାଦ ରଥ)

କଟକ ଜିଲା ନରସିଂହପୁରର ବାଗଧରିଆ ଛକଠାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ କାର୍‌ରୁ ୬୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଅଭିଯୋଗରେ ନୟାଗଡ଼ ଜିଲା ଶରଣକୂଳ ଥାନା ଅନ୍ତର୍ଗତ ଚଡାୟାପଲ୍ଲି ଗ୍ରାମର ମାନସ କୁମାର ପ୍ରଧାନଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅବକାରୀ କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲା ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ବାଗଧରିଆ ଛକଠାରେ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ସନ୍ଦେହ ହେବାରୁ ମାରୁତି ଗାଡ଼ି (ନଂ. ଓଡି-୦୨-ଏଜେ-୪୯୧୭) ଅଟକାଇ ଯାଞ୍ଚ ସମୟରେ ସେଥିରୁ ଗଞ୍ଜେଇ ମିଳିଥିଲା।

ସେହିପରି ଆଠଗଡ ତାରେଣି ଛକଠାରେ ଚଢ଼ାଉ କରାଯାଇ ଏକ ମହିନ୍ଦ୍ରା ବୋଲେରୋ ଗାଡ଼ି (ନଂ. ଓଆର-୦୫-ଡବ୍ଲ୍ୟୁ-୭୫୯୫)ରୁ ୩୬୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ଢେଙ୍କାନାଳ ଜିଲା ସିଆରିଆ ଗ୍ରାମର ମାନସ ବେହେରାଙ୍କୁ ଗିରଫ କରାଯାଇଛି। ଚଢାଉରେ ଆଠଗଡ ଅବକାରୀ ବିଭାଗ ଉପଅଧିକ୍ଷକ ପ୍ରମୋଦ କୁମାର ପଣ୍ଡା, ଅବକାରୀ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ, ସବ୍‌ଇନ୍ସପେକ୍ଟର ସୌମ୍ୟ ରଞ୍ଜନ ମାଝୀ, ଅରୁଣ କୁମାର ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

# ସୁନାଗରିକ ହେଲେ ସମୃଦ୍ଧ ଓଡ଼ିଶା ଗଠନ ହେବ


ପ୍ରତିଭା ସାମ୍ମାନ ସମାରୋହରେ ଜଣେ କୃତୀ ଛାତ୍ରଙ୍କୁ ବିଧାୟକ ଦେବୀ ପ୍ରସାଦ ମିଶ୍ର ମେଡାଲ ଓ ମାନପତ୍ର ଦେଇ ସମ୍ମାନିତ କରୁଛନ୍ତି ।

**୨ ବିଦ୍ୟାଳୟର ମେଧାବୀ ପ୍ରତିଭା ସମ୍ମାନ ସମାରୋହ**

ବଡମ୍ବା, ୨୦।୭ (ମାୟାଧର ମଲ୍ଲିକ )

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପପୁର ପଞ୍ଚାୟତସ୍ଥିତ ବାଳିକା ଉଚ୍ଚବିଦ୍ୟାଳୟ ଓ ବାସୁଦେବ ଉଚ୍ଚବିଦ୍ୟାଳୟର ମେଧାବୀ ପ୍ରତିଭା ସାମ୍ମାନ ସମାରୋହ ୨୦୨୩ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଉପରୋକ୍ତ ୨ ବିଦ୍ୟାଳୟର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ' ୧, ଏ' ୨ ଓ ବି ୧, ବି ୨ ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ମେଡାଲ ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ସୁନାଗରିକର କର୍ତ୍ତବ୍ୟ ସମ୍ପାଦନ କଲେ ସମୃଦ୍ଧ ଓଡ଼ିଶା ଗଠନ ହୋଇପାରିବ ବୋଲି ମୁଖ୍ୟ ଅତିଥି ବିଧାୟକ ମିଶ୍ର କହିଥିଲେ। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ କାମରାଜ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପାଧକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜ ସିଂହ, ସାଂସଦଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ମଥୁରା ଚରଣ ସ୍ୱାଇଁ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷଣପ୍ରଭା ନାୟକ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ି ତୋଳିବାକୁ ପ୍ରେରଣା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଭିଭାବକ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଅଶୋକ କୁମାର ଧଳ କାର୍ଯ୍ୟକ୍ରମ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମିନାକ୍ଷୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଶରଧାପୁର ପଞ୍ଚାୟତ ଉପନିର୍ବାଚନ: ୪ ପ୍ରାର୍ଥୀଙ୍କ ନାମାଙ୍କନ କାଏମ

ନରସିଂହପୁର,୨୦।୭
(ନିରଞ୍ଜନ ଦେବକୁମାର )

ନରସିଂହପୁର ବ୍ଲକ ଅଧୀନ ଶରଧାପୁର ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ହେବାକୁ ଥିବା ଉପ ନିର୍ବାଚନର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ନାମାଙ୍କନ ଦାଖଲ କରିଥିବା ୬ ପ୍ରାର୍ଥୀଙ୍କ ମଧ୍ୟରୁ ୨ ଜଣ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏହାପରେ ୪ ଜଣଙ୍କ ନାମାଙ୍କନ କାଏମ ରହିଛି। ସେମାନେ ହେଲେ ସୁଶାନ୍ତ କୁମାର ସାହୁ, ଅଖିଳ ନାୟକ, ନିରଞ୍ଜନ ବରାଡ଼, ସଂସାରୀ ରାଉତ। ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ୨୦ ତାରିଖ ନିର୍ଦ୍ଧିଷ୍ଟ କରାଯାଇଥିଲା। ଆସନ୍ତା ଅଗଷ୍ଟ ୯ରେ ଏଠାରେ ଉପନିର୍ବାଚନ ପାଇଁ ମତଦାନ କରାଯିବ। ୧୧ ତାରିଖରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଏଥିପାଇଁ ବ୍ଲକ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ ସମସ୍ତ ନିୟମ ପାଳନ କରାଯିବ ବୋଲି ବିଡିଓ ତଥା ନିର୍ବାଚନ ଅଧିକାରୀ ନୀଳମାଧବ ସୁନା ସୂଚନା ଦେଇଛନ୍ତି।

# ବ୍ୟାଙ୍କ ଋଣ, ସୁଧ ଫେରସ୍ତ ପାଇଁ ସଚେତନତା


ସଚେତନତା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଓ ଅନ୍ୟମାନେ ।

ବାଙ୍କୀ,୨୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ମିଶନ ଶକ୍ତି ପକ୍ଷରୁ କଳାପଥରସ୍ଥିତ କଲ୍ୟାଣମଣ୍ଡପରେ ଗୁରୁବାର ବ୍ୟାଙ୍କ ଋଣ, ସୁଧ ଫେରସ୍ତ ଓ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଲ୍ୟ ବିବାହ ରୋକିବା ଓ ମମତା ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ କଳାପଥର, କେନ୍ଦୁପଲ୍ଲୀ, ଜଗନ୍ନାଥପୁର, କାଳୀପୋଇ, ବରପୁଟ, ରତାଗଡ ପଞ୍ଚାୟତସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ସଭାପତି ଓ ସମ୍ପାଦକମାନେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ବାଙ୍କୀ ବ୍ଲକ ଅଧକ୍ଷ ପୁଷ୍ପଲତା ସାମନ୍ତ, ବିଡିଓ କ୍ଷିତୀଶ୍ ବେହେରା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ବ୍ଲକ ବିଜୁଜନତାଦଳ ସଭାପତି ଅନନ୍ତ ଚରଣ ଦାସ, କଳାପଥର ଗ୍ରାମପଞ୍ଚାୟତ ସରପଞ୍ଚ କମଳା ସ୍ୱାଇଁ, ମିଶନ୍ ଶକ୍ତିର ବିପିଏମ୍, ବିପିସି, ବିଏଲ୍‌ସି ଏବଂ ବିପିଏମାନେ ଉପସ୍ଥିତ ଥିଲେ। ଶେଷରେ ପୂର୍ବତନ ବିଧାୟକ ତ୍ରିପାଠୀ ୩୦ ସ୍ୱୟଂସହାୟକ ଗୋଷ୍ଠୀ ଗ୍ରୁପ୍‌କୁ ୫୦ହଜାର ଟଙ୍କା, ଗୋଷ୍ଠୀ ବିନିଯୋଗ ପାଣ୍ଠିକୁ ୫୦ ହଜାର ଟଙ୍କା ଲେଖାଏ ୩ ଗୋଷ୍ଠୀକୁ ବ୍ୟାଙ୍କ ଋଣ ପ୍ରଦାନ କରିଥିଲେ।

# ବିଡିଓ ପଦବୀ ପୂରଣ ଦାବି: ଜିଲାପାଳଙ୍କୁ ଭେଟିଲେ ପ୍ରତିନିଧିଦଳ


ବିଡିଓ ପଦବୀ ପୂରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସାଲେପୁର,୨୦।୭(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକରେ ବିଡିଓଙ୍କ ପଦବୀ ଖାଲିପଡ଼ିଛି। ଏନେଇ ସାଲେପୁର ବ୍ଲକର ଯୁବନେତା ବିଶ୍ୱେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସାଲେପୁର ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକ ହୋଇଥିବାବେଳେ ଦୀର୍ଘ ୨ବର୍ଷ ହେବ ଏଠାରେ ବିଡିଓ ପଦବୀ ଖାଲି ପଡ଼ିଛି। ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହାକୁ ଗ୍ରହଣ କରିବା ସହ ବିଡିଓ ପଦବୀ ୧୦ଦିନ ମଧ୍ୟରେ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ସ୍ୱାଇଁ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଚ୍ଚିଦାନନ୍ଦ ସ୍ୱାଇଁ, ତ୍ରୈଲୋକ୍ୟ ପଣ୍ଡାଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ପ୍ରତିନିଧି ଦଳ ସାମିଲ ହୋଇଥିଲେ।

# ୫-ଟିରେ ରୂପାନ୍ତରଣ ହେବ ଅରବିନ୍ଦ ଉଚ୍ଚ ବିଦ୍ୟାଳୟ

ନିଶ୍ଚିନ୍ତକୋଇଲି, ୨୦।୭
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ ଥିବା ଅରବିନ୍ଦ ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ରୂପାନ୍ତର ପାଇଁ ସରକାର ୪୫ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି। ତେବେ ବିଦ୍ୟାଳୟର ଭିତ୍ତିଭୂମିକୁ ବିକଶିତ କରିବାକୁ ଶ୍ରେଣୀ ପ୍ରକୋଷ୍ଠର ନିତ୍ୟାନ୍ତ ଅବଶ୍ୟକ ହେତୁ ବୁଧବାର ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ମଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ସରକାର ସହାୟତା ଜରୁରୀ। ବିଦ୍ୟାଳୟର ପୂର୍ବ ଛାତ୍ରୀଛାତ୍ର, ଶୁଭେଚ୍ଛୁ ଓ ସ୍ଥାନୀୟ ଲୋକମାନଙ୍କ ସହଭାଗିତାରେ ହିଁ ପ୍ରକୃତ ଭିତ୍ତିଭୂମିର ବିକାଶ ହୋଇପାରିବ। ଆଲମିନିମାନଙ୍କଠାରୁ ସହାୟତା ରାଶି ଗ୍ରହଣ କରାଯାଉ, ଆମେ ସମସ୍ତେ ମିଶି ବିଦ୍ୟାଳୟର ଭିତ୍ତିଭୂମିକୁ ବିକଶିତ କରିବା ବୋଲି ବିଧାୟକ ଜେନା ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଯୋଗଦେଇ ୫-ଟି ଯୋଜନାରେ ଚତୁର୍ଥ ପର୍ଯ୍ୟାୟରେ ଏହି ବିଦ୍ୟାଳୟକୁ ବ୍ୟୟ ବରାଦ କରାଯାଇଛି। ବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠ ଆବଶ୍ୟକତା ହେତୁ ଅଧିକ ଅର୍ଥ ଆବଶ୍ୟକ। ତେଣୁ ବିଦ୍ୟାଳୟକୁ ସରସ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ମତବ୍ୟକ୍ତ କରିଥିଲେ। ବୈଠକରେ ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ସରପଞ୍ଚ ତୃପ୍ତିମୟୀ ନାୟକ, ପ୍ରାକ୍ତନ ଜିଲାପରିଷଦ ପ୍ରକାଶ ଚନ୍ଦ୍ର ସାହୁ, ମିଶନଶକ୍ତି ମହାସଂଘର ସଭାନେତ୍ରୀ ସ୍ନେହଲତା ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ପୂର୍ବତନ ଛାତ୍ରୀଛାତ୍ର, ଅଭିଭାବକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ବେହେରା ଅତିଥି ପରିଚୟ ଓ ଶେଷରେ ସମିତି ସଭ୍ୟ ଇମ୍ରାନ ଖାଁ ଧନ୍ୟବାଦ ଦେଇଥିଲେ।

# ହିତାଧିକାରୀ ମନ ପସନ୍ଦର ବ୍ୟାଙ୍କ ଚୟନ କରିପାରିବେ

**ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ପ୍ରକଳ୍ପ ନିର୍ଦ୍ଦେଶକ**

ନିଶ୍ଚିନ୍ତକୋଇଲି,୨୦।୭
(ଅଶୋକ କୁମାର ମହାପାତ୍ର)


ସମୀକ୍ଷା ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ।

କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଗୁରୁବାର ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ବ୍ଲକ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଥିଲେ। ମୋ ଘର ଯୋଜନାର ସଫଳ ରୂପାୟନ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। କଟକ ଜିଲାରେ ଏହି ଯୋଜନାରେ ୨୬ ହଜାର ୧୬୬ ଆବେଦନ ହୋଇଛି। ସେଥିରୁ ୨୦ ହଜାର ହିତାଧିକାରୀଙ୍କ ଦସ୍ତାବିଜର ତନଖି କରାଯାଇଛି। ଅନ୍ୟ ୬ ହଜାର ହିତାଧିକାରୀଙ୍କୁ ଚୟନ କରାଯାଇଛି। ସେଥିରୁ ୨ ହଜାର ହିତାଧିକାରୀଙ୍କ ନାମ ବ୍ୟାଙ୍କରୁ ଋଣ ନିମନ୍ତେ ସୁପାରିସ କରାଯାଇଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର କହିଛନ୍ତି। ହିତାଧିକାରୀ ଚାହିଁଲେ ନିଜ ପସନ୍ଦର ବ୍ୟାଙ୍କର ନାମ ବିଡିଓଙ୍କ ନିକଟରେ ପ୍ରସ୍ତାବ ରଖିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ମୋ ଘର ଯୋଜନା, ଏମ୍‌ଜିଏନ୍‌ଆରଇଜିଏସ , ଅଙ୍ଗନୱାଡି ସ୍ଥାୟୀ ଗୃହ ନିର୍ମାଣ ଓ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ସମେତ ବହୁ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ପୂର୍ବାହ୍ନରେ କର ୫-ଟି ସ୍କୁଲ ପରିଦର୍ଶନ କରି ଉନ୍ନୟନ ମୂଳକ କାର୍ଯ୍ୟର ବୁଲି ଦେଖିଥିଲେ। ଅପରାହ୍ନରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଜିଆରଏସ୍‌ମାନଙ୍କୁ ନେଇ ସମୀକ୍ଷା କରାଯାଇଥିଲା । ଏହି ବ୍ଲକରେ ୪ ପର୍ଯ୍ୟାୟରେ ବିଦ୍ୟାଳୟଗୁଡିକୁ ୫-ଟିରେ ସାମିଲ କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ ୨, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ୩୪ ବିଦ୍ୟାଳୟ ଏବଂ ଚତୁର୍ଥ ପର୍ଯ୍ୟାୟରେ ୧୨ଟି ସ୍କୁଲକୁ ରୂପାନ୍ତରଣ କରାଯାଇ ଭିତ୍ତିଭୂମିର ବିକାଶ ନିମନ୍ତେ ବ୍ୟୟ ବରାଦ କରାଯାଇଛି। ବ୍ଲକରେ ମୋଟ ୪୮ ସ୍କୁଲର ଭିତ୍ତି ଭୂମିର ବିକାଶ କରାଯିବ। ସ୍ୱଚ୍ଛ ଭାରତ ଅଭିଯାନରେ ଗୋଷ୍ଠୀ ଶୌଚାଳୟ ୮୦ ପ୍ରତିଶତ କାର୍ଯ୍ୟ ସରିଥିବା ବେଳେ ବ୍ୟକ୍ତିଗତଭାବେ ୫୦ ପ୍ରତିଶତ, ସୋପିଟ ଓ କମ୍ପୋଷ୍ଟ ପ୍ରଣାଳୀ କାର୍ଯ୍ଯ ଶେଷ ହୋଇଛି। ଅଙ୍ଗନୱାଡି କେନ୍ଦ୍ର ଗୃହକାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି। ୭୫ ଅଙ୍ଗନୱାଡି କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇନାହିଁ। ୪୧ ପଞ୍ଚାୟତରେ ୧୧ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ପାଇଁ ବ୍ୟୟ ବରାଦ କରାଯାଇଥିଲେ ମଧ୍ୟ ୯ଟି ଗୃହ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ସେହିଭଳି ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟ କିପରି ସଫଳ ରୂପାୟନ ହେବ ସେନେଇ ପ୍ରକଳ୍ପ ନିର୍ଦ୍ଦେଶକ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୋ ଘର ଯୋଜନାରେ ଏହି ବ୍ଲକରେ ୨୨୩୧ଜଣ ଆବେଦନ କରିଥିବା ବେଳେ ୧୬୮୩ଟି ଆବେଦନ ଫର୍ମ ବ୍ଲକ ପ୍ରଶାସନ ପାଖରେ ପହଞ୍ଚିଛି। ୨୨୧ ଆବେଦନ ପତ୍ରକୁ ସମ୍ପୃକ୍ତ ବ୍ୟାଙ୍କ ଗୁଡ଼ିକୁ ଋଣ ପ୍ରଦାନ ନିମନ୍ତେ ସୁପାରିସ କରାଯାଇଛି। ଆସନ୍ତା ୩୦ ଜୁଲାଇ ସୁଦ୍ଧା ଆବେଦନ କରିଥିବା ସମସ୍ତ ହିତାଧିକାରୀଙ୍କୁ ଚୟନ ପ୍ରକ୍ରିୟା ମାଧ୍ୟମରେ ବ୍ୟାଙ୍କକୁ ସୁପାରିଶ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ତାଗିଦ କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିବି ନାୟକ,ଏଷ୍ଟିମେଟର ଅରୁଣ ପଣ୍ଡା ସମେତ ବ୍ଲକ ସହକାରୀ ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା, ନଳିନୀକାନ୍ତ ମହାପାତ୍ର, ଯନ୍ତ୍ରୀ ଅନାମ ବିଶ୍ୱାଳ, ବିଭୂଦତ୍ତ ରାଉତରାୟ, ପ୍ରିୟଦର୍ଶିନୀ ରାଉତଙ୍କ ସମେତ ବହୁ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀ ଯୋଗଦେଇଥିଲେ।

# ବିକାଶରେ ନିର୍ମାଣ ଶ୍ରମିକଙ୍କ ସହଭାଗିତାକୁ ଗୁରୁତ୍ୱ

ଖୋର୍ଦ୍ଧା,୨୦।୭(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଆନୁକୂଲ୍ୟରେ ଜିଲା ଶ୍ରମ ବିଭାଗ ସହଯୋଗରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଗୁରୁବାର ସ୍ଥାନୀୟ ଜୟୀ ରାଜଗୁରୁ ଭବନ (ଟାଉନ ହଲ୍)ରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନସିଂ, ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ବିଜୁ ମହିଳା ସଭାନେତ୍ରୀ ଗୀତାଞ୍ଜଳି ପାଢ଼ଶାଣୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶ୍ରମିକ ବୋର୍ଡ ଅଧ୍ୟକ୍ଷା ମିଶ୍ର କହିଲେ ଯେ, ରାଜ୍ୟ ସରକାର ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା, ଆର୍ଥିକ ଓ ଦକ୍ଷତା ବିକାଶ, ସାମାଜିକସ୍ରୋତରେ ସାମିଲ ପାଇଁ ଗୁରୁତ୍ୱ ଦେଉଛନ୍ତି। ବିକାଶ ଦିଗରେ ନିର୍ମାଣ ଶ୍ରମିକଙ୍କ ସହଭାଗିତାକୁ ଗୁରୁତ୍ୱ ଦିଆଯାଉଛି। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଶ୍ରମିକ ପରିବାର କିଭଳି ଏହାର ସୁଯୋଗ ପାଇପାରିବେ ସେଥିପ୍ରତି ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ପ୍ରାଥମିକତା ଦିଆଯାଉଛି ବୋଲି କହିଥିଲେ।



ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଏହି ଅବସରରେ ନୂତନଭାବେ ପଞ୍ଜୀକରଣ ହୋଇଥିବା ୨୨୫ଜଣ ଶ୍ରମିକଙ୍କୁ କାର୍ଡ ବଣ୍ଟନ କରାଯାଇଛି। ୩୪୯ ଜଣଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। ୮୫ଜଣଙ୍କୁ ୫ଲକ୍ଷ ୭୫ହଜାର ଟଙ୍କାର ଶିକ୍ଷା ସହାୟତା, ୧୦ଜଣଙ୍କ ବିବାହ ନିମନ୍ତେ ଜଣଙ୍କ ପିଛା ୫୦ହଜାର ଟଙ୍କା ହିସାବରେ ୫ଲକ୍ଷ ଟଙ୍କା, ୯ଜଣ ମହିଳାଙ୍କୁ ପସୂତିକାଳୀନ ଜଣଙ୍କ ପିଛା ୧୦ହଜାର ଟଙ୍କା ହିସାବରେ ୯୦ହଜାର ଟଙ୍କା ଏବଂ ମୃତ୍ୟୁକାଳୀନ ଓ ଅନ୍ତେଷ୍ଟିକ୍ରିୟା ନିମନ୍ତେ ୨୦ଜଣଙ୍କୁ ୪୧ଲକ୍ଷ ଟଙ୍କା ମୋଟ୍ ୫୨ଲକ୍ଷ ୬୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଖୋର୍ଦ୍ଧା ମଣ୍ଡଳ ଶ୍ରମ ଆୟୁକ୍ତ ପ୍ରଣବ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରି କହିଥିଲେ, ନିର୍ମାଣ ଶ୍ରମିକଙ୍କୁ ସହାୟତା ନିମନ୍ତେ କୌଣସି ଦେୟ ଦେବାକୁ ପଡିବ ନାହିଁ। ଅନଲାଇନରେ ଏହି ସେବା ଉପଲବ୍ଧ ହୋଇପାରିବ। ପଞ୍ଜୀକରଣ ଆବେଦନ ୧୮ବର୍ଷରୁ ଊର୍ଦ୍ଧ୍ୱ ଏବଂ ୬୦ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ଏଥିଲାଗି ଭୋଟର କାର୍ଡ, ବ୍ୟାଙ୍କ ପାସବୁକ ନକଲ, ପାସପୋର୍ଟ ସାଇଜ ଫଟୋ, ଜବକାର୍ଡର ନକଲ, ରାଶନ କାର୍ଡ, ଆଧାର କାର୍ଡ ଆଦି ଆବଶ୍ୟକ। ସହାକାରୀ ଶ୍ରମ ଅଧିକାରୀ ବିକାଶ ନାୟକ, ସହକାରୀ ଶ୍ରମ ଅଧିକାରୀ କାଳିପୁତ୍ର କୁଳଦୀପ ପ୍ରସାଦ, ପିପାସା ମହାପାତ୍ର, ରଶ୍ମିତା କୁମାରୀ ପାତ୍ର, ପ୍ରଭାକର ବିଶ୍ୱାଳ, ସୌମ୍ୟା ରଞ୍ଜିତା ଦଳାଇ, ମୋନାଲିସା ଜେନା, କଲ୍ୟାଣ ସଂଯୋଜକ ଲମ୍ବୋଦର ରାଉତ, ଡିଇଓ ଆଶିଷ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ପ୍ରଜ୍ଞା ପାରମିତା ସାହୁ ଧନ୍ୟବାଦ ଦେଇଥିଲେ।

**ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର**

- ୫୨ଲକ୍ଷ ୬୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ

## ଲୋକ ସମ୍ପର୍କ ଅଭିଯାନ

କୃଷ୍ଣପ୍ରସାଦ,୨୦।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତନ ବିଧାୟକ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଝିଅ ଉପାସନା ମହାପାତ୍ର କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳ ପରିଦର୍ଶନ କରି ଦଳୀୟ କର୍ମକର୍ତ୍ତା ଓ ଲୋକଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବଡଖାଡ଼ ପଞ୍ଚାୟତର ମର୍ଦ୍ଦରାଜପୁର, ସିପିଆ, ଗୋଲପୁର, ବଡ଼ଖାଡ଼ ଗସ୍ତ କରି ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି। ମୌଳିକ ସମସ୍ୟାର ସମାଧାନ ଦିଗରେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯାଇଛି ବୋଲି କହିଥିଲେ। ପରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଇଆଇସି ବସନ୍ତ କୁମାର ସାହୁଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ସ୍ଥାନରେ ଉପାସନାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଗସ୍ତ ସମୟରେ ଉତ୍ତମ କୁମାର ତରେଇ, ଦୀନବନ୍ଧୁ ଜେନା, ରଘୁନାଥ ବଡୁ, ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର, ରମେଶ ଚନ୍ଦ୍ର ସିଂହସାମନ୍ତ, ଶରତ ଚନ୍ଦ୍ର ଜେନା, ରାମଚନ୍ଦ୍ର ସେଠୀ, ସଂଗ୍ରାମ କେଶରୀ ଜେନା, ପ୍ରଦୀପ କୁମାର ଜେନା, ପ୍ରିୟବ୍ରତ ସିଂହସାମନ୍ତ, ସୁବ୍ରତ କୁମାର ପଣ୍ଡା, ମାନସ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ ଲୁଟେରା ଗିରଫ: ମୋବାଇଲ, ଟଙ୍କା ଜବତ

ଖୋର୍ଦ୍ଧା,୨୦।୭(ପ୍ରଭାତ ପାଣିଗ୍ରାହୀ): ୧୬ ନମ୍ବର ଜାତୀୟ ରାଜପଥରେ ଲୁଟ୍ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଣିଆଟାଙ୍ଗୀ ଅଞ୍ଚଳର ବିଶ୍ୱଜିତ ସେନାପତି(୨୪) ଓ ସିଆଳିଆ ପାଟଣା ଅଞ୍ଚଳର ବାବୁନି ଓରଫ ଅଭିଜିତ ବରାଳ (୨୪)। ଏମାନଙ୍କ ଠାରୁ ଗୋଟିଏ ମୋବାଇଲ, ୧୮ଶହ ଟଙ୍କା ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଗତ ୧୭ତାରିଖରେ ଦଳେଇପୁଟ ଛକ ନିକଟରୁ ୩ଜଣ ଦୁର୍ବୃତ୍ତ ଜଣେ ଘରୋଇ କଲେଜ ଛାତ୍ରଙ୍କ ଠାରୁ ମୋବାଇଲ ଫୋନ ସମେତ ୩୦ ହଜାର ଟଙ୍କା ଛଡାଇ ନେଇଯାଇଥିଲେ। ଏନେଇ ଛାତ୍ର ଜୀବନ ସଂଗ୍ରାମ ମୁର୍ମୁ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୦୦/୨୩) ରୁଜୁକରି ତଦନ୍ତ ଚଳାଇଥିଲା।

### ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥାକୁ ନେଇ ବିକ୍ଷୋଭ

ଜଟଣୀ,୨୦।୭(ରବୀନ୍ଦ୍ର ନାଥ ମହାକୁଡ଼) ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବାରେ ଅବ୍ୟବସ୍ଥାକୁ ନେଇ ନବନିର୍ମାଣ ଯୁବଛାତ୍ର ସଙ୍ଗଠନ (ଏନ୍‌ୱାଇସିଏସ୍) ପକ୍ଷରୁ ଗୁରୁବାର ବିକ୍ଷୋଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ମେଡିକାଲ ଅଧୀକ୍ଷକ ଡା. ଜିତେନ୍ଦ୍ର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏନ୍‌ୱାଇସିଏସ୍ କର୍ମକର୍ତ୍ତାମାନେ ସ୍ଥାନୀୟ ଡମଣେଇ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଡାକ୍ତର ଏବଂ ଅନ୍ୟ କର୍ମଚାରୀ ରୋଗୀମାନଙ୍କୁ ଉତ୍ତମ ବ୍ୟବହାର କରିବା, ୨୪ ଘଣ୍ଟିଆ ସେବା ପ୍ରଦାନ, ନିରାମୟ ଔଷଧ କେନ୍ଦ୍ର ଖୋଲା ରଖିବା, ସମସ୍ତ ପ୍ରକାର ଔଷଧ ଉପଲବ୍ଧ ରଖିବା, ଶିଶୁ ବିଭାଗ ଡାକ୍ତର ସବୁବେଳେ ଉପସ୍ଥିତ ରହିବା, ମେଡିକାଲରେ ଆବଶ୍ୟକ ଅକ୍ସିଜେନ ଏବଂ ଭେଣ୍ଟିଲେଟର ରଖିବା, ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା, ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପରିଚ୍ଛନ୍ନ ରଖିବା, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁଲଭ ଶୌଚାଳୟ ବ୍ୟବସ୍ଥା କରାଯିବା ଆଦି ଦାବି ରହିଛି। ଏହି ଦାବିଗୁଡ଼ିକ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ

କୃଷ୍ଣପ୍ରସାଦ,୨୦।୭(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜଲା କୃଷ୍ଣପ୍ରସାଦ ଥାନାରେ ନୂତନ ଥାନା ଅଧିକାରୀଭାବେ ବସନ୍ତ କୁମାର ସାହୁ କାର୍ଯ୍ୟରେ ଯୋଗଦେଇଛନ୍ତି। ଥାନାର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ନିଶା ଓ ମଦ ବେପାର ଉପରେ ରୋକ ଲଗାଇବା, ଆଇନ ଶୃଙ୍ଖଳା ରକ୍ଷା ଆଦି ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ପ୍ରକାଶ ଯେ, ନୂତନ ଆଇଆଇସି ସାହୁ ଏହା ପୂର୍ବରୁ ନୟାଗଡ଼ ଜିଲା ଦଶପଲା ଥାନାରେ କାର୍ଯ୍ୟରତ ଥିଲେ।



### ବେଆଇନ ପଥର ଚାଲାଣ: ହାଇୱା ଜବତ, ଚାଳକ ଗିରଫ

ଖୋର୍ଦ୍ଧା,୨୦।୭(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ସଦର ଥାନା ଅଧୀନ ମଳିପଡ଼ା ଅଞ୍ଚଳରେ ବେଆଇନ ପଥର ଚାଲାଣ ବେଳେ ପୋଲିସ ପୃଥକ ସ୍ଥାନରୁ ଦୁଇ ହାଇୱା ଜବତ କରିବା ସହ ଜଣେ ଡ୍ରାଇଭରଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ମଳିପଡ଼ା ତାପଙ୍ଗ କଳାପଥର ଖଣିରୁ ଦୈନିକ ବେଆଇନଭାବେ ପଥର ଚାଲାଣ ହେଉଛି। ଗୁରୁବାର ପୋଲିସ ଚଢାଉ ବେଳେ ଡ୍ରାଇଭର ଠିକ୍ କାଗଜପତ୍ର ଦେଖାଇ ପାରିନଥିଲେ। ଫଳରେ ପୋଲିସ ଗାଡି ଜବତ କରିଥିଲା। ଏନେଇ ଥାନାରେ ଦୁଇଟି ମାମଲା (ନଂ.୨୦୩, ୨୦୪ /୨୩) ରୁଜୁ ହୋଇଛି।

### ମିଠା ଦୋକାନରୁ ଚୋରି

ବେଗୁନିଆ,୨୦।୭(ହର ପ୍ରସନ୍ନ ପଣ୍ଡା): ବାଘମାରୀ ଥାନା ଅଧୀନ ସିମୋର ବଜାରରେ ଥିବା ଏକ ମିଠା ଦୋକାନରୁ ଚୋରି ହୋଇଛି। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୂଚନା ମୁତାବକ, ନିଧି କୁମାର ସାହୁ ବୁଧବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। କେହି ଦୁର୍ବୃତ୍ତ ତାଙ୍କ ଦୋକାନ କବାଟ କାଟି ଭିତରେ ପ୍ରବେଶ କରି ୪ଟି ଗ୍ୟାସ୍ ସିଲିଣ୍ଡର, ବିଭିନ୍ନ ଭେରାଇଟି ମିଠା ସହ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଛନ୍ତି। ସେହିପରି ପଡୋଶୀ ବିନୋଦ କୁମାର ସାହୁଙ୍କ ଦୋକାନରୁ ମଧ ଗୋଟିଏ ଗ୍ୟାସ ସିଲିଣ୍ଡର ଦୁର୍ବୃତ୍ତମାନେ ନେଇଯାଇଛନ୍ତି।





ଜଟଣୀ: ୧୦ ଦଫା ଦାବି ପୂରଣ ପାଇଁ ଗୁରୁବାର ନବନିର୍ମାଣ ଯୁବଛାତ୍ର ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଚକ୍ଷୁ ଚିକିତ୍ସା ଶିବିର

ବୋଲଗଡ,୨୦।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ପିଚୁକୁଳି ଗ୍ରାମର ଆଦର୍ଶ କୋଚିଂ ସେଣ୍ଟର୍ ପରିସରରେ ଗୁରୁବାର ଆମ ଆଦମୀ ପାର୍ଟି(ଏଏପି) ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଏପି କର୍ମୀ ଭକ୍ତବନ୍ଧୁ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଶିବିରରେ କଟକ ଅର୍ବାନ୍ ଚକ୍ଷୁ ଚିକିତ୍ସାଳୟର ଡା.ସତ୍ୟ ପ୍ରକାଶ ସାହୁ ଓ ବର୍ଷା ରାଣୀ ସେଠୀ ଯୋଗଦେଇ ୨୨ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ କଟକ ଅର୍ବାନ୍ ହସ୍ପିଟାଲକୁ ପଠାଯାଇଛି। ବୋଲଗଡ଼ ଏଏପି ସଭାପତି କିଶୋର ଚନ୍ଦ୍ର ସାହୁ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଦୁଷ୍ମନ୍ତ ନାୟକ, ଭାଗବତ ବେହେରା ପରିଚାଳନା କରିଥିଲେ।

## ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ



ଜବରଦଖଲ ଉଚ୍ଛେଦ ସମୟରେ ଉପସ୍ଥିତ ଅଧିକାରୀମାନେ।

ଜଟଣୀ,୨୦।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ପଦନପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ତୋଟା ମୌଜାରେ ଥିବା ଦୁଇଟି ଦୋକାନ ଘରକୁ ଗୁରୁବାର ସ୍ଥାନୀୟ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଉକ୍ତ ମୌଜାରେ ଥିବା ସରକାରୀ ଏବଂ ଏକ ଘରୋଇ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଗଢ଼ିଉଠିଥିବା ଦୁଇଟି ବେଆଇନ ଦୋକାନ ଘରକୁ ଉଚ୍ଛେଦ ପାଇଁ ଅଭିଯୋଗ ହୋଇଆସୁଥିଲା। ଦୋକାନ ନିର୍ମାଣ ହେବା ଫଳରେ ଛାତ୍ରୀଛାତ୍ର ଯାତାୟାତ କରିବାରେ ସମସ୍ୟା ଉପୁଜୁଥିଲା। ଏହି ଉଚ୍ଛେଦ ବେଳେ ତହସିଲଦାର ରୁମାନା ଜାଫ୍ରି, ଆଡିସନାଲ ତହସିଲଦାର ରମେଶ ଚନ୍ଦ୍ର ମଲିକ ଏବଂ ଜଟଣୀ ଆରଆଇ ଉପସ୍ଥିତ ଥିଲେ।

## ବିଭିନ୍ନ ଯୋଜନାର ସମୀକ୍ଷା କଲେ ଓଏସ୍‌ଏଫ୍‌ସି ଅଧ୍ୟକ୍ଷ

ଖୋର୍ଦ୍ଧା,୨୦।୭(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ(ଓଏସ୍‌ଏଫସି) ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଦୁଇ ଦିନିଆ ଖୋର୍ଦ୍ଧା ଜିଲା ଗସ୍ତରେ ଆସି ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଖାଦ୍ୟ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଓଏସଏଫସି ଅଧ୍ୟକ୍ଷ ସାହୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଡିଏସଡବ୍ଲ୍ୟୁ ବିପ୍ଳବ ସାମନ୍ତରାୟ, ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବ, ବିଡିଓ କ୍ଷିରାବ୍ଧି ତନୟା ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ଯୋଗାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଦି ବିଭାଗର ସମୀକ୍ଷା କରିଥିଲେ। ସରକାରଙ୍କ ଯୋଜନା ସଫଳ ରୁପାୟନ ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସମୀକ୍ଷା କରିଥିଲେ। ମୃତ୍ୟୁବରଣ କରିଥିବା ରାଶନକାର୍ଡଧାରୀଙ୍କ ତାଲିକାରୁ ବାଦ୍ ଦେଇ ନୂତନ କାର୍ଡ ପଞ୍ଜୀକରଣ ପାଇଁ କହିଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରେ ଅର୍ନ୍ତଭୁକ୍ତ ହିତାଧିକାରୀଙ୍କୁ ଠିକ୍‌ଭାବେ ସାମଗ୍ରୀ ଉପଲବ୍ଧ ହୋଇପାରିବ, ସେଥିପ୍ରତି ଦୃଷ୍ଟିଦେବାକୁ ସିଏସଓଙ୍କୁ କହିଥିଲେ। ପଞ୍ଚାୟତସ୍ତରରେ ଲୋକଙ୍କୁ ଦିଆଯାଇଥିବା ଚାଉଳ ଏବଂ ଅନ୍ୟ ସାମଗ୍ରୀ ଯେପରି ଠିକ୍ ସମୟରେ ପହଞ୍ଚିବ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଏକ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ଏହି ସମୟରେ ଜିଲାପାଳ, ସିଏସଓ ମୁର୍ମୁ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଶୁକ୍ରବାର ବେଗୁନିଆ ଓ ବୋଲଗଡର କେତେକ ପଞ୍ଚାୟତ, ଡିଲର ପଏଣ୍ଟ ଏବଂ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।



କର୍ମଶାଳାରେ ଓଏସ୍‌ଏଫସି ଅଧ୍ୟକ୍ଷ ଅବନୀକାନ୍ତ ସାହୁ, ଜିଲାପାଳ ଏବଂ ଅନ୍ୟମାନେ।

## ପାଣି ପାଇପ୍ ଚୋରି, ୨ଅଟକ

ବେଗୁନିଆ,୨୦।୭(ହର ପ୍ରସନ୍ନ ପଣ୍ଡା)

ପାଣି ପାଇପ ଚୋରି ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଗୁରୁବାର ୨ଜଣଙ୍କୁ ଅଟକ ରଖିବା ସହ ସେମାନଙ୍କ ଠାରୁ ପାଇପ ବୋଝେଇ ଗାଡି ଜବତ କରିଛି। ଏ ସମ୍ପକରେ ପୋଲିସ ଏକ ମାମଲା (ନଂ .୨୪୩/୨୩ )ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ମେଗା ପାଇପ୍ ଜଳଯୋଗାଣ ପାଇଁ ମୁଗମଣ୍ଡା ଗ୍ରାମରେ ଏକ ଘରୋଇ କମ୍ପାନୀ ପକ୍ଷରୁ ପାଇପ ବିଛାଇବା କାର୍ଯ୍ୟ ଜାରି ରହିଛି। ଗତ ୧୬ ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ ଏକ ମିନିଟ୍ରକରେ ୧୫ଟି ପାଇପ ବୋଝେଇ କରି ନେଇ ପଳାଇଥିଲେ। ଏନେଇ ଜଣାପଡ଼ିବା ପରେ ଉକ୍ତ କମ୍ପାନୀର ପରିଚାଳକ ଦୀପ୍ତି ରଞ୍ଜନ ରାଉତ ଥାନାରେ ଅଭିଯୋଗ କରିଥିଲେ।

## ସ୍ୱାଭିମାନ ମଞ୍ଚ ଗଠିତ



ଟାଙ୍ଗୀ,୨୦।୭(ରଘୁନାଥ ସାହୁ)

ଟାଙ୍ଗୀ ମଙ୍ଗଳାଯୋଡି ଛକଠାରେ ବିଭିନ୍ନ ପଞ୍ଚାୟତର ବିଜେଡି କର୍ମୀମାନଙ୍କୁ ନେଇ ଏକ ବୈଠକ ସଚିନ ବଳିୟାରସିଂହଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ତରରେ ବିଜୁ ଜନତା ଦଳର ଯୁବ, ମହିଳାମାନଙ୍କୁ ସଙ୍ଗଠିତ କରି ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ସୁଦୃଢ଼ କରିବା ପାଇଁ କର୍ମୀମାନେ ସଙ୍କଳ୍ପ ନେଇଥିଲେ। ଆଗାମୀ ନିର୍ବାଚନରେ ଟାଙ୍ଗୀ ବ୍ଲକ ଅଞ୍ଚଳରୁ ଜଣଙ୍କୁ ବିଧାୟକ ପ୍ରାର୍ଥୀ କରିବା ପାଇଁ ଦଳ ସୁପ୍ରିମୋଙ୍କୁ ନିବେଦନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସ୍ୱାଭିମାନ ମଞ୍ଚ ଗଠନ କରାଯାଇଥିଲା। ସଭାପତିଭାବେ ଦୁର୍ଯ୍ୟୋଧନ ରାଉତରାୟ, ସମ୍ପାଦକ ତାରା ପ୍ରସାଦ ପଟ୍ଟନାୟକ, ସଂଯୋଜକ ସଚିନ ବଳିୟାରସିଂହ, ଆବାହକ ଭାବେ ରବୀନ୍ଦ୍ର ବଳିୟାରସିଂହ ମନୋନୀତ ହୋଇଛନ୍ତି। ଏହି ବୈଠକରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଉପସ୍ଥିତ ଥିଲେ।

## ଭୋଟର ସଂଶୋଧନ ପାଇଁ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବେଗୁନିଆ,୨୦।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଭୋଟର ସଂଶୋଧନ କାର୍ଯ୍ୟ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦେବାଶିଷ ସାହୁ ପ୍ରଶିକ୍ଷକଭାବେ ଯୋଗଦେଇଥିଲେ। ଦିନିକିଆ ଏହି ଶିବିରରେ ବ୍ଲକ ଅଞ୍ଚଳର ୧୧ଜଣ ସୁପରଭାଇଜର ଏବଂ ୧୧୭ ଜଣ ବୁଥ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜୁଲାଇ ୨୧ରୁ ଅଗଷ୍ଟ ୨୧ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ବୁଲି ଏହି ଭୋଟର ସର୍ଭେ କାର୍ଯ୍ୟ କରିବେ। ୨୦୨୪ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି। ଭୋଟର ମାନଙ୍କର କୌଣସି ତ୍ରୁଟି ନ ହେବା ପାଇଁ ସମସ୍ତେ ଜାଗ୍ରତ ହୁଅ ବୋଲି ପ୍ରଶିକ୍ଷକମାନେ ସୂଚନା ଦେଇଥିଲେ। ବିଏଲଓମାନେ ନିଜର ପଞ୍ଜୀକୃତ ମୋବାଇଲ ମାଧ୍ୟମରେ ଭୋଟର ସଂଶୋଧନ କାର୍ଯ୍ୟ କରିବେ। ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ନୀଳକଣ୍ଠ ମାନସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଣପୁରରେ ଖୋଲିବ ଏଡିଜେ କୋର୍ଟ

ଖୋର୍ଦ୍ଧା,୨୦।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବାଣପୁରରେ ଖୁବ୍‌ଶୀଘ୍ର ନୂତନ ଅତିରିକ୍ତ ଜିଲା ଓ ଦୌରାଜଜ(ଏଡିଜେ) କୋର୍ଟ ପ୍ରତିଷ୍ଠା ହେବ। ଏନେଇ ଗୁରୁବାର ଓଡ଼ିଶା ହାଇକୋର୍ଟର ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ବାଣପୁର ଗସ୍ତ କରି ଏଡିଜେ କୋର୍ଟ ପ୍ରତିଷ୍ଠା ହେବାକୁ ଥିବା ସ୍ଥାନ ପରିଦର୍ଶନ କରିଛନ୍ତି। ବାଣପୁର କୋର୍ଟ ପରିସରରେ ପହଞ୍ଚିବା ପରେ ତାଙ୍କୁ ସ୍ଥାନୀୟ ଓକିଲ ସଂଘର ସଭାପତି ବୃନ୍ଦାବନ ପ୍ରଧାନ ଓ ସମ୍ପାଦକ ସୁଧୀର ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହା ପରେ ସେ ନୂତନ ଏଡିଜେ କୋର୍ଟ ପ୍ରତିଷ୍ଠା ପାଇଁ ବାଣପୁରରେ ଏକାଧିକ ସରକାରୀ ସ୍ଥାନ ପରିଦର୍ଶନ କରିଥିବା ବେଳେ ଶେଷରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ସ୍ଥିର କରିଥିଲେ। ତୁରନ୍ତ ଉକ୍ତ ସ୍ଥାନରେ ଏଡିଜେ କୋର୍ଟ ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ ଷଡ଼ଙ୍ଗୀଙ୍କ ଗସ୍ତ ସମୟରେ ଜିଲା ଜଜ ନିଶିଥ ନିଶାଙ୍କ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠି, ଏସ୍‌ପି ସିଦ୍ଧାର୍ଥ କଟାରିଆ, ସ୍ଥାନୀୟ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ବାଣପୁର ଓକିଲ ସଂଘ ଉପସଭାପତି ପଦ୍ମଜା ପଟ୍ଟନାୟକ, ସହ ସମ୍ପାଦକ ନରେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଦସ୍ୟ ଦେବବ୍ରତ ବଡ଼ଜେନା, ପ୍ରଦୀପ କୁମାର ସ୍ୱାଇଁ, ପ୍ରଶାନ୍ତ ମହାନ୍ତି, ଆଇନଜୀବୀ ରଞ୍ଜନ କୁମାର ବେଦମତା, ଜଗଦୀଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଷ୍ଟିସ ଷଡ଼ଙ୍ଗୀ ଟାଙ୍ଗୀଠାରେ ନବନିର୍ମିତ ଗ୍ରାମ ନ୍ୟାୟାଳୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ କୋର୍ଟ ବିଲ୍ଡିଂ ବୁଲି ଦେଖିଥିଲେ। କୋର୍ଟ ରୁମ୍, ବାର୍ ରୁମ୍, ସାକ୍ଷୀମାନଙ୍କ ଆଶ୍ରୟସ୍ଥଳୀ, ପାନୀୟଜଳ ବ୍ୟବସ୍ଥା ସମେତ ସମସ୍ତ ରୁମ୍ ବୁଲି ଦେଖିବା ସହ କିଛି ପରିବର୍ତ୍ତନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୋଲିସ ହାଉସିଂ କର୍ପୋରେଶନକୁ ନିର୍ଦ୍ଦେଶ ଦେଇଥିଲେ।

**ଗ୍ରାମ ନ୍ୟାୟାଳୟ ନୂତନ ବିଲ୍ଡିଂ ବୁଲି ଦେଖିଲେ**

## ଜେଏମ୍‌ଏଫ୍‌ସି କୋର୍ଟ ସଂରକ୍ଷିତ ସ୍ଥାନ ତଦାରଖ କଲେ



ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ପାଚେରି ନିର୍ମାଣ କାର୍ଯ୍ୟ ବୁଲି ଦେଖୁଛନ୍ତି।

ବେଗୁନିଆ,୨୦।୭(ହର ପ୍ରସନ୍ନ ପଣ୍ଡା)

ଓଡ଼ିଶା ହାଇକୋର୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଗୁରୁବାର ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟରେ ହେବାକୁ ଥିବା ନୂତନ ଜେଏମଏଫସି କୋର୍ଟର ସଂରକ୍ଷିତ ସ୍ଥାନ ବୁଲି ଦେଖିଥିଲେ। କାର୍ଯ୍ୟାଳୟ କୋଠା ନିର୍ମାଣ ପୂର୍ବରୁ ଜାରି ରହିଥିବା ପାଚେରି ନିର୍ମାଣ ଏବଂ ମୁଖ୍ୟ ଫାଟକକୁ ତଦାରଖ କରିଥିଲେ। ସ୍ଥିତି ପରଖିବା ପରେ ଭଲ କାର୍ଯ୍ୟ ହେଉଛି ବୋଲି କହିଥିଲେ। ୧୦ଦିନ ମଧ୍ୟରେ ବିଲ୍ଡିଂ ନିର୍ମାଣ ପାଇଁ ପ୍ଲାନ୍ ଓ ଏଷ୍ଟିମେଟ୍ କରିଦେବା ସହ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ ଷଡ଼ଙ୍ଗୀଙ୍କ ଗସ୍ତ ସମୟରେ ବେଗୁନିଆ ବାର ଆସୋସିଏଶନ ସଭାପତି ସୁଶାନ୍ତ କୁମାର ରାୟ, ସ୍ଥାନୀୟ ତହସିଲଦାର, ବିଡିଓଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ବଳଙ୍ଗା,୨୦।୭(କେଦାରେଶ୍ୱର ନନ୍ଦ)- ବଳଙ୍ଗା ଥାନା ଅଧୀନ ଉଚ୍ଛୁପୁର ପଞ୍ଚାୟତ ପାର୍ବତୀପୁର ଗ୍ରାମରେ ପାରିବାରିକ ବିବାଦକୁ ନେଇ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଜଣେ ମହିଳା ବଳଙ୍ଗା ଭାର୍ଗବୀ ସେତୁ ଉପରୁ ଡେଇଁ ଗୁରୁବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମୋବାଇଲକୁ ଫୋପାଡି ସେତୁ ଉପରୁ ଡେଇଁବାକୁ ଯାଉଥିବା ସମୟରେ ସ୍ଥାନୀୟ ଲୋକେ ମହିଳାଙ୍କୁ ଉଦ୍ଧାର କରିଥିଲେ। ପ୍ରକାଶ ଯେ, ପାରିବାରିକ ବିବାଦକୁ ନେଇ ସୁଧାଂଶୁ ବରାଳ ଭୁବନେଶ୍ୱରରେ ରହୁଥିବାବେଳେ ସ୍ତ୍ରୀ ମାନସୀ ବରାଳ ଦୀର୍ଘ ଦିନ ଧରି ୧୦ ବର୍ଷର ପୁଅ ସହ ବାପଘର ପିପିଲି ଶାସନରେ ରହୁଥିଲେ। ମାନସୀ ତାଙ୍କ ପୁଅ ସହିତ ବୁଧବାର ଶାଶୁଘରେ ଆସି ପହଞ୍ଚିଥିଲେ। ମାନସୀ ଚଳୁଥିବା ଘର ସଫା କରୁଥିବା ସମୟରେ ଦିଅର କାଳିଆ ଓ ମିଟୁ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ପ୍ରତିବାଦ କରିବାରୁ ସେମାନେ ମାନସୀଙ୍କୁ ନିସ୍ତୁକ ପିଟିଥିଲେ। ଏ ସମ୍ପର୍କରେ ମାନସୀ ସ୍ୱାମୀ ସୁଧାଂଶୁଙ୍କ ପରାମର୍ଶରେ ଗୁରୁବାର ପୂର୍ବାହ୍ନରେ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସେ ଥାନାରୁ ଆସି ବଳଙ୍ଗା ଭାର୍ଗବୀ ସେତୁ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି।

### ବିଦ୍ୟାଳୟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଆସବାସପତ୍ର ଚୋରି

ନିମାପଡ଼ା,୨୦।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ନିମାପଡ଼ା-ବଳଙ୍ଗା ମୁଖ୍ୟ ରାସ୍ତା କଡ଼ରେ ଥିବା ୫-ଟି ନହନ୍ତରା ସରକାରୀ ଉଚ୍ଚ ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କାର ଆସବାସପତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ଏସ୍ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏସମ୍ପର୍କରେ ପୋଲିସ ୨୫୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୁଧବାର ରାତିରେ ଦୁର୍ବୃତ୍ତମାନେ ପାଚେରି ଡେଇଁ ବିଦ୍ୟାଳୟରେ ପଶି ସ୍ମାର୍ଟ କ୍ଲାସରୁମ୍, ଟଏଲେଟ୍ ଆଦିର ତାଲା ଭାଙ୍ଗି ଗୋଟିଏ କମ୍ପ୍ୟୁଟର, ସିପିୟୁ, ପିଏସ୍, ୩ଟି ସିସିଟିଭି, ୨ଟି ଫ୍ୟାନ, ଘଣ୍ଟା, ଟ୍ୟାପ ମେଶିନ ଆଦି ଚୋରି କରିଛନ୍ତି। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସେଠୀ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ।

### ସବିତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



ଡେଲାଙ୍ଗ,୨୦।୭ (ରଶ୍ମିରଞ୍ଜନ ପ୍ରଧାନ)- ଡେଲାଙ୍ଗ ବ୍ଲକ ସୁଜନପୁର ପଞ୍ଚାୟତରେ ସମିତିସଭ୍ୟା ରୂପେ ପ୍ରାର୍ଥିନୀ ସବିତା ରାଉତରାୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମିତିସଭ୍ୟ ପଦବୀ ପାଇଁ ମୋଟ ୩ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ତନ୍ମଧ୍ୟରୁ ଗୁରୁବାର ୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିଥିଲେ। ଫଳରେ ସବିତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଡେଲାଙ୍ଗ ତହସିଲ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନା ଥାଉକି, ଅଜୟ ରାଉତରାୟଙ୍କ ବିୟୋଗ ପରେ ଖାଲି ପଡ଼ିଥିବା ସମିତିସଭ୍ୟ ପଦବୀ ପୂରଣ ନିମନ୍ତେ ବିଜେଡି ସମର୍ଥିତ ପ୍ରାର୍ଥୀ ସବିତା, ଭାଜପା ସମର୍ଥିତ ପ୍ରାର୍ଥୀ ଉମାବଲ୍ଲଭ ମଙ୍ଗରାଜ ଓ ସ୍ୱାଧୀନ ପ୍ରାର୍ଥୀ ତ୍ରିଲୋଚନ ପରିଡ଼ା ନାମାଙ୍କନ ପତ୍ର ଦାଖଲ କରିଥିଲେ। ଦିବଂଗତ ସମିତିସଭ୍ୟ ଅଜୟଙ୍କ ସହିତ ବ୍ୟକ୍ତିଗତ ଭାବରେ ନିବିଡ ସମ୍ପର୍କ ରହିଥିବା ନେଇ ଭାଜପା ସମର୍ଥିତ ପ୍ରାର୍ଥୀ ମଙ୍ଗରାଜ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିବା ଭାଜପା ମଣ୍ଡଳ ସଭାପତି ଶ୍ୱେତ ନାୟକ ଗଣମାଧ୍ୟମ ନିକଟରେ ସ୍ପଷ୍ଟୀକରଣ ଦେଇଛନ୍ତି। ଅନ୍ୟପଟେ ସ୍ୱାଧୀନ ପ୍ରାର୍ଥୀ ପରିଡ଼ା ମଧ୍ୟ ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବାବେଳେ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବେଆଇନ ବସ୍ତି ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ

**ପୁରୀ ବଳିଆପଣ୍ଡାରେ ଡମ୍ପିଂୟାର୍ଡ ମାମଲା**

- ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ୨ ମାସରେ ନେବେ ପଦକ୍ଷେପ
- ସିସିଟିଭି ଲଗାଇବା ସହ ପାଚେରି ନିର୍ମାଣ କରିବ ପୁରୀ ମ୍ୟୁନିସିପାଲିଟି

କଟକ (କାର୍ତ୍ତିକ ସାହୁ)/ ପୁରୀ, ୨୦।୭(ଅଜିତ୍ ମହାନ୍ତି)

ପୁରୀ ସହରର ବଳିଆପଣ୍ଡା ଅଞ୍ଚଳରେ ଥିବା ଡମ୍ପିଂୟାର୍ଡ ଚତୁଃପାର୍ଶ୍ୱରୁ ବେଆଇନ ବସ୍ତି ସ୍ଥାନାନ୍ତର ପାଇଁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ମ୍ୟୁନିସିପାଲିଟି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଛି। ବଳିଆପଣ୍ଡାଠାରେ ଅଳିଆଗଦା ଯୋଗୁ ଭୂତଳ ଜଳ ପ୍ରଦୂଷିତ ହେଉଛିକି ନାହିଁ ତାହା ୨ ମାସ ମଧ୍ୟରେ ସର୍ଭେ କରି ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ତୁରନ୍ତ ପଦକ୍ଷେପ ନେବେ। ଏହାଦ୍ୱାରା ଭୂତଳ ଜଳ ପ୍ରଦୂଷଣ ଜଣାପଡ଼ିଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ସରକାରଙ୍କ ଅନ୍ୟ ଅଧିକାରୀମାନେ ତୁରନ୍ତ ପ୍ରତିଷେଧକମୂଳକ ପଦକ୍ଷେପ ନେବାକୁ ବୋର୍ଡ ପ୍ରସ୍ତାବ ଦେବ। ପୁରୀ ସହରରେ ଭୂତଳ ଜଳ କାଢ଼ିବା ଉପରେ ଶୂନ୍ୟକ୍ଷତି ସମ୍ପର୍କରେ ବୋର୍ଡ ଏନ୍‌ଜିଟିଙ୍କୁ ନିଶ୍ଚିତ କରାଇବେ। କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ସତ୍ୟପାଠ ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା କୋଲକାତାସ୍ଥିତ ଏନ୍‌ଜିଟିର ପୂର୍ବ ଜୋନ୍ ବେଞ୍ଚ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିବେ। ବିଚାରପତି ବି. ଅମିତ୍ ସ୍ଥାଲେକର, ବିଚାର ବିଭାଗୀୟ ସଦସ୍ୟ ଡ. ଅଫ୍ରୋଜ୍ ଅହମଦଙ୍କୁ ନେଇ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ଡମ୍ପିଂୟାର୍ଡ ପରିସରକୁ ଲୋକଙ୍କ ବେଆଇନ୍ ପ୍ରବେଶ ରୋକିବା ସହ ଅଗ୍ନିକାଣ୍ଡ ଏବଂ ଆପରାଧିକ କାର୍ଯ୍ୟ ଘଟାଉଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଜିଟି ପୁରୀ ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୂର୍ଣ୍ଣ ଡମ୍ପିଂୟାର୍ଡ ଅଞ୍ଚଳରେ ୩ ମାସ ମଧ୍ୟରେ ସିସିଟିଭି କ୍ୟାମେରା ଲଗାଇବା ସହ ଚତୁଃପାର୍ଶ୍ୱରେ ପାଚେରି ବୁଲାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ମ୍ୟୁନିସିପାଲିଟି ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିବେ। ଏଥିସହ ଡମ୍ପିଂୟାର୍ଡରୁ ବାହାରୁଥିବା ଉତ୍କଟ ଗନ୍ଧ ରୋକିବାକୁ ଦୈନନ୍ଦିନ ସରକାରୀ ଗାଇଡ୍ ଲାଇନ୍ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବେ। ଅନ୍ୟ ସରକାରୀ କର୍ତ୍ତୃପକ୍ଷଙ୍କ ସହାୟତାରେ ପୁରୀ ମ୍ୟୁନିସିପାଲିଟି ଆଗାମୀ ୨ ବର୍ଷ ମଧ୍ୟରେ ବଳିଆପଣ୍ଡା ଡମ୍ପିଂୟାର୍ଡରୁ ସମ୍ପୂର୍ଣ୍ଣ ଆବର୍ଜନା ହଟାଇବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ, ପୁରୀ ଜିଲାପାଳ, ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ, ପୁରୀ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଚେୟାରମ୍ୟାନ, ପୁରୀ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀ ଚିନ୍ମୟ ଦାସଙ୍କ ପକ୍ଷରୁ ଆଇନଜୀବୀ ଅଫ୍ରାଜ ସୁହାଇଲ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀ ଅନୁସାରେ, ପୁରୀ ମ୍ୟୁନିସିପାଲିଟି ବଳିଆପଣ୍ଡାଠାରେ ସହରର ଅଳିଆଗୁଡିକ ଗଦା କରୁଛି। ପରେ ତାହାକୁ ପୋଡ଼ାଯାଉଛି। ଏପରି କି ପ୍ଲାଷ୍ଟିକ ଓ ପଲିଥିନ୍ ଭଳି ଆବର୍ଜନାର ପ୍ରକ୍ରିୟାକରଣ ପାଇଁ ଉପଯୁକ୍ତ ପରିଚାଳନା କରାଯାଉନାହିଁ। ସମୁଦ୍ରକୂଳଠାରୁ ପ୍ରାୟ ୧୦୦ ମିଟର ଦୂରତାରେ ଥିବାବେଳେ ଏଭଳି ଆବର୍ଜନା ପୋଡ଼ା ଦ୍ୱାରା ବାୟୁ ପ୍ରଦୂଷଣ ହେବା ସହ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେଉଛି। ପୋଡା ଯାଉଥିବା ଆବର୍ଜନାରୁ ନିର୍ଗତ ଦୂଷିତ ଗ୍ୟାସ୍ ଦ୍ୱାରା ନିକଟସ୍ଥ ବସ୍ତିର ଲୋକମାନେ ଆକ୍ରାନ୍ତ ହେଉଥିବା ଆବେଦନରେ ଦର୍ଶାଯାଇଛି। ଏହାର ନିରାକରଣ ନିମନ୍ତେ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଥିଲା।



ମୌସୁମୀ ପ୍ରଭାବରେ ଗୁରୁବାର ପୁରୀ ସମୁଦ୍ର ଅଶାନ୍ତ ହୋଇପଡିଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି )

# ‘ବିଜେଡିରେ ମତ ପାର୍ଥକ୍ୟ ରହିଛି, କିନ୍ତୁ ମତାନ୍ତର ନାହିଁ’

ପୁରୀ ଅଫିସ,୨୦।୭(ଅଜିତ୍ ମହାନ୍ତି)

ସାଧାରଣ ନିର୍ବାଚନକୁ ଆଉ କିଛି ମାସ ଥିବାବେଳେ ଏବେଠାରୁ ବିଭିନ୍ନ ରାଜନୈତିକ ମହଲରେ ଧୀରେ ଧୀରେ ଉଷ୍ମତା ଦେଖିବାକୁ ମିଳିଲାଣି। ୨୦୨୪ ମସିହାରେ ହେବାକୁଥିବା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ପକ୍ଷରୁ ମାନସ ମନ୍ଥନ ଆରମ୍ଭ ହୋଇଛି ବୋଲି ଚର୍ଚ୍ଚା ଜୋର ଧରିଛି। ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି ବୁଧବାର ଶଙ୍ଖଭବନଠାରେ ଅନୁଷ୍ଠିତ ହୋଇଥିବା ପୁରୀ ଜିଲା ବିଜେଡି ନେତାଙ୍କ ବୈଠକ। ବୈଠକରେ ପୁରୀ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଧାନସଭା ନିର୍ବାଚନୀ ମଣ୍ଡଳୀର ବିଧାୟକ ଓ ନେତାମାନେ ଯୋଗଦେଇଥିଲେ। ଏ ନେଇ ଜିଲା ସଭାପତିଙ୍କୁ ବୈଠକ ସମ୍ପର୍କରେ ପଚାରିବାରେ କହିଛନ୍ତି, ପୁରୀ ନିର୍ବାଚନର ରଣନୀତି ସମ୍ପର୍କରେ ସେମିତି କିଛି ଆଲୋଚନା କରାଯାଇନାହିଁ। ପୁରୀ ଜିଲାରେ ବିଜେଡି ସଂଗଠନକୁ କିପରି ସୁଦୃଢ କରାଯାଇପାରିବ ସମସ୍ତେ ମିଳିମିଶି କାମ କରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ବିଜେଡି ଦଳରେ ଥିବା ଗୋଷ୍ଠୀକନ୍ଦଳ ସମ୍ପର୍କରେ ପଚାରିବାରେ କହିଛନ୍ତି, କେଉଁ ଦଳରେ କନ୍ଦଳ ନାହିଁ। ସବୁ ଦଳରେ ଊଣା ଅଧିକେ ମତ ପାର୍ଥକ୍ୟ ରହିଛି, ବିଜେଡିରେ ମତ ପାର୍ଥକ୍ୟ ରହିଛି କିନ୍ତୁ ମତାନ୍ତର ନାହିଁ। ଦେଖିବାକୁ ପୁରୀ ବିଜେଡିରେ ସେପରି କିଛି ନାହିଁ। ଏହି ଅବସରରେ ୫-ଟି ସଚିବଙ୍କ ବିଭିନ୍ନ ଜିଲା ଗସ୍ତକୁ ନେଇ ମହାନ୍ତି ପ୍ରତିକ୍ରିୟା ରଖିଛନ୍ତି, ପୂର୍ବରୁ ଲୋକେ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନ ନିକଟକୁ ଯାଉଥିଲେ ଏବେ ପ୍ରଶାସନ ଲୋକଙ୍କ ନିକଟକୁ ଯାଉଛି। ୫-ଟି ସଚିବଙ୍କ ଗସ୍ତ ଦ୍ୱାରା ଲୋକମାନଙ୍କ ଅନେକ ସମସ୍ୟା ସମାଧାନ ହୋଇପାରୁଛି। ସ୍ଥାନୀୟ ଜନପ୍ରତିନିଧି ଯଦି ଲୋକମାନଙ୍କ ନିକଟକୁ ଯାଉଥାନ୍ତେ, ତେବେ ଲୋକମାନଙ୍କ ସମସ୍ୟା ରହନ୍ତା ନାହିଁ। ସଚିବ ଦିନେ ଯିବେ ହେଲେ ଜନପ୍ରତିନିଧି ପ୍ରତିଦିନ ଯିବେ। ତେଣୁ ସଚିବ ଗସ୍ତ କଲେ ନେତା କୌଣସ ଅଣଦେଖା ହେବେ ନାହିଁ ବୋଲି ମହେଶ୍ୱର ମହାନ୍ତି କହିଛନ୍ତି।

# ମଠ ଆଗରୁ ମଦ ଦୋକାନ ଉଠାଇବାକୁ ଦାବି

## ଅବକାରୀ ବିଭାଗ ନ ଶୁଣିବାରୁ କୋର୍ଟର ଦ୍ୱାରସ୍ଥ

ପୁରୀ,୨୦।୭(ଅଜିତ ମହାନ୍ତି)

ପୁରୀ ଏକ ଧାର୍ମିକ ସ୍ଥଳ ହୋଇଥିବାବେଳେ ବିଭିନ୍ନ ଅଞ୍ଚଳରେ ଏକାଧିକ ମଠ ଥିବାବେଳେ ଗିରିଧାରୀ ମଠ ନିକଟରେ ଗୋଟିଏ ମଦ ଦୋକାନ ଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ କରି ଆଇନଜୀବୀ ତଥା ସାତ ଆସନ ଗିରିଧାରୀ ମଠର ମଠାଧିସ ଶ୍ରୀକୃଷ୍ଣ ଚରଣ ଦାସ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ମଠର ମହନ୍ତ ପ୍ରଥମେ ଅଭିଯୋଗ ନେଇ ଅବକାରୀ ବିଭାଗ କମିଶନଙ୍କୁ ଚିଠି ଲେଖିଥିଲେ। ଉକ୍ତ ଅଭିଯୋଗରେ ସେ ଦର୍ଶାଇଥିଲେ ଯେ, ସାତ ଆସନ ରାସ୍ତାରେ ଥିବା ଗିରିଧାରୀ ମଠ ଏବଂ ଇସ୍କନ ମଠ ମଧ୍ୟରେ ଏକ ମଦ ଦୋକାନ ରହିଛି। ତେବେ ଏହି ମଠର ଆଖପାଖରେ ପ୍ରାୟ ଦଶଟି ଆଶ୍ରମ ରହିଛି। ତେବେ ଦୁଃଖ ଓ ପରିତାପର ବିଷୟ ଉକ୍ତ ମଦ ଦୋକାନଟି ରାତି ୧୨ଟା ପର୍ଯ୍ୟନ୍ତ ଖୋଲାରହୁଛି। ଫଳରେ ଅନେକ ଅସାମାଜିକ ବ୍ୟକ୍ତି ଉକ୍ତ ଅଞ୍ଚଳରେ ଏକତ୍ରିତ ରହି ମାରପିଟ, ଗାଳିଗୁଲଜ କରୁଛନ୍ତି। ଏପରିକି ନିଶାସକ୍ତ ହୋଇ ମଦ ବୋତଲଗୁଡିକୁ ମଠ ଏବଂ ଠାକୁରଙ୍କ ମନ୍ଦିର ଭିତରକୁ ଫୋପାଡୁଛନ୍ତି। ଫଳରେ ଏକ ଅସ୍ୱାଭାବିକ ପରିସ୍ଥିତ ପରିଲକ୍ଷିତ ହେବା ସହ ମଠବାସୀ ଏବଂ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ତେଣୁ ଉକ୍ତ ମଦ ଦୋକାନକୁ ସେଠାରୁ ହଟାଇବାକୁ ମଠର ମହନ୍ତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଦାବିପତ୍ର ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶ୍ରୀ ମାଧ୍ୱଗୌରେଶ୍ୱର ବୈଷ୍ଣବ ସଂଘ ପକ୍ଷରୁ ଉକ୍ତ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର ମାଧ୍ୟମରେ ଜଣାଯିବା ସହ ଶୀଘ୍ର ଉକ୍ତ ମଦ ଦୋକାନକୁ ସେଠାରୁ ହଟାଇବା ପାଇଁ ଦାବି କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ମଠ ପକ୍ଷରୁ କୋର୍ଟର ଆଶ୍ରୟ ନିଆଯାଇଛି ବୋଲି ମଠର ମହନ୍ତ ଦାସ ମତବ୍ୟକ୍ତ କରିଛନ୍ତି।

# ନିମ୍ନମାନର ରାସ୍ତା ନିର୍ମାଣ ନେଇ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୨୦।୭(ଅଜିତ୍ ମହାନ୍ତି)

ନିମ୍ନମାନର ଓ ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁ ଯାତାୟାତରେ ସାହିବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ମୁକୁନ୍ଦ ନଗର ବାସିନ୍ଦା ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାହିବାସିନ୍ଦା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ମୁକୁନ୍ଦ ମିଶ୍ର ନଗରରେ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଲୋକ ପରିବାର ସହ ବାସ କରୁଛନ୍ତି। ତେବେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ବିକାଶମୂଳକ କାର୍ଯ୍ୟ ପାଇଁ ଅର୍ଥ ଯୋଗାଇ ଦିଆଯାଉଛି। ମାତ୍ର କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଠିକାଦାରଙ୍କ ପାଇଁ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି ନଗରବାସୀ। ନଗରର ମୁଖ୍ୟରାସ୍ତା ନିର୍ମାଣ ପାଇଁ ପ୍ରାୟ ଲକ୍ଷାଧିକ ଟଙ୍କା ସରକାରୀ ରାଜକୋଷରୁ ଖର୍ଚ୍ଚ କରାଯାଇଛି। କିନ୍ତୁ ଠିକାଦାର ଜଣକ ନିଜ ସ୍ୱାର୍ଥ ଓ ଅର୍ଥଖୋର ମନୋଭାବ ପୋଷଣ କରି ଜାଣିଶୁଣି ଉକ୍ତ ରୋଡ୍‌ର କାର୍ଯ୍ୟ ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଓ ନିମ୍ନମାନର କରିଛି। ଫଳରେ ରାସ୍ତାରେ ପାଣି ଜମି ରହୁଥିବାରୁ ନଗରବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପିଲାମାନେ ବିଦ୍ୟାଳୟ ଯିବାଆସିବାରେ ସହ ବୟସ୍କମାନେ ଅଧିକାଂଶ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ପ୍ରଶାସନ ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରେ ରଖି ନିମ୍ନମାନର କାର୍ଯ୍ୟରେ ଜଡିତ ସରକାରୀ କର୍ମଚାରୀ ଓ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମାମଲା ରୁଜୁ କରିବା ପାଇଁ ନଗର ବାସିନ୍ଦା ଦାବି କରିଛନ୍ତି। ସେହିପରି ନଗରର ରାସ୍ତା ଠିକ୍ ଭାବରେ ନିର୍ମାଣ କରାଗଲେ ନଗରବାସୀ ବିଶେଷ ଭାବରେ ଉପକୃତ ହୋଇପାରିବେ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି।

# ଉପନିର୍ବାଚନ ପାଇଁ କଂଗ୍ରେସ ଦେଲାନି ପ୍ରାର୍ଥୀ

**ବିଜେଡି, ଭାଜପାରୁ ପ୍ରାର୍ଥିପତ୍ର କାଏମ**

ସାକ୍ଷୀଗୋପାଳ,୨୦।୭ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଧୀନ ବୀରରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ନିମନ୍ତେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଗୁରୁବାର ଶେଷ ତାରିଖ ଥିଲା। ଅଗଷ୍ଟ ୯ରେ ହେବାକୁ ଥିବା ଉପନିର୍ବାଚନରେ ବିଜେଡିରୁ ପ୍ରତିମା ବେହେରା ଓ ଭାଜପାରୁ ବର୍ଷାରାଣୀ ସେଠୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସୂଚନା ଅନୁଯାୟୀ, ପ୍ରତିମା ଓ ବର୍ଷାରାଣୀଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବାବେଳେ ବିଜେଡି ସମର୍ଥିତ ପ୍ରତିମାଙ୍କୁ ଖୋଲା ବହି ଓ ଭାଜପା ସମର୍ଥିତ ବର୍ଷାରାଣୀଙ୍କୁ ମାଛ ଚିହ୍ନ ମିଳିଛି। ଉଭୟ ପ୍ରାର୍ଥୀ ନିଜର ପଡିଆରା ପଞ୍ଚାୟତରେ ଜାହିର କରିବାକୁ ନିଜର ରଣନୀତି ଆରମ୍ଭ କରିଦେଇଛନ୍ତି। ବିଜେଡି ସମର୍ଥିତ ପ୍ରାର୍ଥୀ ଭୋଟରଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୁଣ ଗାଉଥିବାବେଳେ ଭାଜପା ସମର୍ଥିତ ବର୍ଷାରାଣୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇ ଚେଷ୍ଟା ଜାରି ରଖିଛନ୍ତି। ହେଲେ ଏହି ଉପନିର୍ବାଚନରେ ଜାତୀୟ ଦଳ କଂଗ୍ରେସ ପକ୍ଷରୁ କୌଣସି ପ୍ରାର୍ଥୀ ଦିଆ ନ ଯିବା ରାଜନୈତିକ ମହଲରେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି। ସୂଚନାଥାଉକି, ଗତ ସାଧାରଣ ନିର୍ବାଚନରେ ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନଙ୍କ ନେତୃତ୍ୱରେ ସାଧାରଣ ନିର୍ବାଚନରେ ଦଳ ମାତ୍ର ୭% ଭୋଟ ପାଇ ଅମାନତ ହରାଇଥିବାବେଳେ ବିଜେଡି ୫୧% ଓ ଭାଜପାକୁ ୪୦% ଭୋଟ ମିଳିଥିଲା।

# ମୋ ଘର ଯୋଜନାରେ ୨ ହିତାଧିକାରୀଙ୍କୁ ଋଣ ଅନୁମୋଦନପତ୍ର

ଗୋପ,୨୦।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକର ବୈଠକ ଗୃହରେ ବୁଧବାର ଅପରାହ୍ନରେ ପ୍ରଥମ କରି ଗୋପ ବ୍ଲକ ବେଦପୁର ପଞ୍ଚାୟତର ୨ ହିତାଧିକାରୀଙ୍କୁ ମୋ ଘର ଯୋଜନାରେ ଋଣ ଅନୁମୋଦନ ପତ୍ର ଦିଆଯାଇଛି। ଜିଲାରେ ଏହି ମୋ ଘର ଯୋଜନାରେ ୬ ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ତେବେ ଗୋପ ବ୍ଲକ ଜିଲାରେ ପ୍ରଥମ ଏପରି ପଦକ୍ଷେପ ନେଇଛି। ଏହି ଋଣ ଅନୁମୋଦନପତ୍ରକୁ ଗୋପ ବ୍ଲକ ବିଡିଓ ଦୀପ୍ତିରାଣୀ ଦାସ ପ୍ରଦାନ କରିଥିଲେ। ପ୍ରକାଶଯୋଗ୍ୟ, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ରହିଥିବା ଗରିବ ଲୋକଙ୍କୁ ମୋ ଘର ଯୋଜନା ପାଇଁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଗୃହ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଋଣ ଦେଉଥିବାବେଳେ ଏପର୍ଯ୍ୟନ୍ତ ଗୋପ ବ୍ଲକର ୩୧ ପଞ୍ଚାୟତରେ ୧୪୩୭ ଜଣ ହିତାଧିକାରୀ ଏଥିପାଇଁ ଆବେଦନ କରିଛନ୍ତି। ମୋ ଘର ଯୋଜନାରେ ଆବେଦନ ପରେ ବ୍ଲକ ପକ୍ଷରୁ ତଦନ୍ତ କରାଯିବା ପରେ ପର୍ଯ୍ୟାୟକ୍ରମେ ଏହି ଋଣ ଅନୁମୋଦନପତ୍ର ଦିଆଯିବ ବୋଲି ଜଣାପଡିଛି। ପ୍ରଥମ କରି ଏହି ୨ ଜଣଙ୍କୁ ବେଗୁନିଆଠାରେ ଥିବା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ମୋ ଘର ଯୋଜନା ଅଧିକାରୀ ଯଯାତି କେଶରୀ ସାମନ୍ତରାୟଙ୍କ ସହିତ ପଞ୍ଚାୟତର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ହୀରକ ଜୟନ୍ତୀ ସଫଳ କରିବାକୁ ଆହ୍ୱାନ

ନିମାପଡ଼ା,୨୦।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୦ ବର୍ଷ ପୂର୍ତ୍ତି ଅବସରରେ କଲେଜର ହୀରକ ଜୟନ୍ତୀ ପାଳିତ ହେବ। ସମାରୋହକୁ ସର୍ବାଙ୍ଗକରଣରେ ସଫଳ କରିବାକୁ କଲେଜ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସୋସିଏଶନ ପକ୍ଷରୁ ସ୍ୱତନ୍ତ୍ର ଭାବେ ଏକ ସ୍ମରଣିକା ପ୍ରକାଶ ପାଇବା ସହ କଲେଜ ବିକାଶରେ ଆଲୁମ୍‌ନିଙ୍କ ଭୂମିକା ଓ ଅବଦାନ ଶୀର୍ଷକ ଏକ ଆଲୋଚନାଚକ୍ର, ରକ୍ତଦାନ ଶିବିର, ବନୀକରଣ, ପ୍ରତିଷ୍ଠିତ ଆଲୁମ୍‌ନି ବ୍ୟକ୍ତିଙ୍କୁ ସମ୍ମାନିତ ପ୍ରଦାନ ଆଦି କାର୍ଯ୍ୟକ୍ରମ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କମିଟି ଗଠିତ ହୋଇଛି। ଏଥିରେ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଅଧକ୍ଷା ପୁଷ୍ପିତା ରାଜଗୁରୁ, ଆଲୁମ୍‌ନି ଆସୋସିଏଶନ ସଭାପତି ଶିକ୍ଷାବିତ୍ ବସନ୍ତ ମହାନ୍ତି, ସମ୍ପାଦକ ବସନ୍ତ ପାତ୍ର, ସଭ୍ୟ ବିଚିତ୍ରାନନ୍ଦ ସାହୁ, ଜୀବନାନନ୍ଦ ମହାପାତ୍ର, ଅରୁଣ ପ୍ରସାଦ ଦାଶ, ପ୍ରାଧ୍ୟାପକ ରବୀନ୍ଦ୍ରନାଥ ପାଢ଼ୀ, ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ବିନୋଦ ବିହାରୀ ପାଣି, ରଶ୍ମିରଞ୍ଜନ ପଣ୍ଡା, ନୟାସବେରା ୟୁଥ୍ ଟ୍ରଷ୍ଟ ସମ୍ପାଦକ ନିର୍ମଳ ପରିଜା, ପବିତ୍ରମୋହନ ବରାଳ ପ୍ରମୁଖ ସାମିଲ ଥିଲେ।



ଆଲୁମ୍‌ନି ଆସୋସିଏଶନ ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

# ‘୭୦ ଲକ୍ଷ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାରଙ୍କ ପ୍ରୟାସ’

ନିମାପଡ଼ା,୨୦।୭(ବିଚିତ୍ରାନନ୍ଦ ସାହୁ)

ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଲକ୍ଷ ମହିଳାଙ୍କୁ ଅର୍ଥନୈତିକ ଭାବେ ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାର ପ୍ରୟାସ କରିବା ସହ ପଦକ୍ଷେପ ହାତକୁ ନେଇଛନ୍ତି। ମହିଳାଙ୍କୁ ଆତ୍ମନିର୍ଭରଶୀଳ କରି ଆଗକୁ ବଢାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ବିଧ ଯୋଜନା ପ୍ରଣୟନ କରିବା ସହ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି। ମହିଳା ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏକ ସଚେତନତା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ବିଭିନ୍ନ କ୍ଷେତ୍ରରେ ମହିଳାମାନେ ଅଧିକ ସଶକ୍ତ ହେବା, ଆଗକୁ ବଢିବା ଆମ ସରକାରଙ୍କ ପରିକଳ୍ପନା ବୋଲି ବିଧାୟକ ଦାଶ କହିଥିଲେ। ନିମାପଡ଼ା ବ୍ଲକ ମହିଳା ଶକ୍ତି ବିଭାଗ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ଶୀର୍ଷକ ଏକ ୪ ଦିନିଆ କର୍ମଶାଳା ସ୍ଥାନୀୟ ଟାଉନ ହଲ୍‌ଠାରେ ଆୟୋଜିତ ହୋଇଛି। କର୍ମଶାଳାର ୨ୟ ଦିବସରେ ଅତିଥି ଭାବେ ବିଧାୟକ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ମହିଳା ଜୀବିକା ମିଶନର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର (ବିପିଏମ୍) ମଧୁଛନ୍ଦା ପ୍ରଧାନ, ସୁରକ୍ଷା ପ୍ରକଳ୍ପସ୍ତରୀୟ ମହିଳା ମହାସଂଘର ସଭାନେତ୍ରୀ ସୌଦାମିନୀ ବେହେରା, ସମ୍ପାଦକ ମମତାରାଣୀ ପାଇକରାୟ, ମିଶନଶକ୍ତିର ବିପିଏ ସସ୍ମିତା ସ୍ୱାଇଁ, ବ୍ଲକ ଜୀବିକା ସଂଯୋଜକ (ବିଏଲ୍‌ସି) ପ୍ରଦେଶ ମହାନ୍ତି, ମିଶନ ଶକ୍ତିର ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ଦେବଦତ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ୨ଶହରୁ ଊର୍ଦ୍ଧ୍ୱ ମହିଳା, କାର୍ଯ୍ୟକର୍ତ୍ତା, ସିଆର୍‌ପି, ବ୍ୟାଙ୍କ ମିତ୍ର ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ଅଧିକାରୀମାନେ ବ୍ୟାଙ୍କଋଣ ସମ୍ପର୍କରେ ମହିଳାଙ୍କୁ ଅବଗତ କରିଥିଲେ।



କର୍ମଶାଳାରେ ମଞ୍ଚାସୀନ ବିଧାୟକ ସମୀର ରଞ୍ଜନ ଦାଶ ଓ ଅତିଥି ବୃନ୍ଦ।

# କମକନ୍ତିଆ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ

ପୁରୀ, ୨୦।୭(ଅଜିତ୍ ମହାନ୍ତି):

ପୁରୀ ଜିଲା ପିପିଲି ବ୍ଲକ୍ କମକନ୍ତିଆ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡ଼ିଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ପଦବୀ ପୂରଣ କରାଯାଇଛି। ଅନ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ସବିତା ରାଉଳଙ୍କୁ କମକନ୍ତିଆ ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଛି। ଫଳରେ କମକନ୍ତିଆ ଅଞ୍ଚଳର ରୋଗୀ ସ୍ୱାସ୍ଥ୍ୟସେବା ପାଇପାରିବେ। ବିଶେଷକରି ଗର୍ଭବତୀ ମହିଳାମାନେ ଉପକୃତ ହେବେ। ପୂର୍ବରୁ ସେମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଥିଲେ ତାହା ଦୂର ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ବ୍ୟକ୍ତ କରିଛନ୍ତି। ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡ଼ିଥିବା ନେଇ ସାମାଜିକ କର୍ମୀ ଦିଲୀପ ବରାଳ ଗତ ମେ ୧୮ରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ କରିବା ସହ ତୁରନ୍ତ ନିଯୁକ୍ତି ପାଇଁ ଦାବିପତ୍ର ଦେଇଥିଲେ।

# ନିଲମ୍ବିତ ସମ୍ପାଦକଙ୍କୁ ପୁନଃ ନିଯୁକ୍ତିକୁ ବିରୋଧ

**୨୪ରେ ପ୍ରତିବାଦ ଜଣାଇ ଆମରଣ ଅନଶନ**

ସାକ୍ଷୀଗୋପାଳ,୨୦।୭ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକର ବଳପୁର ସେବା ସମବାୟ ସମିତି ସମ୍ପାଦକ କର୍ପୂର ସ୍ୱାଇଁ ୮ବର୍ଷ ତଳେ କାର୍ଯ୍ୟରେ ଅନିୟମିତତା ଅଭିଯୋଗରେ ନିଲମ୍ବିତ ହୋଇଥିଲେ। ଏବେ ପୁନର୍ବାର ତାଙ୍କୁ ସେହି ସ୍ଥାନରେ ଅବସ୍ଥାପିତ କରାଯାଉଥିବାରୁ ବଳପୁର ସମବାୟ ସମିତିର ସଭ୍ୟ, ସଭ୍ୟାମାନେ ଏହାକୁ ବିରୋଧ କରିଛନ୍ତି। ଏହି ପ୍ରତିବାଦରେ ଜିଲାପାଳ, ପୁରୀଙ୍କ କାର୍ଯ୍ୟାଳୟ ପରିସରରେ ୨୪ତାରିଖରେ ଆମରଣ ଅନଶନ ଓ ଧାରଣା ଦେବେ ବୋଲି ବଳପୁରର ପୂର୍ବତନ ସରପଞ୍ଚ ତ୍ରିନାଥ ମହାପାତ୍ର କହିଛନ୍ତି। ସୂଚନା ଅନୁଯାୟୀ, ୨୦୧୬ ସମୟରେ ବଳପୁର ସେବା ସମବାୟ ସମିତିରେ କର୍ପୂର ସ୍ୱାଇଁ ସମ୍ପାଦକ ଥିବା ସମୟରେ ଅନିୟମିତତା ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଉପଜିଲାପାଳ ପୁରୀ, ସମବାୟ ସମିତିର ଉପନିବନ୍ଧକ ପୁରୀ ଓ ସମବାୟ ସମ୍ପ୍ରସାରଣ ଅଧିକାରୀ ସତ୍ୟବାଦୀଙ୍କ ଦ୍ୱାରା ତଦନ୍ତ କରିବା ପରେ କୂର୍ପରଙ୍କୁ ୦୨-୦୫-୨୦୧୬ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଏହା ପୂର୍ବରୁ ୨୦୦୮ରେ ମଧ୍ୟ ଥରେ ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ। ନିଲମ୍ବନ ମାମଲାର ସମବାୟ ସମିତିର ରେଜିଷ୍ଟ୍ରର କୋପରେଟିଭ ସୋସାଇଟି ଭୁବନେଶ୍ୱର, ପୁରୀ ସମବାୟ ଉପନିବନ୍ଧକ ଓ ସତ୍ୟବାଦୀ ସମବାୟ ସମ୍ପ୍ରସାରଣ ଅଧିକାରୀ କମଳ ଆଚାର୍ଯ୍ୟଙ୍କୁ ତୁରନ୍ତ ତଦନ୍ତ କରି ନିଲମ୍ବିତ ସମିତି ସମ୍ପାଦକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏଭଳି ସମୟରେ ସ୍ୱାଇଁଙ୍କୁ ନେଇ ନାନା ବିବାଦ ଲାଗିରହିଥିବାବେଳେ ବଳପୁର ସେବା ସମବାୟ ସମିତି ସମ୍ପାଦକ ପାଇଁ ପୁନର୍ବାର ତାଙ୍କୁ ହିଁ ନିଯୁକ୍ତି କରାଯାଇଛି। ଯାହାକୁ ନେଇ ସମିତି ସଭ୍ୟା ସଭ୍ୟଙ୍କ ସମେତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏ ସମ୍ପର୍କରେ ସମବାୟ ସମ୍ପ୍ରସାରଣ ଅଧିକାରୀ କମଳ କୁମାର ଆଚାର୍ଯ୍ୟ କୁହନ୍ତି, ସମ୍ପାଦକଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ଚାଲିଛି। ଏ ସମ୍ପର୍କିତ ଏକ ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱାଇଁଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ସେବା ସମବାୟ ସମ୍ପାଦକଙ୍କର ବଦଳି ବ୍ୟବସ୍ଥା ନାହିଁ। ତଦନ୍ତର ଫଳାଫଳ ଓ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଯେହେତୁ ସମ୍ପାଦକ ସ୍ୱାଇଁ ନିୟମିତ ଭାବେ ଏହି ସମିତିରେ ରହି ବିଭିନ୍ନ ଅନିୟମିତତା କରୁଛନ୍ତି। ତେଣୁ ତାଙ୍କୁ ଅନ୍ୟ କେଉଁ ସମିତିରେ ଅବସ୍ଥାପିତ କରାଯାଉ ବୋଲି ପୂର୍ବତନ ସରପଞ୍ଚ ମହାପାତ୍ରଙ୍କ ସମେତ ସୁଶୀଲ କୁମାର ସାହୁ, ନେତ୍ରାନନ୍ଦ ନାୟକ, ବିରେନ୍ଦ୍ର ପରିଡ଼ା, କାଳୁ ନାୟକ, ସୋମ୍ୟରଞ୍ଜନ ପରିଡ଼ା, ରାଜକିଶୋର ପଣ୍ଡା କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ଜୁଲାଇ, ୨୦୨୩



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଜାତୀୟ ନାଟ୍ୟ ରଚନା କର୍ମଶାଳା, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମଦ୍ ଭାଗବତ କଥାମୃତ, ଡି. ଏଲ୍ କଲୋନୀ, ମା' ଭୁବନେଶ୍ୱରୀ ମନ୍ଦିର ପରିସର, ଅପରାହ୍ନ ୩ଟା।
- ସର୍ବଭାରତୀୟ କ୍ଷୁଦ୍ର, ମଧ୍ୟମ ଖବରକାଗଜ ଫେଡେରେଶନର ଜାତୀୟ ସମ୍ମିଳନୀ, ହୋଟେଲ ମେ' ଫେୟାର, ଅପରାହ୍ନ ୪ଟା।
- ମଣିପୁର ହିଂସା ବିରୋଧରେ ଗଣପ୍ରତିବାଦ, ମାଷ୍ଟର କ୍ୟାଣ୍ଟିନ୍, ଅପରାହ୍ନ ୪ଟା।
- ଚଳଚ୍ଚିତ୍ର 'ନିୟତି'ର ପ୍ରିମିୟର ଶୋ, ସ୍ତୁତି ସିନେପ୍ଲେକ୍ସ, ଅପରାହ୍ନ ୪ଟା।

# ମାଟିରେ ମିଶିଲା ୭ ଅପରାଧୀଙ୍କ ଘର



ୟୁନିଟ୍-୬ ରାଧାକ୍ରିଷ୍ଣନ ଉପର ବସ୍ତି, ୟୁନିଟ୍-୫ କେଶରୀନଗର ବସ୍ତି, ଜିଇଡି ବସ୍ତିରେ ଥିବା ଅପରାଧୀଙ୍କ ଘରକୁ କମିଶନରେଟ ପୋଲିସ ପକ୍ଷରୁ ଭଙ୍ଗାଯାଉଛି।

ଭୁବନେଶ୍ୱର,୨୦।୭(ସୂର୍ଯ୍ୟକାନ୍ତ ବେହେରା)

■ସୁଶାନ୍ତ ନାୟକ ହତ୍ୟା ମାମଲାରେ ୪ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ

■ଏଏସ୍ଓଙ୍କ ଘରୁ ଚୋରିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କ ଘର ବି ଭଙ୍ଗାଗଲା

ରାଜଧାନୀରେ ସରକାରୀ ଜାଗାକୁ ଜବରଦଖଲ କରି ସେଠାରେ ରହିବା ସହ ହତ୍ୟା, ଚୋରି, ନିଶା କାରବାର ଭଳି ବିଭିନ୍ନ ଅପରାଧ ଘଟାଉଥିଲେ। ସହରରେ ଆତଙ୍କ ଖେଳାଉଥିବା ଏହି ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି କମିଶନରେଟ୍ ପୋଲିସ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସହାୟତାରେ ପୋଲିସ କ୍ୟାପିଟାଲ ଥାନା ଅଞ୍ଚଳରେ ରହୁଥିବା ୭ ଅଭିଯୁକ୍ତଙ୍କ ଘରକୁ ଗୁରୁବାର ଭାଙ୍ଗି ମାଟିରେ ମିଶାଯାଇଛି। ସେମାନେ ହେଲେ ୟୁନିଟ୍-୧ ଜିଇଡି ବସ୍ତିର ସୁଜିତ ନାୟକ, ଭାଇ ଅଜିତ ନାୟକ, ଭଣଜା ଟିଂକିଲି ନାୟକ, ବିଶାଲ ନାୟକ, ୟୁନିଟ୍-୫ କେଶରୀନଗର ବସ୍ତିର ଦିଲ୍ଲୀପ ବିଶୋଇ ଓରଫ ଦିଲୁ, କାହ୍ନା ପ୍ରଧାନ ଓରଫ ପିଙ୍କୁ ଓ ୟୁନିଟ୍-୬ ରାଧାକ୍ରୀଷ୍ଣନ ଉପର ବସ୍ତିର ସୁରେଶ ନାୟକ ଓରଫ ପପୁ।

ମେ' ୨୪ ଭୋର୍ ପ୍ରାୟ ୪ଟାରେ ୟୁନିଟ-୧ ଜିଇଡି ବସ୍ତିର ସୁଶାନ୍ତ ନାୟକ ଓରଫ କାଳିଆଙ୍କୁ ହତ୍ୟା କରାଯାଇଥିଲା। ଝଗଡ଼ାକୁ କେନ୍ଦ୍ର କରି ପଡ଼ୋଶୀ ସୁଜିତ, ଭାଇ ଅଜିତ, ଭଣଜା ଟିଂକିଲି, ବିଶାଲ ଖଣ୍ଡା ଓ ଭୁଜାଲିରେ ହାଣି ହତ୍ୟା କରିଥିଲେ। ପରେ ସୁଜିତ କୋର୍ଟରେ ଆତ୍ମସମର୍ପଣ କରିବା ପରେ ଦାରିଙ୍ଗବାଡ଼ିରୁ ଜୁନ ପ୍ରଥମ ସପ୍ତାହରେ ଅଜିତ, ଟିଂକିଲି, ବିଶାଲ ଗିରଫ ହୋଇ ଜେଲ ଯାଇଥିଲେ। ତେବେ ଏମାନେ ନୟାଗଡ଼ର ହୋଇଥିବା ବେଳେ ଦୀର୍ଘଦିନ ହେବ ଜିଇଡି ବସ୍ତିରେ ସରକାରୀ ଜାଗାକୁ ଜବରଦଖଲ କରି ରହୁଥିଲେ। ଏପରିକି ସେଠାରେ ସେମାନେ ନିଶା କାରବାର ମଧ କରୁଥିଲେ। ସେମାନଙ୍କ ନାମରେ ୧୦ରୁ ଉର୍ଦ୍ଧ୍ୱ ମାମଲା ମଧ ରହିଛି। ସେହିପରି ଆସିଷ୍ଟାଣ୍ଟ ସେକ୍ସନ ଅଫିସର ପ୍ରଣବ ପଣ୍ଡା ତାଙ୍କ ୟୁନିଟ-୬ ସରକାରୀ କ୍ୱାର୍ଟରରେ ନ ଥିବାବେଳେ ଜୁନ୍ ୨୫ ରାତିରେ ୟୁନିଟ-୫ କେଶରୀ ନଗର ବସ୍ତିର ଦିଲ୍ଲୀପ , କାହ୍ନା ଓ ୟୁନିଟ-୬ ରାଧାକ୍ରୀଷ୍ଣନ୍ ଉପର ବସ୍ତିର ସୁରେଶ ତାଙ୍କ ଘରୁ ଚୋରି କରିଥିଲେ। ଗେଟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ସମେତ ବହୁ ସୁନା ଅଳଙ୍କାର ନେଇଯାଇଥିଲେ। ଜୁଲାଇ ପ୍ରଥମ ସପ୍ତାହରେ ଏହି ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଜେଲ୍ ପଠାଇଥିଲା। ଏମାନେ ମଧ ସେମାନଙ୍କ ବସ୍ତିରେ ସରକାରୀ ଜାଗାରେ ଘର କରି ବିଭିନ୍ନ ଅପରାଧରେ ଜଡ଼ିତ ଅଛନ୍ତି। ବିଡିଏ ଓ ବିଏମ୍‌ସି ଟିମ୍ ସହାୟତାରେ ପୋଲିସ ଟିମ୍ ପୂର୍ବାହ୍ନ ୧୧ରୁ ଅପରାହ୍ନ ୪ ମଧ୍ୟରେ ଜେସିବି ଓ ଅନ୍ୟାନ୍ୟ ଉପକରଣ ସାହାଯ୍ୟରେ ଅପରାଧୀଙ୍କ ଘରକୁ ମାଟିରେ ମିଶାଇ ଦେଇଥିଲା। ସୁଜିତ୍, ଅଜିତ, ଟିଂକିଲି ଓ ବିଶାଲ ରହୁଥିବା ଜିଇଡି ବସ୍ତିସ୍ଥିତ ଘର, କେଶରୀ ନଗର ବସ୍ତିସ୍ଥିତ ଦିଲ୍ଲୀପ, କାହ୍ନାଙ୍କ ଘର ଏବଂ ରାଧାକ୍ରୀଷ୍ଣନ୍ ବସ୍ତିର ସୁରେଶଙ୍କ ଘର ଭଙ୍ଗାଯାଇଥିଲା। ଏହି ଘରଭଙ୍ଗା ଅଭିଯାନରେ ଏଥିରେ ଜୋନ୍-୧ ଏସିପି ମାନସ ଗଡନାୟକ, କ୍ୟାପିଟାଲ ଥାନା ଅଧିକାରୀ ପଦ୍ମନାଭ ପ୍ରଧାନଙ୍କ ସମେତ ବହୁ ପୋଲିସ କର୍ମଚାରୀ ଥିଲେ।

## ଝିଅ ଘରେ ବିଦ୍ୟୁତ୍ ଆଘାତରେ ବାପାଙ୍କ ମୃତ୍ୟୁ

ଭୁବନେଶ୍ୱର,୨୦।୭ (ସୂର୍ଯ୍ୟକାନ୍ତ ବେହେରା): ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହି ନୟାଗଡ ବସ୍ତିରେ ଅଭାବନୀୟ ଘଟଣା ଘଟିଛି। ଝିଅ ଘରକୁ ବୁଲିବାପାଇଁ ଆସିଥିବା ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମର ଅପରା ଗମାଙ୍ଗୋ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ସୂଚନାନୁସାରେ, ଅପରା ଗତ ଦୁଇଦିନ ତଳେ ତାଙ୍କ ସାନଝିଅ ଘର ସାଲିଆ ସାହିକୁ ବୁଲିବା ପାଇଁ ଆସିଥିଲେ। ଗୁରୁବାର ବର୍ଷା ହେଉଥିବାବେଳେ ସେ ଘରେ ଲାଗିଥିବା ଏକ ଟେବୁଲ ଫ୍ୟାନକୁ ଧରିବା ସମୟରେ ତାହା ଚାର୍ଜ ହୋଇ ରହିଥିବାରୁ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ସେହି ସମୟରେ ଚଟାଣ ଓଦାଥିବାରୁ ସେ ଛିଟିକି ତଳେ ପଡିଥିଲେ। ଏହାଦେଖି ପରିବାର ଲୋକେ ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଫ୍ଲାଟ୍ ଦେବା ଆଳରେ ୧୫ କୋଟିରୁ ଉର୍ଦ୍ଧ୍ୱ ଠକେଇ

## ମିଶ୍ର କ୍ରିଏସନ୍ସ ଅତିରିକ୍ତ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର,୨୦।୭(ସତ୍ୟଜିତ୍ ରାଉତ): ଫ୍ଲାଟ୍ ଦେବାକୁ କହି ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ରିୟଲ ଇଷ୍ଟେଟ୍ କମ୍ପାନୀ ଏମ୍/ଏସ୍ ମିଶ୍ର କ୍ରିଏସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଅତିରିକ୍ତ ନିର୍ଦ୍ଦେଶକଙ୍କୁ ଗୁରୁବାର ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ ସନ୍ତୋଷ କୁମାର ରଥ। ଅଭିଯୁକ୍ତ ସନ୍ତୋଷଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ



ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଗତ ମେ' ତୃତୀୟ ସପ୍ତାହରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଜ୍ୟୋତିରଞ୍ଜନ ମିଶ୍ରଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ସେ ଏବେ ଜେଲରେ ଦିନ କାଟୁଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ଜ୍ୟୋତିରଞ୍ଜନ ଓ ସନ୍ତୋଷ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଅଁଳାପାଟଣା ଅଞ୍ଚଳରେ ୟୁଟିଓପିଆଇଏ ପ୍ରୋଜେକ୍ଟରେ ଘର ଦେବାକୁ କହି ୨୦୧୬ରୁ ୧୩୦ଜଣ ଗ୍ରାହକଙ୍କଠାରୁ ୧୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେଇଥିଲେ। ଏହି ଟଙ୍କା ଦେବାକୁ ଗ୍ରାହକମାନେ ବ୍ୟାଙ୍କରେ ଲୋନ୍ ମଧ କରିଥିଲେ। ଏଥିପାଇଁ ବ୍ୟାଙ୍କ, ଗ୍ରାହକ ଓ ବିଲ୍ଡରଙ୍କ ମଧ୍ୟରେ ଚୁକ୍ତିନାମା ମଧ ହୋଇଥିଲା। ୩୦ ମାସ ମଧ୍ୟରେ ଫ୍ଲାଟ୍ ଦେବାର ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଘର ପାଇଁ ଗ୍ରାହକମାନେ ୯୫ ପ୍ରତିଶତ ଟଙ୍କା ଦେଇଥିଲେ ମଧ ବିଲ୍ଡର ସଂସ୍ଥା ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲା। ଏପରିକି ୮ ବର୍ଷ ହେଲା ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇ ଗ୍ରାହକଙ୍କୁ ଭୁଆଁ ବୁଲାଯାଇଥିଲା। ରସୁଲଗଡ଼ର ବାସିନ୍ଦା ସ୍ୱଦେଶ ରାୟ ଚୌଧୁରୀ ଏହି ପ୍ରୋଜେକ୍ଟରେ ଏକ ଫ୍ଲାଟ୍ ବୁକ୍ କରି ୧୬ ଲକ୍ଷ ଟଙ୍କା ଦେଇ ଠକେଇର ଶିକାର ହୋଇଥିଲେ। ବିଭିନ୍ନ ଗ୍ରାହକଙ୍କ ସମେତ ସ୍ୱଦେଶ ଏଭଳି ଠକେଇର ଶିକାର ହୋଇଥିବା ନେଇ ସେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ମେ ୧ରେ ଏକ ମାମଲା (ନଂ.୧୭/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତମାନେ ପୂର୍ବରୁ ଏଭଳି ଫ୍ଲାଟ୍ ଦେବାର ପ୍ରତିଶ୍ରୁତି ଦେଇ ବହୁତ ଲୋକଙ୍କଠାରୁ ଟଙ୍କା ନେଇଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।




ପ୍ରତିଭା ରାୟ ଫାଉଣ୍ଡେଶନ ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀ ପକ୍ଷରୁ ଗୁରୁବାର ସୂଚନା ଭବନରେ ଅନୁଷ୍ଠିତ ଉତ୍ସବରେ ଔପନ୍ୟାସିକ ନିର୍ମଳ ରାଉତଙ୍କୁ 'ତୃତୀୟ ଅକ୍ଷୟ ଉପନ୍ୟାସ ପୁରସ୍କାର' ପ୍ରଦାନ କରାଯାଉଛି।

# ନିର୍ମଳ ରାଉତଙ୍କୁ ତୃତୀୟ ଅକ୍ଷୟ ଉପନ୍ୟାସ ପୁରସ୍କାର

ଭୁବନେଶ୍ୱର,୨୦।୭(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରତିଭା ରାୟ ଫାଉଣ୍ଡେଶନ ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀ ପକ୍ଷରୁ 'ତୃତୀୟ ଅକ୍ଷୟ ଉପନ୍ୟାସ ପୁରସ୍କାର' ଗୁରୁବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ଉତ୍ସବର ସଭାପତି ତଥା ବିଶିଷ୍ଟ ଔପନ୍ୟାସିକା ଡ. ପ୍ରତିଭା ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଔପନ୍ୟାସିକ ରାମଚନ୍ଦ୍ର ବେହେରା ଯୋଗଦେଇ କହିଲେ, ଆମେ ବିଶ୍ୱାସ କରୁ ଯେ, କଲମର ସ୍ୟାହି, ତୂଳୀର ରଙ୍ଗ, ସଙ୍ଗୀତର ମୂର୍ଚ୍ଛନାକୁ ସ୍ମାର୍ଟ ଫୋନ୍‌ର କରାମତି କିମ୍ବା କ୍ଷେପଣାସ୍ତ୍ର କବଳିତ କରିପାରେ ନାହିଁ। କାହ୍ନୁଚରଣ ମହାନ୍ତି, ବିଭୂତି ପଟ୍ଟନାୟକ ଏବଂ ଡ. ପ୍ରତିଭା ରାୟ ପ୍ରମୁଖ ଔପନ୍ୟାସିକମାନେ ଉପନ୍ୟାସ ପଠନକୁ କେବଳ ଲୋକପ୍ରିୟ ବା ସମ୍ପ୍ରସାରଣ କରିନାହାନ୍ତି ବରଂ ଏହାକୁ ଏକ ବୌଦ୍ଧିକ ଅଭ୍ୟାସରେ ପରିଣତ କରିବା ସହିତ ସମ୍ପୃକ୍ତ କାଳଖଣ୍ଡର ସାଂସ୍କୃତିକ, ସାମାଜିକ ଜୀବନଚର୍ଯ୍ୟାକୁ ପ୍ରତିଫଳନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ବନଜା ଦେବୀ କହିଛନ୍ତି, ସାହିତ୍ୟର ଏକ ବଳିଷ୍ଠ ଅଙ୍ଗ ହେଉଛି ଉପନ୍ୟାସ। ଉପନ୍ୟାସରୁ ଗୋଟିଏ ଜାତି ଓ ଦେଶର ପରିଚୟ ମିଳିଥାଏ। ଉପନ୍ୟାସ ହେଉଛି ଜୀବନ ଓ ସମୟର ଯୁଗଳବନ୍ଦୀ। ଏହି ଅବସରରେ ଚଳିତ ବର୍ଷର 'ଅକ୍ଷୟ ଉପନ୍ୟାସ ପୁରସ୍କାର' ଔପନ୍ୟାସିକ ନିର୍ମଳ ରାଉତଙ୍କୁ ତାଙ୍କ ଲିଖିତ ଉପନ୍ୟାସ 'ଗଲାଣି ତ ଗଲାଣି କଥା' ପାଇଁ ପ୍ରଦାନ କରାଯାଇଥିଲା। ଏହାସହ ପ୍ରକାଶକ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କୁ 'ସୁଧୀ ପ୍ରକାଶକ ସମ୍ମାନ' ଓ ରଜତ ମିଶ୍ରଙ୍କୁ 'ପ୍ରିୟ ପାଠକ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଡ. ଆଦ୍ୟାଶା ଦାସ ଟ୍ରଷ୍ଟର ଆଭିମୁଖ୍ୟ ଜଣାଇଥିଲେ। କାର୍ଯ୍ୟକ୍ରମକୁ ଦେବୀ ପ୍ରସାଦ ଦାସ ସଂଯୋଜନା କରିଥିବେଳେ ଟ୍ରଷ୍ଟ ସଦସ୍ୟ ଡ. ଲଳିତ ମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରେ ଚାଷୀ ମୃତ

### କ୍ଷତିପୂରଣ ଦାବି କଲେ ଭାଜପା ନେତା

ପିପିଲି,୨୦।୭(ପ୍ରଭାତ ମହାପାତ୍ର)

ପିପିଲି ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ବଜ୍ରପାତ ଘଟି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପିପିଲି ବ୍ଲକ ଓରକଳ ପଞ୍ଚାୟତ ଉଜାଣୀପଡା ଗ୍ରାମର ଆରତ ସାହୁ(୭୦)। ତେବେ ଆରତ ପ୍ରତ୍ୟେକ ଦିନ ଭଳି ପୂର୍ବାହ୍ନରେ ଚାଷ କାର୍ଯ୍ୟ ପାଇଁ ନିଜ ବିଲକୁ ଯାଇଥିଲେ। ହଠାତ୍ ବର୍ଷା ସାଙ୍ଗକୁ ଘଡଘଡି ହୋଇଥିବା ବେଳେ ଆରତ ଚାଷ କରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ସେ ଅଚେତ ହୋଇପଡ଼ିଥିବା ବେଳେ ତାଙ୍କ ଉଭୟ କାନରୁ ରକ୍ତସ୍ରାବ ହୋଇଥିଲା। ଖବରପାଇ ଭାଜପା ନେତା ସରୋଜ ପ୍ରଧାନ ଓ ଗ୍ରାମର ଯୁବକମାନେ ବିଲରୁ ଆରତଙ୍କୁ ଉଦ୍ଧାର କରି ପିପିଲି ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଚାଷ ଉପରେ ସର୍ବଦା ନିର୍ଭର କରି ଚଳୁଥିବା ଆରତଙ୍କ ଅକାଳରେ ବିୟୋଗ ଘଟିଥିବାରୁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଉକ୍ତ ମୃତ ଚାଷୀ ପରିବାରଙ୍କୁ ସରକାର କ୍ଷତି ପୂରଣ ବାବଦରେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସରୋଜ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ମୃତ ଆରତଙ୍କ ପୁଅ ସୁରେନ୍ଦ୍ର ସାହୁ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ଏଥିସହ ଥାନାରେ ଏକ ଅପମୃତ ମାମଲା ରୁଜୁ କରିବା ସହ ଶୁକ୍ରବାର ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯିବ ବୋଲି ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ବୈଦ୍ୟନାଥ



@ ମନୀଷ୍



@ ଟୁଲୁ



@ ଆଶିଷ



@ ସୁକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଘରୋଇ ସ୍କୁଲ୍‌ର ଭୂଗୋଳ ଶିକ୍ଷକ ଗିରଫ

ଭୁବନେଶ୍ୱର,୨୦।୭(ସତ୍ୟଜିତ୍ ରାଉତ)

**ଛାତ୍ରୀଙ୍କୁ ପ୍ରେମ ନିବେଦନ, ଅସଦାଚରଣ**

■ଘରକୁ ଡାକୁଥିଲେ, ପାର୍କ ଯିବାକୁ ବାଧ କରୁଥିଲେ

■ପ୍ରତିବାଦ କରିବାରୁ ଛାତ୍ରୀଙ୍କ ମା'ଙ୍କୁ ଆକ୍ରମଣ



ଛାତ୍ରୀଙ୍କୁ ବାରମ୍ବାର ପ୍ରେମ ନିବେଦନ ସହ ଅସଦାଚରଣ କରିବା ଜଣେ ଶିକ୍ଷକଙ୍କ ପାଇଁ ମହଙ୍ଗା ପଡିଛି। ଅଭିଭାବକଙ୍କ ଅଭିଯୋଗ ପରେ କମିଶନରେଟ ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେ ହେଲେ ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳରେ ଥିବା ଏକ ସ୍କୁଲର ଭୂଗୋଳ ଶିକ୍ଷକ କାଳୁଚରଣ ବଡ଼ଜେନା (୨୮)। ତାଙ୍କ ଘର ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ବାଙ୍କୋଇ ଗ୍ରାମରେ ହୋଇଥିବାବେଳେ ସେ ଭରତପୁରର ଫ୍ଲଟ୍ ନଂ.୩୨୦ରେ ରହୁଛନ୍ତି। ପୋଲିସ ପୋକ୍‌ସୋ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ମାମଲା (ନଂ.୩୧୧/୨୦୨୩) ରୁଜୁ କରି କାଳୁଚରଣଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ପୀଡିତା ଛାତ୍ରୀ ଜଣକ ଉକ୍ତ ସ୍କୁଲ୍‌ରେ ଦଶମ ଶ୍ରେଣୀରେ ପଢୁଛନ୍ତି। ଅଭିଯୁକ୍ତ ଶିକ୍ଷକ କାଳୁଚରଣ ଗତ ମାସେ ହେବ ତାଙ୍କୁ ବାରମ୍ବାର ପ୍ରେମ ନିବେଦନ କରୁଥିଲେ। ଅନ୍ୟ ଛାତ୍ରୀଙ୍କ ଦ୍ୱାରା ପୀଡିତାଙ୍କ ଉପରେ ସେ ଚାପ ପକାଉଥିଲେ। ଏପରିକି ତାଙ୍କ ଘରକୁ ଡାକିବା ସହ ପାର୍କ ଯିବାକୁ ଛାତ୍ରୀଙ୍କୁ ବାଧ କରୁଥିଲେ। ତାଙ୍କ ସମ୍ବେଦନଶୀଳ ଅଙ୍ଗକୁ ବାରମ୍ବାର ଛୁଇଁବା ସହ ଦୁର୍ବ୍ୟବହାର କରୁଥିଲେ। ତେବେ ଛାତ୍ରୀ ଜଣକ ପ୍ରେମ ନିବେଦନକୁ ଅଗ୍ରାହ୍ୟ କରିଦେବାରୁ କାଳୁଚରଣ ରାଗି ଯାଇଥିଲେ। ସେ ଛାତ୍ରୀଙ୍କ ଅଜାଣତରେ କେତେକ ଫଟୋ ଉଠାଇ ବ୍ଲାକ୍‌ମେଲ କରିଥିଲେ। କ୍ଲାସ ପରୀକ୍ଷା ପୂର୍ବରୁ ଅନ୍ୟ ପିଲାଙ୍କୁ ପ୍ରଶ୍ନପତ୍ର ଦେଇ ପୀଡିତା ଛାତ୍ରୀଙ୍କୁ ମାନସିକ ସ୍ତରରେ ପ୍ରଭାବିତ କରୁଥିଲେ। ଘଟଣା ସଂକ୍ରାନ୍ତରେ ଛାତ୍ରୀ ଜଣକ ପ୍ରଧାନ ଶିକ୍ଷକଙ୍କୁ ଜଣାଇବାରୁ କାଳୁଚରଣଙ୍କୁ ଚେତାବନୀ ଦିଆଯାଇଥିଲା। ଏହାପରେ ବି ସେ ସୁଧୁରି ନ ଥିଲେ। ଅଶ୍ଳୀଳ ଇଙ୍ଗିତ କରି ବାରମ୍ବାର ପ୍ରେମ ନିବେଦନ କରିବାରୁ ଛାତ୍ରୀ ଜଣକ ଘରେ ଜଣାଇଥିଲେ। ଗୁରୁବାର ସକାଳେ ଛାତ୍ରୀଙ୍କ ମା' ସ୍କୁଲ ଆସି କାଳୁଚରଣଙ୍କୁ ପଚାରିବାରୁ ସେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି କାଳୁଚରଣଙ୍କୁ ଧରି ଥାନାକୁ ନେଇଥିଲା। ପଚରାଉଚରା ପରେ ଘଟଣାର ସତ୍ୟତା ଜଣାପଡିବା ପରେ ପଦକ୍ଷେପ ନିଆଯାଇଥିଲା।

## ୫-ଟି ରୂପାନ୍ତରିତ ବିଦ୍ୟାଳୟର ତୃତୀୟ ପକ୍ଷ ଅଡିଟ ଦାବି

ଭୁବନେଶ୍ୱର,୨୦।୭ (ଅନୁରାଧା ମହାରଣା)

ଅସ୍ତରଙ୍ଗର ୫-ଟି ରୂପାନ୍ତରିତ ସ୍କୁଲ ଛାତରୁ ପ୍ଲାଷ୍ଟର ଖସି ବୁଧବାର ତିନିଜଣ ଶିକ୍ଷକ ଗୁରୁତର ଆହତ ହୋଇଛନ୍ତି। ପୂର୍ବରୁ ମଧ ଏଭଳି ଅନେକ ଘଟଣା ଘଟି ଛାତ୍ରୀଛାତ୍ର ଓ ଶିକ୍ଷକ ମୃତାହତ ହୋଇଛନ୍ତି। ଏଭଳି ପ୍ରସଙ୍ଗ ଉଠାଇ ଓଡ଼ିଶା ଅଭିଭାବକ ମହାସଂଘ ଉଦବେଗ ପ୍ରକାଶ କରିଛି। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ରାଜ୍ୟରେ ୫-ଟି ଅଧୀନରେ ଥିବା ସମସ୍ତ ୬୮୮୩ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ବାରମ୍ବାର ଅଭିଯୋଗ ଆସିବାରେ ଲାଗିଛି। ତେଣୁ ସମସ୍ତ ୫-ଟି ସ୍କୁଲ ନିର୍ମାଣ କାର୍ଯ୍ୟର ତଦନ୍ତ ସହ ବ୍ୟୟ ଅଟକଳର ସ୍ୱତନ୍ତ୍ର ଓ ତୃତୀୟ ପକ୍ଷ ଅଡିଟ୍ ହେବାର ଆବଶ୍ୟକ ରହିଛି। ତୁରନ୍ତ ମାସକ ମଧ୍ୟରେ ଅଡିଟ ରିପୋର୍ଟ ପ୍ରକାଶ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ପିଲାଙ୍କ ଜୀବନ ସୁରକ୍ଷିତ କରାଯାଉ ବୋଲି ଭଟ୍ଟ କହିଛନ୍ତି। ବର୍ତ୍ତମାନ ଯେଉଁ ୫-ଟି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଚାଲୁରହିଛି ତାହାର ସ୍ୱତନ୍ତ୍ର ଅନୁଧ୍ୟାନ ହେଉ ଏବଂ ଆଗକୁ ନିର୍ମାଣ ହେବାକୁ ଥିବା ବିଦ୍ୟାଳୟଗୁଡ଼ିକର କାର୍ଯ୍ୟ ତଦାରଖ ପାଇଁ ମଧ ରାଜ୍ୟ ଓ ଜିଲାସ୍ତରରେ ଏକ ବିଶେଷଜ୍ଞ କମିଟି ସରକାର ତୁରନ୍ତ ଗଠନ କରନ୍ତୁ ବୋଲି ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ କହିଛନ୍ତି ।

# ସର୍ବକାଳୀନ ରେକର୍ଡ ସ୍ତରରେ ନିଫ୍ଟି

## ସେନ୍‌ସେକ୍ସ ୬୮,୦୦୦ ଅଙ୍କ ନିକଟବର୍ତ୍ତୀ



ନୂଆଦିଲ୍ଲୀ,୨୦।୭ (ଅଭୟ ଦାଶ)

ଗତ କିଛି ଦିନ ହେବ ଭାରତୀୟ ଶେୟାର ମାର୍କେଟର କାରବାର ପୂର୍ବାପେକ୍ଷା ଭଲ ରହିଛି। ଏପରିକି କ୍ରମାଗତ ଭାବେ ବଜାରର କାରବାର ବୃଦ୍ଧି ପାଉଥିବାବେଳେ ଉଭୟ ନିବେଶକ ଓ ପଞ୍ଜୀକୃତ କମ୍ପାନୀଗୁଡିକ ବେଶ ଲାଭବାନ ହେଉଛନ୍ତି। ବିଶେଷ କରି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଗତ କିଛି ଦିନ ମଧ୍ୟରେ ନିଫ୍ଟି-୫୦ର କାରବାର ଓ ଉତ୍ତମ ପ୍ରଦର୍ଶନ ଯୋଗୁ ଏନଏସଇ ନିଫ୍ଟି-୫୦ର ହାର ୨୦,୦୦୦ ଅଙ୍କ ନିକଟବର୍ତ୍ତୀ ହୋଇପାରିଛି। ଅପରପକ୍ଷରେ ବ୍ୟାଙ୍କ ନିଫ୍ଟି ମଧ୍ୟ ଅଲ ଟାଇମ ହାଇ ୪୬,୨୫୬.୨୦ ଅଙ୍କରେ ପହଞ୍ଚିଛି। ସେହିଭଳି କ୍ରମାଗତ ୬ଷ୍ଠ ଦିନ ଲାଗି ପୁଞ୍ଜି ବଜାରର କାରବାରରେ ମଧ୍ୟ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ ଦିନର ବଜାର କାରବାର ଉଚ୍ଚ ରହିଛି। ଫଳରେ ଗୁରୁବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ସେନସେକ୍ସ ୪୭୪ ( ୪୭୪.୪୬) ପଏଣ୍ଟ ବଢି ୬୭,୫୭୨(୬୭,୫୭୧.୯୦) ଅଙ୍କରେ ପହଞ୍ଚିବା ସହ ୬୮,୦୦୦ଅଙ୍କର ନିକଟବର୍ତ୍ତୀ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୪୬ (୧୪୬.୦୦) ପଏଣ୍ଟ ବୃଦ୍ଧି ଘଟି ୧୯,୯୭୯ (୧୯,୯୭୯.୧୫) ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ଗୁରୁବାର ବିଏସଇ ମିଡକ୍ୟାପ ଏବଂ ସ୍ମଲ କ୍ୟାପରେ ମଧ୍ୟ କାରବାର ଭଲ ରହିଥିଲା। ଫଳରେ ଉଭୟ କ୍ୟାପର କାରବାର ଯଥାକ୍ରମେ ୨୯,୬୭୧.୬୦ ଏବଂ ୩୪,୧୯୩.୭୪ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ବିଏସଇ ସେନସେକ୍ସରେ ଆଇଟିସି (୨.୭୮%), କୋଟାକ ମହିନ୍ଦ୍ରା ବ୍ୟାଙ୍କ (୨.୬୮%) ଆଇସିଆଇସିଆଇ ବ୍ୟାଙ୍କ (୨.୨୪%), ମାରୁତି ସୁଜୁକି (୧.୭୫%) ଏବଂ ଏୟାରଟେଲ (୧.୭୨%) ଅଂଶଧନ ବୃଦ୍ଧି କରିଥିବାବେଳେ ନିଫ୍ଟି-୫୦ରେ ଆଇଟିସି (୨.୬୪%), କୋଟାକ ମହିନ୍ଦ୍ରା ବ୍ୟାଙ୍କ (୨.୬୨%), ଆଇସିଆଇସିଆଇ ବ୍ୟାଙ୍କ (୨.୧୯%), ଡକ୍ଟର ରେଡ୍ଡୀ ଲାବସ (୧.୯୭%) ଏବଂ ଗ୍ରାସିମ ଇଣ୍ଡଷ୍ଟି (୧.୯୭%) ଅଂଶଧନ ବୃଦ୍ଧି କରିଛନ୍ତି।

# ରିଅଲ୍‌ମିର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୨୦।୭

ରିଅଲ୍‌ମିର ନୂତନ ଉତ୍ପାଦଗୁଡିକର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷ କରି ଏହାର ଚାମ୍ପିୟନ୍ ସିରିଜ୍‌ରେ ନୂତନତମ ଯୋଗ ସହ ରିଅଲ୍‌ମି ସି୫୩ ଏବଂ ରିଅଲ୍‌ମି ପ୍ୟାଡ-୨ର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଅତ୍ୟାଧୁନିକ ଫିଚର, ଲିପ୍-ଫର୍‌ୱାର୍ଡ ଟେକ୍ନୋଲୋଜିକାଲ ଆଡ୍‌ଭାନ୍ସମେଣ୍ଟ ଓ ଶକ୍ତିଶାଳୀ ପ୍ରଦର୍ଶନରେ ସୁସଜ୍ଜିତ ଏହି ଉତ୍ପାଦଗୁଡିକ ଶିଳ୍ପରେ ବିପ୍ଳବ ଆଣିବ ବୋଲି ବ୍ରାଣ୍ଡ୍ ପକ୍ଷରୁ କୁହାଯାଇଛି। ସେହିଭଳି ରିଅଲ୍‌ମି ସି୫୩ ସେଗମେଣ୍ଟର ପ୍ରଥମ ଓ ଏକମାତ୍ର ସ୍ମାର୍ଟଫୋନ୍, ଯାହାକି ୩ ଗୁଣ ଇନ୍-ସେନ୍ସର ଜୁମ୍ ସହିତ ୧୦୮ଏମ୍‌ପି ଅଲ୍‌ଟ୍ରା କ୍ଲିୟର କ୍ୟାମେରା, ୮ଏମ୍‌ପି ସେଲ୍‌ଫି କ୍ୟାମେରା ସହିତ ସୁସଜ୍ଜିତ ରହିଛି। ସେହିପରି ରିଅଲ୍‌ମି ପ୍ୟାଡ୍ ୨ ହେଉଛି ସେଗମେଣ୍ଟର ପ୍ରଥମ ଟାବ୍‌ଲେଟ୍ ଯେଉଁଥିରେ ୧୨୦ଏଚ୍‌ଜେଡ୍ ୨କେ ଡିସ୍‌ପ୍ଲେ ରହିଛି।

# ରୁଚିର ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ



ଭୁବନେଶ୍ୱର,୨୦।୭

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ମସଲା ଉଦ୍ୟୋଗ ରୁଚି ମସଲା ପକ୍ଷରୁ ନିକଟରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଥିଲା। ବିଶେଷକରି କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏପରି କି ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମରେ ରୁଚି ଉଦ୍ୟୋଗ ସାମିଲ ହୋଇ ଆବଶ୍ୟକ ସହଯୋଗ ଓ ସହାୟତା ପ୍ରଦାନ କରୁଛି। ସେହିଭଳି ପ୍ରଧାନମନ୍ତ୍ରୀ 'ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ' ଶୀର୍ଷକ କାର୍ଯ୍ୟକ୍ରମ ଜରିଆରେ ରୁଚି ଉଦ୍ୟୋଗ କଟକ ଜିଲାର ୧୦୦ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ପ୍ରତି ମାସରେ ଆବଶ୍ୟକ ପୋଷଣ ସାମଗ୍ରୀ ଥିବା କିଟ୍ ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତମାସ ପାଇଁ କଟକ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମକରାନନ୍ଦ ବେହୁରା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟଠାରେ ପୋଷଣ ସାମଗ୍ରୀ ଗ୍ରହଣ କରିଥିଲେ। ଏହି ଅବସରରେ ରୁଚିର ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ବିଦ୍ୟୁତ୍‌ପ୍ରଭା ରାୟ, ସ୍ୱାସ୍ଥ୍ୟ ପରିଦର୍ଶକ ତୃପ୍ତିରଂଜନ ଦାସ, ରୁଚିର ସହଯୋଗୀ ହୃଷୀକେଶ ପାଣି ଓ ପ୍ରମୋଦ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ।

# ବିଓଏମ୍‌ର ପ୍ରଥମ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୦।୭

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର(ବିଓଏମ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ବିଓଏମ୍‌ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଖରାପ ଋଣରେ ହ୍ରାସ ଏବଂ ସୁଧ ଆୟରେ ବୃଦ୍ଧି ସହ ୯୫% ଅଭିବୃଦ୍ଧି ହାରରେ ବ୍ୟାଙ୍କ ମୋଟ ୮୮୨ କୋଟି ଟଙ୍କାର ନେଟ୍ ଲାଭ କରିଛି। ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୪୫୨କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ମୋଟ୍ ବ୍ୟବସାୟ ୨୪.୮୪% ବୃଦ୍ଧିପାଇ ୪,୨୦,୦୪୧ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଅଗ୍ରିମ ୨୪.୯୮% ବୃଦ୍ଧି ପାଇ ୧,୭୫,୬୭୬ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୩ ଜୁନ୍ ମାସ ଶେଷ ସୁଦ୍ଧା ବ୍ୟାଙ୍କର ମୋଟ ଜମା ୨୪.୭୩% ବୃଦ୍ଧି ପାଇ ୨,୪୪,୩୬୫ କୋଟି ଟଙ୍କା ହୋଇଥିବା ବେଳେ ମୋଟ ଆୟ ବୃଦ୍ଧି ପାଇ ୫,୪୧୭ କୋଟି ଟଙ୍କାରେ ପହଞ୍ଚିଛି। ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୩,୭୭୪ କୋଟି ଟଙ୍କା ଥିଲା। ବ୍ୟାଙ୍କର ସୁଧ ଆୟରେ ମଧ୍ୟ ବୃଦ୍ଧି ଘଟି ୪,୭୮୯ କୋଟି ଟଙ୍କାରେ ପହଞ୍ଚିଛି। ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୩,୪୫୭ କୋଟି ଟଙ୍କା ଥିଲା। ବ୍ୟାଙ୍କର ନେଟ୍ ସୁଧ ଆୟ ୩୮.୮୦% ଅଭିବୃଦ୍ଧି ହାର ହାସଲ କରି ୨,୩୪୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୩ ଜୁନ୍ ଶେଷ ସୁଦ୍ଧା ବିଓଏମର ଗ୍ରସ୍ ଏନ୍‌ପିଏ ୨.୨୮% ହ୍ରାସ ପାଇ ସମ୍ପତ୍ତିର ଗୁଣବତ୍ତାରେ ଉନ୍ନତି ପ୍ରଦର୍ଶନ ହୋଇଛି, ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୩.୭୪% ରହିଥିଲା। ବ୍ୟାଙ୍କର ନେଟ୍ ଏନ୍‌ପିଏ କିମ୍ବା ଅନାଦାୟ ଋଣ ୦.୨୪% କୁ ହ୍ରାସ ପାଇଛି, ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୦.୮୮% ରହିଥିଲା।

ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଏସ୍.ରାଜୀବ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କର ଋଣ ଅଭିବୃଦ୍ଧି ହାର ୨୦ରୁ୨୨% ବୃଦ୍ଧି ସହ ଜମା କ୍ଷେତ୍ରରେ ମଧ୍ୟ ୧୪ରୁ ୧୫% ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି।

# ଆଜିଠାରୁ 'ଟ୍ରି ଆଣ୍ଡ ସର୍ପେଣ୍ଟ' ପ୍ରଦର୍ଶନୀ

ନୂଆଦିଲ୍ଲୀ,୨୦।୭



ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଚେୟାରପର୍ସନ ନିତା ଅମ୍ବାନୀଙ୍କ ସହାୟତାରେ ଶୁକ୍ରବାରଠାରୁ ଆମେରିକାର ପ୍ରତିଷ୍ଠିତ ମେଟ୍ ସଂଗ୍ରହାଳୟଠାରେ ଏକ ଅଭିନବ କଳା 'ଟ୍ରି ଆଣ୍ଡ ସର୍ପେଣ୍ଟ' ପ୍ରଦର୍ଶନୀ ହେବାକୁ ଯାଉଛି। ଭାରତୀୟ ଇତିହାସ ସମ୍ପର୍କରେ ଉକ୍ତ ପ୍ରଦର୍ଶନୀ ପରିବେଷିତ ହେବାକୁ ଯାଉଛି। ଏହି ପ୍ରଦର୍ଶନୀ ଜୁଲାଇ ୨୧ରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ସେହିଭଳି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସହାୟତାରେ ଆୟୋଜନ କରାଯାଉଥିବା 'ଟ୍ରି ଆଣ୍ଡ ସର୍ପେଣ୍ଟ' ପ୍ରଦର୍ଶନୀର ଏକ ବିଶେଷ ପ୍ରି ଭିୟୁ କାର୍ଯ୍ୟକ୍ରମ ନିକଟରେ ରଖାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନିତା ଅମ୍ବାନୀଙ୍କ ବ୍ୟତୀତ କଳା ଜଗତର ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ଅନ୍ୟମାନେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ସଂଯୁକ୍ତ ରାଜ୍ୟ ଆମେରିକାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ତରନଜିତ ସିଂ ସାନ୍ଧୁ, ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ଏରିକ ଗାର୍ସେଟି ଏବଂ ଟ୍ରି ଆଣ୍ଡ ସର୍ପେଣ୍ଟର କ୍ୟୁରେଟର ଜନ୍ ଗାୟ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ନିତା ଅମ୍ବାନୀ କହିଛନ୍ତି, ମୁଁ ବୁଦ୍ଧଙ୍କ ସ୍ଥାନ ଭାରତରୁ ଆସିଛି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବଂ ମେଟ୍‌ର ସହଭାଗିତାକୁ ଆଗକୁ ବଢାଇବାର ପ୍ରୟାସ ସହ 'ଟ୍ରି ଆଣ୍ଡ ସର୍ପେଣ୍ଟ' ପ୍ରଦର୍ଶନୀର ପ୍ରସ୍ତୁତି କରିବା ମୋ ପାଇଁ ଏକ ଗୌରବର ବିଷୟ। ବିଶେଷ କରି ପ୍ରାରମ୍ଭିକ ବୌଦ୍ଧ କାଳର ୬୦୦ବର୍ଷର ୧୨୫ରୁ ଅଧିକ କଳାକୃତିକୁ ଉକ୍ତ ପ୍ରଦର୍ଶନୀରେ ଦେଖିବାକୁ ମିଳିବ। ବୁଦ୍ଧଙ୍କର ଚିନ୍ତନ ଏବଂ ଭାରତୀୟ ସଂସ୍କୃତି ମଧ୍ୟରେ ଗଭୀର ସମ୍ପର୍କ ରହିଛି, ବୁଦ୍ଧଙ୍କ ବିଚାର ଆଜି ପର୍ଯ୍ୟନ୍ତ ଦୁନିଆକୁ ପ୍ରଭାବିତ କରୁଛି। ଭାରତୀୟ ସଂସ୍କୃତିର ବୈଭବକୁ ଆମେ ଦୁନିଆ ନିକଟରେ ପହଞ୍ଚାଇବା ଏବଂ ଦୁନିଆର ସର୍ବଶ୍ରେଷ୍ଠ ବିଷୟ ଭାରତକୁ ଆଣିବା ଆମର ପ୍ରୟାସ ହୋଇଛି।

# ଗିଫ୍ଟରେ ୨ ଦିନିଆ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୦।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଗିଫ୍ଟ (ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟେକ୍ନୋଲୋଜି) ସ୍ୱୟଂଶାସିତ କଲେଜର ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଲ୍ ଏବଂ କମ୍ପ୍ୟୁଟର, ଇଲେକ୍‌ଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ବିଭାଗର ମିଳିତ ସହଯୋଗରେ ଏକ ଦୁଇଦିନିଆ ଜାତୀୟ ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ 'ସ୍ମାର୍ଟ କମ୍ପ୍ୟୁଟିଙ୍ଗ୍ କମ୍ୟୁନିକେଶନ ଏନର୍ଜି କନ୍‌ଭରସନ୍' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦେଶର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରୁ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ସେମାନଙ୍କ ଗବେଷଣାତ୍ମକ ନିବନ୍ଧ ପାଠ କରିଥିଲେ। ବିଶେଷ କରି କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍ ଏନର୍ଜି ଷ୍ଟୋରେଜ ଓ କମ୍ୟୁନିକେଶନ ସିଷ୍ଟମ ଉପରେ ବହୁ ଉପାଦେୟ ନିବନ୍ଧ ପାଠ କରାଯାଇଥିଲା।

ଏହି ଅବସରରେ ଟିସିଏସ୍‌ର ଅପରେଶନ ରିସ୍କ ମ୍ୟାନେଜମେଣ୍ଟର ମୁଖ୍ୟ ଡକ୍ଟର ଗୌରକିଶୋର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଡ. ଶରତ କୁମାର ମହାରଣା, ଡିନ୍ ଏକାଡେମିକ୍ ଡ. ଆର୍ ଏନ୍ ପଣ୍ଡା, ଡାଇରେକ୍ଟର ଡ. ପତିତପାବନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀର ଆବାହକ ଡ. ଅମର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମ୍ମିଳନୀରେ ସଂପୃକ୍ତ ବିଭାଗର ମୁଖ୍ୟ ସମୂହ ଏବଂ ଆର୍ ଆଣ୍ଡ ଡି ସେଲ୍‌ର ସମସ୍ତ ସଭ୍ୟ ଯୋଗଦେଇଥିଲେ। ସମ୍ମିଳନୀର ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜକ ଡ. ମଧୁସ୍ମିତା ପଣ୍ଡା ପରିଚାଳନା କରିଥିଲେ।

## ଫୁରସତ



ସାମନ୍ଥା ରୁଥ୍ ପ୍ରଭୁ

# ଆଶ୍ରମରେ ଧ୍ୟାନରତ ସାମନ୍ଥା

**ମୁମ୍ବାଇ:** ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ନିକଟରେ ତାଙ୍କ ସିରିଜ୍‌ର ଶୁଟିଂ ସାରି କିଛି ସମୟ ପାଇଁ ଚଳଚ୍ଚିତ୍ର ଜଗତରୁ ବ୍ରେକ୍ ନେଇଛନ୍ତି। ସେ ଏବେ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉଛନ୍ତି। ନିକଟରେ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ କିଛି ଫଟୋ ଶେୟାର କରିଛନ୍ତି; ଯେଉଁଥିରେ ସେ ଏକ ଆଶ୍ରମରେ ଧ୍ୟାନରେ ବସିଥିବା ଦେଖିବାକୁ ମିଳିଛି। ସେ ସେହି ଆଶ୍ରମର ଆଉ କିଛି ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ଏଥିରେ ଇନ୍ଦ୍ରଧନୁ ଏବଂ ମୟୂର ନାଚୁଥିବାର ଦୃଶ୍ୟ ନଜରକୁ ଆସିଛି। ଲୋକଙ୍କୁ ଧ୍ୟାନର ମହତ୍ତ୍ୱ ବାବଦରେ ସେ କହିଛନ୍ତି। ଧ୍ୟାନ କରିବା ଫଳରେ ସେ ନିଜକୁ ଶାନ୍ତ ଏବଂ ଶକ୍ତିଶାଳୀ ଅନୁଭବ କରୁଛନ୍ତି। ତାଙ୍କ ପୋଷ୍ଟରେ ଅନେକ ଭିନ୍ନ ଭିନ୍ନ କମେଣ୍ଟ ଦେଇଛନ୍ତି। ସାମନ୍ଥା ନିକଟରେ ରାଜ ଏବଂ ଡିକେଙ୍କ ଦ୍ୱାରା ନିର୍ଦ୍ଦେଶିତ 'ସିଟାଡେଲ ଇଣ୍ଡିଆ'ର ଶୁଟିଂ ଶେଷ କରିଛନ୍ତି। ଏହା ଅକ୍ଟୋବର ୬ରେ ରିଲିଜ୍ ହେବ। ଏଥିରେ ସେ ଅଭିନେତା ବରୁନ ଧାୱନଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ଏମାନଙ୍କ ସହ ଶିକନ୍ଦର ଶେଖ୍, ଠାକୁର ଅନୁପ ସିଂ, ଅପୂର୍ବା ଅରୋରାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ସାମନ୍ଥା ୨୦୧୦ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ସେ 'ଶକୁନ୍ତଳମ୍'ରେ ନଜରକୁ ଆସିଥିଲେ। ଏଥିସହ ତାଙ୍କୁ ଟେଲିଭିଜନ ଶୋ' ଏବଂ କିଛି ମ୍ୟୁଜିକ୍ ଭିଡିଓରେ ଦେଖିବାକୁ ମିଳିଛି।

# କକ୍ଷପଥରେ ଗ୍ରହର ସମ୍ଭାବ୍ୟ ମିଳନ

ନୂଆଦିଲ୍ଲୀ



ନିକଟରେ ଜ୍ୟୋତିର୍ବିଜ୍ଞାନିମାନେ ଏକ ଦୂର ତାରାର ସମାନ କକ୍ଷପଥ ଥିବା ଗୋଟିଏ ଗ୍ରହର ସମ୍ଭାବ୍ୟ ଯୁଗଳର ଅନୁସନ୍ଧାନ କରିଛନ୍ତି। ଅନୁସନ୍ଧାନକାରୀମାନେ ଗ୍ରହାବଶେଷଗୁଡ଼ିକର ଏକ ସ୍ଥାନ ଚିହ୍ନଟ କରିଛନ୍ତି, ଯାହା ଗ୍ରହର କକ୍ଷପଥକୁ ସୂଚିତ କରୁଛି। ଏହା ଏକ ନୂଆ ଗ୍ରହ ବିଲ୍ଡିଂର ବ୍ଲକ କିମ୍ବା ପୂର୍ବରୁ ସୃଷ୍ଟି ହୋଇଥିବା ଅବଶିଷ୍ଟାଂଶ ହୋଇପାରେ। ଯଦି ୨ଟି ଏକ୍ସପୋପ୍ଲାନେଟ୍ ଆମ ସୌରଜଗତ ବାହାରେ ଥିବା ଗ୍ରହ ଗୋଟିଏ କକ୍ଷପଥର ଅଂଶବିଶେଷ ହେବା ନିଶ୍ଚିତ ହୋଇଯିବ, ଯାହା ଏପର୍ଯ୍ୟନ୍ତର ସବୁଠୁ ଶକ୍ତିଶାଳୀ ପ୍ରମାଣ ହେବ। ଜ୍ୟୋତିର୍ବିଜ୍ଞାନୀ ଏବଂ ଜ୍ୟୋତିର୍ବିଜ୍ଞାନ ପ୍ରକାଶିତ ଖବରକାଗଜର ନେତୃତ୍ୱ ନେଇଥିବା ଓଲ୍‌ଗା ବାଲ୍‌ସାଲୋବ୍ରି କହିଛନ୍ତି, ୨ ଦଶନ୍ଧି ପୂର୍ବରୁ ପୂର୍ବାନୁମାନ କରାଯାଇଥିଲା ଯେ, ସମାନ ଓଜନର ଗ୍ରହ ଯୁଗଳ ସେମାନଙ୍କ ତାରା, ତଥାକଥିତ ଟ୍ରାଇଜୋନ୍ ଏବଂ ସହ କକ୍ଷପଥର ଚାରିପାଖରେ ସମାନ କକ୍ଷପଥ ବାଣ୍ଟିପାରନ୍ତି। ପ୍ରଥମ ଥର ପାଇଁ ବୈଜ୍ଞାନିକମାନେ ଏହି ଧାରଣା ସପକ୍ଷରେ ପ୍ରମାଣ ପାଇଛନ୍ତି। ସ୍ପେନ୍‌ର ମାଡ୍ରିଡ୍‌ରେ ଥିବା ସେଣ୍ଟର ଫର୍ ଆଷ୍ଟ୍ରୋବାୟୋଲୋଜିର ଛାତ୍ରମାନେ ଯୋଗଦେଇ କହିଛନ୍ତି, ଆମେ କଳ୍ପନା କରିପାରିବା କି ବୃହସ୍ପତି ପରି ଏକ ଗ୍ରହ ହଜାର ହଜାର କ୍ଷୁଦ୍ରଗ୍ରହ ସହ ଏହାର କକ୍ଷପଥ ବାଣ୍ଟିପାରେ। କିନ୍ତୁ ଗ୍ରହମାନେ ସମାନ କକ୍ଷପଥରେ ଅଂଶୀଦାର ହୋଇପାରିବେ ବୋଲି କୁହାଯାଇପାରେ। ଟ୍ରୋଜନ୍‌ସ ହେଉଛି ଏକ କ୍ଷୁଦ୍ର ପଥର ଖଣ୍ଡ ଯାହା ଆମ ସୌରଜଗତରେ ଗ୍ରହ ସହ ସମାନ କକ୍ଷପଥରେ ବୁଲିଥାଏ। ବୃହସ୍ପତିର ଟ୍ରୋଜନ୍ କ୍ଷୁଦ୍ରଗ୍ରହ ହେଉଛି ଏହାର ଉଦାହରଣ। ଏଗୁଡ଼ିକ ହେଉଛି ୧୨ ହଜାରରୁ ଅଧିକ ପଥର ଖଣ୍ଡ ଯାହା ସାଧାରଣତଃ ସୂର୍ଯ୍ୟର ବଡ଼ ଗ୍ରହ(ହାଇଡ୍ରୋଜେନ୍ ଏବଂ ହିଲିୟମ୍ ଥିବା ମିଶ୍ରଣ ଗ୍ରହ) ସହିତ ସମାନ କକ୍ଷପଥରେ ବୁଲିଥାଏ। ଜ୍ୟୋତିର୍ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି କି ଟ୍ରୋଜନ୍‌ସ ସୂର୍ଯ୍ୟ ବ୍ୟତୀତ ଅନ୍ୟ ତାରାଙ୍କ ନିକଟରେ ମଧ୍ୟ ରହିପାରନ୍ତି। ହେଲେ ଏହାକୁ ପ୍ରମାଣିତ କରାଯାଇପାରି ନାହିଁ। ଅନୁସନ୍ଧାନକାରୀଙ୍କ ଅନୁଯାୟୀ, ଏହି ଗ୍ରହାବଶେଷଗୁଡ଼ିକ ବିଶ୍ୱରେ ଥିବା ଏକ ଟ୍ରୋଜନ୍ ଦୁନିଆକୁ କିମ୍ବା ଏକ ଗ୍ରହକୁ ସୂଚାଉ ଥାଇପାରେ।

# ମା' ପାଇଁ ଦୁବାଇରୁ ଟମାଟୋ ପଠାଇଲେ ଝିଅ



**ଦୁବାଇ:** ଟମାଟୋ ଦର ବର୍ତ୍ତମାନ ଆକାଶ ଛୁଇଁଲାଣି। ଅନେକ ଲୋକ ଦୈନନ୍ଦିନର ଖାଦ୍ୟରେ ଟମାଟୋର ବ୍ୟବହାର କରୁଥିଲେ ମଧ୍ୟ ଏବେର ଦର ପାଇଁ ସେମାନେ କଷ୍ଟରେ ଅଛନ୍ତି। ନିକଟରେ ଏକ ଟୁଇଟର ପୋଷ୍ଟ ଭାଇରାଲ ହେବାରେ ଲାଗିଛି; ଯେଉଁଥିରେ ଜଣାପଡ଼ିଛି, ଦେଶରେ ଟମାଟୋ ଦର ବୃଦ୍ଧି ଯୋଗୁ ଜଣେ ମା' ଝିଅ ଦ୍ୱାରା ବିଦେଶରୁ ଟମାଟୋ ମଗାଇଛନ୍ତି। ସୂଚନା ମୁତାବକ, ଦୁବାଇରେ ରହୁଥିବା ଜଣେ ମହିଳାଙ୍କ ଝିଅ ଗ୍ରୀଷ୍ମଛୁଟିରେ ଘରକୁ ଆସୁଛନ୍ତି। ସେ ତାଙ୍କ ମା'ଙ୍କୁ ସେଠାରୁ କ'ଣ ଦରକାର ବୋଲି ପ୍ରଶ୍ନ କରିଥିଲେ। ତାଙ୍କ ମା' ଦୁବାଇରୁ ୧୦ କିଲୋ ଟମାଟୋ ପଠାଇବାକୁ କହିଥିଲେ। ଝିଅ ମା'ଙ୍କ କଥା ଶୁଣି ଦୁବାଇରୁ ଶୁଟକେସ୍‌ରେ ୧୦ କିଲୋ ଟମାଟୋ ପଠାଇଛନ୍ତି। ତାଙ୍କର ଅନ୍ୟ ଜଣେ ଝିଅ ଟୁଇଟରରେ ପୋଷ୍ଟ ଜରିଆରେ ଏହା ଜଣାଇଛନ୍ତି। ମହିଳା ଜଣକ ଘରେ ଅଧିକ ମାତ୍ରାରେ ଟମାଟୋର ବ୍ୟବହାର କରନ୍ତି। ଟମାଟୋ ଆଚାର କିମ୍ବା ଚଟଣି କରିବା ପାଇଁ ସେ ଝିଅ ହାତରେ ଟମାଟୋ ମଗାଇଥିବା କହିଛନ୍ତି।

# କାମାରେ ସୁନେଲି ୱାଟରସ୍ପାଉଟ୍



**ମସ୍କୋ:** ପ୍ରକୃତି ସବୁବେଳେ କିଛି ନା କିଛି ଚମତ୍କାର କରି ଆମକୁ ଆଶ୍ଚର୍ଯ୍ୟ କରିଥାଏ। ନିକଟରେ ପ୍ରକୃତିର ଏପରି ଏକ ଭିଡିଓ ବେଶ୍ ଭାଇରାଲ ହେଉଛି। ଭିଡିଓରେ ରୁଷିଆର ପେର୍ମ ଅଞ୍ଚଳର କାମା ନଦୀରେ ଏକ ପ୍ରାକୃତିକ ସୁନେଲି ଜଳପ୍ରବାହ ଦେଖିବାକୁ ମିଳିଛି। ଏହାକୁ ଜଣେ ବ୍ୟକ୍ତି ତାଙ୍କ ମୋବାଇଲରେ କଏଦ କରି ଟୁଇଟରରେ ପୋଷ୍ଟ କରିଛନ୍ତି। ଜୁଲାଇ ୧୩ରେ କଏଦ୍ ହୋଇଥିବା ଏହି ଭିଡିଓରେ ଜଳସ୍ତର ଉଚ୍ଚ ଏବଂ ଲମ୍ବ ଭାବେ ଆକାଶ ଆଡ଼କୁ ଗତି କରୁଛି। ଏପରି ୱାଟରସ୍ପାଉଟ୍‌ଗୁଡ଼ିକ ଟ୍ରପିକାଲ ଏବଂ ସବ୍‌ଟ୍ରପିକାଲ ଅଞ୍ଚଳରେ ସୃଷ୍ଟି ହୋଇଥାଏ। କେତେକ ସମୟରେ ୟୁରୋପ, ମଧ୍ୟ ପୂର୍ବ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ଆଣ୍ଟାର୍କଟିକା ସମେତ ଅନେକ ଅଞ୍ଚଳରେ ଏଭଳି ପ୍ରାକୃତିକ ଜଳପ୍ରବାହ ଦେଖାଯାଇଥିବା ସୂଚନା ରହିଛି। ୱାଟରସ୍ପାଉଟ୍ ସାଧାରଣତଃ କ୍ଷତିକାରକ ନୁହେଁ। ଏଗୁଡ଼ିକ ଅଧିକ ଜଳରେ ଦେଖିବାକୁ ମିଳିଥାଏ। ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ କମେଣ୍ଟ କରିଥିବା ନଜରକୁ ଆସିଛି।

# କାସ୍ପରଙ୍କ ପ୍ରଥମ ଷ୍ଟେଜ ବିଜୟ

ପ୍ୟାରିସ, ୨୦।୭

କାସ୍ପର ଆସ୍‌ଗ୍ରୀନ ଚଳିତ ଟୁର୍‌ ଡି' ଫ୍ରାନ୍ସର ସାଇକ୍ଲିଂ ରେସ୍‌ର ୧୮ତମ ଷ୍ଟେଜ ଜିତିଛନ୍ତି। ବୋର୍ଗ-ଏନ୍‌-ବ୍ରେସେ ଷ୍ଟେଜ୍‌ର


କାସ୍ପର ଆସ୍‌ଗ୍ରୀନ

ଅନ୍ତିମ ପର୍ଯ୍ୟାୟରେ ଯେଉଁ ୪ ଜଣ ରାଇଡରଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ହୋଇଥିଲା, ସେମାନଙ୍କ ମଧ୍ୟରେ ଏହି ସେଡୋଲ କ୍ୱିକ୍ ଷ୍ଟେପ୍ ରାଇଡର ଅନ୍ୟତମ ଥିଲେ। କିନ୍ତୁ ପାସ୍କାଲ ଏନ୍‌ଗ୍ରୋନ୍ ଓ ଜୋନାସ ଆବ୍ରାହମସେନ୍‌ଙ୍କୁ ପଛରେ ପକାଇ ଦେଇଥିଲେ ଡେନମାର୍କର ଆସ୍‌ଗ୍ରୀନ। ଟୁର୍‌ ଡି' ଫ୍ରାନ୍ସରେ ଏହା ହେଉଛି ତାଙ୍କର ପ୍ରଥମ ଷ୍ଟେଜ୍ ବିଜୟ। ରେସ୍‌ର ଆଉ ୩ଟି ଷ୍ଟେଜ ବାକି ରହିଥିବା ବେଳେ ଜେନେରାଲ କ୍ଲାସିଫିକେଶନରେ ତାଙ୍କ ଦେଶର ଜୋନାସ ଭିଙ୍ଗେଗାର୍ଡ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଦୁଇ ଥର ବିଜେତା ଟାଡେଜ ପୋଗାକାର ୭ ମିନିଟ ୩୫ ସେକେଣ୍ଡରେ ଗତଥର ଚାମ୍ପିୟନଙ୍କଠାରୁ ପଛରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବ୍ରିଟେନର ଆଡାମ ୟେଟ୍ସ ତୃତୀୟ ସ୍ଥାନରେ ଅଛନ୍ତି। ମୋଟିଅର୍ସଠାରୁ ୧୮୪.୯ କିଲୋମିଟର ଦୂର ଗୁରୁବାର ଅନୁଷ୍ଠିତ ଏହି ରେସ୍‌ରେ ଜାସ୍ପର ଫିଲିପସେନ୍ ତାଙ୍କର ୫ମ ଷ୍ଟେଜ୍ ବିଜୟ ଲକ୍ଷ୍ୟରେ ରହିଥିଲେ। ସେ କିନ୍ତୁ ୪ର୍ଥ ହୋଇଥିଲେ।

# ଶତକୀୟ ଭାଗୀଦାରି ପରେ ବିପର୍ଯ୍ୟୟ

**ଭାରତ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଟେଷ୍ଟ**

ପୋର୍ଟ ଅଫ୍ ସ୍ପେନ୍, ୨୦।୭ (ପି.ଟି.)

ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ଘରୋଇ ଦଳ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ରୋହିତ ଶର୍ମା (୮୦ ରନ) ଓ ଯଶସ୍ୱୀ ଜୟସ୍ୱାଲ (୫୭ ରନ) ଭାରତକୁ ଭଲ ଆରମ୍ଭ ଦେଇଥିଲେ। ଉଭୟେ ଓପନିଂ ପାର୍ଟନରଶିପ୍‌ରେ ୧୩୯ ରନ ଯୋଗ କରିଥିଲେ। ଜୟସ୍ୱାଲଙ୍କୁ ଜାସନ ହୋଲ୍ଡର କିର୍କ ମାକେଞ୍ଜିଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେବାରୁ ଏହି ପାର୍ଟନରଶିପ୍ ଭାଙ୍ଗିଯାଇଥିଲା। ଗୋଟିଏ ସିରିଜରେ ଓପନିଂ ପାର୍ଟନରଶିପ୍‌ରେ କ୍ରମାଗତ ଶତକୀୟ ଭାଗୀଦାରି କରିବାରେ ରୋହିତ ଓ ଜୟସ୍ୱାଲ ଦ୍ୱିତୀୟ ଭାରତୀୟ ଯୋଡ଼ି ବିବେଚିତ ହୋଇଛନ୍ତି। ପୂର୍ବରୁ ୧୯୯୯ରେ ଏସ୍. ରମେଶ ଓ ଦେବାଙ୍ଗ ଗାନ୍ଧୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହି ସଫଳତା ହାସଲ କରିଥିଲେ। ପରେ ଭାରତର କେତୋଟି ଉଇକେଟ ଶୀଘ୍ର ପତନ ଘଟିଥିଲା। ଜୟସ୍ୱାଲଙ୍କ ପରେ ରୋହିତଙ୍କ ସହ ଯୋଗ ଦେଇଥିବା ଶୁବମନ ଗିଲ୍ ମାତ୍ର ୧୦ ରନ କରିଥିବାବେଳେ କେମର ରୋଚ୍‌ଙ୍କ ବଲ୍‌ରେ ଜୋଶୁଆ ଡା'ସିଲ୍‌ଭାଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ରୋହିତ ଶର୍ମାଙ୍କୁ ଜୋମେଲ ୱାରିକାନ ବୋଲ୍ଡ କରିଦେଇଥିଲେ। ଚା'ପାନ ବିରତି ବେଳକୁ ଭାରତ ଅଜିଙ୍କ୍ୟ ରାହାନେଙ୍କ ଉଇକେଟ ହରାଇଥିଲା। ରାହାନେ ୩୬ଟି ବଲ୍ ସାମ୍ନା କରି ମାତ୍ର ୮ ରନ କରିଥିଲେ। ସେତେବେଳେ ବିରାଟ କୋହଲି ୧୮ରନ କରି ଅପରାଜିତ ରହିଥିଲେ।


ଭାରତ ଓ ୱେଷ୍ଟଇଣ୍ଡିଜ୍ ଶତକୀୟ ଟେଷ୍ଟ ଅବସରରେ ରୋହିତ ଶର୍ମାଙ୍କୁ ଫଳକ ପ୍ରଦାନ କରୁଛନ୍ତି ୱେଷ୍ଟଇଣ୍ଡିଜ୍ କ୍ରିକେଟ ବୋର୍ଡ ସଭାପତି କିଶୋର ଶ୍ୟାଲୋ (ବାମ) ଓ ବ୍ରାଏନ୍ ଲାରା।

## ମୁକେଶଙ୍କ ଟେଷ୍ଟ ପଦାର୍ପଣ

ଭାରତ ତରଫରୁ ବେଙ୍ଗଲ ପେସ୍ ବୋଲର ମୁକେଶ କୁମାର ତାଙ୍କ ଟେଷ୍ଟ ପଦାର୍ପଣ କରିଛନ୍ତି। ତାଙ୍କୁ ଆଘାତପ୍ରାପ୍ତ ଶାର୍ଦ୍ଦୂଳ ଠାକୁରଙ୍କ ସ୍ଥାନରେ ସୁଯୋଗ ମିଳିଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ରେମନ ରିଫରଙ୍କୁ ଦଳରୁ ବାଦ୍ ଦେଇଛି। ତାଙ୍କ ସ୍ଥାନରେ କିର୍କ ମ୍ୟାକେଞ୍ଜି ଟେଷ୍ଟ ପଦାର୍ପଣ କରିଛନ୍ତି। ଡୋମିନିକାଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଏକ ଇନିଂସ ଓ ୧୪୧ ରନରେ ବିଜୟ ହାସଲ କରି ଭାରତ ଦୁଇ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ:** ୫୦.୪ ଓଭରରେ ୧୮୨/୪ (ରୋହିତ ଶର୍ମା-୮୦, ଯଶସ୍ୱୀ ଜୟସ୍ୱାଲ-୫୭; ଜାସନ ହୋଲ୍ଡର-୧/୨୨, ଜୋମେଲ ୱାରିକାନ-୧/୨୬, କେମର ରୋଚ୍-୧/୪୧, ଶାନନ ଗାବ୍ରିଏଲ୍-୧/୪୬)।

# ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଆରମ୍ଭ


ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

ଭୁବନେଶ୍ୱର, ୨୦।୭ (ବିଜୟ ରଣା)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଦ୍ୱାଦଶ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ୟୁଥ୍, ଜୁନିୟର ଓ ସିନିୟର ବିଭାଗରେ ୧୦୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏହି ୪ ଦିନିଆ ପ୍ରତିଯୋଗିତାର ଶେଷ ଦୁଇ ଦିନ କଳିଙ୍ଗ ଷ୍ଟାଡିୟମସ୍ଥିତ ଫାୟାର ଆର୍ମ ଶୁଟିଂ ରେଞ୍ଜରେ ହେବ। ଏହା ଆଇଏସ୍‌ଏସ୍‌ଏଫ୍ ନିୟମାବଳୀ ଅନୁସାରେ ହେଉଛି। ଏଥିରୁ ଆଗାମୀ ପ୍ରି-ନ୍ୟାଶନାଲ ଓ ପୂର୍ବାଞ୍ଚଳ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯିବ। ଆସନ୍ତା ୨୩ ତାରିଖ ସନ୍ଧ୍ୟାରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ଅକ୍ଟୋବରରେ ରାଜ୍ୟ ଓପନ ଶୁଟିଂ ପ୍ରତିଯୋଗିତା ହେବ। ଆସୋସିଏଶନ ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଡ. ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଡ. ଗୌରୀ ମହାନ୍ତି, ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ ଓ ସହସମ୍ପାଦକ ଆଶିଷ କୁମାର ନାୟକ ପ୍ରମୁଖ ଆୟୋଜନ କରୁଛନ୍ତି।

# ଭାରତର କ୍ରମାଗତ ତୃତୀୟ ପରାଜୟ

ରସେଲସିମ୍ (ଜର୍ମାନୀ), ୨୦।୭(ପି.ଟି.)

ଜର୍ମାନୀ ଟୁର୍‌ରେ ଯାଇଥିବା ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଦଳ ୦-୨ରେ ଜର୍ମାନୀଠାରୁ ହାରିଯାଇଛି। ଟୁର୍‌ରେ ଦଳର ଏହା ହେଉଛି କ୍ରମାଗତ ତୃତୀୟ ପରାଜୟ। ବିଜୟୀ ଦଳ ପକ୍ଷରୁ ନାଇକ୍ ଲୋରେଞ୍ଜ (୫୨ତମ) ଓ ଚାର୍ଲୋଟ ଷ୍ଟାପେନ୍‌ହର୍ଷ୍ଟ (୫୪ତମ) ୨ଟି ଗୋଲ ସ୍କୋର କରିଥିଲେ। ଭାରତ ଏହାର ପୂର୍ବ ଦୁଇଟି ମ୍ୟାଚରେ ଚାଇନାଠାରୁ ୨-୩ ଏବଂ ଜର୍ମାନୀଠାରୁ ୧-୪ ଗୋଲରେ ପରାଜିତ ହୋଇଥିଲା। ଆଗାମୀ ହାଙ୍ଗ୍‌ଝୋ ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳର ପ୍ରସ୍ତୁତିର ଏକ ଅଂଶବିଶେଷ ସ୍ୱରୂପ ୩ ମ୍ୟାଚ ବିଶିଷ୍ଟ ଜର୍ମାନ ଟୁର୍ ଆୟୋଜନ କରାଯାଇଥିଲା। ଭାରତୀୟ ମହିଳା ଦଳ ଟେରାସା ଗସ୍ତ କରିବ। ସେଠାରେ ସ୍ପାନିଶ ହକି ଫେଡେରେଶନର ୧୦୦ତମ ବାର୍ଷିକୀ ପାଳନ ଅବସରରେ ଏକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ।


ଭାରତ ଓ ଜର୍ମାନୀ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପାକିସ୍ତାନ ୪ ଉଇକେଟରେ ବିଜୟୀ

ଗାଲେ (ଶ୍ରୀଲଙ୍କା), ୨୦।୭(ଏପି)

ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପାକିସ୍ତାନ ୪ ଉଇକେଟରେ ବିଜୟ ହାସଲ କରିଛି। ହେଲେ ଦଳ ପାଇଁ ରନ୍ ଚେଜ୍ ସହଜ ନ ଥିଲା। ମ୍ୟାଚରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇ ୩୧୨ରନ କରିଥିଲା। ଜବାବରେ ପାକିସ୍ତାନ ଏହାର ପ୍ରଥମ ଇନିଂସରେ ୪୬୧ ରନ କରିଥିଲା। ଘରୋଇ ଦଳ ଦ୍ୱିତୀୟ ଇନିଂସରେ ୨୭୯ କରିବା ପରେ ପାକିସ୍ତାନ ପାଇଁ ୧୩୧ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଭ୍ରମଣକାରୀ ଦଳର ଆରମ୍ଭ କିନ୍ତୁ ଉତ୍ସାହଜନକ ନ ଥିଲା। ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ଦଳ ୩ ଉଇକେଟରେ ୪୮ରନ କରିଥିଲା। ଗୁରୁବାର ଅନ୍ତିମ ଦିବସରେ ପାକିସ୍ତାନ ୮୩ ରନ ଆବଶ୍ୟକ କରୁଥିଲା। ଏହା ୨୦୦୯ ଗାଲେ ଟେଷ୍ଟ କଥାକୁ ମନେପକାଇ ଦେଇଥିଲା। ସେତେବେଳେ ଭ୍ରମଣକାରୀ ଦଳ ୧୬୮ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଏକଦା ହାତରେ ୮ ଉଇକେଟ ଥାଇ ୯୭ରନ ଆବଶ୍ୟକ କରୁଥିଲା। ମାତ୍ର ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟିବାରୁ ୧୧୭ରେ ଅଲଆଉଟ ହୋଇଯାଇଥିଲା। ଏଠାରେ ଗୁରୁବାର ବାବର ଆଜାମ ଓପନିଂ ବ୍ୟାଟର ଇମାମୁଲ ହକ୍‌ଙ୍କ ସହ ଚତୁର୍ଥ ଉଇକେଟରେ ୪୧ ରନ ଯୋଗ କରିଥିଲେ। ଫଳରେ ବିଜୟ ଲକ୍ଷ୍ୟ ହାସଲ ସହଜ ମନେ ହେଉଥିଲା, କିନ୍ତୁ ପାକିସ୍ତାନ ଅଧିନାୟକଙ୍କୁ ୨୪ରେ ଆଉଟ କରି ପ୍ରଭାତ ଜୟସୁରିୟା ଶ୍ରୀଲଙ୍କା ପାଇଁ ଆଶା ସଞ୍ଚାର କରିଥିଲେ। ସାଉଦ୍ ଶକିଲ ଓ ଇମାମ ୫ମ ଉଇକେଟରେ ୪୩ ରନ ଯୋଗ କରିଥିଲେ। ଚମତ୍କାର ଫୁଟ୍‌ୱର୍କ ଦ୍ୱାରା ଶକିଲ ସ୍ପିନରଙ୍କ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ରମେଶ ମେଣ୍ଡିସଙ୍କ ବଲ୍‌କୁ କଭର ଡ୍ରାଇଭ୍ ଖେଳିବାକୁ ଯାଇ କଟ୍ ବିହାଇଣ୍ଡ ହୋଇଥିଲେ। ଇନିଂସରେ ମେଣ୍ଡିସଙ୍କର ଏହା ଥିଲା ପ୍ରଥମ ଉଇକେଟ। ସର୍ଫରାଜ ଅହମଦ ଏକ ସୁଇପ୍ ଶଟ ଖେଳିବାକୁ ଯାଉଥିବା ବେଳେ ଜୟସୁରିୟା ତାଙ୍କ ୪ର୍ଥ ଉଇକେଟ ଅକ୍ତିଆର କରିଥିଲେ। ସର୍ଫରାଜ ବ୍ୟାକ୍‌ୱାର୍ଡ ସ୍କୋୟାର ଲେଗ୍‌ରେ କୁସାଲ ମେଣ୍ଡିସଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଯାଇଥିଲେ। ଇମାମ ୮୪ ବଲ୍‌ରେ ୪ ଚୌକା ଓ ଗୋଟିଏ ଛକା ସହ ୫୦ରନ କରି ଅପରାଜିତ ଥିବାବେଳେ ଅପରପାର୍ଶ୍ୱରେ ଉଇକେଟମାନ ପତନ ଘଟିବାରେ ଲାଗିଥିଲା। ୬ଷ୍ଠ ଉଇକେଟ ପତନ ପରେ ଆଘା ସଲମନ ବ୍ୟାଟିଂ କରିବାକୁ ଆସିଥିବା ବେଳେ ପାକିସ୍ତାନ ବିଜୟ ପାଇଁ ୪ ରନ ଆବଶ୍ୟକ କରୁଥିଲା। ଜୟସୁରିୟାଙ୍କ ବଲ୍‌କୁ ସେ ଲଙ୍ଗ ଅଫ ଅଞ୍ଚଳକୁ ଏକ ଛକା ମାରି ଦଳକୁ ବିଜୟୀ କରାଇଥିଲେ। ପ୍ରଥମ ଇନିଂସରେ ଦ୍ୱିଶତକ ହାସଲ କରିଥିବା ଶକିଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସଉଦ ସକିଲ।

No.CAD-1376

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 7 / 2016**
In the Matter of:
Odisha State Co-operative Marketing Federation Ltd, Bhubaneswar ................. Plaintiff/ Claimant
-Vrs
Parswanath Food Processors, Nuapada ............. Defendants/Respondent
**NOTICE**
No. 11570 (Legal-1 (C)/Dated: 27.06.2023
To,
Sri Abhisekh Bafna,
S/o, Sri Gautam Chand Bafana,
Prop. of Parswanath Food Processors
At/P.O.- Gorma, P.S.- Khariar Road, Dist.- Nuapada
Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 7 / 2016** for passing an award for recoverable of Rs.59,51,178.00/- (Rupees Fifty Nine lakhs Fifty one thousand one Hundred Seventy Eight only). Whereas Notice issued to you by R.P. with A.D but postal AD has not returned. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.
By Order of the Court
Sd./- Sub-Asst. Registrar, Cooperative Societies (Legal)

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 4 / 2016**
In the Matter of:
Odisha State Co-operative Marketing Federation Ltd, Bhubaneswar ................. Plaintiff/ Claimant
-Vrs
Nilamadhaba Rice Mill, Nuapada ............. Defendants/Respondent
**NOTICE**
No. 11566 (Legal-1 (C)/Dated: 27.06.2023
To,
Sri Susant Kumar Sahoo,
S/o Sri Late Damodar Sahoo
Prop. of Nilamadhaba Rice Mill,
At- Mohara, P.O.- Badi, P.S.- Khariar, Dist.- Nuapada
Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 4 / 2016** for passing an award for recoverable of Rs.6,01,747.00/- (Rupees Six lakhs One thousand Seven hundred Forty Seven only). Whereas Notice issued to you by R.P. with A.D but postal AD has not returned. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.
By Order of the Court
Sd./- Sub-Asst. Registrar, Cooperative Societies (Legal)

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 6 / 2016**
In the Matter of:
Odisha State Co-operative Marketing Federation Ltd, Bhubaneswar ................. Plaintiff/ Claimant
-Vrs
Lingaraj Rice Mill, Nuapada ............. Defendants/Respondent
**NOTICE**
No. 11572 (Legal-1 (C)/Dated: 27.06.2023
To,
Sri Janamitra Sharma,
S/o Sri Om Prakash Sharma,
Prop. of Lingaraj Rice Industries
At- Jadamunda, P.O.- Darlipada, P.S.- Komna, Dist.- Nuapada
Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 6/ 2016** for passing an award for recoverable of Rs.65,82,347.00/- (Rupees Sixty Five lakhs Eighty two thousand Three hundred Forty Seven only). Whereas Notice issued to you by R.P. with A.D but postal AD has not returned. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.
By Order of the Court
Sd./- Sub-Asst. Registrar, Cooperative Societies (Legal)

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 3 / 2016**
In the Matter of:
Odisha State Co-operative Marketing Federation Ltd, Bhubaneswar ................. Plaintiff/ Claimant
-Vrs
Manikyam Rice Mill, Bargarh ............. Defendants/Respondent
**NOTICE**
No. 11568 (Legal-1 (C)/Dated: 27.06.2023
To,
Smt. P. Manikyam,
W/o Sri Brahama Reddy
Prop. of Manikyam Rice Mill
At-Attabira, P.O-Attabira
P.S. Attabira, Dist.- Bargarh
Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 3 / 2016** for passing an award for recoverable of Rs.47,63,781.00/- (Rupees Forty Seven lakhs Sixty three thousand Seven hundred Eighty one only). Whereas Notice issued to you by R.P. with A.D has not returned. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.
By Order of the Court
Sd./- Sub-Asst. Registrar, Cooperative Societies (Legal)

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 5 / 2016**
In the Matter of:
Odisha State Co-operative Marketing Federation Ltd, Bhubaneswar ................. Plaintiff/ Claimant
-Vrs
Gayatri Rice Mill, Nuapada ............. Defendants/Respondent
**NOTICE**
No. 11574 (Legal-1 (C)/Dated: 27.06.2023
To,
Smt. Saubhagini Bisi,
W/o Sri Pabitra Mohan Bisi,
Prop. of M/S Gayatri Rice Mill
At- Gadtar, P.O./P.S.- Nuapada, Dist.- Nuapada
Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 5/ 2016** for passing an award for recoverable of Rs.68,03,984.00/- (Rupees Sixty Eight lakhs Three thousand Nine hundred Eighty Four only). Whereas Notice issued to you by R.P. with A.D but postal returned with remark Addressee temporary unavailable. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.
By Order of the Court
Sd./- Sub-Asst. Registrar, Cooperative Societies (Legal)

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 1 / 2016**
In the Matter of:
Odisha State Co-operative Marketing Federation Ltd, Bhubaneswar ................. Plaintiff/ Claimant
-Vrs
Manikeswari Traders, Kalahandi ............. Defendants/Respondent
**NOTICE**
No. 11576 (Legal-1 (C)/Dated: 27.06.2023
To,
Sri Manoj Kumar Bansal
S/o Sri Pyarelal Agarwal,
Prop. of M/S Manikeswari Traders
At/P.O.- Narla Road, P.S.- Narla, Dist.- Kalahandi
Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 1 / 2016** for passing an award for recoverable of Rs.45,80,756.00/- (Rupees Forty Five lakhs Eighty thousand Seven hundred Fifty Six only). Whereas Notice issued to you by R.P. with A.D but postal AD has not returned. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.
By Order of the Court
Sd./- Sub-Asst. Registrar, Cooperative Societies (Legal)

OIPR-39017/11/0012/2324

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.5929/PSC, Dt.20.7.23**
**1E-15-2020/21 (DR-II)**

**No.D-89:** It is information of all concerned that, pursuant to Advt. No. 13 of 2018-19, 13 (Thirteen) candidates, bearing following Roll Nos. have been allowed to appear the Viva Voce test to determine their eligibility for recruitment to the post of Assistant Professor (Dentistry), The Viva Voce test in respect of the following candidates will be held in the Office of the Commission at 19, Dr. P.K. Parija Road, Cuttack-753001 on 29.07.2023 as per the programme mentioned below.

| Date | Time of Viva Voce Test | Roll No. of the candidates |
|---|---|---|
| 29.07.2023 | 10.30 A.M. | 151, 152, 155, 156, 158, 161, 164 & 175 = **08 Candidates** |
| | 2.30 P.M. | 176, 178, 180, 181 & 183 = **05 Candidates** |

* The candidates are advised to report in the office of the Commission half an hour before the commencement of interview on the scheduled date and time as mentioned above.

**Sd./- Secretary**
OIPR-12002/11/0062/2324

**ପୌରପରିଷଦ କାର୍ଯ୍ୟାଳୟ:ଝାରସୁଗୁଡ଼ା**
**MUNICIPAL OFFICE: JHARSUGUDA**
ସଂଖ୍ୟା-୪୫୬୮ ତା.୧୯.୦୭.୨୦୨୩
e-Mail:jsgmunicipality@yahoo.com ☎:୦୬୬୪୫-୨୭୩୦୧୯
jharsugudam.hud@nic.in

**ଅଭିବ୍ୟକ୍ତି ପ୍ରକାଶନ**

**No.C-866:** ଏତଦ୍ୱାରା ଝାରସୁଗୁଡା ପୌରପରିଷଦର ସମସ୍ତ ୨୪ ଗୋଟି ୱାର୍ଡର ମିଶନ ଶକ୍ତି ଗୋଷ୍ଠୀ/ବସ୍ତିବାସିନ୍ଦା ସଂଗଠନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୁକ୍ତା ଯୋଜନା ମାଧ୍ୟମରେ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ୱାର୍ଡମାନଙ୍କରେ ହେବାକୁ ଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟଗୁଡିକର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା(Implementing Agency) ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତିବାସିନ୍ଦା ସଂଗଠନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । ଏଣୁ, ଏଥିନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତିବାସିନ୍ଦା ସଂଗଠନମାନେ ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ ତା୨୯.୦୭.୨୦୨୩ ରିଖ ଅପରାହ୍ନ ୩ଟା ସୁଦ୍ଧା କେବଳ ସ୍ପିଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା ପୌରପରିଷଦରେ ଥିବା ଟେଣ୍ଡର ବାକ୍ସରେ ସିଧାସଳଖ ପକେଇ ଆବେଦନ କରିପାରିବେ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା ତା୨୯.୦୭.୨୦୨୩ ରିଖ ୪.୦୦ ଘଟିକା ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ ବସ୍ତି ବାସିନ୍ଦା ସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ଝାରସୁଗୁଡା ଜିଲ୍ଲା ୱେବସାଇଟ www.jharsuguda.nic.in ରୁ ମଧ୍ୟ ଡାଉନଲୋଡ କରିପାରିବେ । ଲଫାପାର ଉପରେ "ମୁକ୍ତା ଯୋଜନା ଦ୍ୱାରା ସହର ରୂପାନ୍ତରୀକରଣ ନିମନ୍ତେ ଆର୍ଥିକ ବର୍ଷ ୨୦୨୩-୨୦୨୪ ପାଇଁ ଅନୁମୋଦିତ ହୋଇଥିବା କାର୍ଯ୍ୟର ଆବେଦନ" ଲେଖାଥିବା ଆବଶ୍ୟକ । ଅଧିକ ଜାଣିବା ପାଇଁ ଝାରସୁଗୁଡା ପୌରପରିଷଦ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରନ୍ତି ।

**ବିଶେଷ ଦ୍ରଷ୍ଟବ୍ୟ:**
୧. ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଝାରସୁଗୁଡା ପୌରପରିଷଦ କିମ୍ବା ଜିଲ୍ଲା ଦ୍ୱାରା କୌଣସି ଚୁକ୍ତିଭିତ୍ତିକ କାର୍ଯ୍ୟ ଯଥା- (ଆହାର, FSTP, MCC, MRF, ଚୁଡା ଛତୁଆ ଇତ୍ୟାଦିରେ) କିମ୍ବା ମୁକ୍ତା ଯୋଜନାର କୌଣସି କାର୍ଯ୍ୟରେ ସମ୍ପୃକ୍ତ ହୋଇ ନ ଥିବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ଝାରସୁଗୁଡା ପୌରପରିଷଦ
OIPR-13165/11/0014/2324

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଯଶୋଦା
ସ୍ୱାମୀ,ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଟିକେଟ ମିଳିଲେ ନିର୍ବାଚନ ଲଢ଼ିବି: ଚୌତାଲା

**ଚଣ୍ଡିଗଡ଼, ୨୦।୭:** ଇଣ୍ଡିଆନ ନ୍ୟାଶନାଲ ଲୋକ ଦଳ (ଆଇଏନ୍ଏଲ୍ଡି) ନେତା ତଥା ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲା ୨୦୨୪ ବିଧାନସଭା ନିର୍ବାଚନ ଲଢ଼ିବାକୁ ଚାହାନ୍ତି ବୋଲି ଗୁରୁବାର କହିଛନ୍ତି। ଯଦି ତାଙ୍କ ଦଳ ଟିକେଟ ଦିଏ, ତେବେ ସେ ପ୍ରସ୍ତୁତ ଥିବା ୮୮ ବର୍ଷୀୟ ଚୌତାଲା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତାଙ୍କ ନାତି ତଥା ଉପମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌତାଲାଙ୍କ ନିର୍ବାଚନମଣ୍ଡଳୀ ଜିନ୍ଦ୍‌ର ଉଚାନ କଲାଣରୁ ଲଢ଼ିବେ କି ବୋଲି ପ୍ରଶ୍ନରେ କେଉଁ ବିଧାନସଭା ଆସନରୁ ଲଢ଼ିବେ ସେ ନେଇ ଦଳ ନିଷ୍ପତ୍ତି ନେବ ବୋଲି ବର୍ଷୀୟାନ ଆଇଏନ୍ଏଲ୍ଡି ନେତା କହିଛନ୍ତି।


ମଣିପୁର ଘଟଣାକୁ ନେଇ ଗୁରୁବାର ନୂଆଦିଲ୍ଲୀଠାରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସମୟରେ ଜଣେ କର୍ମୀ ବ୍ୟାରିକେଡ ଡେଉଁଥିବା ବେଳେ ପୋଲିସ ତାଙ୍କୁ ଅଟକାଉଛି।

# ରାଜସ୍ଥାନ: କଂଗ୍ରେସର ୨୯ ଜଣିଆ ନିର୍ବାଚନ କମିଟି

**ନୂଆଦିଲ୍ଲୀ, ୨୦।୭**

ଚଳିତ ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜସ୍ଥାନ ପାଇଁ କଂଗ୍ରେସ ଗୁରୁବାର ୨୯ ଜଣିଆ ପ୍ରଦେଶ ନିର୍ବାଚନ କମିଟି ଗଠନ କରିଛି। ପ୍ରଦେଶ କଂଗ୍ରେସ ସଭାପତି ଗୋବିନ୍ଦ ସିଂ ଦୋତାସ୍ରା ନିର୍ବାଚନ କମିଟିର ଅଧ୍ୟକ୍ଷ ରହିଛନ୍ତି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ. ରଘୁବୀର ମୀନା, ରଘୁ ଶର୍ମା, ହରିଶ ଚୌଧରୀ, ପ୍ରତାପ ସିଂ କଚରିୟାୱାସ, ରାମେଶ୍ୱର ଡୁଡ଼ି, ମୋହନ ପ୍ରକାଶ, ଲାଲଚାନ୍ଦ କଟାରିଆ ପ୍ରମୁଖ କମିଟିର ସଦସ୍ୟ ରହିଛନ୍ତି। ନିର୍ବାଚନ କମିଟି ପ୍ରସ୍ତାବକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅନୁମୋଦନ କରିଥିବା ଦଳ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଗତ ୬ ତାରିଖରେ ଏଆଇସିସି ମୁଖ୍ୟାଳୟରେ ଖାର୍ଗେ, ରାହୁଲ ଗାନ୍ଧୀ, ରାଜସ୍ଥାନ ଦାୟିତ୍ୱରେ ଥିବା ସୁଖ୍ବିନ୍ଦର ରାନ୍ଧୱା, ପ୍ରଦେଶ କଂଗ୍ରେସ କମିଟି ସଭାପତି ଦୋତାସ୍ରା, ସଚିନ ପାଇଲଟଙ୍କ ବୈଠକ ବସି ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏକାଠି ଲଢ଼ିଲେ ଏବଂ ବିଶୃଙ୍ଖଳିତ ନେତାମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ରାଜସ୍ଥାନ ନିର୍ବାଚନ ଜିତିପାରିବା ବୋଲି ଉକ୍ତ ବୈଠକ ପରେ ଦଳ ପକ୍ଷରୁ କୁହାଯାଇଥିଲା। ନିର୍ବାଚନରେ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ନ କରିବାକୁ ମଧ୍ୟ ବୈଠକରେ ସୂଚନା ଦିଆଯାଇଥିଲା।

## ସୁଲତା ଦେଓ ରାଜ୍ୟ ସଭା ଉପାଧ୍ୟକ୍ଷ ପ୍ୟାନେଲ ସଦସ୍ୟ ନିଯୁକ୍ତ



**ଭୁବନେଶ୍ୱର,୨୦।୭(ଅନିଲ ଦାସ)**

ବିଜେଡି ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ରାଜ୍ୟ ସଭା ଉପାଧ୍ୟକ୍ଷ ପ୍ୟାନେଲ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ନିଯୁକ୍ତ କରିଥିବା ୮ ଜଣିଆ ଉପାଧ୍ୟକ୍ଷ ପ୍ୟାନେଲ ମଧ୍ୟରୁ ୪ ଜଣ ହେଉଛନ୍ତି ମହିଳା। ୨୦୨୨ ଜୁଲାଇରେ ରାଜ୍ୟ ସଭାକୁ ନିର୍ବାଚିତ ସୁଲତା ଶିଳ୍ପ କମିଟି, ମହିଳା ସଶକ୍ତୀକରଣ କମିଟି, ଅଫିସ ଅଫ୍ ପ୍ରଫିଟ୍ ଯୁଗ୍ମ କମିଟି, ଏମ୍ପି ଲ୍ୟାଡ କମିଟି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର କନ୍‌ସୁଲେଟିଭ କମିଟିରେ ସଦସ୍ୟ ରହିଛନ୍ତି।

## କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଓଡ଼ିଶା ଭାଜପା ନେତାଙ୍କ ଦରଦ ନାହିଁ: ବିଜେଡି

**ଭୁବନେଶ୍ୱର,୨୦।୭(ଅନିଲ ଦାସ)**

ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଓଡ଼ିଶା ଭାଜପାର କୌଣସି ଦରଦ ନାହିଁ। ସେମାନେ ଏମାନଙ୍କୁ ନେଇ ରାଜନୀତି କରିବା ଜାଣନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅବଦାନକୁ ସ୍ୱୀକାର କରିବାକୁ ରାଜ୍ୟ ଭାଜପା ନେତାମାନଙ୍କ ସତ୍‌ସାହସ ନାହିଁ। ଏମାନଙ୍କୁ ବୋନସ ଓ ପ୍ରୋତ୍ସାହନ ରାଶି ପ୍ରଦାନ ପ୍ରସଙ୍ଗରେ ଭାଜପା ନେତା ପ୍ରଦୀପ ପୁରୋହିତଙ୍କ ମନ୍ତବ୍ୟକୁ ନେଇ ରାଜ୍ୟ ଭାଜପା ଉପରେ ବର୍ଷିଛି ବିଜେଡି।

ବିଜେଡି ନେତା ତଥା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ୨୦୨୨ ଶସ୍ୟବର୍ଷ ପାଇଁ ରାଜ୍ୟର ୮ ଲକ୍ଷରୁ ଅଧିକ କେନ୍ଦୁପତ୍ର ତୋଳାଳି ଓ ହିତାଧିକାରୀଙ୍କୁ ୩ଟି ପର୍ଯ୍ୟାୟରେ ୨୫୦ କୋଟି ୭୮ ଲକ୍ଷ ଟଙ୍କା ବୋନସ, ପ୍ରୋତ୍ସାହନ ରାଶି ଓ ଆର୍ଥିକ ସହାୟତା ଦେଇ ସାରିଲେଣି। ସେଥିରୁ ୫୬ କୋଟି ଟଙ୍କା ତୃତୀୟ ପର୍ଯ୍ୟାୟରେ ପ୍ରଦାନ କରିଛନ୍ତି। କୌଣସି ରାଜ୍ୟ ସରକାର କେବେ ବି କେନ୍ଦୁପତ୍ର ତୋଳାଳି ଓ ହିତାଧିକାରୀଙ୍କୁ ଗୋଟିଏ ବର୍ଷରେ ଏତେ ଟଙ୍କାର ପ୍ରୋତ୍ସାହନ ରାଶି ଦେଇନାହାନ୍ତି। ଏକଥା ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି ଏବଂ ଏଥିସହ ସମ୍ପୃକ୍ତ ସମସ୍ତ ହିତାଧିକାରୀ ଭଲ ଭାବେ ଜାଣିଛନ୍ତି। ମାତ୍ର ବିଡ଼ମ୍ବନା ଯେ ନିଜକୁ କେନ୍ଦୁପତ୍ର ତୋଳାଳି ସଂଘର ନେତା ବୋଲାଉଥିବା ଭାଜପା ନେତା ପ୍ରଦୀପ ପୁରୋହିତ ଏ ବିଷୟରେ ମୁହଁ ଖୋଲୁନାହାନ୍ତି । କେନ୍ଦୁପତ୍ର ଉପରୁ କେନ୍ଦ୍ର ସରକାର ସଂଗ୍ରହ କରୁଥିବା ୧୮ ପ୍ରତିଶତ ଜିଏସ୍‌ଟି ଛାଡ଼ କରିବାକୁ ରାଜ୍ୟ ସରକାର ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ ଓଡ଼ିଶା ଭାଜପା ନେତା କେବେ କେନ୍ଦ୍ର ସରକାରଙ୍କ ଆଗରେ କେନ୍ଦୁପତ୍ର ତୋଳାଳିଙ୍କ ଏହି ଦାବିକୁ ଉଠାଇଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଅମ୍ଳାନ ରିପୋର୍ଟ ସରକାରଙ୍କ ଅସଲ ଚେହେରାକୁ ପଦାରେ ପକାଇଛି: ଭାଜପା

**ଭୁବନେଶ୍ୱର, ୨୦।୭(ସୁନିତ୍ ମିଶ୍ର)**

ମା' ଓ ଶିଶୁ ରକ୍ତହୀନତାର ଶିକାର ହେଲେ ସେ କେବେ ସବଳ ହେବ ନାହିଁ କି ମାନସିକ ସ୍ତରରେ ମଧ୍ୟ ବୃଦ୍ଧି ଘଟିବ ନାହିଁ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସଦ୍ୟ ପ୍ରକାଶିତ 'ଆନେମିଆ ମୁକ୍ତ ଲକ୍ଷ୍ୟ ଅଭିଯାନ' (ଅମ୍ଳାନ) ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ। ରାଜ୍ୟର ମହିଳା ଓ ଶିଶୁମାନଙ୍କ ରକ୍ତହୀନତାକୁ ନେଇ ପ୍ରକାଶ ପାଇଥିବା ଏହି ରିପୋର୍ଟ ମିଛୁଆ ରାଧୁଆ ରାଜ୍ୟ ସରକାରଙ୍କ ଅସଲ ଚେହେରାକୁ ପଦାରେ ପକାଇଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଭୋଟ୍ ବ୍ୟାଙ୍କ ପଲିଟିକ୍ସରେ ବ୍ୟସ୍ତ ରାଜ୍ୟ ସରକାର ମହିଳା ଓ ଶିଶୁମାନଙ୍କ ପୁଷ୍ଟିସାଧନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ। ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାରେ ଅସମର୍ଥ। ଏହା ରାଜ୍ୟ ସରକାରଙ୍କ ରିପୋର୍ଟରେ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ରାଜ୍ୟର ୬ରୁ ୫୯ ମାସର ଶିଶୁଙ୍କ ଭିତରେ ୪୨.୩ ପ୍ରତିଶତ ରକ୍ତହୀନତା ଦେଖାଦେଇଛି। ସେହିଭଳି ୫ରୁ ୯ ବର୍ଷ ପିଲାଙ୍କ ଭିତରେ ୪୮.୮ ପ୍ରତିଶତ ଏବଂ ୧୦ରୁ ୧୯ବର୍ଷ ଝିଅ ୫୯.୪ ପ୍ରତିଶତ, ଗର୍ଭବତୀ ମା'ମାନଙ୍କ ୬୨.୭ ପ୍ରତିଶତ, ସ୍ତନ୍ୟପାନ କରାଉଥିବା ମା' ୬୮.୬ ପ୍ରତିଶତ ରକ୍ତହୀନତାରେ ଶିକାର ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି। କେବଳ ପ୍ରଚାର, ପ୍ରସାର, ବିଜ୍ଞାପନ ଜରିଆରେ ରକ୍ତହୀନତା ଦୂର ହେବ ନାହିଁ ବୋଲି ଲେଖାଶ୍ରୀ କହିଛନ୍ତି।

# ଏକାଠି ହେଲେ କଂଗ୍ରେସ ସମେତ ୯ ଦଳ

**ଭୁବନେଶ୍ୱର, ୨୦।୭(ସୁନିତ୍ ମିଶ୍ର)**

- **ଅଗଷ୍ଟ ପ୍ରଥମ ସପ୍ତାହରେ ୯ ରାଜନୈତିକ ଦଳର ସମ୍ମିଳନୀ**
- **କଂଗ୍ରେସ ନିଜ ଦଳ ଲୋକଙ୍କୁ ସାଙ୍ଗରେ ନେଇପାରୁନି, ଅନ୍ୟ ସହିତ କେମିତି ଯିବ: ଭାଜପା**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଭାଜପା ଏବଂ ବିଜେଡି ବିରୋଧରେ ବିଭିନ୍ନ ରାଜନୈତିକ ଦଳ ଏକାଠି ହୋଇ ଏକ ବୈଠକ କରିଛନ୍ତି। ସ୍ଥାନୀୟ ଏକ ହୋଟେଲ୍‌ଠାରେ ଗୁରୁବାର ଆୟୋଜିତ ଏହି ବୈଠକରେ କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ରାଷ୍ଟ୍ରୀୟ ଜନତା ଦଳ, ସମାଜବାଦୀ ପାର୍ଟି, ସମତାକ୍ରାନ୍ତି, ଆର୍‌ପିଆଇ, ଆମ୍ ଆଦମୀ ପାର୍ଟି, ଟିଏମ୍‌ସି ଆଦି ଦଳର ନେତୃବୃନ୍ଦମାନେ ଯୋଗ ଦେଇଛନ୍ତି। ସାମ୍ପ୍ରତିକ ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ପରିସ୍ଥିତି ଉପରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ରାଜ୍ୟରେ ୨୪ ବର୍ଷର ବିଜେଡି ଏବଂ କେନ୍ଦ୍ରରେ ୯ ବର୍ଷ ହେଲା ଶାସନ କ୍ଷମତାରେ ଥିବା ଭାଜପା ସରକାର ବିରୋଧରେ ଏହି ଦଳଗୁଡ଼ିକ ଏକାଠି କିପରି ଲଢ଼ିବେ ସେନେଇ ବିଶେଷତଃ ଆଲୋଚନା ହୋଇଛି। ଅଗଷ୍ଟ ପ୍ରଥମ ସପ୍ତାହରେ ସମସ୍ତ ଅଣଭାଜପା ଏବଂ ଅଣ ବିଜେଡି ରାଜନୈତିକ ଦଳଗୁଡ଼ିକର ଏକ ବଡ଼ଧରଣର ସମ୍ମିଳନୀ ରାଜଧାନୀଠାରେ ହେବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଯେଉଁ ଦଳଗୁଡ଼ିକ ବୈଠକରେ ସାମିଲ ହେଇପାରି ନାହାନ୍ତି ସେମାନଙ୍କୁ ନେଇ ଆସନ୍ତା ୨୬ ତାରିଖରେ ଆଉ ଏକ ବୈଠକ ହେବ ବୋଲି ଜଣାପଡିଛି। ତେବେ କଂଗ୍ରେସର ଏହି ବୈଠକ କିଛି କାମ ଦେବ ନାହିଁ ବୋଲି କହି ଭାଜପା ପାଲଟା ଟାର୍ଗେଟ କରିଛି।

ବୈଠକରେ ପିସିସି ସଭାପତି କହିଛନ୍ତି, ବିଜେଡି ସରକାର ଓଡ଼ିଶାର କୃଷକ, ଯୁବକ, ମହିଳା, ଶ୍ରମିକ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଇଛି। ରାଜ୍ୟରେ ଉତ୍କଟ ଦାରିଦ୍ର୍ୟ, ଦରଦାମ୍ ବୃଦ୍ଧି, ବିଜୁଳି ଦରବୃଦ୍ଧି ଏବଂ ବିଜୁଳି କାଟ୍, ଶ୍ରମିକ ଶୋଷଣ ନୀତି, ରାଜ୍ୟର ଲକ୍ଷ ଲକ୍ଷ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ହେଲେ ରାଜ୍ୟରେ ୨୪ ବର୍ଷ ହେଲା ଶାସନରେ ଥିବା ସରକାରର ରାଜ୍ୟର ବିକାଶ ପ୍ରତି ପ୍ରତିବଦ୍ଧତା ନାହିଁ। ଏହିଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ୯ ରାଜନୈତିକ ଦଳର ନେତୃବୃନ୍ଦଙ୍କ ବୈଠକ ହୋଇଥିବା ସେ କହିଛନ୍ତି। ଆଗାମୀ ସମ୍ମିଳନୀ ପାଇଁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କୁ ଆବାହକ ଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ଏହିସବୁ ଦଳ ଏକାଠି ହୋଇ ବିଜେଡି ଏବଂ ଭାଜପା ବିରୋଧରେ ସବୁ ବ୍ଲକରେ ଆନ୍ଦୋଳନ କରିବେ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳର ଏହି ବୈଠକକୁ ନେଇ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି, ଓଡ଼ିଶାରେ କଂଗ୍ରେସ ପ୍ରଥମେ ନିଜ ଦଳ ଭିତରେ ଚାଲିଥିବା କନ୍ଦଳ କଥା ବୁଝି ତାକୁ ସୁଧାରିବାକୁ ଚେଷ୍ଟା କରୁ। କଂଗ୍ରେସ ନିଜ ଦଳର ଲୋକଙ୍କୁ ସାଙ୍ଗରେ ନେଇ ନ ଥିବାବେଳେ ଅନ୍ୟ ଦଳଗୁଡ଼ିକ ସହିତ କିପରି ଯିବ ବୋଲି ଗୋଲକ ପ୍ରଶ୍ନ କରିଛନ୍ତି।


ଭୁବନେଶ୍ୱରର ଏକ ହୋଟେଲରେ ଗୁରୁବାର ଅନୁଷ୍ଠିତ ବୈଠକରେ କଂଗ୍ରେସ ସମେତ ୯ ରାଜନୈତିକ ଦଳର ନେତୃବୃନ୍ଦ।

**Classified Everyday**
0674-2580101, 2549949



**REAL ESTATE**

**SALE**

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଭୁବନେଶ୍ୱର ପିତାପଲ୍ଲି ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74885

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

Duplex sale at Bhubaneswar @ 57 Lakhs only. Contact- 9777433701. D-74893

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି **SC Plot 976000** ରେ ବିକ୍ରିହେବ, **9439832956, 9337513276.** D-0833

ଘରବାରି 2000sqft. Re-Sale plot ହଂସପାଳଛକ Astha Management ନିକଟ ଅଟଳା ମୌଜାରେ ପ୍ଲଟ୍ ବିକ୍ରି ହେବ। sqft. 2100/-. 9437114429, 9437003399. D-74894

ଫୁଲନଖରା ତ୍ରିନାଥବଜାର ନିକଟରେ 11,00,000/- ଘରବାରି ପ୍ଲଟ୍ Electricity ସହିତ ନେଇ ଘରକରନ୍ତୁ- 9776846520. D-74892

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74886




Full body massage in homely atmosphere in all therapy. Mob: 8114881641. D-73436

Newly opened (one 8 SPA)/ (Salon Service) with export therapist. 9938843929. D-75131

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75011

Spa Kerala body Massage only best Therapist @699/- Bhubaneswar. 9337672475. D-0854

Newly open SPA positively health benefits with expert therapist. 9040286886. D-75130

**Body massage by experience, good looking therapist @999/-. (Bhubaneswar) 9078484455.** D-0759

Newly open SPA positively health benefit with expert. Contact : 7749976301. D-74554

**LEGAL NOTICE**

**IN THE COURT OF CIVIL JUDGE (J.D.), DEOGARH**
**Cs.No.1 of 2022**

Kalicharan Das ... Plaintiff
Vrs.
S. Kanhu Ranjan Prusty & another ... Defendants.

**NOTICE UNDER ORDER-5, RULE 20 (I-A) OF CPC**

To,
N. Santosh Kumar Chaudhuri, the Director of Dream Infinite Ltd. Residing at Plot No.1, B.Qr. No. 6, Ground Floor, Civil Township, Rourkela, Dist.- Sundargarh.

Take Notice that the plaintiff has filed suit against you for declaration of the sale deed as null and void. Inspite of summons you both did not appear before court on the date fixed. There by take notice through paper publication to appear before Court on 16.8.23 fixed by the Court, unless exparte order will be passed against you.

**Sd./- Civil Judge (J.D.), Deogarh**

D-0865

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରାର୍ଥୀ ଦୌଡ଼ରେ ୩ ବିଧାୟକ

**ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ: ୨୦୨୪ କସରତ**

**ସ୍ପଷ୍ଟ ହୋଇପାରୁନି ବିରୋଧୀ ଚିତ୍ର**

**ଖୋର୍ଦ୍ଧା,୨୦।୭ (ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଜିଲାର ସଦର ମହାକୁମା ହୋଇଥିବାରୁ ଏହି ଆସନ ଉପରେ ସମସ୍ତଙ୍କ ନଜର ରହିଥାଏ। ଖୋର୍ଦ୍ଧା ପୌରାଞ୍ଚଳ ଏବଂ ଖୋର୍ଦ୍ଧା ଓ ଟାଙ୍ଗି ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ଏଠାରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ୨୦୦୦ ମସିହାରୁ ଏହି ଆସନ ୨ଥର ସ୍ୱାଧୀନ ଏବଂ ୩ଥର ବିଜେଡି ହାତରେ ରହିଆସିଛି। ଏଠାରେ ଭାଜପା ଏବଂ କଂଗ୍ରେସ ତୁଳନାରେ ବିଜେଡି ତୃଣମୂଳସ୍ତରରେ ଅଧିକ ସକ୍ରିୟ ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ବିପୁଳ ଭୋଟରେ ବିଜୟ ଲାଭ କରି ବିଜୟୀ ହୋଇଥିଲେ। ଏପରି କି ଉଭୟ ବ୍ଲକରେ ବିଜେଡି ସମର୍ଥିତ ପ୍ରାର୍ଥୀ ବ୍ଲକ ଅଧ୍ୟକ୍ଷ ରହିଛନ୍ତି। ଖୋର୍ଦ୍ଧା ପୌରାଞ୍ଚଳରେ ମଧ୍ୟ ବିଜେଡି ଅଧ୍ୟକ୍ଷା, ପୌରାଧ୍ୟକ୍ଷା ସମେତ ୨୨ ୱାର୍ଡରୁ ୧୯ଟି ବିଜେଡି ବିଜୟ ଲାଭ କରିଛି।

୨୦୨୪ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ଅଙ୍କକଷା ଆରମ୍ଭ ହୋଇଗଲାଣି। ବିଧାୟକ ଟିକେଟ ଦୌଡ଼ରେ ୩ ବିଧାୟକ ଆଗ ଧାଡ଼ିରେ ରହିଛନ୍ତି। ଏଥିସହିତ ଶାସକ ଦଳରେ ଏକାଧିକ ପ୍ରାର୍ଥୀ ଆଶାୟୀ ରହିଥିବା ବେଳେ ଭାଜପାର ପ୍ରାର୍ଥିତ୍ୱ ନେଇ ଆଶଙ୍କା ରହିଛି। ଶାସକ ଦଳରୁ ଟିକେଟ ନ ମିଳିଲେ ଅସନ୍ତୁଷ୍ଟ ନେତା ଭାଜପାକୁ ଡଳିବା ସମ୍ଭାବନା ଅଧିକ ରହିଛି। ବିଜେଡିର ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବେ ବିଧାୟକ ରହିଛନ୍ତି। ଜ୍ୟୋତିରୀନ୍ଦ୍ର ୨୦୦୦ରେ ସ୍ୱାଧୀନ ଏବଂ ୨୦୦୪ରେ ବିଜେଡି ଆସନରୁ ବିଜୟ ଲାଭ କରିଥିଲେ। ଦଳରେ ତାଙ୍କର ବେଶ୍ ପ୍ରଭାବ ମଧ୍ୟ ରହିଛି। ଏବେ ପୁଣି ସେ ଟିକେଟ ଦୌଡ଼ରେ ରହିଥିବା କୁହାଯାଉଛି। ତେବେ ଜ୍ୟୋତିରୀନ୍ଦ୍ରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ବୟସାଧିକ କାରଣରୁ ଆଗାମୀ ଟିକେଟ ମିଳିବା ସମ୍ଭାବନା କମ୍ ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ମଧ୍ୟ ଖୋର୍ଦ୍ଧା ଆସନ ଦୌଡରେ ରହିଛନ୍ତି। ପୂର୍ବରୁ ଏହି ଆସନରେ ସେ ୨୦୦୯ରେ ସ୍ୱାଧୀନ ଏବଂ ୨୦୧୪ରେ ବିଜେଡି ଟିକେଟରୁ ବିଧାୟକ ହୋଇଥିଲେ। ବେଗୁନିଆ ବିଧାୟକ ସହ ଖୋର୍ଦ୍ଧା ଯୋଜନା କମିଟି ସଭାପତି ଦାୟିତ୍ୱରେ ମଧ୍ୟ ରହିଛନ୍ତି। ରାଜେନ୍ଦ୍ରଙ୍କ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଉପରେ ବେଶ୍ ଦଖଲ ରହିଛି। ସେ ଖୋର୍ଦ୍ଧା ବିଧାୟକ ଥିବା ବେଳେ ତାଙ୍କ ସ୍ତ୍ରୀ ସଞ୍ଜୁକ୍ତା ସାହୁ ୨ଥର ଖୋର୍ଦ୍ଧା ପୌରାଧ୍ୟକ୍ଷା ମଧ୍ୟ ରହିଥିଲେ। ୨୦୧୯ ନିର୍ବାଚନରେ ସେ ଦଳୀୟ ନିଷ୍ପତ୍ତିକ୍ରମେ ବେଗୁନିଆ ଆସନରେ ଠିଆ ହୋଇ ବିଜୟୀ ମଧ୍ୟ ହୋଇଛନ୍ତି। ଏବେ ସେ ଖୋର୍ଦ୍ଧା ଆସନରୁ ଛିଡ଼ା ହେବା ଲାଗି ଆଶାୟୀ ଥିବା ତାଙ୍କ ସମର୍ଥକ ମହଲରେ ଜୋର୍‌ସୋର ଆଲୋଚନା ହେଉଛି। ଗତ କିଛି ଦିନ ହେଲା ସେ ଭୁବନେଶ୍ୱର ଶଙ୍ଖ ଭବନରେ ଦଳୀୟ ସାଙ୍ଗଠନିକ କାର୍ଯ୍ୟରେ ଯୋଗ ଦେବା ସହ ଅନ୍ୟ ନିର୍ବାଚନମଣ୍ଡଳୀ ଉପରେ ଫୋକସ କରିବାକୁ ତାଙ୍କୁ ସିଗ୍‌ନାଲ ମିଳିଥିବା କୁହାଯାଉଛି।

ଅନ୍ୟପଟେ ବିଜେଡିରୁ ନିଲମ୍ବିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ମଧ୍ୟ ଏହି ଦୌଡରେ ରହିଛନ୍ତି। ନିଜର ଆଚାର ବ୍ୟବହାରକୁ ନେଇ ଚର୍ଚ୍ଚାରେ ରହିଥିବା ପ୍ରଶାନ୍ତ ପୂର୍ବରୁ ୨୦୧୪ରେ ବେଗୁନିଆରେ ବିଧାୟକ ରହିଥିଲେ। ପୂର୍ବରୁ ଦଳର ସଭାପତି ଏବଂ ଜିଲା ଯୋଜନା କମିଟି ସଭାପତି ମଧ୍ୟ ରହିଥିଲେ। ଏବେ ସେ ଖୋର୍ଦ୍ଧା ପାଇଁ ଆଶାୟୀ ରହିଛନ୍ତି। ବିଭିନ୍ନ ସଭା ସମିତିରେ ଜ୍ୟୋତିରୀନ୍ଦ୍ରଙ୍କ ସହ ତାଙ୍କୁ ଦେଖିବାକୁ ମିଳୁଛି। ନିକଟରେ ସେ ଉଭୟ ବ୍ଲକର ଯୁବ, ଛାତ୍ର ଏବଂ ବୁଦ୍ଧିଜୀବୀମାନଙ୍କୁ ନେଇ ଖୋର୍ଦ୍ଧା ଅଞ୍ଚଳର ବିକାଶ ପାଇଁ ଖୋର୍ଦ୍ଧା ବିକାଶ ପରିଷଦ ନାମକ ଏକ ସଙ୍ଗଠନ ମଧ୍ୟ ଗଢିଛନ୍ତି। ଦଳରୁ ନିଲମ୍ବିତ ହୋଇଥିଲେ ମଧ୍ୟ ଦଳରେ ଥିବା ଭଳି ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଦେଖିବାକୁ ମିଳୁଛି। ବିଧାୟକ ପ୍ରାର୍ଥୀ ଦୌଡ଼ରେ ବିଜେଡି ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ମଧ୍ୟ ଅଛନ୍ତି। ପୂର୍ବରୁ ସେ ଜିଲା ପରିଷଦ ଅଧ୍ୟକ୍ଷା ରହିଥିଲେ। ଜିଲାର ଟାଣୁଆ ନାରୀ ନେତ୍ରୀ ଭାବେ ତାଙ୍କ ପରିଚିତି ରହିଛି। ଗତ ଦୁଇ ବର୍ଷ ହେବ ବିଭିନ୍ନ ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ଯୋଗଦାନ କରିବା ସହ ଲୋକଙ୍କ ସହିତ ସମ୍ପର୍କ ଯୋଡିବାରେ ଲାଗିଛନ୍ତି। କୌଣସି ମହିଳା ଏହି ଆସନରୁ ବିଜୟ ଲାଭ କରିନାହାନ୍ତି। ତାଙ୍କ ସାଙ୍ଗଠନିକ ଦକ୍ଷତା ଆଧାରରେ ଦଳ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରିବ ବୋଲି ସେ ଆଶାବାଦୀ ରହିଛନ୍ତି।

ଅନ୍ୟପଟେ ଭାଜପାର ପ୍ରାର୍ଥିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ଶୋଚନୀୟ ପରାଜୟ ବରଣ କରିଥିଲା। ଦଳର ଭୋଟ ହାର ବଢ଼ିଥିଲେ ମଧ୍ୟ ତୃଣମୂଳସ୍ତରରେ ଦଳୀୟ ସ୍ଥିତି ଦୁର୍ବଳ ଥିବା ଆଲୋଚନା ହେଉଛି। ଦଳରେ ଗୋଷ୍ଠୀ କନ୍ଦଳ ପଦାରେ ପଡ଼ି ହାଟରେ ଗଡୁଛି। ମଣ୍ଡଳସ୍ତରରେ କର୍ମୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଏବଂ ନେତୃତ୍ୱର ଅଭାବରୁ ଭାଜପା ସ୍ଥିତି ଏହି ନିର୍ବାଚନ ମଣ୍ଡଳୀରେ ବିଶେଷ ପ୍ରଭାବ ନ ଥିବା ପରି ମନେହୁଏ। ୨୦୧୯ ନିର୍ବାଚନରେ ଭାଜପାରୁ କାଳୁଚରଣ ଖଣ୍ଡାୟତରାୟ ୭୪,୫୧୦ ଖଣ୍ଡ ଭୋଟ ପାଇଥିବା ବେଳେ ଦଳର ଭୋଟ ହାର ୪୩ ପ୍ରତିଶତ ରହିଥିଲା। ବିଜେଡିର ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କୁ ଜୋରଦାର ଟକ୍କର ଦେଇଥିଲେ। ୧୦,୦୪୩ ବ୍ୟବଧାନରେ ମିତ୍ର ବିଜୟୀ ହୋଇଥିଲେ। ତେବେ ଗତ ପଞ୍ଚାୟତ ନିର୍ବାଚନରେ କାଳୁଚରଣଙ୍କ ପ୍ରଭାବ ଦେଖିବାକୁ ମିଳି ନ ଥିଲା। ସେ ପୁଣି ବିଧାୟକ ପ୍ରାର୍ଥୀ ଦୌଡ଼ରେ ରହିଥିବା ଶୁଣିବାକୁ ମିଳୁଥିବାବେଳେ ଦଳ ତାଙ୍କୁ ସୁଯୋଗ ଦେବ କି ନୂଆ ମୁହଁ ଚାହିଁବ, ତାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଅପରପକ୍ଷରେ କଂଗ୍ରେସର ଗତ ନିର୍ବାଚନକୁ ଲକ୍ଷ୍ୟ କଲେ ଭୋଟହାର ନଗଣ୍ୟ ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ଶୋଚନୀୟ ପରାଜୟ ବରଣ କରିଥିବା କଂଗ୍ରେସର ନେତୃତ୍ୱ ଅଭାବକୁ ନେଇ ଦଳ ଦିନକୁ ଦିନ ଦଳୀୟ ସ୍ଥିତି ଦୁର୍ବଳ ସ୍ତର ଦେଇ ଗତି କରୁଛି। ଏଠାରୁ କିଏ ପ୍ରାର୍ଥୀ ହେବେ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଏଠାରେ ୪୯%, ଭାଜପା ୪୩% ଓ କଂଗ୍ରେସ ମାତ୍ର ୭% ପ୍ରତିଶତ ଭୋଟ ପାଇଥିଲା।

# କରାଟେରେ କୃଷ୍ଣଙ୍କ କୀର୍ତ୍ତି

**ପିଲାଦିନେ କ୍ରିକେଟ ପ୍ରତି ରୁଚି ରଖୁଥିବା କୃଷ୍ଣ କ୍ରମେ ଭାଇଙ୍କ ପ୍ରେରଣାରେ କରାଟେ ପ୍ରେମରେ ପଡ଼ନ୍ତି। ଉତ୍କଳ କରାଟେ ସ୍କୁଲ ହୁଏ ତାଙ୍କର ପଥ ପ୍ରଦର୍ଶକ। କରାଟେ ଦେଇଛି ତାଙ୍କୁ ନୂଆ ପରିଚୟ। ରାଜ୍ୟ ଏବଂ ସର୍ବଭାରତୀୟ ସ୍ତରରେ ସଫଳତା ପରେ କୃଷ୍ଣ ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି**

–ପ୍ରସ୍ତୁତି: ତପନ ସ୍ୱାଇଁ



ଏକାଧିକ କ୍ରୀଡ଼ାରେ ରାଜ୍ୟରେ ସର୍ବାଧିକ ଜାତୀୟ/ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିବା ଘରୋଇ କ୍ରୀଡ଼ାନୁଷ୍ଠାନ ହେଉଛି ଉତ୍କଳ କରାଟେ ସ୍କୁଲ। ରାଜ୍ୟରେ 'ଖେଳାଳି ତିଆରି କାରଖାନା'ଭାବେ ବିଶେଷ ପରିଚିତ ଏହି ଅନୁଷ୍ଠାନର ଅନ୍ୟତମ ସଫଳ ସୃଷ୍ଟି ହେଉଛନ୍ତି କୃଷ୍ଣଚନ୍ଦ୍ର ନାୟକ। ପିଲାଦିନେ କ୍ରିକେଟ ପ୍ରତି ରୁଚି ରଖୁଥିବା କୃଷ୍ଣ କ୍ରମେ ଭାଇ ଭଗବାନ ନାୟକଙ୍କ ପ୍ରେରଣାରେ କରାଟେ ପ୍ରେମରେ ପଡ଼ନ୍ତି। ଉତ୍କଳ କରାଟେ ସ୍କୁଲ ଏବଂ ଏହାର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ ହୁଅନ୍ତି ତାଙ୍କର ପଥ ପ୍ରଦର୍ଶକ। ବାସ୍, ଏଠାରେ ଶିକ୍ଷା ଲାଭ ପରେ ଏବେ କରାଟେ ହିଁ ତାଙ୍କୁ ଦେଇଛି ପରିଚୟ। ରାଜ୍ୟ ଏବଂ ସର୍ବଭାରତୀୟ ସ୍ତରରେ ସଫଳତା ପରେ କୃଷ୍ଣ ଜାତୀୟ ପ୍ରତିଯୋଗିତାରେ ପଦକ ହାସଲକରି ରାଜ୍ୟକୁ ଗର୍ବିତ କରିଛନ୍ତି। ଏବେ ସେ ଫାଷ୍ଟ ଡାନ୍ ବ୍ଲାକ୍ ବେଲ୍ଟର ଅଧିକାରୀ। ଦିନେ ଭବିଷ୍ୟତକୁ ନେଇ ଅନ୍ଧାରରେ ଥିବା ଏହି କ୍ରୀଡ଼ାବିତ୍ କରାଟେରୁ ସଫଳତାର ସ୍ୱାଦ ପାଇବା ପରେ ଏବେ ଯୋଜନାବଦ୍ଧଭାବେ ଆଗକୁ ବଢୁଛନ୍ତି। ଆଗାମୀ ଦିନରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିବା ତାଙ୍କର ସ୍ୱପ୍ନ ବୋଲି ସେ ପ୍ରକାଶ କରିଛନ୍ତି। ''ଦିନ ଥିଲା ମୁଁ ଭବିଷ୍ୟତରେ କ'ଣ କରିବି ବୋଲି ଜାଣିପାରୁ ନ ଥିଲି। ମାତ୍ର କରାଟେକୁ ଆସିବା ପରେ ମୋର ମନୋଭାବ ବଦଳି ଯାଇଛି। ମୁଁ ଜଣେ ସଫଳ ଖେଳାଳି ଓ କୋଚ୍‌ଭାବେ ଆଗକୁ ବଢ଼ିବାକୁ ଉଦ୍ୟମ ଜାରି ରଖିଛି। ଅନ୍ତର୍ଜାତୀୟ ସ୍ତରରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରି ପଦକ ହାସଲ କରିବା ମୋର ଲକ୍ଷ୍ୟ। ଦିନେ ଲକ୍ଷ୍ୟ ପଥରେ ପହଞ୍ଚିବାନେଇ ଆଶା ମଧ୍ୟ ରଖିଛି'' ବୋଲି କୃଷ୍ଣ ପ୍ରକାଶ କରିଛନ୍ତି।

କୃଷ୍ଣ ୨୦୧୫ରୁ ୮ ବର୍ଷ ହେଲା କରାଟେ କରୁଛନ୍ତି। ଗ୍ରାଜୁଏଶନ ପରେ ଏବେ କେବଳ କରାଟେରେ ମନୋନିବେଶ କରିଛନ୍ତି। ବଡ଼ଭାଇ ଭଗବାନଙ୍କ ପ୍ରେରଣାରେ ସେ କ୍ରିକେଟ ଖେଳରୁ କରାଟେ ପ୍ରତି ମନ ବଳାଇଥିଲେ। ତାଙ୍କ ବଡ଼ଭାଇ ପୂର୍ବରୁ କରାଟେ ଶିଖୁଥିଲେ। ମାତ୍ର ଶାରୀରିକ ଅସୁସ୍ଥତା ଯୋଗୁ ସେ ଏଥିରେ ଆଗକୁ ବଢ଼ିପାରି ନ ଥିଲେ। ବଡ଼ଭାଇଙ୍କ ପରାମର୍ଶରେ କରାଟେରେ ପ୍ରବେଶ କରିଥିବା କୃଷ୍ଣଙ୍କର କ୍ରମେ ରାଜ୍ୟ ଏବଂ ପରେ ପୂର୍ବାଞ୍ଚଳ ଏବଂ ସର୍ବଭାରତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ପାଇବା ପରେ ଆଗ୍ରହ ବଢ଼ି ବଢ଼ି ଚାଲିଲା। ଗୁରୁ ହରିପ୍ରସାଦଙ୍କ ଦିଗ୍‌ଦର୍ଶକ ମଧ୍ୟ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଫଳରେ ସେ ଏଥିରେ ଆଗକୁ ବଢ଼ିବେ ବୋଲି ଦୃଢ଼ ସଂକଳ୍ପ ହୋଇଥିଲେ।

ରାଜ୍ୟସ୍ତରରେ ରୌପ୍ୟ ପଦକରୁ କୃଷ୍ଣଙ୍କ ଅଭିଯାନ ଆରମ୍ଭ ହୋଇଥିଲା। କୁମିତେ (ଫାଇଟିଂ) ହେଉଛି ତାଙ୍କର ପ୍ରିୟ ଇଭେଣ୍ଟ। ଟିମ୍ ଫାଇଟ୍‌ରେ ସେ ସ୍ୱର୍ଣ୍ଣପଦକ ମଧ୍ୟ ପାଇଥିଲେ। ଇତିମଧ୍ୟରେ ସେ ରାଜ୍ୟସ୍ତରରେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ, ସର୍ବଭାରତୀୟ ଓପନରେ ୫ ସ୍ୱର୍ଣ୍ଣ ଓ ୨ ରୌପ୍ୟ, ପୂର୍ବାଞ୍ଚଳ ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ଓ ୨ ରୌପ୍ୟ, ଦିଲ୍ଲୀରେ ଅନୁଷ୍ଠିତ ଚାମ୍ପିୟନ ଅଫ୍ ଚାମ୍ପିୟନ ପ୍ରତିଯୋଗିତାରେ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ (୨୦୨୨) ହାସଲକରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ତେବେ ଏ ସବୁ ସଫଳତା ତାଙ୍କୁ ଯେତେ ସନ୍ତୁଷ୍ଟ କରିପାରି ନ ଥିଲା ୨୦୨୩ରେ ଉତ୍ତରାଖଣ୍ଡର ଡେରାଡୁନ୍‌ରେ ଅନୁଷ୍ଠିତ ଜାତୀୟ ସିନିୟର କରାଟେ ପ୍ରତିଯୋଗିତା (ଫାଇଟିଂ)ରେ ବ୍ରୋଞ୍ଜ ପଦକ ତାଙ୍କୁ ଅଧିକ ସନ୍ତୋଷ ପ୍ରଦାନ କରିଥିଲା। ଜାତୀୟ ପ୍ରତିଯୋଗିତାରେ କୃଷ୍ଣ ଉତ୍ତର ପ୍ରଦେଶ, ତାମିଲନାଡୁ, ଦିଲ୍ଲୀ ଓ ମଧ୍ୟପ୍ରଦେଶ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଲଢ଼ିଥିଲେ। ପ୍ରଥମ ୩ଟି ଫାଇଟ୍‌କୁ ଯଥାକ୍ରମେ ୬-୧, ୭-୨ ଓ ୬-୧ରେ ଜିତିବା ପରେ ସେମିଫାଇନାଲରେ ୦-୩ରେ ହାରିଯାଇ ଥିଲେ। ତେବେ ଏହା ତାଙ୍କୁ ବ୍ରୋଞ୍ଜ ପଦକ ବିଜେତା ହେବା ପାଇଁ ପର୍ଯ୍ୟାପ୍ତ ହୋଇଥିଲା। ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଲେ ଏସିଆନ କରାଟେ ପାଇଁ ଯୋଗ୍ୟତା ମିଳିଥାଏ। ଆଗାମୀ ଜାତୀୟ ପ୍ରତିଯୋଗିତାରେ ସେ ଏହା ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଚଳିତ ମାସ ୨୯ ଓ ୩୦ରେ କୋଲକାତାରେ ସର୍ବଭାରତୀୟ ଆମନ୍ତ୍ରଣୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏବଂ ଅଗଷ୍ଟ ୧୧, ୧୨, ୧୩ରେ ଦିଲ୍ଲୀରେ ହେବାକୁ ଥିବା ଇଣ୍ଡିପେଣ୍ଡେନ୍ସ କପ୍ ପାଇଁ କୃଷ୍ଣ ପ୍ରସ୍ତୁତି ଚଳାଇଛନ୍ତି। ୨୦୨୨ରେ କୋଲକାତାରେ ଅନୁଷ୍ଠିତ ଆମନ୍ତ୍ରଣୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ଜିତିଥିବାରୁ ଏଥର ମଧ୍ୟ ଆଶାବାଦୀ ଅଛନ୍ତି।

କୃଷ୍ଣଙ୍କ କହିବା ଅନୁସାରେ ''କରାଟେ ଏପରି ଏକ କ୍ରୀଡ଼ା ଯାହାକି ମଣିଷକୁ ଶୃଙ୍ଖଳିତ କରିଥାଏ। ନିଜକୁ ନିଜେ ଚିହ୍ନିବା ପାଇଁ ସୁଯୋଗ ଦେଇଥାଏ। ଆତ୍ମରକ୍ଷା ଦେବା ସହିତ ଅନ୍ୟ ପ୍ରତି ସମ୍ମାନବୋଧ ଜାଗ୍ରତ କରିଥାଏ। ସ୍ମରଣଶକ୍ତି ମଧ୍ୟ ବଢ଼ାଇଥାଏ। ଉତ୍କଳ କରାଟେ ସ୍କୁଲ ଏପରି ଏକ ଅନୁଷ୍ଠାନ ଯାହାକି ଜଣେ ଖେଳାଳିକୁ ପ୍ରତିଷ୍ଠା ଅର୍ଜନ ପାଇଁ ସହାୟକ ହେବା ସହିତ ଭଲ ମଣିଷ ହେବାପାଇଁ ବାଟ ଦେଖାଇଥାଏ। ଏଠାକୁ ଆସିବାପରେ ମୁଁ ଅନେକ କିଛି ଜାଣିବାକୁ ପାଇଛି, ଯାହାକି ମୋତେ ଆଗାମୀ ଦିନରେ ବହୁ ଉପାଦେୟ ହୋଇପାରିବ।''

କୃଷ୍ଣଙ୍କ ବାପା ୨୦୨୧ରେ କୋଭିଡ୍‌ରେ ପ୍ରାଣ ହରାଇଛନ୍ତି। ତେଣୁ ପରିବାର ପ୍ରତିପୋଷଣ ଏବେ ଭାଇ ଭଗବାନ ଏବଂ ତାଙ୍କ ଉପରେ। ବଡ଼ଭାଇ ଅଟୋ ଚଲାଇ ଯାହା କିଛି ରୋଜଗାର କରୁଥିବାବେଳେ କୃଷ୍ଣ ନିଜେ କରାଟେ ଶିଖିବା ସହ ପ୍ରଶିକ୍ଷଣ ମଧ୍ୟ ଦେଇ ଉପାର୍ଜନ କରୁଥିବା ଅର୍ଥରୁ ପରିବାର ଚଳାଉଛନ୍ତି। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ କରାଟେ ହିଁ ତାଙ୍କୁ ବଞ୍ଚିବାର ବାଟ ଦେଖାଇଛି ବୋଲି କୃଷ୍ଣ ଭାବାବେଗର ସହ କହିଛନ୍ତି। ସେ ସମ୍ପ୍ରତି ଓଏମ୍‌ସି, ପାତ୍ରପଡ଼ାର ରଶ୍ମିବିହାର କମ୍ୟୁନିଟି ହଲ୍ ଏବଂ ଉତ୍କଳ କରାଟେ ସ୍କୁଲରେ ସାମୟିକ ପ୍ରଶିକ୍ଷଣ ଦେଉଛନ୍ତି। ସେଥିରୁ ଉପାର୍ଜିତ ଅର୍ଥ ଘର ଖର୍ଚ୍ଚରେ ନିୟୋଜିତ ହେଉଛି। ସବୁଠାରୁ ବଡ଼ କଥା ହେଲା କୃଷ୍ଣଙ୍କଠାରୁ ଟ୍ରେନିଂ ନେଇ ପିଲାମାନେ ରାଜ୍ୟ ଏବଂ ଜାତୀୟ ସ୍ତରରେ ସଫଳତା ପାଇବା ଆରମ୍ଭ କରିଛନ୍ତି। ସମୟ ବାହାରକରି ଟ୍ରେନିଂ ନେବା ସହିତ ପ୍ରଶିକ୍ଷଣ ଦେଉଛନ୍ତି। ଏହା ତାଙ୍କୁ ଖୁସି ଦେଉଛି ବୋଲି ସେ କହିଛନ୍ତି।

କୃଷ୍ଣଙ୍କ ଦୃଷ୍ଟିରେ କରାଟେକୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାମାନେ ପ୍ରଥମେ ଶୃଙ୍ଖଳା ଜ୍ଞାନ ଶିଖିବା ଆବଶ୍ୟକ। ଏହା ବ୍ୟତୀତ ଖେଳରେ ଇଚ୍ଛା ରଖିବା ନିହାତି ଆବଶ୍ୟକ। ଇଚ୍ଛା ନ ଥିଲେ ଜଣକୁ ଯେତେ ପ୍ରଶିକ୍ଷଣ ଦେଲେ ମଧ୍ୟ ସେ କେବେ ଆଗକୁ ବଢ଼ିପାରିବ ନାହିଁ। ନିଜର ସଫଳତାର ଶ୍ରେୟ କୃଷ୍ଣ ଉତ୍କଳ କରାଟେ ସ୍କୁଲ ଓ ପ୍ରଶିକ୍ଷକ ହରିପ୍ରସାଦ ପଟ୍ଟନାୟକଙ୍କୁ ଦେଇଛନ୍ତି। କରାଟେ ତାଙ୍କୁ ଜଣେ ଭଲ ମଣିଷଭାବେ ଗଢ଼ି ତୋଳିବା ସହ ଆଗାମୀ ଦିନରେ ସମ୍ମାନର ସହ ବଞ୍ଚିବା ପାଇଁ ବାଟ ଦେଖାଇଛି ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ..

**ନାମ:** କୃଷ୍ଣଚନ୍ଦ୍ର ନାୟକ
**ଜନ୍ମ:** ଜୁଲାଇ ୧୫, ୧୯୯୯
**ପରିବାର:** ମା-ଲକ୍ଷ୍ମୀ ନାୟକ, ବାପା-ଗଦାଧର ନାୟକ, ଭାଇ-ଭଗବାନ ନାୟକ
**ଘର:** ନୀଳକଣ୍ଠନଗର (ମୁଣ୍ଡାସାହି), ବରମୁଣ୍ଡା, ଭୁବନେଶ୍ୱର
**ସଫଳତା:**
ରାଜ୍ୟସ୍ତରରେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ, ସର୍ବଭାରତୀୟ ଓପନରେ ୫ ସ୍ୱର୍ଣ୍ଣ ଓ ୨ ରୌପ୍ୟ, ପୂର୍ବାଞ୍ଚଳ ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ଓ ୨ ରୌପ୍ୟ, ଚାମ୍ପିୟନ ଅଫ୍ ଚାମ୍ପିୟନ ପ୍ରତିଯୋଗିତାରେ ସର୍ବଭାରତୀୟ ସ୍ତରରେ ତୃତୀୟ, ଜାତୀୟ ସିନିୟର କରାଟେ (ଫାଇଟିଂ)ରେ ବ୍ରୋଞ୍ଜ ପଦକ।

## କୃଷ୍ଣ ସ୍ୱର୍ଣ୍ଣପଦକ ଜିତିପାରିବେ



''କୃଷ୍ଣଚନ୍ଦ୍ର ୫ ବର୍ଷରୁ ଊର୍ଦ୍ଧ୍ୱ ଧରି ଉତ୍କଳ କରାଟେ ସ୍କୁଲରେ ଟ୍ରେନିଂ ନେଉଛନ୍ତି। ତାଙ୍କ ନିକଟରେ ପ୍ରତିଭା ଥିବା ମୁଁ ଜାଣିପାରିଥିଲି। ତେବେ ଭଲଭାବେ ଅଭ୍ୟାସ ଅତି ଜରୁରୀ ଥିଲା। କଠିନ ପରିଶ୍ରମକରି ସେ ଜାତୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲକରି ରାଜ୍ୟକୁ ଗର୍ବିତ କରିଛନ୍ତି। ଆଗକୁ ସେ ସ୍ୱର୍ଣ୍ଣପଦକ ପାଇପାରିବେ ବୋଲି ଆମେ ଆଶା ରଖିଛୁ। ଜଣେ ଖେଳାଳି ସହ ସେ ଜଣେ ଭଲ କୋଚ୍ ମଧ୍ୟ ହୋଇପାରିବେ। ତେବେ ଏଥିପାଇଁ ଟ୍ରେନିଂ କରି କୋଚିଂ ଲାଇସେନ୍ସ ହାସଲ କରିବାକୁ ପଡ଼ିବ। ସେ ଏଥିରେ ମଧ୍ୟ କୃତକାର୍ଯ୍ୟ ହୋଇପାରିବେ। ଏହି ଆଶା ମୋର ରହିଛି''।

–ହରିପ୍ରସାଦ ପଟ୍ଟନାୟକ, ବରିଷ୍ଠ ପ୍ରଶିକ୍ଷକ

# ଜୋକୋଭିଚ୍‌ଙ୍କ ସ୍ୱପ୍ନ



ନିର୍ମଳ କୁମାର ମିଶ୍ର

**ୱିମ୍ବଲଡନ୍ ଫାଇନାଲରେ କାର୍ଲୋସ୍ ଅଲକାରାଜ୍‌ଙ୍କଠାରୁ ହାରିଥିବାରୁ ନୋଭାକ୍ ଜୋକୋଭିଚ୍ ସର୍ବକାଳୀନ ଶ୍ରେଷ୍ଠ ୨୪ ଗ୍ରାଣ୍ଡସ୍ଲାମ୍ ରେକର୍ଡର ସମକକ୍ଷ ହୋଇପାରିନାହାନ୍ତି। ବର୍ଷର ଶେଷ ଗ୍ରାଣ୍ଡସ୍ଲାମ୍ ୟୁଏସ୍ ଓପନ ଆସନ୍ତା ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୦ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ଉପରେ ଜୋକୋଭିଚ୍‌ଙ୍କ ନଜର ରହିବ...**





ବିଶ୍ୱ ଟେନିସ୍ ଜଗତର ସର୍ବପୁରାତନ ଏବଂ ସମ୍ମାନଜନକ ଟୁର୍ନାମେଣ୍ଟ ହେଉଛି ୱିମ୍ବଲଡନ୍। ଚଳିତ ବର୍ଷ ଏହାର ୧୩୬ତମ ସଂସ୍କରଣ ଏବଂ ଓପନ ଯୁଗର ୫୫ତମ ସଂସ୍କରଣ ସଫଳତାର ସହ ଜୁଲାଇ ୩ରୁ ୧୬ ପର୍ଯ୍ୟନ୍ତ ଅଲ୍ ଇଂଲଣ୍ଡ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ନଂ. ୧ ଟେନିସ୍ ଖେଳାଳି ୨୦ବର୍ଷୀୟ ସ୍ପେନ୍‌ର କାର୍ଲୋସ୍ ଅଲକାରାଜ୍ ଏକ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକର ଫାଇନାଲରେ ଦୀର୍ଘ ବର୍ଷ ଧରି ଟେନିସ୍ ଜଗତରେ ରାଜ୍ କରୁଥିବା ସର୍ବିଆର ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତକରି ତାଙ୍କର ଆଧିପତ୍ୟ ଉପରେ ଅଙ୍କୁଶ ଲଗାଇଛନ୍ତି। ସେଣ୍ଟର କୋର୍ଟରେ ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ଫାଇନାଲରେ ଭେଟେରାନ ତାରକା ଖେଳାଳି ୩୬ ବର୍ଷୀୟ ଜୋକୋଭିଚ୍‌ଙ୍କୁ ହରାଇ କ୍ୟାରିୟରର ପ୍ରଥମ ୱିମ୍ବଲଡନ ଟାଇଟଲ ହାସଲ କରିଥିଲେ ଅଲକାରାଜ୍। ଏହା ଥିଲା ତାଙ୍କ କ୍ୟାରିୟରର ୨ୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଲକାରାଜ୍ ଜନ୍ମହେବା ବେଳକୁ ଜୋକୋଭିଚ୍ ପେସାଦାର ଖେଳାଳିରେ ପରିଣତ ହୋଇସାରିଥିଲେ। ୩ୟ ସର୍ବକନିଷ୍ଠ ଖେଳାଳି ରୂପେ ଏହି ସମ୍ମାନଜନକ ଟାଇଟଲ ହାସଲ କରିଥିଲେ ଅଲକାରାଜ୍। ଜର୍ମାନୀର ବୋରିସ୍ ବେକର ୧୮ ବର୍ଷରେ ଏବଂ ଜାପାନର ଟୋକିଟୋ ଓଡା ମାତ୍ର ୧୭ବର୍ଷ ବୟସରେ ସର୍ବ କନିଷ୍ଠ ଖେଳାଳି ରୂପେ ଏହି ଟାଇଟଲ ହାସଲ କରିଥିଲେ। ଅଲକାରାଜ୍ ତୃତୀୟ ସ୍ପାନିସ୍ ଖେଳାଳି ରୂପେ ଏହି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ମାନୁଏଲ ସାଣ୍ଟାନା ୧୯୬୬ ଏବଂ ରାଫାଲ ନାଡାଲ ୨୦୦୮ ଏବଂ ୨୦୧୦ରେ ଏହି ସଫଳତା ପାଇଛନ୍ତି।

ୱିମ୍ବଲଡନ୍ ଫାଇନାଲରେ ୨ ତାରକା ଖେଳାଳି ଚମତ୍କାର ଟେନିସ୍ ଖେଳିଥିଲେ। କେହି କାହାରିକୁ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ସେଣ୍ଟର କୋର୍ଟରେ ଉପସ୍ଥିତ ଦର୍ଶକ ଚିତ୍ତାକର୍ଷକ ଟେନିସ୍‌ର ଭରପୂର ଆନନ୍ଦ ଉଠାଇଥିଲେ। ଶେଷରେ ଇତିହାସ ରଚିଥିଲେ ଅଲକାରାଜ୍। ଜୋକୋଭିଚ୍‌ଙ୍କ ଆଶା ଅଧୁରା ରହିଲା। କାରଣ ୨୦୧୩ ପରଠାରୁ ଇଂଲଣ୍ଡର ସେଣ୍ଟର କୋର୍ଟରେ କେବେ ମ୍ୟାଚ୍ ହାରି ନ ଥିଲେ ଜୋକୋଭିଚ୍। ୫ମ ସେଟ୍‌ରେ ଜିତିଥିଲେ ସେ ମାର୍ଗାରେଟ କୋର୍ଟଙ୍କ ସର୍ବକାଳୀନ ଶ୍ରେଷ୍ଠ ୨୪ତମ ଗ୍ରାଣ୍ଡସ୍ଲାମ୍ ରେକର୍ଡର ସମକକ୍ଷ ହୋଇ ପାରିଥାନ୍ତେ। ଗ୍ରାଣ୍ଡସ୍ଲାମ୍ ଲଢ଼େଇରେ ଗତ କିଛି ବର୍ଷ ଧରି ଜୋକୋଭିଚ୍, ଫେଡେରର ଏବଂ ନାଡାଲଙ୍କ ମଧ୍ୟରେ ଟାଇଟଲ ହାସଲ ପାଇଁ ତୀବ୍ର ପ୍ରତିଯୋଗିତା ଲାଗି ରହିଥିଲା। ସୁଇଜରଲାଣ୍ଡର ଧନୀ ଟେନିସ୍ ଖେଳାଳି ଫେଡେରର ୱିମ୍ବଲଡନ୍‌ରେ ୮ ଥର ଏବଂ ଜୋକୋଭିଚ୍ ୭ଥର ଟାଇଟଲ ଜିତିଛନ୍ତି। ଓପନ ଯୁଗରେ ପ୍ରତ୍ୟେକ ଗ୍ରାଣ୍ଡସ୍ଲାମ୍‌କୁ ୩ ଥର ଲେଖାଏ ଜିତିବାର ରେକର୍ଡ ରଖିଛନ୍ତି ଏହି ସର୍ବୀୟ ଖେଳାଳି। ଅନ୍ୟପକ୍ଷରେ ସ୍ପେନ୍‌ର ରାଫାଲ ନାଡାଲ ୨ଥର ୱିମ୍ବଲଡନ୍ ଜିତିଥିବା ବେଳେ ସର୍ବାଧିକ ୧୪ଥର ପାଇଁ ଫ୍ରେଞ୍ଚ ଓପନ କ୍ଲେ କୋର୍ଟ ଟେନିସ୍ ଟାଇଟଲ ହାସଲ କରିଛନ୍ତି। ଅଷ୍ଟ୍ରେଲିଆନ ଓପନ ୨୦୦୯ ଏବଂ ୨୦୨୨ରେ ଜିତିଥିବା ବେଳେ ୨୦୧୦, ୨୦୧୩, ୨୦୧୭, ୨୦୧୯ରେ ୟୁଏସ୍ ଓପନ ଚାମ୍ପିୟନ ହୋଇଛନ୍ତି।

ଗତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ୍‌ରେ ବହୁ ନାମୀଦାମୀ ଖେଳାଳି ଅଂଶଗ୍ରହଣ କରିଥିଲେ, ଏହା ଟୁର୍ନାମେଣ୍ଟର ଗ୍ଲାମର ବଢ଼ାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ଡାନିଲ ମେଡ୍‌ଭେଡେଭ, ଆରିନା ସାବାଲେଙ୍କା, ଭିକ୍ଟୋରିଆ ଆଜାରେଙ୍କା, ଷ୍ଟାନ୍ ୱାରିଙ୍କା, ଡେଭିଡ୍ ଗଫିନ, ମାଟେଓ ବେରେଟିନି, ଆଲେକ୍‌ଜାଣ୍ଡାର ଜେଭରେଜ୍, ହୋଲ୍‌ଗର ରୁନ୍, ଆନ୍ଦ୍ରେ ରୁବ୍‌ଲେଭ୍‌ଙ୍କ ପରି ଅନେକ ସିଡେଡ୍ ଖେଳାଳି। ସେମିଫାଇନାଲରୁ ୩ୟ ସିଡ୍ ଡାନିଲ ମେଡ୍‌ଭେଡେଭ ଓ ୮ମ ସିଡ୍ ଜାନିକ ସିନର ବାଦ୍ ପଡ଼ିଥିଲେ। ପ୍ରଥମ ରାଉଣ୍ଡରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଖେଳାଳିମାନଙ୍କ ମଧ୍ୟରେ ଥିଲେ ଡୋମିନିକ ଥିମ୍, ସେବାଷ୍ଟିଆନ କୋର୍ଡା, ଜନ୍ ଇସନର ଏବଂ ଦ୍ୱିତୀୟ ରାଉଣ୍ଡରୁ ଆଲେକଜାଣ୍ଡାର ମୁଲର, ଆଣ୍ଡି ମୁରେ, ଓସ୍କାର ଓଟେ, କାମେରନ ନୋରି ଏବଂ ବେନ୍ ସେଲ୍‌ଟନ ଏବଂ ୩ୟ ଏବଂ ୪ର୍ଥ ରାଉଣ୍ଡରୁ ଆଲେକଜାଣ୍ଡାର ଜେଭରେଜ୍, ଡେଭିଡ୍ ଗଫିନ, ଷ୍ଟାନ୍ ୱାରିଙ୍କା, କ୍ରିଷ୍ଟୋଫର ଓକୋନେଲ, ଷ୍ଟିଫାନୋସ୍ ସିତ୍‌ସିପାସ, ମାଟେଓ ବେରେଟିନି, ଡେନିସ୍ ସାପୋଭଲଭୋ ପ୍ରମୁଖ ବିଦାୟ ନେଇଥିଲେ।

୨୦୨୩ ସଂସ୍କରଣରେ ମହିଳା ବିଭାଗରେ ତୃତୀୟ ଚେକ୍ ଖେଳାଳି ଭାବେ ୱିମ୍ବଲଡନ ଟାଇଟଲ ଜିତି ଇତିହାସ ରଚିଛନ୍ତି ମାର୍କେଟା ଭୋନ୍ଦ୍ରୋସୋଭା। ଫାଇନାଲରେ ସେ ଟ୍ୟୁନିସିଆର ଓନ୍ସ ଜାବେରଙ୍କୁ ସିଧାସଳଖ ସେଟ୍‌ରେ ହରାଇ ତୃତୀୟ ଚେକ୍ ଏବଂ ପ୍ରଥମ ଅଣସିଡେଡ୍ ଖେଳାଳି ରୂପେ ଟ୍ରଫି ହାସଲକରି ସମସ୍ତ ତାରକା ଖେଳାଳିଙ୍କୁ ଚମକାଇ ଦେଇଛନ୍ତି। ୨୦୨୨ରେ ଆଘାତଜନିତ ସମସ୍ୟା ଯୋଗୁ ସେ ଏହି ପ୍ରତିଯୋଗିତାରେ ଖେଳିପାରି ନ ଥିଲେ।

ଚଳିତ ବର୍ଷ ପ୍ରଥମ ଗ୍ରାଣ୍ଡସ୍ଲାମ୍ ଅଷ୍ଟ୍ରେଲିଆନ ଓପନରେ ନୋଭାକ୍ ଜୋକୋଭିଚ୍ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଥିବା ବେଳେ ମହିଳା ବିଭାଗରେ ବେଲାରୁଷ୍‌ର ଆରିନା ସାବାଲେଙ୍କା ଟାଇଟଲ ହାସଲ କରିଥିଲେ। ସେହିପରି ୨ୟ ଗ୍ରାଣ୍ଡସ୍ଲାମ୍ ଫ୍ରେଞ୍ଚ ଓପନରେ ପୁରୁଷ ବିଭାଗରେ ନୋଭାକ୍ ଜୋକୋଭିଚ୍ ସିଧାସଳଖ ସେଟ୍‌ରେ କାସ୍ପର ରୁଡ୍‌ଙ୍କୁ ପରାସ୍ତକରି ଚାମ୍ପିୟନ ହୋଇଥିବା ବେଳେ ଇଗା ସ୍ୱିଟେକ୍ ମହିଳା ବିଭାଗର ବିଜେତା ହୋଇଥିଲେ। ଚଳିତ ବର୍ଷର ଶେଷ ଗ୍ରାଣ୍ଡସ୍ଲାମ୍ ୟୁଏସ୍ ଓପନ ଆସନ୍ତା ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୦ ମଧ୍ୟରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଗତ ସଂସ୍କରଣରେ କାର୍ଲୋସ୍ ଅଲକାରାଜ୍ ପୁରୁଷ ଏବଂ ପୋଲାଣ୍ଡର ଇଗା ସ୍ୱିଟେକ ମହିଳା ବିଭାଗ ଚାମ୍ପିୟନ ରହିଛନ୍ତି। ଏହି ଟୁର୍ନାମେଣ୍ଟ ଉପରେ ଜୋକୋଭିଚ୍‌ଙ୍କ ନଜର ରହିବ।

## ଡିସ୍କ୍ରିପାନ୍ସି

ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍
ବ୍ୟାଙ୍କକ୍‌ରେ ଚାଲ ଘନ
ପଚାଶ ବର୍ଷ ପୂର୍ତ୍ତି ଅବସର ପାଇଁ
ମାସ୍କଟ ହେଲେ ହନୁମାନ
କହେ ଆସୋସିଏଶନ
ଶକ୍ତି, ସାହସର ପ୍ରତୀକ ବୋଲି ସେ
ନେଲୁ ଏହି ଡିସିଶନ।

ଏସିଆ କପ୍ ସେଡ୍ୟୁଲ ଚୂଡ଼ାନ୍ତ, ଇଣ୍ଡିଆ
ପାକିସ୍ତାନ ଯିବ ନାହିଁ
ହାଇବ୍ରିଡ୍ ମଡେଲରେ ଖେଳ ହେବ
ସାତ ସମନ୍ଦର ଡେଇଁ
ଲଙ୍କା କଲମ୍ବୋରେ ଯାଇ
ଦୁଇ ଦେଶ ଫାଇନାଲ ଗଲେ ସେହି
ଲଙ୍କା ଭେନ୍ୟୁ ଫିକ୍ସ ଭାଇ।

ତୃତୀୟ ଚେକ୍ ମହିଳା ଭାବେ ୱିମ୍ବଲଡନ
ଟ୍ରଫି ଜିତି ଭୋନ୍ଦ୍ରୋସୋଭା
ଇତିହାସ ରଚି ଚେକ୍ ରିପବ୍ଲିକ୍‌ର
ବଢ଼ାଇଛି କୀର୍ତ୍ତି ଶୋଭା
ଅଲ୍ ଇଂଲଣ୍ଡ କ୍ଲବ କାବା
ଫାଷ୍ଟ ଅଣସିଡେଡ ଖେଳାଳିଙ୍କୁ ଆସ
ମଲ୍ଲୀ ମାଳ ବେକେ ଦେବା।

–ସୁବାସ ଚନ୍ଦ୍ର ପ୍ରଧାନ



ମାର୍କେଟା ଭୋନ୍ଦ୍ରୋସୋଭା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୧/୨୦୨୩ Bhubaneswar, Friday, July 21/ 2023

# ପେସାଦାର ଚେସ୍ ଟ୍ରେନିଂ ଏକାଡେମୀ ଉଦ୍‌ଘାଟିତ

## ବିଶ୍ୱ ଚେସ୍ ଦିବସରେ ସରକାରଙ୍କ ବଡ଼ ପଦକ୍ଷେପ

ଭୁବନେଶ୍ୱର, ୨୦।୭
(ତପନ ସ୍ୱାଇଁ)

ଓଡ଼ିଶାରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇ ଆସୁଥିବା ରାଜ୍ୟ ସରକାର ବିଶ୍ୱ ଚେସ୍ ଦିବସ ଅବସରରେ ଆଉଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ଚେସ୍‌ର ବିକାଶ ଲକ୍ଷ୍ୟରେ ପେସାଦାର ଚେସ୍ ଟ୍ରେନିଂ ଏକାଡେମୀ (ପ୍ରୋ-ଚେସ୍-ଟିଏ ବା ପ୍ରଚେଷ୍ଟା) ପ୍ରତିଷ୍ଠା ହୋଇଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାକୁ ଚେସପ୍ରେମୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ସର୍ବଭାରତୀୟ ଚେସ୍ ଫେଡେରେଶନ ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମିଳିତ ଉଦ୍ୟମରେ ଚେସ୍‌ର ବିକାଶ ଦିଗରେ କାର୍ଯ୍ୟ କରାଯିବ। ଏହିଅବସରରେ କ୍ରୀଡ଼ାମନ୍ତ୍ରୀ ଜାତୀୟ ମହିଳା ଚେସ୍ ଚାମ୍ପିୟନ ପଦ୍ମିନୀ ରାଉତଙ୍କୁ ୬୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାରରେ ସମ୍ମାନିତ କରିଥିଲେ। ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଓ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ଟାଇଟଲ ହାସଲକାରୀ ପଦ୍ମିନୀ ଅନେକ ଯୁବ ଖେଳାଳିଙ୍କ ଆଦର୍ଶ। ତାଙ୍କପରି ଅଧିକରୁ ଅଧିକ ଖେଳାଳି ସୃଷ୍ଟି କରିବା ଏହି ଏକାଡେମୀର ଲକ୍ଷ୍ୟ ରହିବ।

ଏହି ଏକାଡେମୀ ମାଧ୍ୟମରେ ରାଜ୍ୟର ପ୍ରତିଭା ସମ୍ପନ୍ନ ଖେଳାଳିମାନେ ଚେସ୍ ସମ୍ପର୍କରେ ଶିକ୍ଷାଲାଭ କରିବା ସହିତ ଆଗକୁ ବଢ଼ି ପାରିବେ। ଫିଡେ ଟ୍ରେନର ତଥା ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଏହାର କୋଚ୍ ରହିବେ। ''ପେସାଦାର ଚେସ୍ ଟ୍ରେନିଂ ଏକାଡେମୀ ଉଦ୍‌ଘାଟନ କରି ମୁଁ ବହୁତ ଖୁସି। ଚେସ୍‌କୁ ପ୍ରମୋଟ କରିବାପାଇଁ ଆମେ ପୂର୍ବରୁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଛୁ। ଏଥିରେ ଚେସ୍ ଖେଳାଳି ଓ ଅଭିଭାବକଙ୍କ ଯୋଗଦାନ ଉତ୍ସାହଜନକ ରହିଛି। ଏଥି ସହିତ ଆମ ରାଜ୍ୟର ଏଲିଟ ଖେଳାଳିଙ୍କ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚ ପ୍ରଦର୍ଶନ ଆମକୁ ଏପରି ଏକାଡେମୀ ପ୍ରତିଷ୍ଠା କରିବାକୁ ପ୍ରେରିତ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଆମେ ଓଡ଼ିଶା ଚେସ୍ ଖେଳାଳିମାନେ ଯେପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚମକ ସୃଷ୍ଟି କରିପାରିବେ ସେଥିପାଇଁ ପ୍ଲାଟଫର୍ମ ପ୍ରସ୍ତୁତ ପାଇଁ ଉଦ୍ୟମ କରିଛୁ। ଏଥିପାଇଁ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ'' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ''ଓଡ଼ିଶା ଚେସ୍‌ପାଇଁ ଏହା ଏକ ଭଲ ପଦକ୍ଷେପ। ଚେସ୍‌କୁ ଭଲ ପାଉଥିବା ଖେଳାଳିମାନେ ଏକାଡେମୀରୁ ଉପକୃତ ହୋଇପାରିବେ ଏବଂ ଏହି କ୍ରୀଡ଼ାରେ ପ୍ରତିଷ୍ଠିତ ହୋଇପାରିବେ। ମୋତେ କ୍ରମାଗତ ସମର୍ଥନ କରିଆସିବା ସହ ଏଠାରେ ସମ୍ବର୍ଦ୍ଧିତ କରିଥିବାରୁ ମୁଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଉଛି'' ବୋଲି ପଦ୍ମିନୀ ପ୍ରକାଶ କରିଛନ୍ତି।

ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି। ''ଏହି ଚେସ୍ ଏକାଡେମୀ ସହରର ମଧ୍ୟଭାଗରେ ପ୍ରତିଷ୍ଠା ହୋଇଛି। ଏଥିପ୍ରତି ଖେଳାଳି ଓ ଅଭିଭାବକଙ୍କଠାରୁ ଆରମ୍ଭ କରି ସମସ୍ତ ଚେସ୍ ପ୍ରେମୀଙ୍କର ଆଗ୍ରହ ରହିଛି। ଏକାଡେମୀ ଆରମ୍ଭ ହେବାଦ୍ୱାରା ଓଡ଼ିଶାରେ ଚେସ୍‌ର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସୂଚନା ମିଳୁଛି। ଏଠାରେ ପ୍ରଶିକ୍ଷଣ ନେଇ ଖେଳାଳିମାନେ ରାଜ୍ୟ ଓ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିବେ'' ବୋଲି ରଞ୍ଜନ ପ୍ରକାଶ କରିଛନ୍ତି। ସେହିପରି ଚେସ୍‌ର ବିକାଶ ପାଇଁ ଏପରି ଏକ ପଦକ୍ଷେପ ନେଇଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ। ଓଡ଼ିଶାର ଚେସ୍ ପ୍ରତିଭାଙ୍କ ପ୍ରଦର୍ଶନକୁ ମାର୍ଜିତ କରିବାପାଇଁ ତାଙ୍କୁ ଗୁରୁଦାୟିତ୍ୱ ଦିଆ ଯାଇଥିବାରୁ ସେ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି, ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା ସାଲୋନିକା, ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଏବଂ ଆହୁରି ଅନେକ ଚେସ୍ ଖେଳାଳି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଚେସ୍ ଏକାଡେମୀ ଉଦ୍‌ଘାଟନ ଅବସରରେ ଖେଳାଳି ଓ କର୍ମକର୍ତ୍ତାଙ୍କ ଗହଣରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

BGU BIRLA GLOBAL UNIVERSITY
ADMISSION 2023-24
PG Programs
• MAJMC
• M.Sc Financial Economics
• M.Com
• MCA
UG Programs
• BAJMC (Hons.)
• BBA (Hons.)
• BBA LL.B. (Hons.)
• B.Com (Hons.) • BCA
• B.Sc Data Science (Hons.)
The University Provides Excellent Placement Assistance
BIRLA GLOBAL UNIVERSITY
BHUBANESWAR
Visitus at : www.bgu.ac.in
Mobile: 7381058307, 9776129900

# ଅୟେସଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

## ଶ୍ରୀଲଙ୍କା ବିପକ୍ଷରେ କିଙ୍ଗ୍ କିଙ୍ଗଡମ୍‌ର ବିଜୟ

ଯାଜପୁର, ୨୦।୭
(ହର୍ଷବର୍ଦ୍ଧନ ବେହେରା)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ଦ୍ୱାରା ପରିଚାଳିତ ପୁଣେର କିଙ୍ଗ୍ କିଙ୍ଗଡମ ଏକାଡେମୀ ଶ୍ରୀଲଙ୍କାରେ ଚାଲିଥିବା ୧୭ ବର୍ଷରୁ କମ ବର୍ଗର ଚାମ୍ପିୟନ ଟ୍ରଫିର ବୁଧବାର ମ୍ୟାଚରେ ବିଜୟ ହାସଲ କରିଛି। ଶ୍ରୀଲଙ୍କା ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କିଙ୍ଗ୍ କିଙ୍ଗଡମ୍ ଦଳ ୫୦ ଓଭରରେ ୫ ଉଇକେଟ ହରାଇ ୩୯୯ ରନର ବିଶାଳ ସ୍କୋର କରିଥିଲା। ଏଥିରେ କର୍ତ୍ତବ୍ୟ ପାଏଗୁଡୁ ୧୦୨ କରି ନଟ୍‌ଆଉଟ ଥିବାବେଳେ ଓଡ଼ିଶାର ଅୟେସ ପତି ୩୪ଟି ବଲରେ ୮୯ ରନ କରି ଅପରାଜିତ ରହିଥିଲେ। ଜବାବରେ ଶ୍ରୀଲଙ୍କା ଦଳ ମାତ୍ର ୧୫୬ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଏଥିରେ ଅୟେସ ୩ ଉଇକେଟ ନେବାସହ ଟିମ୍‌କୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅୟେସ ଗତ ବର୍ଷେ ହେବ ପୁଣେ ସ୍ଥିତ କିଙ୍ଗ୍ କିଙ୍ଗଡ଼ମ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି।


ଅୟେସ ପତି

# ଆଇଓଏ ମୁଖ୍ୟାଳୟରେ ବିକ୍ଷୋଭ

## ଏସିଆନ ଗେମ୍ସ ଟ୍ରାଏଲ୍ସ

ନୂଆଦିଲ୍ଲୀ, ୨୦।୭(ପି.ଟି.)

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ଆଡ୍‌ହକ ପ୍ୟାନେଲ ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ଓ ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଭିନେଶ ଫୋଗଟ୍‌ଙ୍କୁ ଏସିଆନ ଗେମ୍ସ ପାଇଁ ସିଧାସଳଖ ଯୋଗ୍ୟତା ପ୍ରଦାନକୁ ନେଇ ରେସ୍‌ଲରଙ୍କ ମଧ୍ୟରେ ବିରୋଧାଭାସ ସୃଷ୍ଟି ହୋଇଛି। ଗୁରୁବାର ଭାରତୀୟ ଅଲିମ୍ପିକ ଆସୋସିଏଶନ(ଆଇଓଏ)ର ମୁଖ୍ୟାଳୟରେ ଶତାଧିକ ଜୁନିୟର ରେସ୍‌ଲର, ଅଭିଭାବକ ଓ କୋଚ୍ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୁରୁବାର ୧୫୦ରୁ ଅଧିକ ଲୋକ ଆଇଓଏ କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ କରିବା ସହିତ ସଭାପତି ପି.ଟି. ଉଷା ଓ ଆଡ୍‌ହକ ପ୍ୟାନେଲ୍ ମୁଖ୍ୟ ଭୂପିନ୍ଦର ସିଂ ବାଜୱାଙ୍କୁ ଭେଟିବା ପାଇଁ ଦାବି କରିଥିଲେ। ଆଡ୍‌ହକ ପ୍ୟାନେଲର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ପକ୍ଷପାତପୂର୍ଣ୍ଣ। ଏହା ସମ୍ପୂର୍ଣ୍ଣ ଭୁଲ ଏବଂ ଏହାକୁ ପରିବର୍ତ୍ତନ କରିବା ପାଇଁ ଆମେ ବିରୋଧ ପ୍ରଦର୍ଶନ କରୁଛୁ ବୋଲି ଅନ୍ତିମ ପାଙ୍ଘଲଙ୍କ କୋଚ ବିକାଶ ଭରଦ୍ୱାଜ କହିଛନ୍ତି।

୨୦ ବର୍ଷରୁ କମ୍ ବୟସ ବର୍ଗରେ ଅନ୍ତିମ ବିଶ୍ୱ ଚାମ୍ପିୟନ ହୋଇଥିବା ବେଳେ ୨୩ ବର୍ଷରୁ କମ୍ ଏସିଆନ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ସୁଜିତ୍। ଅବଶ୍ୟ ଗୁରୁବାରର ବିରୋଧ ପ୍ରଦର୍ଶନରେ ଉଭୟ ଖେଳାଳି ସାମିଲ ନ ଥିଲେ। ଆଡ୍‌ହକ ପ୍ୟାନେଲ୍ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ୍ ଏବଂ ଏହାକୁ ପରିବର୍ତ୍ତନ କରାଯିବା ଆବଶ୍ୟକ ବୋଲି କୁହାଯାଇଛି। ସେହିପରି ଯନ୍ତରମନ୍ତରଠାରେ ରେସ୍‌ଲରଙ୍କ ସହିତ ଧାରଣା ଦେଉଥିବା ଅଂଶୁ ମଲିକ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ଓ ରାଜ୍ୟ ଗୋଷ୍ଠୀ ରୌପ୍ୟ ପଦକ ବିଜୟିନୀ ଅଂଶୁ ମଲିକ୍ ମଧ୍ୟ ଖେଳାଳିମାନଙ୍କୁ ସମର୍ଥନରେ ଟୁଇଟ୍ କରିଛନ୍ତି। ସମସ୍ତଙ୍କୁ ଉପଯୁକ୍ତ ସୁଯୋଗ ମିଳିବା ଉଚିତ। ଦେଶ ପାଇଁ ପଦକ ଜିତିବା ଜଣେ ଆଥ୍ଲେଟଙ୍କ ସ୍ୱପ୍ନ ଥାଏ। ଏହି ଅଧିକାର ଖେଳାଳିଙ୍କ ନିକଟରୁ ଛଡାଇବା ଭୁଲ ନିଷ୍ପତ୍ତି ବୋଲି ଲେଖିଛନ୍ତି ଅଂଶୁ। ନିରପେକ୍ଷ ଟ୍ରାଏଲ୍ସ ଏହି ଖେଳାଳିମାନଙ୍କର ଅଧିକାର, ତେଣୁ ମୁଁ ସେମାନଙ୍କୁ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି।

# ଡବ୍ଲ୍ୟୁଏଫ୍‌ଆଇ ସ୍ୱଷ୍ଟୀକରଣ ଲୋଡ଼ିଲେ କୋର୍ଟ

ନୂଆଦିଲ୍ଲୀ, ୨୦।୭: ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ୍‌ଙ୍କୁ ଏସିଆନ ଗେମ୍ସ ପାଇଁ ସିଧାସଳଖ ଯୋଗ୍ୟତା ପ୍ରଦାନକୁ ନେଇ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ସ୍ୱଷ୍ଟୀକରଣ ଲୋଡ଼ିଛନ୍ତି ଦିଲ୍ଲୀ ହାଇକୋର୍ଟ। ଟ୍ରାଏଲ୍ସରେ ପକ୍ଷପାତିତାର ଅଭିଯୋଗ କରି ବୁଧବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ରେସ୍‌ଲର ଅନ୍ତିମ ପଙ୍ଘାଲ ଓ ସୁଜିତ କଲକଲ। ଗୁରୁବାର ବିଚାରପତି ସୁବ୍ରମଣ୍ୟମ ପ୍ରସାଦ ମାମଲାର ଶୁଣାଣି କରିବା ସହିତ ଡବ୍ଲ୍ୟୁଏଫ୍‌ଆଇର ସ୍ୱଷ୍ଟୀକରଣ ଦାବି କରିଛନ୍ତି। ପୁରୁଷ ଫ୍ରିଷ୍ଟାଇଲ ୬୫କେଜି ଏବଂ ମହିଳା ୫୩ କେଜି ଓଜନ ବର୍ଗରେ ଯଥାକ୍ରମେ ବଜରଙ୍ଗ ଓ ଭିନେଶଙ୍କୁ ଚୟନ କରାଯାଇଛି। କୌଣସି ରେସ୍‌ଲରଙ୍କୁ ରିହାତି ପ୍ରଦାନ କରିବାକୁ କୋର୍ଟ ବିରୋଧ କରିବା ସହିତ ଟ୍ରାଏଲ୍ସକୁ କ୍ୟାମେରା ସମ୍ମୁଖରେ ନିରପେକ୍ଷ ଭାବରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡବ୍ଲ୍ୟୁଏଫ୍‌ଆଇର ଚୟନ ପ୍ରକ୍ରିୟା କ'ଣ ତାହା ଜାଣିବା ପାଇଁ ଜଷ୍ଟିସ୍ ପ୍ରସାଦ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଚୟନ ପାଇଁ ପୂର୍ବ ପ୍ରଦର୍ଶନକୁ ମାପଦଣ୍ଡ ଭାବରେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ମଧ୍ୟ କୋର୍ଟ କହିଛନ୍ତି। ତେବେ ଯଦି ଦୁଇ ରେସ୍‌ଲରଙ୍କ ଚୟନ ପ୍ରକ୍ରିୟା ନିୟମାନୁସାରେ ହୋଇଥାଏ ତା'ହେଲେ କୋର୍ଟ ଆଗକୁ ହସ୍ତକ୍ଷେପ କରିବେ ନାହିଁ ବୋଲି ବିଚାରପତି କହିଛନ୍ତି।

# କ୍ରାଉଲିଙ୍କ ଶତକରେ ଇଂଲଣ୍ଡ ଦୃଢ଼

## ଆଶେସ ଟେଷ୍ଟ

ମାଞ୍ଚେଷ୍ଟର, ୨୦।୭

ମାଞ୍ଚେଷ୍ଟରର ଏମିରେଟ୍ସ ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ଚତୁର୍ଥ ଆଶେସ ଟେଷ୍ଟରେ ଦୃଢ଼ ସ୍ଥିତିରେ ଇଂଲଣ୍ଡ। ଓପନର ଜ୍ୟାକ୍ କ୍ରାଉଲିଙ୍କ ଦମ୍‌ଦାର ଶତକ ବଳରେ ଦ୍ୱିତୀୟ ଦିନ ଷ୍ଟମ୍ପସ ସୁଦ୍ଧା ଘରୋଇ ଦଳ ୪ ଉଇକେଟରେ ୩୮୪ ରନ୍ କରି ୬୭ ରନ୍‌ରେ ଆଗୁଆ ରହିଛି। କ୍ରାଉଲି ଦମ୍‌ଦାର ୧୮୯ ଓ ରୁଟ୍ ୭୦ ରନ୍ କରିଛନ୍ତି। ପ୍ରଥମ ଦିନର ଅସମାପ୍ତ ସ୍କୋର ୨୯୯/୮ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଆଉ ୧୮ ରନ୍ ଯୋଡି ଅବଶିଷ୍ଟ ଦୁଇ ଉଇକେଟ ହରାଇଥିଲା। ମିଚେଲ୍ ଷ୍ଟାର୍କ ୩୬ ରନ୍‌ରେ ଅପରାଜିତ ରହିଥିଲେ।

ଇଂଲଣ୍ଡ ଖେଳ ଆରମ୍ଭ କରିବା ସହିତ ଦଳୀୟ ସ୍କୋର ୯ ରନ୍‌ରେ ଓପନର ବେନ୍ ଡକେଟ୍‌ଙ୍କ ଉଇକେଟ ହରାଇଥିଲା। ବାଜବଲ୍ ରଣନୀତି ସହିତ ଖେଳି ମୋଇନ୍ ଅଲୀଙ୍କୁ ଫାଷ୍ଟ ଡାଉନ୍‌ରେ ପଠାଇଥିଲା। ମୋଇନ୍ ୮୨ ବଲ୍ ଖେଳି ୭ ଚୌକା ସହିତ ୫୪ ରନ୍ କରିଥିଲେ। ପରବର୍ତ୍ତୀ ବ୍ୟାଟର ଭାବରେ କ୍ରିଜ୍‌କୁ ଆସିଥିବା ଜୋ ରୁଟ୍ ମଧ୍ୟ କ୍ରାଉଲିଙ୍କ ସହିତ ତାଳଦେଇ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ତୃତୀୟ ଉଇକେଟରେ ୨୦୬ ରନ୍ ଯୋଡି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରିବା ସହ ୧୮୨ ବଲ୍‌ର ସମ୍ମୁଖୀନ ହୋଇ କ୍ରାଉଲି ୨୧ ଚୌକା ଓ ୩ ଛକା ସହିତ ୧୮୯ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଜୋ ରୁଟ୍ ୯୫ ବଲ୍ ଖେଳି ୮ ଚୌକା ଓ ୧ ଛକା ସହିତ ୮୪ ରନ୍ କରିଥିଲେ। ଷ୍ଟମ୍ପସ ବେଳକୁ ବେନ୍ ଷ୍ଟୋକ୍ସ ୨୪ ଓ ହ୍ୟାରୀ ବ୍ରୁକ୍ ୧୪ ରନ୍‌ରେ ବ୍ୟାଟିଂ କରୁଛନ୍ତି। ସଫଳ ବୋଲର ଭାବେ ମିଚେଲ ଷ୍ଟାର୍କ ୨ ଉଇକେଟ ନେଇଥିବା ବେଳେ ଜୋଶ ହେଜେଲଉଡ ଓ କାମେରନ୍ ଗ୍ରୀନ୍ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ଶତକୀୟ ଇନିଂସ୍ ଅବସରରେ ଜ୍ୟାକ୍ କ୍ରାଉଲି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୯୦.୨ ଓଭରରେ ୩୧୭/୧୦ (ମାର୍ନସ ଲାବୁଶେନ୍-୫୧, ମିଚେଲ୍ ମାର୍ଶ-୫୧ ଟ୍ରାଭିସ୍‌ହେଡ୍-୪୮, କ୍ରିସ୍‌ଓକ୍ସ-୫/୬୨, ଷ୍ଟୁଆର୍ଟ ବ୍ରଡ୍-୨/୬୮, ମାର୍କ ଉଡ୍-୧/୬୦)। ଇଂଲଣ୍ଡ ୭୨ ଓଭରରେ ୩୮୪/୪(ଜ୍ୟାକ୍ କ୍ରାଉଲି-୧୮୯, ମୋଇନ୍ ଅଲୀ-୫୪, ଜୋ ରୁଟ୍-୮୪, ମିଚେଲ୍ ଷ୍ଟାର୍କ-୨/୭୪, କାମେରନ୍ ଗ୍ରୀନ୍-୧/୪୦, ଜୋଶ ହେଜେଲଉଡ୍-୧/୬୨)।

# ଫିଫା ର୍‍ୟାଙ୍କିଙ୍ଗରେ ଭାରତ ୯୯

ନୂଆଦିଲ୍ଲୀ, ୨୦।୭(ପି.ଟି.)

ସାଫ୍ ଚାମ୍ପିୟନଶିପ୍ ପରେ ସଦ୍ୟ ପ୍ରକାଶିତ ଫିଫା ର୍‍ୟାଙ୍କିଙ୍ଗରେ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳ ୯୯ତମ ସ୍ଥାନ ଅଧିକାର କରିଛି। ୨୦୧୮ ପରେ ପ୍ରଥମ ଥର ଭାରତ ର୍‍ୟାଙ୍କିଙ୍ଗ ତାଲିକାରେ ୧୦୦ ଭିତରେ ସ୍ଥାନ ପାଇଛି । ଚଳିତ ମାସ ପ୍ରଥମ ସପ୍ତାହରେ ବେଙ୍ଗାଲୁରୁରେ ଅନୁଷ୍ଠିତ ସାଫ୍ ଚାମ୍ପିୟନଶିପ୍‌ରେ ଭାରତ ଶକ୍ତିଶାଳୀ ଦଳ ଲେବାନନ ଓ କୁଏତ୍‌କୁ ଯଥାକ୍ରମେ ସେମିଫାଇନାଲ ଓ ଫାଇନାଲ ପେନାଲ୍ଟିଶୁଟ୍‌ଆଉଟରେ ପରାସ୍ତ କରିଥିଲା। ଲେବାନନକୁ ମଧ୍ୟ ଦୁଇ ସ୍ଥାନ ଫାଇଦା ମିଳିଛି। ଭାରତ ତଳକୁ ଏହି ଦଳ ୧୦୦ତମ ସ୍ଥାନରେ ରହିଛି। କୁଏତ୍ ୪ ସ୍ଥାନ ଉପରକୁ ଉଠି ୧୩୭ତମ ସ୍ଥାନରେ ଅଛି। ସାଫ୍ ଚାମ୍ପିୟନଶିପ୍‌କୁ ଅଧିକ ପ୍ରତିଯୋଗିତାମୂଳକ କରିବା ଲାଗି ଏଥର ପଶ୍ଚିମ ଏସୀୟ ଦେଶ ଲେବାନନ ଓ କୁଏତ୍‌କୁ ଆମନ୍ତ୍ରଣ କରାଯାଇଥିଲା। ଭାରତର ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୧୨୦୮.୬୯ ରହିଛି। ୧୯୯୬ରେ ଭାରତର ଶ୍ରେଷ୍ଠ ଫିଫା ର୍‍ୟାଙ୍କିଙ୍ଗ ୯୪ତମ ସ୍ଥାନରେ ରହିଥିଲା। ଦଳ ୧୯୯୩ରେ ୯୯ତମ, ୨୦୧୭ ଓ ୨୦୧୮ରେ ୯୬ ଏବଂ ଗତ ମାସରେ ୧୦୦ତମ ସ୍ଥାନରେ ରହିଥିଲା। ଓଭରଅଲ୍ ବିଶ୍ୱ ଚାମ୍ପିୟନ ଆର୍ଜେଣ୍ଟିନା ଶୀର୍ଷ ସ୍ଥାନରେ ରହିଥିଲା। ଏହା ପଛକୁ ପଛ ଯଥାକ୍ରମେ ଫ୍ରାନ୍ସ, ବ୍ରାଜିଲ, ଇଂଲଣ୍ଡ ଓ ବେଲଜିୟମ ରହିଛନ୍ତି।

# ପ୍ରଥମ ଦିନରେ ଜିତିଲେ ଦୁଇ ଆୟୋଜକ ଦେଶ

## ଫିଫା ମହିଳା ବିଶ୍ୱକପ୍ ଆରମ୍ଭ

ଅକଲାଣ୍ଡ/ସିଡ୍‌ନୀ, ୨୦।୭(ପି.ଟି.)

ଫିଫା ମହିଳା ଫୁଟବଲ୍ ବିଶ୍ୱକପ୍ ୨୦୨୩ ମହା ସମାରୋହରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜନ କରୁଥିବା ବେଳେ ପ୍ରଥମ ଦିନରେ ଉଭୟ ଆୟୋଜକ ଦେଶ ବିଜୟୀ ହୋଇଛନ୍ତି।

### ଉଦ୍‌ଘାଟନୀ ସମାରୋହ

ପ୍ରଥମ ମ୍ୟାଚ୍ ପୂର୍ବରୁ ଅକଲାଣ୍ଡର ଇଡେନ୍ ପାର୍କରେ ଏକ ଭବ୍ୟ ରଙ୍ଗାରଙ୍ଗ ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଥିଲା। ନ୍ୟୁଜିଲାଣ୍ଡର ପାରମ୍ପରିକ ମାଓରି ଲୋକକଳାର କଳାକାରଙ୍କ ସହିତ ପପ୍ ଗାୟକ ବେନି ଓ ମଲରାଟଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ସହିତ ଅଷ୍ଟ୍ରେଲୀୟ ମୂଳନିବାସୀ ନାଗରିକ ମାନେ ଏହି କାର୍ଯ୍ୟକ୍ରମର ଅଂଶ ରହିଥିଲେ। ଅନ୍ତର୍ଜାତୀୟ ଏକତା ଓ ଶାନ୍ତି ପ୍ରତିଷ୍ଠାର ବାର୍ତ୍ତା ପ୍ରଦାନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଥିଲା। ୧୦ ମିନିଟର ଏହି ପ୍ରଦର୍ଶନ ପରେ ସମସ୍ତ ୩୨ ଟିମ୍‌ର ପରିଚୟ ପ୍ରଦାନ କରାଯାଇଥିଲା। ବେନି ଓ ମଲରାଟ ବିଶ୍ୱକପ୍‌ର ଅଫିସିଆଲ୍ ଗୀତ 'ଡୁ ଇଟ୍ ଏଗେନ୍' ଗାଇଥିଲେ।


ଆୟର୍ଲାଣ୍ଡ ବିପକ୍ଷରେ ବିଜୟ ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଦଳ।

### ନ୍ୟୁଜିଲାଣ୍ଡ ବନାମ ନରୱେ

ଇଡେନ୍ ପାର୍କରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ବିଜୟୀ ହୋଇଛି ନ୍ୟୁଜିଲାଣ୍ଡ। ଏହା ସହିତ ବିଶ୍ୱକପ ଇତିହାସରେ ଦଳ ନିଜର ପ୍ରଥମ ବିଜୟ ହାସଲ କରିଛି। ଏହା ପୂର୍ବରୁ ଦଳ ୫ଥର ବିଶ୍ୱକପ ଖେଳିଥିଲେ ମଧ୍ୟ ଥରେ ବି ବିଜୟ ହାସଲ କରି ନ ଥିଲା। ଇଡେନ୍ ପାର୍କରେ ରେକର୍ଡ ସଂଖ୍ୟକ ୪୨୧୩୭ ଜଣ ଦର୍ଶକ ମ୍ୟାଚ୍ ଉପଭୋଗ କରିଥିବା ବେଳେ ପ୍ରଧାନମନ୍ତ୍ରୀ କ୍ରିସ୍ ହିପକିନ୍ସ ମଧ୍ୟ ଉପସ୍ଥିତ ଥିଲେ। ମ୍ୟାଚର ପ୍ରଥମାର୍ଦ୍ଧ ବେଶ ସଂଘର୍ଷପୂର୍ଣ୍ଣ ରହିଥିଲା। ନରୱେ ଖେଳାଳି ପ୍ରାଧାନ୍ୟ ବିସ୍ତାର କରି ଦୁଇ ଦୁଇଥର ଗୋଲ ସ୍କୋର କରିବାର ସୁଯୋଗ ସୃଷ୍ଟି କରିଥିଲେ। ବାଲନ୍ ଡି ଓର ବିଜୟିନୀ ଆଡା ହେଗେରବର୍ଗ ୩୭ ଓ ୪୩ ତମ ମିନିଟରେ ସ୍କୋର କରିବାର ସୁଯୋଗ ପାଇଥିଲେ ମଧ୍ୟ ରେବେକା ସ୍କଟ୍ ତାଙ୍କୁ ଅଟକାଇବାରେ ସଫଳ ହୋଇଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ନ୍ୟୁଜିଲାଣ୍ଡର ହାନ୍ନା ୱିଲକିନ୍‌ସନ୍ ସ୍କୋର କରିଥିଲେ। ଜାକ୍ୱି ହାଣ୍ଡଙ୍କ କ୍ରସକୁ ଗୋଲରେ ପରିଣତ କରିବା ସହିତ ନ୍ୟୁଜିଲାଣ୍ଡକୁ ୧-୦ରେ ଜିତାଇଥିଲେ।

### ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ

ଷ୍ଟାଡିୟମ ଅଷ୍ଟ୍ରେଲିଆରେ ଖେଳା ଯାଇଥିବା ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ୧-୦ ଗୋଲରେ ରିପବ୍ଲିକ୍ ଅଫ୍ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଫରୱାର୍ଡ ଖେଳାଳି ସାମ୍ କେର୍‌ଙ୍କ ଅନୁପସ୍ଥିତି ସତ୍ତ୍ୱେ ଘରୋଇ ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ୫୨ ତମ ମିନିଟରେ ଷ୍ଟେଫ୍ କାଟଲେ ଘରୋଇ ଦଳ ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଗୁରୁବାର ଏହି ମ୍ୟାଚରେ ୭୫,୭୮୪ ଜଣ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ଥିଲେ। କେର୍ ନାଇଜେରିଆ ବିପକ୍ଷ ଦ୍ୱିତୀୟ ମ୍ୟାଚ ମଧ୍ୟ ଖେଳିପାରିବେ ନାହିଁ।

### ଖେଳାଳିଙ୍କ ହୋଟେଲ ନିକଟରେ ଗୁଳିକାଣ୍ଡ

ଫୁଟବଲ ବିଶ୍ୱକପ ପୂର୍ବରୁ ଖେଳାଳି ମାନେ ଅବସ୍ଥାନ କରୁଥିବା ହୋଟେଲ ନିକଟରେ ଘଟି ଯାଇଛି ଗୁଳିକାଣ୍ଡ। ଅଜଣା ଆତତାୟୀ ଜଣେ ଆଖିମୁଜା ଗୁଳି ଚାଳନା କରିଥିବା ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ପୋଲିସର ପାଲଟା ଗୁଳି ଚାଳନାରେ ଆତତାୟୀ ଜଣଙ୍କ ପ୍ରାଣ ହରାଇଥିବା ବେଳେ ୪ ଜଣ ସାଧାରଣ ଲୋକ ଆହତ ହୋଇଛନ୍ତି। ନରୱେ ଦଳ ସମେତ ଏକାଧିକ ଫୁଟବଲ ଦଳ ଘଟଣା ସମୟରେ ହୋଟେଲରେ ଉପସ୍ଥିତ ଥିଲେ। ଏହି ଘଟଣାରେ ନିହତ ବ୍ୟକ୍ତିଙ୍କ ପାଇଁ ଉଦ୍‌ଘାଟନୀ ସମାରୋହରେ ଦୁଇ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା।


ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌କୁ ଉପଭୋଗ କରୁଛନ୍ତି ନରୱେ ସମର୍ଥକ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ